# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୨୪ (୧୬ ପୃଷ୍ଠା) | Bhubaneswar, Tuesday, April 23/2024 | Page 16 | ₹ 7.00

୫୦ଶ ଭାଗ ୧୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 149 | ମୂଲ୍ୟ ₹୭/-




## ଚହଲଙ୍କ ୨୦୦ ଉଇକେଟ

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ୨୦୦ ଉଇକେଟ ପୂରଣ କରିଛନ୍ତି ରାଜସ୍ଥାନ ରୟାଲ୍ସ ବୋଲର ଯୁଜବେନ୍ଦ୍ର ଚହଲ।

୧୬

୦୨

## ଟ୍ରୋଲ୍ ହେଲେ ଈଶା

ମା’ ହେମାମାଳିନୀଙ୍କ ପାଇଁ ପ୍ରଚାର କରୁଥିବା ସମୟରେ ଅଭିନେତ୍ରୀ ଈଶା ଦେଓଲ ଲିପ୍ ସର୍ଜରି କରାଇଛନ୍ତି ବୋଲି କମେଣ୍ଟ କରି ଅନେକ ୟୁଜର୍ସ ତାଙ୍କୁ ଟ୍ରୋଲ୍ କରିଛନ୍ତି।



# ୬ରୁ ୫ ନୂଆ ଚେହେରା

### ବିଜେଡିର ୭ମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

ଭୁବନେଶ୍ୱର, ୨୨।୪(ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୭ମ ପର୍ଯ୍ୟାୟରେ ୬ ବିଧାନସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ଘୋଷଣା କରିଛନ୍ତି। ଏଥିରେ ୫ଜଣ ନୂଆ ଚେହେରାଙ୍କୁ ଦଳ ସୁଯୋଗ ଦେଇଥିବାବେଳେ କେବଳ କାକଟପୁର ଆସନରେ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଛି। ବରୀ, ବାଲିକୁଦା-ଏରସମା, ହିନ୍ଦୋଳ ଏବଂ ରଘୁନାଥପାଲି ବିଧାୟକଙ୍କୁ ବାଦ୍ ଦିଆଯାଇ ସେଠାରେ ନୂଆ ପ୍ରାର୍ଥୀ ଘୋଷଣା କରାଯାଇଛି। ମୟୂରଭଞ୍ଜ ଲୋକସଭା ଆସନ ପାଇଁ ଦଳ ପୂର୍ବରୁ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ନାମ ଘୋଷଣା କରିଥିବାବେଳେ ତାଙ୍କ ବିଧାନସଭା ଆସନ ବାଙ୍ଗିରିପୋଷି ନିମନ୍ତେ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡିଙ୍କୁ ଟିକେଟ ମିଳିଛି। ସେହିପରି ପୂର୍ବତନ ମନ୍ତ୍ରୀ ☞ ପୃଷ୍ଠା-୧୧

# ଚାପରେ ଭୁଲ୍ ତଥ୍ୟ ଦେଉଛନ୍ତି ଜେଲ କର୍ତ୍ତୃପକ୍ଷ

### ଦୈନିକ ଇନ୍‌ସୁଲିନ୍ ପାଇଁ କହିଥିଲି: କେଜ୍‌ରିୱାଲ

ନୂଆଦିଲ୍ଲୀ, ୨୨।୪

ତିହାର ଜେଲ କର୍ତ୍ତୃପକ୍ଷ ଇନ୍‌ସୁଲିନ୍‌ଯୋଗାଣକୁ ସ୍ଥଗିତ ରଖିଥିବା ଡାଇବେଟିସ୍ ଆକ୍ରାନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅଭିଯୋଗ କରିଛନ୍ତି। ସେମାନେ ଶାସକ ଭାଜପାର ଚାପରେ ପଡ଼ି ମିଥ୍ୟା ବୟାନ ଦେଉଥିବା କେଜ୍‌ରିୱାଲ କହିଛନ୍ତି। ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାର୍ଚ୍ଚ ୨୧ରେ କେଜ୍‌ରିୱାଲଙ୍କୁ ଗିରଫ କରିଥିଲା। ଏପ୍ରିଲ ୧ରୁ ସେ ତିହାର ଜେଲରେ ଅଛନ୍ତି। ସୋମବାର ସେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ, ପ୍ରତିଦିନ ଇନ୍‌ସୁଲିନ୍ ଯୋଗାଇବା ପାଇଁ ସେ କହିଥିଲେ। ତାଙ୍କର ଡାଇବେଟିସ୍ ସ୍ଥିତିକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ଏମ୍ସ ଡାକ୍ତର କଦାପି କହିନାହାନ୍ତି। ସୂଚନାଯୋଗ୍ୟ, ଦିନକ ପୂର୍ବରୁ ଜେଲ୍ କର୍ତ୍ତୃପକ୍ଷ ଏକ ବିବୃତି ଜାରି କରି କହିଥିଲେ, ଏମ୍ସର ବରିଷ୍ଠ ବିଶେଷଜ୍ଞମାନଙ୍କ ସହ ସେମାନେ ଭିଡିଓ କନ୍‌ଫରେନ୍ସର ଆୟୋଜନ କରିଥିଲେ। ☞ ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ** | ଜୀବନକୁ ପାଣି ଛଡ଼ାଇ

# ଦେଶର ଉତ୍ତପ୍ତ ସହର ଭୁବନେଶ୍ୱର

ଭୁବନେଶ୍ୱର, ୨୨।୪(ଅସମାପିକା ସାହୁ)

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ କଲବଲ କରୁଛି। ଗରମ ପବନ ବା ଝାଞ୍ଜିରେ ଦେହମୁଣ୍ଡ ପୋଡ଼ିଗଲା ଭଳି ଲାଗୁଛି। ଏପରିସ୍ଥିତିରେ ସୋମବାର ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ଦିନ ତାପମାତ୍ରା ୪୩.୮ ଡିଗ୍ରୀ ସେଲସିୟସ୍ ଛୁଇଁଛି। ଏଥିସହ ଭୁବନେଶ୍ୱର ରାଜ୍ୟ ତଥା ଦେଶର ଉତ୍ତପ୍ତ ସହର ପାଲଟିଛି। ଭାରତୀୟ ପାଣିପାଗ ବିଭାଗର ସୂଚନାନୁସାରେ, ସୋମବାର ଭୁବନେଶ୍ୱର ସହ ଆନ୍ଧ୍ରପ୍ରଦେଶର କଡ଼ପା ଦେଶର ଉତ୍ତପ୍ତ ସହର ରହିଥିଲା। ସେହିଭଳି ସୋମବାର ରାଜ୍ୟର ୧୭ ସହରରେ ଦିନ ତାପମାତ୍ରା ୪୦ ଡିଗ୍ରୀରୁ ☞ ପୃଷ୍ଠା-୧୧

## ଅଂଶୁଘାତରେ ୮୯ ଅସୁସ୍ଥ

ରାଜ୍ୟରେ ଚଳିତବର୍ଷ ଏଯାଏ ୧୬ ଜିଲାରେ ଅଂଶୁଘାତ ଘଟଣା ସାମ୍ନାକୁ ଆସିଛି। ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ସୂଚନା ଦେଇ କହିଛନ୍ତି, ଅଂଶୁଘାତ ଓ ତାତିଜନିତ ସମସ୍ୟା ପାଇଁ ୮୯ଜଣ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୁନ୍ଦରଗଡ଼ରୁ ସର୍ବାଧିକ ୪୧ଜଣ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବାବେଳେ ଖୋର୍ଦ୍ଧା ଜିଲାର ୧୨ଜଣଙ୍କ ମଧ୍ୟରୁ ୭ଜଣ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେହିପରି ଅନୁଗୋଳରୁ ୯ଜଣ, ମୟୂରଭଞ୍ଜରୁ ୭, ଝାରସୁଗୁଡ଼ାରୁ ୭ ଓ ସମ୍ବଲପୁରରୁ ୫ଜଣ ଅଂଶୁଘାତ ଆକ୍ରାନ୍ତ ଚିକିତ୍ସିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଗତ କିଛିଦିନ ଧରି ଅଂଶୁଘାତରେ ଆଉ କେତେଜଣ ବ୍ୟକ୍ତିଙ୍କ ଜୀବନ ଯାଇଥିବା ଅଭିଯୋଗ ହୋଇଛି। ହେଲେ ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇ ନାହିଁ।

# ଅଧିକ ଖରା, ରୋଗ ଆଶଙ୍କା

ଭୁବନେଶ୍ୱର, ୨୨।୪(ଅସମାପିକା ସାହୁ)

ସାରା ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପ୍ରଚଣ୍ଡ ଖରା ଓ ତାତି ଯୋଗୁ ଏବେ ସୂର୍ଯ୍ୟ କିରଣରେ ଅତି ବାଇଗଣି ରଶ୍ମି (ୟୁଭି)ର ମାତ୍ରା ୧୨ ରହୁଛି। ୟୁଭି ସ୍ତର ୧୧ ରୁ ଅଧିକ ଥିବା ଖରା ସଂସ୍ପର୍ଶରେ ଲଗାତର ଆସିଲେ ଚର୍ମ କର୍କଟ ରୋଗ ହୋଇଥାଏ। ସନ୍‌ବର୍ଣ୍ଣ ଏବଂ ଆଖି ଖରାପ



ହେବାର ଆଶଙ୍କା ମଧ୍ୟ ଅଧିକ ଥାଏ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ଏଥିପାଇଁ ଜରୁରୀ ନ ଥିଲେ ଖରାକୁ ନ ଯିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି। ଶରୀର ସିଧାସଳଖ ଖରା ସଂସ୍ପର୍ଶରେ ନ ଆସିବାକୁ ଛତା ବ୍ୟବହାର କରିବା, ଦେହ ଓ ହାତକୁ ଘୋଡ଼ାଇବା ସହ ସନ୍‌ଗ୍ଲାସ ପିନ୍ଧିବାକୁ କୁହାଯାଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ପ୍ରଥମତଃ ୟୁଭି ଏକ୍ସପୋଜର ଯେତେ ଅଧିକ ହେବ ଆମ ଶରୀରରେ ଥିବା ଉପର ଚମଡ଼ା ନଷ୍ଟ ହେବା ସହିତ ବିଭିନ୍ନ ପ୍ରକାର ☞ ପୃଷ୍ଠା-୧୧

# ଚେସ୍‌ରେ ଭାରତକୁ ସଫଳତା

### ସର୍ବକନିଷ୍ଠ ଖେଳାଳିଭାବେ ଗୁକେଶ ଜିତିଲେ କ୍ୟାଣ୍ଡିଡେଟ୍ସ ଚେସ୍ ଟାଇଟଲ



ଟରଣ୍ଟୋ, ୨୨।୪ (ପି.ଟି.)

ଚେସ୍‌ରେ ଭାରତକୁ ମିଳିଛି ଆଉ ଏକ ବଡ଼ ସଫଳତା। ୧୭ ବର୍ଷୀୟ ଗ୍ରାଣ୍ଡମାଷ୍ଟର ଡି. ଗୁକେଶ କ୍ୟାଣ୍ଡିଡେଟ୍ସ ଚେସ୍ ଟାଇଟଲ ଜିତି ଦେଶକୁ ଗର୍ବିତ କରିଛନ୍ତି। ସର୍ବକନିଷ୍ଠ ଖେଳାଳିଭାବେ ସେ ବିଶ୍ୱ ଟାଇଟଲ ଲଢ଼ିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏ କ୍ଷେତ୍ରରେ କିମ୍ବଦନ୍ତୀ ଚେସ୍ ଖେଳାଳି ରୁଷିଆର ଗ୍ୟାରୀ କାସ୍ପାରୋଭଙ୍କ ଦୀର୍ଘ ୪୦ ବର୍ଷର ରେକର୍ଡ ଭାଙ୍ଗିଛନ୍ତି। ସୋମବାର ଅନୁଷ୍ଠିତ ୧୪ଶ ତଥା ଅନ୍ତିମ ରାଉଣ୍ଡ ମ୍ୟାଚକୁ ସେ ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷରେ ଡ୍ର ରଖିଥିଲେ। ଏହା ତାଙ୍କ ପାଇଁ କ୍ୟାଣ୍ଡିଡେଟ୍ସ ଟାଇଟଲ ଜିତିବାକୁ ପର୍ଯ୍ୟାପ୍ତ ହୋଇଥିଲା। ସମ୍ଭାବ୍ୟ ୧୪ ପଏଣ୍ଟରୁ ସେ ୯ ପଏଣ୍ଟ ପାଇ ପ୍ରଥମସ୍ଥାନ ଅଧିକାର କରିଥିଲେ। କ୍ୟାଣ୍ଡିଡେଟ୍ସ ଟାଇଟଲ ଜିତିବା ଦ୍ୱାରା ସେ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଚାଇନାର ଡିଙ୍ଗ ଲିରେନଙ୍କ ସହ ବିଶ୍ୱ ଟାଇଟଲ ପାଇଁ ଲଢ଼େଇ କରିବାକୁ ଯୋଗ୍ୟତା ପାଇଛନ୍ତି। ଚଳିତ ବର୍ଷର ଶେଷ ଭାଗରେ ଏହି ମୁକାବିଲା ହେବ। ମାତ୍ର ୧୭ ବର୍ଷରେ କ୍ୟାଣ୍ଡିଡେଟ୍ସ ଟାଇଟଲ ଜିତି ଚେନ୍ନାଇଭିତ୍ତିକ ଗୁକେଶ ☞ ପୃଷ୍ଠା-୧୧


KISS

KALINGA INSTITUTE OF SOCIAL SCIENCES (KISS)

Bhubaneswar, Odisha, India

A home for 80,000 indigenous children



KISS HUMANITARIAN AWARD 2021

PAST RECIPIENTS

Date: 22nd April 2024

**Mr. Bill Gates**
Co-chair of the Bill & Melinda Gates Foundation, and Co-Founder & former CEO of Microsoft **(2023)**

**Her Excellency Mama Rachel Ruto, EGH**
First Lady of the Republic of **Kenya (2022)**

**Dr. Dansa KOUROUMA**
President, National Transition Council of Guinea, **Guinea (2019)**

**Professor Muhammad Yunus**
(Nobel Laureate) Founder, Grameen Bank, **Bangladesh (2018)**

**His Holiness The 14th Dalai Lama (2017)**
Nobel Laureate, 2005 and Spiritual Leader

**Ms. Ashley Judd,**
Hollywood Actor, Activist & Global Goodwill Ambassador, **UNFPA (2016)**

**His Excellency Dr Alejandro Toledo,**
Former President of **Peru (2015)**

**Ms. Anne F. Stenhammer**
Former Regional Programme Director, UN Women, **South Asia Regional Office (2014)**



Mr. Ratan Naval Tata, Chairman Emeritus, Tata Sons receiving the prestigious KISS Humanitarian Award 2021 from Prof. Achyuta Samanta, Founder, KIIT, KISS & KIMS, Bhubaneswar.

AWARDEES ARE FROM
5 Continents
13 Countries
2 Nobel Laureates among the awardees

**Madam Albina Du Boisrouvray**
Founder, Association François-Xavier Bagnoud (FXB International), **Switzerland (2013)**

**His Excellency Lyonchhen Jigmi Y. Thinley**
Hon'ble Prime Minister, The Royal Government of **Bhutan (2012)**

**Rt Hon. Lord Nicholas Addison Phillips**
President (Chief Justice) of the Supreme Court of the **United Kingdom (2011)**

**Rt. Hon. Sir Anerood Jugnauth**
Eminent Social Worker & His Excellency the President of **Mauritius (2010)**

**Dr. Ham Kee-Sun**
Eminent Educationist & Physician and Hon'ble President & Founder, Hanseo University, **South Korea (2009)**

**Ms. Edna Bomo Molewa**
Noted Social Worker & Hon'ble Cabinet Minister, Social Development, South Africa National Assembly, **South Africa (2008)**

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT and KISS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

**ଡିପ୍‌ଫେକ୍ ଭିଡିଓ: ମାମଲା ଦାଏର କଲେ ରଣବୀର ସିଂ**
ଅଭିନେତା ରଣବୀର ସିଂଙ୍କୁ ନେଇ ଏକ ଡିପ୍‌ଫେକ୍ ଭିଡିଓ ଭାଇରାଲ ହେଉଥିବାରୁ ସେ ଏହା ବିରୋଧରେ ପୋଲିସରେ ଅଭିଯୋଗ କରିଛନ୍ତି। ଉକ୍ତ ଭିଡିଓରେ ରଣବୀର ସାକ୍ଷାତ୍କାର ଦେଉଥିବାବେଳେ ସେ ଏକ ଦଳକୁ ସମର୍ଥନ କରୁଥିବା ଦେଖାଯାଉଛି। ଏଆଇ ଟେକ୍‌ନୋଲୋଜିରେ ଏହାର ଅଡିଓକୁ ବଦଳାଯାଇଛି।

## ସଂକ୍ଷେପରେ

### ଅରୁଣାଚଳର ୮ ବୁଥ୍‌ରେ ସାନି ନିର୍ବାଚନ ୨୪ରେ

**ନୂଆଦିଲ୍ଲୀ,୨୨।୪:** ଅରୁଣାଚଳପ୍ରଦେଶର ୮ଟି ଭୋଟଗ୍ରହଣ କେନ୍ଦ୍ରରେ ଆସନ୍ତା ୨୪ ତାରିଖରେ ସାନି ମତଦାନ ହେବ। ମତଦାନ ସକାଳ ୬ରୁ ଆରମ୍ଭ ହୋଇ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିବ। ଗତ ୧୯ ତାରିଖରେ ଉକ୍ତ ବୁଥ୍‌ଗୁଡ଼ିକରେ ହୋଇଥିବା ମତଦାନକୁ ରଦ୍ଦ କରିଦିଆଯାଇଛି। ସେଠାରେ ଇଭିଏମ୍ ଭଙ୍ଗାରୁଜା ସାଙ୍ଗକୁ ହିଂସାକାଣ୍ଡ ଘଟିଥିବା ରିପୋର୍ଟ ପାଇବା ପରେ ସାନି ମତଦାନ ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

### ଇସ୍ରାଏଲ୍ ସେନା ଗୋଇନ୍ଦା ମୁଖ୍ୟଙ୍କ ଇସ୍ତଫା


ମେଜର ଜେନେରାଲ ଅହରୋନ୍ ହାଲିଭା

**ଜେରୁଜେଲମ୍,୨୨।୪:** ଗତବର୍ଷ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଅତର୍କିତ ଆକ୍ରମଣ କରିଥିଲେ। ଏନେଇ ପୂର୍ବରୁ ଗୋଇନ୍ଦା ବିଭାଗ ସତର୍କ କରାଇବାରେ ବିଫଳ ହୋଇଥିଲା। ଏଥିପାଇଁ ନୈତିକତା ଦୃଷ୍ଟିରୁ ନିଜକୁ ଦାୟୀ କରି ଇସ୍ରାଏଲ୍ ସେନାର ଗୋଇନ୍ଦା ମୁଖ୍ୟ ପଦରୁ ମେଜର ଜେନେରାଲ ଅହରୋନ୍ ହାଲିଭା ସୋମବାର ଇସ୍ତଫା ଦେଇଛନ୍ତି। ହାଲିଭା ହେଉଛନ୍ତି ଇସ୍ରାଏଲ୍ ସେନାର ପ୍ରଥମ ଜେନେରାଲ ଯେ ଗୋଇନ୍ଦା ବିଫଳତା ପାଇଁ ପଦବୀ ଛାଡ଼ିଛନ୍ତି। ହମାସ ଆକ୍ରମଣ ସମ୍ପର୍କରେ ଇସ୍ରାଏଲ୍ ନିକଟରେ କୌଣସି ପୂର୍ବ ସୂଚନା ନ ଥିଲା। ଫଳରେ ହମାସ ବିଦ୍ରୋହୀମାନେ ଇସ୍ରାଏଲ୍‌ରେ ପଶି ୧,୨୦୦ ଲୋକଙ୍କୁ ମାରିବା ସହ ଅନେକଙ୍କୁ ପଣବନ୍ଦୀ କରିନେଇଥିଲେ। ଏହାର ପ୍ରତିଶୋଧ ନେବା ଓ ହମାସ୍‌କୁ ମୂଳପୋଛ କରିଦେବା ପାଇଁ ଇସ୍ରାଏଲ୍ ଗାଜା ଉପରେ ଆକ୍ରମଣ ଜାରି ରଖିଛି।

### ୟୁପି ମନ୍ତ୍ରୀ ସଞ୍ଜୟ ନିଶାଦଙ୍କୁ ଆକ୍ରମଣ

**ସନ୍ଥ କବିରନଗର, ୨୨।୪:** ନିଶାଦ ପାର୍ଟିର ଅଧ୍ୟକ୍ଷ ତଥା ଉତ୍ତରପ୍ରଦେଶ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ସଞ୍ଜୟ ନିଶାଦଙ୍କୁ ରବିବାର ବିଳମ୍ବିତ ରାତ୍ରିରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିଛନ୍ତି। ସନ୍ଥ କବିରନଗର ଜିଲା ଖଲିଲାବାଦ କୋଟ୍‌ୱାଲି ଥାନା ଅନ୍ତର୍ଗତ ମହମ୍ମଦପୁର କଠାର ଗ୍ରାମର ଏକ ବିବାହ ଉତ୍ସବରେ ନିଶାଦ ଯୋଗଦେଇଥିବାବେଳେ ସେଠାରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣରେ ନିଶାଦ ଆହତ ହୋଇଥିବାବେଳେ ତତ୍‌କ୍ଷଣାତ ତାଙ୍କୁ ସ୍ଥାନୀୟ ଲୋକ ଓ ସୁରକ୍ଷାକର୍ମୀଙ୍କ ଦ୍ୱାରା ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ନିଶାଦଙ୍କ ବ୍ୟକ୍ତିଗତସହାୟକବିନୋଦକୁମାରଙ୍କଦ୍ୱାରା ସ୍ଥାନୀୟ ଖଲିଲାବାଦ କୋଟ୍‌ୱାଲି ଥାନାରେ ସୋମବାର ମାମଲା ରୁଜୁ କରାଯାଇଛି। ଘଟଣାର ତଦନ୍ତ କରି ଏହି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

# ପଶ୍ଚିମବଙ୍ଗରେ ବେଆଇନ ନିଯୁକ୍ତି ରଦ୍ଦ

**କୋଲକାତା,୨୨।୪**


ମମତା ବାନାର୍ଜୀ



- ୨୫ ହଜାର ଶିକ୍ଷକ ନିଯୁକ୍ତି ହରାଇବେ
- ସୁଧ ସହ ବେତନ ଫେରାଇବାକୁ ନିର୍ଦ୍ଦେଶ
- ହାଇକୋର୍ଟ ରାୟକୁ ଚ୍ୟାଲେଞ୍ଜ କରିବେ ମମତା

ପଶ୍ଚିମବଙ୍ଗର ସରକାରୀ ତଥା ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକ ପାଇଁ ୨୦୧୬ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାକୁ କାଲ୍‌କାଟା ହାଇକୋର୍ଟ ସୋମବାର ରଦ୍ଦ କରିଦେଇଛନ୍ତି। ଫଳରେ ୨୫,୭୫୩ ଜଣ ଶିକ୍ଷକ ନିଯୁକ୍ତି ହରାଇବାକୁ ଯାଉଥିବାବେଳେ ସେମାନଙ୍କୁ ୧୨ ପ୍ରତିଶତ ସୁଧ ସହ ବେତନ ଫେରାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ଏଭଳି ରାୟ ମମତା ବାନାର୍ଜୀ ସରକାରଙ୍କ ପାଇଁ ଶକ୍ତ ଧକ୍କା ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ମମତା ବେଆଇନ କହିବା ସହ ଏହାକୁ ଚ୍ୟାଲେଞ୍ଜ କରିବେ ବୋଲି କହିଛନ୍ତି। ଭାଜପା ନେତାମାନେ କେତେକ ନ୍ୟାୟିକ ନିଷ୍ପତ୍ତିକୁ ପ୍ରଭାବିତ କରୁଥିବା ମମତା ଅଭିଯୋଗ କରିଛନ୍ତି। ଯେଉଁମାନେ ନିଯୁକ୍ତି ହରାଇବାକୁ ଯାଉଛନ୍ତି, ଆମେ ସେମାନଙ୍କ ସହ ରହିଛୁ ଏବଂ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବୁ ବୋଲି ଏକ ନିର୍ବାଚନୀ ରାଲିକୁ ସମ୍ବୋଧନ କରିବା ଅବସରରେ ମମତା ପ୍ରତିଶ୍ରୁତି ଦେଇଛନ୍ତି।

୨୦୧୬ରେ ରାଜ୍ୟସ୍ତରୀୟ ଚୟନ ପରୀକ୍ଷାର ନିଯୁକ୍ତି ପ୍ରକ୍ରିୟା ବେଆଇନ ହୋଇଥିବାରୁ ସମସ୍ତ ନିଯୁକ୍ତିକୁ ରଦ୍ଦ କରିବା ପାଇଁ ଜଷ୍ଟିସ ଦେବାଂଶୁ ବାସକ ଏବଂ ମହମ୍ମଦ ଶାବ୍ବରଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଶିକ୍ଷକମାନଙ୍କୁ ୪ ସପ୍ତାହ ମଧ୍ୟରେ ବେତନ ଅର୍ଥ ଫେରାଇବାକୁ ହେବ। ଅର୍ଥ ଫେରାଇ ଆଣିବା ଦାୟିତ୍ୱ ହାଇକୋର୍ଟ ଜିଲାପାଳମାନଙ୍କୁ ଦେଇଛନ୍ତି। ତେବେ କ୍ୟାନ୍‌ସରରେ ଆକ୍ରାନ୍ତ ଥାଇ ଚିକିତ୍ସିତ ହେଉଥିବା ସୋମା ଦାସ ନାମ୍ନୀ ଶିକ୍ଷକଙ୍କ ନିଯୁକ୍ତିକୁ ମାନବିକତା ଦୃଷ୍ଟିକୋଣରୁ କାଏମ ରଖିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଖଣ୍ଡପୀଠ ନିଯୁକ୍ତି ପ୍ରକ୍ରିୟାର ଅଧିକ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେବା ସହ ୩ ମାସ ମଧ୍ୟରେ ରିପୋର୍ଟ ଦାଖଲ ଲାଗି କହିଛନ୍ତି। ସାନି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବା ନିମନ୍ତେ ପଶ୍ଚିମବଙ୍ଗ ସ୍କୁଲ୍ ସେବା ଆୟୋଗ (ଡବ୍ଲ୍ୟୁବିଏସ୍‌ଏସ୍‌ସି)କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯିବ ବୋଲି ଡବ୍ଲ୍ୟୁବିଏସ୍‌ଏସ୍‌ସି ଅଧ୍ୟକ୍ଷ ସିଦ୍ଧାର୍ଥ ମଜୁମଦାର କହିଛନ୍ତି।

ସୂଚନାଯୋଗ୍ୟ, ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାରେ ସମ୍ପୃକ୍ତ ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀଙ୍କ ସମେତ କେତେଜଣ ତୃଣମୂଳ କଂଗ୍ରେସ ନେତା, ପୂର୍ବତନ ଅଧିକାରୀ ଜେଲରେ ଅଛନ୍ତି। ଏକ ରାଲିକୁ ଉଦ୍‌ବୋଧନ ଦେବା ଅବସରରେ ମମତା କହିଛନ୍ତି, ଅଦାଲତ ରାୟକୁ ଭାଜପା ନେତାମାନେ ପ୍ରଭାବିତ କରୁଛନ୍ତି। ଏକ ରାଜନୈତିକ ବିସ୍ଫୋରଣ ହେବ ବୋଲି ଗତ ସପ୍ତାହରେ ଭାଜପା ନେତା ଶୁଭେନ୍ଦୁ ଅଧିକାରୀ ପୂର୍ବାନୁମାନ କରିଥିଲେ ବୋଲି ମମତା କହିଛନ୍ତି। ତେବେ ୨୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକଙ୍କ ନିଯୁକ୍ତି ଛଡ଼ାଇନେଇ ସେମାନଙ୍କୁ ମୃତ୍ୟୁ ମୁଖକୁ ଠେଲିଦେବା କ'ଣ ରାଜନୈତିକ ବିସ୍ଫୋରଣ କି ବୋଲି ଟିଏମ୍‌ସି ଅଧ୍ୟକ୍ଷା ପ୍ରଶ୍ନ କରିଛନ୍ତି। ଯଦି ସେମାନେ ପ୍ରଭାବ ପକାଇନାହାନ୍ତି, ତେବେ କୋର୍ଟ କ'ଣ ରାୟ ଦେବେ ତାହା ସେମାନେ ଜାଣିଲେ କିପରି ବୋଲି ମମତା ପ୍ରଶ୍ନ କରିଛନ୍ତି।

୨୦୧୬ରେ ରାଜ୍ୟସ୍ତରୀୟ ଶିକ୍ଷକ ନିଯୁକ୍ତି ପରୀକ୍ଷାରେ ୨୪,୬୪୦ ଖାଲି ପଦବୀ ପାଇଁ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଆଶାୟୀ ପରୀକ୍ଷା ଦେଇଥିଲେ। ୨୫,୭୫୩ ଜଣଙ୍କ ପାଖକୁ ନିଯୁକ୍ତିପତ୍ର ପଠାଯାଇଥିଲା। ଗତବର୍ଷ କାଲ୍‌କାଟା ହାଇକୋର୍ଟ ଡବ୍ଲ୍ୟୁବିଏସ୍‌ଏସ୍‌ସି ଦ୍ୱାରା ଗଠିତ ପ୍ୟାନେଲଗୁଡ଼ିକ ବାତିଲ କରିବା ସହ ୩୬,୦୦୦ ଅଣତାଲିମପ୍ରାପ୍ତ ପ୍ରାଥମିକ ଶିକ୍ଷକଙ୍କ ନିଯୁକ୍ତିକୁ ବାତିଲ କରିଥିଲେ। ପରେ ଏହି ସଂଖ୍ୟାକୁ ସଂଶୋଧନ କରାଯାଇ ୩୨,୦୦୦ କରାଯାଇଥିଲା। ଶିକ୍ଷକ ନିଯୁକ୍ତିର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦେଇଥିବା ବିଚାରପତି ଅଭିଜିତ ଗଙ୍ଗୋପାଧ୍ୟାୟ ନିଜ ପଦବୀରୁ ଇସ୍ତଫା ଦେଇ ଭାଜପାରେ ସାମିଲ ହୋଇଥିଲେ।

### ସୁରଟ ଭାଜପା ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ନୂଆଦିଲ୍ଲୀ,୨୨।୪**

ଆସନ୍ତା ୨୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ପାଇଁ ପ୍ରଚାର ଜୋର୍ ଧରିଥିବାବେଳେ ଗୁଜରାଟର ସୁରଟ ସଂସଦୀୟ କ୍ଷେତ୍ରରେ ଭାଜପା ପ୍ରାର୍ଥୀ ମୁକେଶ ଦଲାଲଙ୍କୁ ବିଜୟୀ ଘୋଷଣା କରାଯାଇଛି। ବିରୋଧୀ ଦଳ କଂଗ୍ରେସ ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ଖାରଜ ହେବା ସହ ଅନ୍ୟ କେତେଜଣ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେବା ପରେ ଏକମାତ୍ର ପ୍ରାର୍ଥୀ ଭାବେ ଦଲାଲଙ୍କୁ ବିଜୟୀ ଘୋଷଣା କରାଯାଇଛି। କଂଗ୍ରେସ ପ୍ରାର୍ଥୀ ନିଲେଶ କୁମ୍ଭାନୀଙ୍କ ନାମାଙ୍କନପତ୍ରରେ ପ୍ରସ୍ତାବକମାନଙ୍କ ଦସ୍ତଖତ ମେଳ ନ ଖାଇବାରୁ ତାହାକୁ ନାକଚ କରିଦିଆଯାଇଥିଲା। ତାଙ୍କ ବଦଳରେ କଂଗ୍ରେସ ସୁରେଶ ପଡସାଲାଙ୍କୁ ପ୍ରାର୍ଥୀ କରିଥିବାବେଳେ ତାଙ୍କ ନାମାଙ୍କନପତ୍ର ମଧ୍ୟ ଖାରଜ ହୋଇଯାଇଥିଲା। ଜନପ୍ରତିନିଧି ଆଇନ, ୧୯୫୧ର ଧାରା ୩୬(୨) ଅନୁଯାୟୀ ପ୍ରାର୍ଥିପତ୍ର ନାକଚ ହୋଇଛି। ପ୍ରତିଯୋଗିତାରୁ କଂଗ୍ରେସର ପ୍ରାର୍ଥୀ ବାଦ୍ ପଡ଼ିବା ପରେ ଦିନକରେ ୮ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଥିଲେ। ଫଳରେ ଦଲାଲ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ରିଟର୍ନିଂ ଅଫିସର ସୌରଭ ପାଡ଼ୀ କହିଛନ୍ତି।


ରାଷ୍ଟ୍ରପତି ଭବନରେ ସୋମବାର ଅନୁଷ୍ଠିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରୁଛନ୍ତି। ସୁଲଭ ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା ବିନ୍ଦେଶ୍ୱର ପାଠକ, ଖ୍ୟାତନାମା ଭାରତନାଟ୍ୟମ ନୃତ୍ୟଶିଳ୍ପୀ ସୁବ୍ରମଣ୍ୟମ୍‌ଙ୍କୁ ମଧ୍ୟ ଏହି ସମ୍ମାନ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଭିନେତା ମିଥୁନ୍ ଚକ୍ରବର୍ତ୍ତୀ, ଗାୟକ ଉଷା ଉଥୁପ, ଉତ୍ତରପ୍ରଦେଶର ପୂର୍ବତନ ରାଜ୍ୟପାଳ ରାମ ନାଏକ ଏବଂ ଶିଳ୍ପପତି ସୀତାରାମ ଜିନ୍ଦଲଙ୍କୁ ପଦ୍ମଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ସୋମ୍ୟା ବିଶ୍ୱନାଥନ ହତ୍ୟା ମାମଲା: ଦିଲ୍ଲୀ ସରକାରଙ୍କୁ ନୋଟିସ

**ନୂଆଦିଲ୍ଲୀ, ୨୨।୪**

ବହୁଚର୍ଚ୍ଚିତ ସାମ୍ବାଦିକା ସୋମ୍ୟା ବିଶ୍ୱନାଥନ ହତ୍ୟା ମାମଲାରେ ସୋମବାର ଶୁଣାଣି କରି ଦିଲ୍ଲୀ ସରକାର ଓ ମାମଲାର ୪ ଦୋଷୀଙ୍କୁ ସୁପ୍ରିମକୋର୍ଟ ନୋଟିସ ଜାରି କରିଛନ୍ତି। ଗତ ଫେବୃଆରୀ ୧୨ରେ ଦିଲ୍ଲୀ ହାଇକୋର୍ଟ ମାମଲାରେ ଜଡ଼ିତ ୪ ଦୋଷୀଙ୍କୁ ଜାମିନ ପ୍ରଦାନ କରିଥିଲେ। ହାଇକୋର୍ଟଙ୍କ ରାୟ ବିରୋଧରେ ସୋମ୍ୟାଙ୍କ ମା' ସୁପ୍ରିମକୋର୍ଟରେ କରିଥିବା ଆବେଦନର ଶୁଣାଣି କରି ଜଷ୍ଟିସ ବେଲା. ଏମ୍. ତ୍ରିବେଦୀ ଓ ଜଷ୍ଟିସ ପଙ୍କଜ ମିଥଲଙ୍କ ଗଠିତ ଖଣ୍ଡପୀଠ ଏହି ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, ୨୦୦୮ ସେପ୍ଟେମ୍ବର ୩୦ରେ ଏକ ଇଂରାଜୀ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟରତ ସୋମ୍ୟା ଘରକୁ କାର୍‌ରେ ଫେରୁଥିବା ସମୟରେ ଦକ୍ଷିଣ ଦିଲ୍ଲୀର ନେଲସନ୍ ମଣ୍ଡେଲା ମାର୍ଗଠାରେ ତାଙ୍କୁ



ହତ୍ୟା କରାଯାଇଥିଲା। ସୋମ୍ୟାଙ୍କୁ ହତ୍ୟା କରିଥିବା ୪ ଅଭିଯୁକ୍ତ ରବି କପୁର, ଅମିତ ଶୁକ୍ଳା, ବଲଜିତ ସିଂ ମଲ୍ଲିକ ଏବଂ ଅଜୟ କୁମାରଙ୍କୁ ଦିଲ୍ଲୀର ସ୍ୱତନ୍ତ୍ର କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ଲକ୍ଷ ୨୫ ହଜାର ଟଙ୍କା ଲେଖାଏ ଜରିମାନା କରିଥିଲେ।

### ନାବାଳିକା ପୀଡ଼ିତାଙ୍କୁ ଗର୍ଭପାତ ଅନୁମତି

**ନୂଆଦିଲ୍ଲୀ,୨୨।୪**

ବଳାତ୍କାର ପୀଡ଼ିତା ଜଣେ ୧୪ ବର୍ଷୀୟାଙ୍କୁ ୩୦ ସପ୍ତାହର ଗର୍ଭପାତ କରାଇବାକୁ ସୁପ୍ରିମକୋର୍ଟ ସୋମବାର ଅନୁମତି ପ୍ରଦାନ କରିଛନ୍ତି। ଏହା ଏକ ଅସାଧାରଣ ଘଟଣା। ନାବାଳିକାଙ୍କ କଲ୍ୟାଣ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୪୨ରେ ପ୍ରଦତ୍ତ କ୍ଷମତାକ୍ରମେ କୌଣସି ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ ଲାଗି ଅଦାଲତ ଆବଶ୍ୟକ ନିର୍ଦ୍ଦେଶ ଦେଇପାରିବେ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ସ୍ଥିତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ନାବାଳିକାଙ୍କ ସୁରକ୍ଷା ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଦର୍ଶାଇ ସର୍ବୋଚ୍ଚ ଅଦାଲତ ବମ୍ବେ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି। ଗତ ୪ ତାରିଖରେ ବମ୍ବେ ହାଇକୋର୍ଟ ନାବାଳିକା ପୀଡ଼ିତାଙ୍କୁ ଗର୍ଭପାତ ପାଇଁ ଅନୁମତି ଦେବାକୁ ମନା କରିଦେଇଥିଲେ।

## ଘରୋଇ ଡାକ୍ତରଙ୍କ ସହ ଭିଡିଓ କନ୍‌ଫରେନ୍ସ ପାଇଁ କେଜରିୱାଲଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ,୨୨।୪**

ଟାଇପ୍-୨ ଡାଇବେଟିସ୍‌ରେ ପୀଡ଼ିତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରତିଦିନ ଘରୋଇ ଡାକ୍ତରଙ୍କ ସହ ଭିଡିଓ କନ୍‌ଫରେନ୍ସର ବ୍ୟବସ୍ଥା କରାଇବା ପାଇଁ କରିଥିବା ଆବେଦନକୁ ଦିଲ୍ଲୀର ଏକ ଅଦାଲତ ଖାରଜ କରିଦେଇଛନ୍ତି। ସେ ନିଜର ବ୍ୟକ୍ତିଗତ ଡାକ୍ତରଙ୍କ ସହ ଦୈନିକ ୧୫ ମିନିଟ୍ ଭିଡିଓ ପରାମର୍ଶ କରିବା ପାଇଁ ଆବେଦନ କରିଥିଲେ। ଅନ୍ୟପକ୍ଷରେ କେଜ୍‌ରିୱାଲଙ୍କର ନିୟମିତ ଇନ୍‌ସୁଲିନ୍ ଆବଶ୍ୟକ କି ନାହିଁ, ନିଷ୍ପତ୍ତି ନେବା ନିମନ୍ତେ ବିଶେଷଜ୍ଞ ଡାକ୍ତରମାନଙ୍କୁ ନେଇ ଏକ ମେଡିକାଲ ପ୍ୟାନେଲ ଗଠନ କରିବାକୁ ରାଉସ୍ ଆଭିନ୍ୟୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ବ୍ୟତୀତ ଉକ୍ତ ପ୍ୟାନେଲ କେଜ୍‌ରିୱାଲଙ୍କ ଖାଦ୍ୟ ଏବଂ ବ୍ୟାୟାମ ଯୋଜନା ସମ୍ପର୍କରେ ପରାମର୍ଶ ଦେବ। ଉକ୍ତ କମିଟିର ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଘରରନ୍ଧା ଖାଦ୍ୟ ଯୋଗାଇଦେବାକୁ ଅଦାଲତ କହିଛନ୍ତି। ଡାଇବେଟୋଲୋଜିଷ୍ଟ ଏବଂ ଏଣ୍ଡୋକ୍ରିନୋଲୋଜିଷ୍ଟମାନଙ୍କ ଦ୍ୱାରା କେଜ୍‌ରିୱାଲଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ କୋର୍ଟ ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଏଲ୍‌ଏଲ୍‌ବି ପାଠ୍ୟକ୍ରମ ୫ ବର୍ଷ ରହିବ

**ନୂଆଦିଲ୍ଲୀ,୨୨।୪**



**୩ ବର୍ଷକୁ କମାଇବା ପାଇଁ ପିଆଇଏଲ୍ ସୁପ୍ରିମକୋର୍ଟରେ ଅଗ୍ରାହ୍ୟ**

ଆଇନ ପେସାକୁ ପରିପକ୍ୱ ବ୍ୟକ୍ତିମାନେ ଆସିବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେବା ସହ ଆଇନ ଡିଗ୍ରୀ ପାଠ୍ୟକ୍ରମକୁ ୩ ବର୍ଷକୁ ହ୍ରାସ କରିବା ପାଇଁ ଦାଏର ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ଅଗ୍ରାହ୍ୟ କରିଦେଇଛନ୍ତି। ବର୍ତ୍ତମାନ ଡିଗ୍ରୀ ପାଠ୍ୟକ୍ରମ ୫ ବର୍ଷ ରହିଥିବାବେଳେ ଦ୍ୱାଦଶ ଶ୍ରେଣୀ ପରେ ଏଲ୍‌ଏଲ୍‌ବିକୁ ୩ ବର୍ଷିଆ କରିବା ପାଇଁ ଜନସ୍ୱାର୍ଥ ମାମଲା ଦାଏର ହୋଇଥିଲା। ଏହାର ସମ୍ଭାବ୍ୟତାକୁ ଅନୁଧ୍ୟାନ କରିବା ଲାଗି ଏକ ବିଶେଷଜ୍ଞ କମିଟି ଗଠନ ନିମନ୍ତେ କେନ୍ଦ୍ର ସରକାର ଏବଂ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆକୁ ନିର୍ଦ୍ଦେଶ ଦେବା ନିମନ୍ତେ ପିଟିଶନରେ ନିବେଦନ କରାଯାଇଥିଲା। ତେବେ ୫ ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ଭଲ କାମ କରୁଛି। ଏଥିରେ ପରିବର୍ତ୍ତନ କରାଯିବାର କିଛି ଆବଶ୍ୟକତା ନାହିଁ ବୋଲି ପ୍ରଧାନ ବିଚାରପତି(ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି. ପର୍‌ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି। ୩ ବର୍ଷିଆ ପାଠ୍ୟକ୍ରମ କାହିଁକି ହେବ। ସେମାନେ କ'ଣ ହାଇସ୍କୁଲ୍ ପରେ ଆଇନ ପଢ଼ା ଆରମ୍ଭ କରିପାରିବେ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଏପରିକି ୫ ବର୍ଷିଆ ପାଠ୍ୟକ୍ରମ ମଧ୍ୟ ବହୁତ କମ୍। ଆଇନ ପେସାକୁ ପରିପକ୍ୱ ବ୍ୟକ୍ତିମାନେ ଆସିବା ଆବଶ୍ୟକ ବୋଲି ସିଜେଆଇ କହିଥିଲେ। ୫ ବର୍ଷିଆ ପାଠ୍ୟକ୍ରମ ଲାଭଦାୟକ ହେଉଥିବା ଦର୍ଶାଇ ଖଣ୍ଡପୀଠ ଜନସ୍ୱାର୍ଥ ମାମଲା ପ୍ରତ୍ୟାହାର କରିନେବା ପାଇଁ ଅନୁମତି ଦେଇଛନ୍ତି।

**ଫୁର୍‌ସତ୍**

# ଲେଖକଙ୍କୁ ସମ୍ମାନ ଦେବା ଶିଖାଏ ବହି

## ବିଶ୍ୱ ପୁସ୍ତକ-କପିରାଇଟ୍ ଦିବସ



ପ୍ରତିବର୍ଷ ଏପ୍ରିଲ ୨୩ରେ ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ ପାଳନ କରାଯାଇଥାଏ। ସମୟ ବଦଳିବା ସହିତ କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ବର୍ତ୍ତମାନ ପୁସ୍ତକ ବି ବଦଳାଇଛି। ଯେଉଁଥିପାଇଁ ଲୋକମାନେ ବର୍ତ୍ତମାନ ପଢ଼ିବାରେ କ୍ୱଚିତ୍ ବହି ବ୍ୟବହାର କରୁଛନ୍ତି। ତେଣୁ ପୁସ୍ତକଗୁଡ଼ିକର ମହତ୍ତ୍ୱ ବିଷୟରେ ଲୋକଙ୍କୁ ଜଣାଇବା ଲକ୍ଷ୍ୟରେ ୟୁନେସ୍କୋ ୨୩ ଏପ୍ରିଲକୁ ବିଶ୍ୱ ପୁସ୍ତକ ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନେଇଛି।

**ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସର ଇତିହାସ**

୧୯୨୨ରେ ସର୍ଭାଣ୍ଟେସ ପ୍ରକାଶନ ଗୃହର ନିର୍ଦ୍ଦେଶକ ଭିସେଣ୍ଟେ କ୍ଲାଭେଲଙ୍କ ଦ୍ୱାରା ବିଶ୍ୱ ପୁସ୍ତକ ଦିବସ ଆରମ୍ଭ ହୋଇଥିଲା। ମିଗୁଏଲ ଡି. ସର୍ଭାଣ୍ଟେସ୍‌ଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ସେ ଏହି ଦିନ ପାଳନ କରିବାକୁ ପଦକ୍ଷେପ ନେଇଥିଲେ। ଏହା ପରେ ୧୯୨୬ରେ ବାର୍ସିଲୋନାରେ ପ୍ରଥମ ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଥିଲା। ଅକ୍ଟୋବର ୭ରେ ମିଗୁଏଲ ଡି. ସର୍ଭାଣ୍ଟେସ୍‌ଙ୍କ ଜନ୍ମଦିନ। ଏହିଦିନ ପୁସ୍ତକ ଦିବସ ପାଳନ କରାଯାଇଥିଲା। କିନ୍ତୁ ପରେ ମିଗୁଏଲଙ୍କ ମୃତ୍ୟୁ ଅର୍ଥାତ୍ ଏପ୍ରିଲ ୨୩ରେ ଏହି ଦିବସ ପାଳନ କରାଯିବାକୁ ମନୋନୀତ ହୋଇଥିଲା।

**ବିଶ୍ୱ ପୁସ୍ତକ ଦିବସ ପାଳନର ଲକ୍ଷ୍ୟ**

ବିଶ୍ୱ ପୁସ୍ତକ ଦିବସ ଲୋକମାନଙ୍କୁ ବହି ଏବଂ ଲେଖକମାନଙ୍କୁ ସମ୍ମାନ ଦେବା ଶିଖାଏ। ଯେଉଁମାନେ ପଢ଼ିବାକୁ ଭଲ ପାଆନ୍ତି ସେମାନଙ୍କ ପାଇଁ ଏହି ଦିନଟି ଅତ୍ୟନ୍ତ ସ୍ୱତନ୍ତ୍ର। ବିଶ୍ୱର ଲୋକମାନଙ୍କୁ ସମ୍ମାନିତ କରିବା ପାଇଁ ବିଶ୍ୱ ପୁସ୍ତକ ଦିବସ ମଧ୍ୟ ପାଳନ କରାଯାଏ। ବିଶେଷକରି ଯେଉଁମାନେ ଗଣମାଧ୍ୟମ, ଲେଖକ ଏବଂ ଏକାଡେମିକ୍ ପରି ପୁସ୍ତକ ଶିଳ୍ପକୁ ପ୍ରୋତ୍ସାହିତ କରିବାରେ ସହଯୋଗ କରନ୍ତି। ବିଶ୍ୱ ପୁସ୍ତକ ଏବଂ କପିରାଇଟ୍ ଦିବସ ସୁନିଶ୍ଚିତ କରେ ଯେ, ସାକ୍ଷରତାକୁ ସମସ୍ତ ରୂପରେ ପ୍ରୋତ୍ସାହନ ଦିଆଯିବା ଉଚିତ୍ ଏବଂ ଲୋକମାନେ ସମସ୍ତ ପ୍ରକାର ଶିକ୍ଷାଗତ ଉତ୍ସ ପାଇବା ଜରୁରୀ।

## ଟ୍ରୋଲ୍ ହେଲେ ଈଶା



**ମୁମ୍ବାଇ:** ଚଳିତ ଲୋକ ସଭା ନିର୍ବାଚନରେ ମଥୁରା ଆସନରୁ ବଲିଉଡ୍‌ର ଭେଟେରାନ ଅଭିନେତ୍ରୀ ହେମାମାଳିନୀଙ୍କୁ ଭାଜପା ପୁନର୍ବାର ପ୍ରାର୍ଥୀ କରିଛି। ହେମାଙ୍କ ପାଇଁ ପ୍ରଚାର କରିବାକୁ ତାଙ୍କର ୨ ଝିଅ ଈଶା ଦେଓଲ ଏବଂ ଆହାନା ଦେଓଲ ମଥୁରାରେ ପହଞ୍ଚିଛନ୍ତି। ମା'ଙ୍କ ପାଇଁ ପ୍ରଚାର କରୁଥିବା ସମୟରେ ଉଭୟ ଈଶା ଓ ଆହାନା ଗଣମାଧ୍ୟମରେ ବିବୃତି ରଖିଥିଲେ। ତେବେ ଏହି ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ହେବା ପରେ ଅନେକ ୟୁଜର୍ସଙ୍କ ଧ୍ୟାନ ଈଶାଙ୍କ ଓଠ ଉପରେ ପଡ଼ିଛି। ଈଶା ପୂର୍ବଠାରୁ ଅଲଗା ଦେଖାଯାଉଛନ୍ତି କହିବା ସହ ସେ ବୋଧହୁଏ ନିଜର ଲିପ୍ ସର୍ଜରି କରାଇଛନ୍ତି ବୋଲି କେତେ ଜଣ ୟୁଜର୍ସ କମେଣ୍ଟ କରିଛନ୍ତି। ଏହି ଭିଡିଓ ସାମ୍ନାକୁ ଆସିବା ମାତ୍ରେ ଈଶାଙ୍କୁ କ୍ରମାଗତଭାବେ ଟ୍ରୋଲ କରାଯାଉଛି। ତେବେ ଲିପ୍ ସର୍ଜରି କରିଥିବା ନେଇ ଈଶାଙ୍କ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ୨ ମାସ ତଳେ ଅଭିନେତ୍ରୀ ଈଶା ତାଙ୍କ ସ୍ୱାମୀ ଭରତ ତଖ୍‌ତାନୀଙ୍କଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ। ଈଶା ଏବଂ ଭରତ ପ୍ରଥମେ ଏକ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତାରେ ପରସ୍ପରକୁ ଭେଟିଥିଲେ ଓ ପରେ ଉଭୟ ଉଭୟଙ୍କୁ ଭଲ ପାଇ ବସିଥିଲେ। ୨୦୧୨ରେ ଈଶା ଓ ଭରତଙ୍କର ବିବାହ ହୋଇଥିଲା। ରାଧ୍ୟା ଏବଂ ମିରାୟା ନାମରେ ସେମାନଙ୍କର ୨ ଝିଅ ମଧ୍ୟ ରହିଛନ୍ତି। ବିବାହର ୧୨ ବର୍ଷ ପରେ ଗତ ଫେବୃଆରୀ ୬ରେ ଉଭୟ ଈଶା ଏବଂ ଭରତ ଅଲଗା ହେବାକୁ ନିଷ୍ପତ୍ତି ନେଇଥିଲେ।




# ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

## ମାହାଙ୍ଗା ଡବଲ ମର୍ଡର ଘଟଣାରେ ନିମ୍ନକୋର୍ଟ କଗ୍ନିଜାନ୍ସ ବିରୋଧରେ ମାମଲା

**କଟକ,୨୨।୪ (କାର୍ତ୍ତିକ ସାହୁ)**

ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଅଭିଯୋଗ ମାମଲାରେ ନିମ୍ନକୋର୍ଟଙ୍କ କଗ୍ନିଜାନ୍ସ ଆଦେଶ ବିରୋଧରେ ରୁଜୁ ମାମଲାର ଶୁଣାଣି ସୋମବାର ହାଇକୋର୍ଟରେ ଶେଷ ହୋଇଛି। ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ଖଣ୍ଡପୀଠ ବିଧାୟକ ଜେନାଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ଜାନୁଆରୀ ୨ରେ ମାହାଙ୍ଗାରେ ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାରେ ତତ୍କାଳୀନ ମନ୍ତ୍ରୀ ତଥା ବିଧାୟକ ପ୍ରତାପ ଜେନାଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ମାତ୍ର ମାହାଙ୍ଗା ପୋଲିସ୍ ଏହି ହତ୍ୟା ଘଟଣାର ଅଭିଯୋଗପର୍ଦ୍ଧରୁ ଜେନାଙ୍କ ନାମକୁ ବାଦ୍ ଦେଇଥିଲା। ଅପରପକ୍ଷରେ ଏହି ମାମଲାରେ ଜେନାଙ୍କୁ ନିମ୍ନ ଅଦାଲତରେ ହାଜର ହେବାକୁ ଆଦେଶ ଦିଆଯାଇଥିବାବେଳେ ସେ ହାଜର ହୋଇ ନ ଥିଲେ। ନିଜ ଓକିଲଙ୍କ ମାଧ୍ୟମରେ ଅଦାଲତରେ ହାଜର ହେବାକୁ ଆବେଦନ କରିଥିଲେ। ହେଲେ ନିମ୍ନ ଅଦାଲତ ବିଧାୟକ ଜେନାଙ୍କ ବିରୋଧରେ କଗ୍ନିଜାନ୍ସ ଆଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ଏପରି କଗ୍ନିଜାନ୍ସ ଆଦେଶକୁ ବିରୋଧ କରି ବିଧାୟକ ଜେନା ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ମାମଲାକୁ ଶୁଣାଣି ପାଇଁ ଗ୍ରହଣ କରି ତାଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇ ଦେଇଥିଲେ। ମାମଲାର ଶୁଣାଣି ଚାଲିଥିବାବେଳେ ପର୍ଯ୍ୟାୟକ୍ରମେ ବିଧାୟକଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ବଳବତ୍ତର ରଖିଥିଲେ।

# ଅଙ୍ଗନୱାଡି କେନ୍ଦ୍ରରେ କର୍ମୀଙ୍କ ଆତ୍ମହତ୍ୟା

**ସୋର, ୨୨।୪(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ବ୍ଲକ ଆଟପୁର ପଞ୍ଚାୟତ ହଂସୀପାଟଣା ଗ୍ରାମର ଅଙ୍ଗନୱାଡି କର୍ମୀ ସବିତା ମହାନ୍ତି(୪୦) ସୋମବାର ସକାଳେ ଅଙ୍ଗନୱାଡି କେନ୍ଦ୍ର ପରିସରରେ ଆତ୍ମହତ୍ୟା କରିଛନ୍ତି। ଅଙ୍ଗନୱାଡିକୁ ପଢିବାକୁ ଯାଇଥିବା ପିଲାମାନଙ୍କୁ ଛୁଟି କରିବା ପରେ ସେ ଏଭଳି ଚରମ ପଦକ୍ଷେପ ନେଇଥିବା ଜଣାପଡିଛି। ତେବେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନାହିଁ।

ସବିତା ୮ବର୍ଷ ଧରି ସ୍ଥାନୀୟ ହଂସୀପାଟଣା ଅଙ୍ଗନୱାଡି କେନ୍ଦ୍ରରେ କାର୍ଯ୍ୟରତ ଥିଲେ। ପିଲାଙ୍କୁ ଛୁଟି କରିବା ପରେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ପରେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଭିତରପଟୁ ପଡିଥିବା ସ୍ଥାନୀୟ ଲୋକେ ଦେଖି କବାଟ ଭାଙ୍ଗିଥିଲେ। ସବିତା ବେକରେ ରଶି ଲଗାଇ ଫ୍ୟାନରେ ଝୁଲୁଥିବା ଦେଖିବା ପରେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା(ନଂ.୩୧/୨୪) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଉଲ୍ଲେଖଯୋଗ୍ୟ, ସବିତାଙ୍କର ୧୭ ବର୍ଷୀୟ ପୁଅ ଗତ ୨ମାସ ତଳେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସେବେଠାରୁ ସେ ମାନସିକ ଭାରସାମ୍ୟ ହରାଇ ବସିଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ସାନ ଭାଇଙ୍କୁ ଗିରଫ କଲା ଏସ୍‌ଟିଏଫ୍

## ଗଞ୍ଜେଇ ଚାଲାଣ ର୍ୟାକେଟ

- ଜବତ ହେଲା ଆଉ ୪ କାର୍, ୨ ବାଇକ
- ମାଓବାଦୀଙ୍କ ଲିଙ୍କ୍ ସନ୍ଦେହରେ ଖୋଳତାଡ଼


ସୌମ୍ୟ ରଞ୍ଜନ ଦିଗଲ

**ଭୁବନେଶ୍ୱର,୨୨।୪(ସତ୍ୟଜିତ୍ ରାଉତ)**

ଗଞ୍ଜେଇ ଜବତ ଘଟଣାରେ ବଡ଼ଭାଇ ଗିରଫ ହେବାର ୯ ଦିନ ପରେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) କନ୍ଧମାଳ ଟିକାବାଲି ଅଞ୍ଚଳରୁ ସାନଭାଇଙ୍କୁ ଧରିଛି। ସେ ହେଲେ ଭୁବନେଶ୍ୱର ମୈତ୍ରୀ ବିହାର ଥାନା ଅନ୍ତର୍ଗତ ସିଆଁ ଶ୍ରମିକ ବସ୍ତିରେ ରହୁଥିବା ଫୁଲବାଣୀ ସଦର ଥାନା ଅଞ୍ଚଳର ସୌମ୍ୟ ରଞ୍ଜନ ଦିଗଲ (୨୫)। ତାଙ୍କଠାରୁ ଆଉ ୪ ଦାମୀ କାର୍ ଓ ଦୁଇଟି ବାଇକ ଜବତ ହୋଇଛି। ଏଥିସହ ଏସ୍‌ଟିଏଫ୍ ୧୩ଟି ପାସ୍‌ବୁକ୍ ଜବତ କରି ଆର୍ଥିକ ଦିଗକୁ ନେଇ ଖୋଳତାଡ଼ କରୁଛି। ରବିବାର ଗିରଫ ପରେ ସୋମବାର ସୌମ୍ୟଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ପଠାଇ ଦିଆଯାଇଛି। ପୂର୍ବରୁ ଜେଲରେ ଥିବା ବଡ଼ ଭାଇ ବିକାଶ ଦିଗଲଙ୍କ ସହ ସୌମ୍ୟଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବ ବୋଲି ଏସ୍‌ଟିଏଫ୍ ଯୋଜନା କରୁଛି।

ଗତ ୧୧ ତାରିଖରେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏସ୍‌ଟିଏଫ୍ ଚଢ଼ାଉ କରି ଏକ କାର୍ ସମେତ ୫୨ କେଜି ଗଞ୍ଜେଇ ଜବତ କରିଥିଲା। ସେହି ସମୟରେ ବିକାଶ ଧରାପଡ଼ିଥିବା ବେଳେ ସୌମ୍ୟ ଖସି ପଳାଇଥିଲେ। ଏନେଇ ଏସ୍‌ଟିଏଫ୍ ମାମଲା (ନଂ.୧୭/୨୦୨୪) ରୁଜୁ କରି ଅଧିକ ତଦନ୍ତ କରୁଛି। ଦୁଇ ଭାଇ ଗଞ୍ଜେଇ ର୍ୟାକେଟ୍ ଚଳାଇ ୩ ବର୍ଷ ମଧ୍ୟରେ ବହୁ ସମ୍ପତ୍ତି କରିଛନ୍ତି। ବିଶେଷକରି ସେମାନେ ବୌଦ୍ଧ, କନ୍ଧମାଳରୁ କାର୍ ଯୋଗେ ଗଞ୍ଜେଇ ଆଣି ଭୁବନେଶ୍ୱରସ୍ଥିତ ଘରେ ରଖି ଚାଲାଣ କରୁଥିଲେ। ପୋଲିସ ହାତରେ ଧରା ନ ପଡ଼ିବା ପାଇଁ କମ୍ ପରିମାଣର ଗଞ୍ଜେଇ ଆଣିବା ସହ କାର୍‌ରେ ପରିବାରର ମହିଳା ଓ ଛୋଟ ପିଲାଙ୍କୁ ଆଣୁଥିଲେ। ତେବେ ଦୁଇ ଭାଇ ଗତ ୬ ବର୍ଷରେ ଏଭଳି ବେଆଇନ କାରବାରରୁ ଠୁଳ କରିଥିବା ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଜବତ କରି ସେସବୁକୁ ବାଜ୍ୟାପ୍ତି କରିବାକୁ କୋଲକାତାସ୍ଥିତ କମ୍ପିଟେଣ୍ଟ ଅଥରିଟିଙ୍କୁ ଜଣାଇବ। ଅନ୍ୟପକ୍ଷରେ ଏମାନେ ଅନ୍ୟ ଗଞ୍ଜେଇ ବେପାରୀ ଓ କେତେଜଣ ମାଓବାଦୀଙ୍କ ସହ ସମ୍ପର୍କରେ ଥିବା ଏସ୍‌ଟିଏଫ୍ ସନ୍ଦେହ କରୁଛି। ଏହି ଦିଗକୁ ନେଇ ଏସ୍‌ଟିଏଫ୍ ଖୋଳତାଡ଼ କରୁଛି। ଅନ୍ୟପକ୍ଷରେ ଅଭିଯୁକ୍ତ ସୌମ୍ୟଙ୍କ ବିରୋଧରେ ଫୁଲବାଣୀ ସଦର ଥାନାରେ ଏକ ବଳାତ୍କାର ମାମଲା (ନଂ.୧୨/୨୦୨୩) ରହିଥିବା ଏସ୍‌ଟିଏଫ୍ ସୂଚନା ଦେଇଛି।

# ଆଇଇଡି ବିସ୍ଫୋରଣରେ ଜଣେ ମୃତ

**ମାଲକାନଗିରି,୨୨।୪ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁର ଜିଲା ଗଙ୍ଗାଲୁର ଥାନା ଅଞ୍ଚଳରେ ସୁରକ୍ଷା କର୍ମୀଙ୍କୁ ଲକ୍ଷ୍ୟକରି ମାଓବାଦୀଙ୍କ ଦ୍ୱାରା ଖଞ୍ଜା ଯାଇଥିବ ଆଇଇଡି ବୋମା ବିସ୍ଫୋରଣରେ ଜଣେ ଗ୍ରାମବାସୀଙ୍କର ସୋମବାର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲା ଗଙ୍ଗାଲୁର ଥାନା ଅନ୍ତର୍ଗତ ମୁତବେଣ୍ଡି ଜଙ୍ଗଲକୁ ଯୁବକ ଗଡ଼ିୟା ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇଥିଲେ। ମାଓବାଦୀଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବୋମା ଉପରେ ଗୋଡ଼ ପଡିଯିବାରୁ ବିସ୍ଫୋରଣ ହେବା ଫଳରେ ଘଟଣାସ୍ଥଳରେ ଗଡିୟାଙ୍କ ମୃତ୍ୟୁ ହୋଇଥିଲା। ଖବର ଜଣାପଡିବା ପରେ ମୃତକଙ୍କ ସମ୍ପର୍କୀୟ ଗ୍ରାମବାସୀଙ୍କ ସହ ନିକଟସ୍ଥ ଥାନାରେ ଜଣାଇବା ପରେ ସୁରକ୍ଷାକର୍ମୀ ଘଟଣାସ୍ଥଳରୁ ମୃତଦେହ ଜବତ କରିଥିଲେ। ପରେ ପୋଲିସ ଏକ ମାମଲା ରୁଜୁକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି।

# ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ

**ଗୋପବନ୍ଧୁନଗର, ୨୨।୪ (ଶାନ୍ତନୁ କୁମାର ମଡୁଆଲ)**

ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ସୋମବାର ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବାଙ୍ଗରା ଛକ ପଥରଖାଦାନ ନିକଟରେ ପଥର ପିଟୁଥିବା ବେଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି। ମୃତକ ହେଲେ ବଡସାହି ଥାନା ଯଦୁନାଥପୁର ଗ୍ରାମର ଶୁକରାମ ସିଂ (୩୯)।

ଶୁକରାମ ସେଠାକୁ କାମ କରିବାକୁ ଆସିଥିବା ବେଳେ ପୂର୍ବାହ୍ନ ପ୍ରାୟ ୧୦ଟା ୪୦ ମିନିଟ୍‌ରେ ଅସୁସ୍ଥ ଅନୁଭବ କରିଥିଲେ। ସେ ଏକ ଗଛମୂଳେ ଆଶ୍ରୟ ନେବାର ମାତ୍ର ଦୁଇ ମିନିଟ୍ ମଧ୍ୟରେ ବସିଥିବା ସ୍ଥାନରେ ଟଳି ପଡିଥିଲେ। ତେବେ ତାଙ୍କୁ ଡୁକୁରା ଡାକ୍ତରଖାନା ଅଣାଯାଇଥିଲା। ଶୁକରାମଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ। ବାରିପଦାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଡୁକୁରା ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ପତି ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୪) ରୁଜୁ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ଠିକ କାରଣ ଜଣାପଡିବ ବୋଲି ପୋଲିସ କହିଛି।

# ହିଙ୍ଗୁଳା ପୀଠରେ ୩ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ


ଉଭାସ୍ଥଳରେ ମା' ହିଙ୍ଗୁଳାଙ୍କୁ ଭୋଗ ଅର୍ପଣ କରାଯାଉଛି।

**ତାଳଚେର,୨୨।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୦ତମ ଲୋକ ମହୋତ୍ସବ ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ପୀଠ ପରିସରରେ ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୩ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ମା' ହିଙ୍ଗୁଳାଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ।

ଚଳିତବର୍ଷ ଅଗ୍ନିରୂପା ମା' ହିଙ୍ଗୁଳା ମନ୍ଦିରର ପଶ୍ଚିମ ଦିଗରେ ଅବସ୍ଥିତ ଗୋପାଳ ପ୍ରସାଦ ହାଇସ୍କୁଲ ପଡ଼ିଆରେ ଆବିର୍ଭାବ ହୋଇଛନ୍ତି। ମା'ଙ୍କ ଦର୍ଶନ କରିବା ପାଇଁ ଉଭାସ୍ଥଳକୁ ଭୋର ସମୟରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ପ୍ରତ୍ୟୁଷରୁ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ନରେ ମା'ଙ୍କ ଚଳନ୍ତି ପ୍ରତିମା ଆଲମକୁ ଭବ୍ୟ ଶୋଭାଯାତ୍ରାରେ ଦିଅଁ ଘରୁ ବଡ଼ ମଣ୍ଡପ(ହିଙ୍ଗୁଳା ମନ୍ଦିର)କୁ ଅଣାଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ଉଭାସ୍ଥଳକୁ ନିଆଯାଇଥିଲା। ଗ୍ରୀଷ୍ମ ପ୍ରବାହ ସାମାନ୍ୟ ହ୍ରାସ ପାଇଥିବାରୁ ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅଭୁତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଉଭୟ ଉଭାସ୍ଥଳ ଏବଂ ହିଙ୍ଗୁଳା ପୀଠରେ ମା'ଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିବା ବେଳେ ବ୍ୟାରିକେଡ ବ୍ୟବସ୍ଥା କରାଯାଇଥିଲା। ପୁରୁଷ ଓ ମହିଳା ଭକ୍ତମାନେ ମା'ଙ୍କୁ ଦର୍ଶନ କରିବା ସହ ଅଗ୍ନିରୂପାଙ୍କୁ ନଡ଼ିଆ, କଦଳୀ, ଗୁଡ଼, ଘିଅ, ଝୋଟ, ସିନ୍ଦୂର, ଚୁଡ଼ି, ଛିଟ, ପୁଷ୍ପ ଆଦି ଭୋଗ ଅର୍ପଣ କରିଥିଲେ। ଭିଡ଼ ନିୟନ୍ତ୍ରଣ ତଥା ଶାନ୍ତିଶୃଙ୍ଖଳା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ବିଭିନ୍ନ ସଙ୍ଗଠନ, ସଂଘ ଓ ଏମ୍‌ସିଏଲ୍ ପକ୍ଷରୁ ଭକ୍ତମାନଙ୍କ ସୁବିଧା ପାଇଁ ନାନା ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ଏହି ଅନନ୍ୟ ଯାତ୍ରା ଆସନ୍ତା ୩୦ ତାରିଖ ଦିନ ସମାପନ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଆନ୍ଦୋଳନ ପରେ ପରୀକ୍ଷା ବାତିଲ

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ

### ୩ ବର୍ଷିଆ ଆଇନ ପାଠ୍ୟକ୍ରମ ପ୍ରଶ୍ନପତ୍ରରେ ତ୍ରୁଟି

**କଟକ,୨୨।୪ (କାର୍ତ୍ତିକ ସାହୁ)**

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନରେ ଆରମ୍ଭ ହୋଇଥିବା ୩ ବର୍ଷିଆ ଆଇନ ପାଠ୍ୟକ୍ରମ ପରୀକ୍ଷାର ସୋମବାର ପ୍ରଥମ ଦିନ ପ୍ରଶ୍ନପତ୍ରରେ ତ୍ରୁଟି ଯୋଗୁ ଘୋର ବିଭ୍ରାଟ ଘଟିଛି। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଷଷ୍ଠ ସେମିଷ୍ଟରର ପ୍ରଥମ ପେପର୍ ଲେବର ଲ'-୨ ପରୀକ୍ଷାକୁ ବାତିଲ କରାଯାଇଥିବା ବିଜ୍ଞପ୍ତିରୁ ଜଣାପଡିଛି। ପରବର୍ତ୍ତୀ ସମୟରେ ଉକ୍ତ ବିଷୟର ପରୀକ୍ଷାସୂଚୀ ସ୍ଥିର କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ସୋମବାର ପୂର୍ବାହ୍ନ ପ୍ରାୟ ସାଢ଼େ ୮ଟାରେ ପରୀକ୍ଷା ଆରମ୍ଭ ହେବା କ୍ଷଣି ପ୍ରଶ୍ନପତ୍ରରେ ତ୍ରୁଟିଥିବା ଛାତ୍ରୀଛାତ୍ରମାନେ ଜାଣିବାକୁ ପାଇଥିଲେ। ପ୍ରଶ୍ନପତ୍ରରେ ଷଷ୍ଠ ସେମିଷ୍ଟର ଲେବର ଲ'-୨ ବଦଳରେ ୫ମ ସେମିଷ୍ଟର ଲେବର ଲ'-୧ ପ୍ରଶ୍ନ ଆସିଥିବା ସେମାନେ ଅଭିଯୋଗ କରିଥିଲେ। ଏନେଇ ପରୀକ୍ଷାର୍ଥୀମାନେ କୁଳପତିଙ୍କ ନିକଟରେ ଅଭିଯୋଗ କରିବା ସହ ହୋହଲ୍ଲା କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଆଇନ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ୍ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଏପରି ଆନ୍ଦୋଳନ ଯୋଗୁ ସୋମବାର ପରୀକ୍ଷାକୁ ବାତିଲ କରାଯାଇଛି। ଏନେଇ କୁଳପତି ପ୍ରଫେସର ଡ. କମଲ୍‌ଜିତ୍ ସିଂହଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଆସନ୍ତା ୨୯ ତାରିଖରେ ଷଷ୍ଠ ସେମିଷ୍ଟର ପରୀକ୍ଷାର୍ଥୀଙ୍କ ଦ୍ୱିତୀୟ ପେପର୍ ପରୀକ୍ଷା ରହିଛି। ଉଲ୍ଲେଖଯୋଗ୍ୟ, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ରାଜ୍ୟର ସମସ୍ତ ଘରୋଇ ଆଇନ ମହାବିଦ୍ୟାଳୟରେ ୩ ବର୍ଷିଆ ଆଇନ ପାଠ୍ୟକ୍ରମର ଷଷ୍ଠ ସେମିଷ୍ଟର ପରୀକ୍ଷା ଏପ୍ରିଲ୍ ୨୨ରୁ ମେ'୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୮ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

**କବିସୂର୍ଯ୍ୟନଗର, ୨୨।୪ (କୃପାସିନ୍ଧୁ ସ୍ୱାଇଁ)**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଷଣ୍ଢମରା-ବାଲିଆସରା ରାସ୍ତାରେ ଥିବା ଶିବ ମନ୍ଦିର ନିକଟରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ମୃତକ ହେଲେ ବାଲିଆସରା ଗ୍ରାମର ପଞ୍ଚାନନ ନାୟକଙ୍କ ପୁଅ ଗଣେଶ ନାୟକ। ସେ ପଥରାରୁ ଖାଦ୍ୟପୁଡ଼ିଆ ଧରି ନିଜ ବାଇକ୍‌ରେ ଗ୍ରାମକୁ ଫେରୁଥିବା ବେଳେ ଶିବ ମନ୍ଦିର ନିକଟରେ କେତେଜଣ ଦୁର୍ବୃତ୍ତ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। କବିସୂର୍ଯ୍ୟନଗରର କେତେକ ଅସବର୍ଣ୍ଣ ଯୁବକ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହତ୍ୟା କରିଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

# ଇସିରେ ଫେରାଦ ହେଲା କଂଗ୍ରେସ

## ମୋଦିଙ୍କ 'ଅନୁପ୍ରବେଶକାରୀ' ମନ୍ତବ୍ୟ

**ନୂଆଦିଲ୍ଲୀ,୨୨।୪**

ରାଜସ୍ଥାନର ବଂଶୱାରାରେ ଏକ ରାଲିକୁ ସମ୍ବୋଧିତ କଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା 'ଅନୁପ୍ରବେଶକାରୀ' ମନ୍ତବ୍ୟକୁ ବିରୋଧ କରି କଂଗ୍ରେସ ସୋମବାର ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଫେରାଦ ହୋଇଛି। ପ୍ରଧାନମନ୍ତ୍ରୀଙ୍କଠାରୁ ଏଭଳି ମନ୍ତବ୍ୟ ଆଶା କରାଯାଏ ନାହିଁ। ସେ ତାଙ୍କ ମନ୍ତବ୍ୟକୁ ଫେରାଇନେବାକୁ ଆମେ ନିବେଦନ କରୁଛୁ ବୋଲି କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭି କହିଛନ୍ତି। ରବିବାର ଏକ ରାଲିକୁ ସମ୍ବୋଧିତ କରି ମୋଦି କଂଗ୍ରେସ ଇସ୍ତାହାରକୁ ସମାଲୋଚନା କରିଥିଲେ। ଇସ୍ତାହାରରେ କୁହାଯାଇଛି, ସେମାନେ ମାଆ ଓ ଭଉଣୀଙ୍କ ସହ ସୁନାକୁ ଆକଳନ କରିବା ପରେ ସେଗୁଡ଼ିକୁ ବଣ୍ଟନ କରିବେ। ଦେଶର ସମ୍ପତ୍ତିରେ ମୁସଲମାନଙ୍କର ପ୍ରଥମ ଅଧିକାର ବୋଲି ମନମୋହନ ସିଂ ସରକାର କହିଥିଲେ। ଏହାର ଅର୍ଥ ଯେଉଁମାନଙ୍କର ଅଧିକ ସନ୍ତାନ ସେମାନଙ୍କୁ ସମ୍ପତ୍ତି ବଣ୍ଟନ କରାଯିବ। ଆପଣମାନଙ୍କ କଷ୍ଟ ଉପାର୍ଜିତ ଧନ ଅନୁପ୍ରବେଶକାରୀମାନଙ୍କୁ ବଣ୍ଟନ କରାଯିବା ଉଚିତ କି ବୋଲି ପ୍ରଧାନମନ୍ତ୍ରୀ ପ୍ରଶ୍ନ କରିଥିଲେ। ନିର୍ବାଚନରେ ଫାଇଦା ହାସଲ ପାଇଁ ମୋଦି ଏଭଳି ମନ୍ତବ୍ୟ ଦେଇ ସାମ୍ପ୍ରଦାୟିକ ଧ୍ରୁବୀକରଣ ସୃଷ୍ଟି ଲାଗି ଉଦ୍ୟମ କରୁଛନ୍ତି ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଅଭିଯୋଗ କରିଛନ୍ତି।

# ଚନ୍ଦକା, ପାଞ୍ଚଗଡ଼ ଜଙ୍ଗଲରେ ନିଆଁ



**ବାରଙ୍ଗ/ବୋଲଗଡ଼,୨୨।୪ (ଲିଙ୍ଗରାଜ ରାଉତ/ଦେବବ୍ରତ ହୋତା)**

ସମ୍ପ୍ରତି ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ମନୁଷ୍ୟକୃତ କାରଣରୁ କେତେକ ସ୍ଥାନରେ ଜଙ୍ଗଲ ଜଳୁଥିବା ଚିତ୍ର ସାମ୍ନାକୁ ଆସୁଛି। ସୋମବାର ଚନ୍ଦକା ଅଭୟାରଣ୍ୟର ଗୋଡ଼ିବାରୀ ନିକଟସ୍ଥ ଜଙ୍ଗଲ ଏବଂ ଖୋର୍ଦ୍ଧା ରେଞ୍ଜ ବୋଲଗଡ଼ ବନ ବିଭାଗ ଅଧୀନ ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଛି। ଏଥିରେ ବହୁ ଗଛଲତା ପୋଡ଼ିଯାଇଛି।

ସୂଚନା ମୁତାବକ, ଅପରାହ୍ନ ୩ଟାରେ ଗୋଡ଼ିବାରୀ ନିକଟ ଜଙ୍ଗଲରେ କୌଣସି କାରଣରୁ ନିଆଁ ଲାଗିଥିଲା। ଖବରପାଇ ବନ୍ୟପ୍ରାଣୀ ବିଭାଗର ଫାୟାରସ୍କ୍ୱାଡ୍ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଛନ୍ତି। ନିଆଁରେ ବଡ଼ ବଡ଼ ଗଛ ଜଳିଯାଇଛି। ଜଙ୍ଗଲ ବିଭାଗ ପକ୍ଷରୁ ଦେଢ଼ଏକର ପରିମିତ ଜଙ୍ଗଲରେ ନିଆଁ ଲାଗିଥିବା କୁହାଯାଉଥିବା ବେଳେ ନିଆଁର ପ୍ରକୋପକୁ ଦେଖିଲେ ୪ରୁ ୫ଏକର ପରିମିତ ଜଙ୍ଗଲରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଅଦ୍ୟାବଧି ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇ ନ ଥିବା ବେଳେ ଅଗ୍ନିଶମ ବାହିନୀ ପକ୍ଷରୁ ୨ଟି ଦମକଳ ଓ ୪୦ଜଣ ବନ କର୍ମଚାରୀ ଏହି ନିଆଁ ଲିଭା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସେହିପରି ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲରେ ରବିବାର ରାତିରେ ଦୁଇଟି ପଏଣ୍ଟରେ ନିଆଁ ଲାଗି ପ୍ରାୟ ୧୨ହେକ୍ଟର ପରିମିତ ଅଞ୍ଚଳର ଗଛଲତା ଜଳିଯାଇଛି। ବୋଲଗଡ଼ ପଞ୍ଚାୟତ ମରଦାବାଡ଼ି ଗ୍ରାମ ପଙ୍କାଳ ସାହି ନିକଟ ଏହି ଜଙ୍ଗଲରେ ନିଆଁ ଲାଗିଥିବା ଖବରପାଇ ବନପାଳ ପ୍ରଦୀପ ପଟ୍ଟନାୟକ ବିଭାଗୀୟ କର୍ମଚାରୀଙ୍କ ସହ ସୋମବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିଛନ୍ତି। ବୋଲଗଡ଼ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ ମଧ୍ୟ ପାହାଡ଼ର ଉପର ଭାଗରେ ନିଆଁ ବ୍ୟାପିଥିବାରୁ ସେଠାରେ ଦମକଳ ଗାଡ଼ି ପହଞ୍ଚିବା ସମ୍ଭବ ହେଉନାହିଁ। ତେଣୁ ବନବିଭାଗ କର୍ମଚାରୀମାନେ ବ୍ଲୋୟର ମେସିନ ସାହାଯ୍ୟରେ ପାଣି ସ୍ପ୍ରେ କରି ଏବଂ ଡାଳପତ୍ର ପକାଇ ନିଆଁକୁ ଆୟତ୍ତ କରିବାକୁ ୧୫ଘଣ୍ଟା ଧରି ଉଦ୍ୟମ ଜାରି ରଖିଛନ୍ତି। ନିଆଁ ସମ୍ପୂର୍ଣ୍ଣ ଲିଭି ନ ଥିବା ବେଳେ ଏଥିରେ ବହୁ ମୁଲ୍ୟବାନ ଗଛ ଜଳିଯିବା ସହ ଜଙ୍ଗଲି ଜନ୍ତୁମାନେ କ୍ଷତିଗ୍ରସ୍ତ ହୋଇଥିବାର ସୂଚନା ମିଳିଛି। ତେବେ ଏହି ନିଆଁ ନୟାଗଡ଼ ରେଞ୍ଜ ଅନ୍ତର୍ଗତ ସୁଳିଆ ସଂରକ୍ଷିତ ଜଙ୍ଗଲରୁ ବ୍ୟାପିଥିବା ବେଳେ ପ୍ରାୟ ୮୦୦ ହେକ୍ଟର ପାଞ୍ଚଗଡ଼ ସଂରକ୍ଷିତ ଜଙ୍ଗଲ ପ୍ରତି ବିପଦ ସୃଷ୍ଟି ହୋଇଥିବା ବନପାଳ ପଟ୍ଟନାୟକ କହିଛନ୍ତି।

## ଶିମିଳିପାଳରେ ମାଡ଼ି ଚାଲିଛି ନିଆଁ

**ବାରିପଦା,୨୨।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ ବ୍ୟାପିବାରେ ଲାଗିଛି। ଗୋଟିଏ ପଟୁ ଆୟତ୍ତ କରାଯାଉଥିବାବେଳେ ଅନ୍ୟପଟେ ହୁହୁ ହୋଇ ଜଳୁଛି। ବାୟୁମଣ୍ଡଳ ତାତି ଓ ବନାଗ୍ନି ପ୍ରକୋପରେ ଜୀବଜନ୍ତୁ ପ୍ରାଣ ବିକଳରେ ଏପଟ ସେପଟ ଦୌଡୁଛନ୍ତି। ଶିମିଳିପାଳ ଅଭୟାରଣ୍ୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଦକ୍ଷିଣ ଓ ଉତ୍ତର ଡିଭିଜନରେ ନିଆଁ ମାଡ଼ିଚାଲିଛି। ବନ କର୍ମଚାରୀ, ଏସ୍‌ଟିଏଫ୍, ଦମକଳ ବାହିନୀ ଏବଂ ଓଡ୍ରାଫ ଟିମ୍ ନିଆଁକୁ ଆୟତ୍ତ କରିବାରେ ଲାଗିଛନ୍ତି। ବନାଗ୍ନିର ତାତି ଜୀବଜଗତକୁ ପ୍ରଭାବିତ କରିଛି। ସୋମବାର ଜିଲାରେ ପାରଦ ୪୨° ଛୁଇଁଥିଲା। ଅପରାହ୍ନରେ ସୁଲୁସୁଲିଆ ପବନ ବହିବାରୁ ଜଙ୍ଗଲ ନିଆଁ ଅଣାୟତ୍ତ ହୋଇପଡ଼ିଛି। ୩ ଦିନ ମଧ୍ୟରେ ୪୪ ଫାୟାର ପଏଣ୍ଟ ଚିହ୍ନଟ ହୋଇଥବା ବେଳେ ଚଳିତ ବର୍ଷ ଅଦ୍ୟାବଧି ୧୪୭ ଫାୟାର ପଏଣ୍ଟ ଚିହ୍ନଟ କରାଯାଇଛି। ନିଆଁ ଲାଗିବା ଖବର ମିଳିବା ପରେ କର୍ମଚାରୀମାନେ ପହଞ୍ଚି ଲିଭାଇବା ପାଇଁ ଚେଷ୍ଟା ଜାରି ରଖୁଛନ୍ତି।



## ଆମେରିକାରେ କାର୍ ଦୁର୍ଘଟଣା: ୨ ଭାରତୀୟ ଛାତ୍ର ମୃତ

ୱାଶିଂଟନ: ଆମେରିକାର ଏରିଜୋନା ପ୍ରଦେଶର ଫିନିକ୍ସ ସହରରେ ସୋମବାର ଏକ ସଡ଼କ ଦୁର୍ଘଟଣା ଘଟି ୨ ଜଣ ଭାରତୀୟ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଦ୍ରୁତ ଗତିରେ ଯାଉଥିବା ଏକ ଗାଡ଼ି ଏହି ୨ ଛାତ୍ରଙ୍କ କାର୍‌କୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଛି। ମୃତ ୨ ଭାରତୀୟ ଛାତ୍ର ମୁକ୍କା ନିବେଶ(୧୯) ଓ ଗୌତମ ପାରସୀ(୧୯) ତେଲଙ୍ଗାନାର ହୋଇଥିବା ସୂଚନା ମିଳିଛି। ତେଲଙ୍ଗାନା କରିମନଗର ଜିଲା ହୁଜୁରାବାଦ ସହରର ଏହି ୨ ଛାତ୍ର ଏରିଜୋନା ଷ୍ଟେଟ୍ ୟୁନିଭର୍ସିଟିରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ପଢୁଥିଲେ।

### ସଂକ୍ଷେପରେ

## ଆଇନସେବା ପ୍ରାଧିକରଣ ପକ୍ଷରୁ ସତ୍ୟପାଠ ଦାଖଲ

### ହାଇକୋର୍ଟରେ ଜେଲ ସଂସ୍କାର ମାମଲା

**କଟକ,୨୨।୪ (କାର୍ତ୍ତିକ ସାହୁ)**

ରାଜ୍ୟର ବିଭିନ୍ନ ଜେଲ୍‌ର ସଂସ୍କାରକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ସୋମବାର ହୋଇଛି। ଜାମିନ ପାଇବା ସତ୍ତ୍ୱେ ମୁକୁଳି ପାରୁ ନ ଥିବା କଏଦୀଙ୍କ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପ ସଂକ୍ରାନ୍ତରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ସତ୍ୟପାଠ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ଏଭଳି ସତ୍ୟପାଠ ଉପରେ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ମାମଲାର ଶୁଣାଣି ପାଇଁ ମଙ୍ଗଳବାରକୁ ଧାର୍ଯ୍ୟ କରାଯାଇଛି। ସୂଚନାଯୋଗ୍ୟ, ଜାମିନ୍ ପାଇ ବେଲ୍‌ବଣ୍ଡ ଦାଖଲ କରି ନ ଥିବାରୁ ୪୪୪ଜଣ କଏଦୀ ଜେଲ୍‌ରୁ ମୁକୁଳି ପାରୁ ନ ଥିବା ନେଇ ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ପୂର୍ବ ଶୁଣାଣିବେଳେ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା।

## ଓଏଫ୍‌ଡିସି, କଳିଙ୍ଗ ଷ୍ଟୁଡିଓର ସ୍ୱାଧୀନ ନିର୍ଦ୍ଦେଶକ ହେବେ ସବ୍ୟସାଚୀ ମହାପାତ୍ର

**କଟକ,୨୨।୪ (କାର୍ତ୍ତିକ ସାହୁ)**

ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ରଙ୍କୁ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ଏବଂ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟୁଡିଓର ସ୍ୱାଧୀନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦେବା ପାଇଁ ମନୋନୀତ କରାଯାଇଛି। ଏନେଇ ନିଗମର ପତ୍ରସଂଖ୍ୟା ୨୮୯/୨୪ରେ ମହାପାତ୍ରଙ୍କୁ ଅବଗତ କରାଯାଇଛି। ରାଜ୍ୟ ସରକାରଙ୍କ ପତ୍ରସଂଖ୍ୟା ୪୬୬/୨୪ ଆଧାରରେ ମହାପାତ୍ରଙ୍କୁ ଉଭୟ ଅନୁଷ୍ଠାନର ଖାଲି ଥିବା ଉକ୍ତ ପଦବୀରେ ନିଯୁକ୍ତି ପ୍ରଦାନ ପାଇଁ ନିଜର ସମ୍ମତିପତ୍ର ସହିତ ପର୍ସନାଲ ପ୍ରୋଫାଇଲ୍ ଦାଖଲ କରିବା ନିମନ୍ତେ ଅନୁରୋଧ କରାଯାଇଛି।

## ୯ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୨୨।୪ (ଦୁର୍ଯ୍ୟୋଧନ ପାତ୍ର)**

ଆନ୍ଧ୍ରପ୍ରଦେଶ ଆଲୁରି ସୀତାରାମାରାଜୁ ଜିଲା ଛତିଶଗଡର ୬ ଓ ସୁକ୍‌ମା ପୋଲିସ ନିକଟରେ ୩ ମାଓବାଦୀ ସୋମବାର ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କୁ ଧରିବା ଲାଗି ସରକାରଙ୍କ ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଥିଲା। ସେମାନେ ହେଲେ ଛତିଶଗଡ ସୁକ୍‌ମା ଜିଲା ଗଗନପାଲ୍ଲୀ ଗ୍ରାମର ୫ ଲକ୍ଷ ପୁରସ୍କାର ଘୋଷିତ କୋହାରାମ ମିଥିଲେସ୍ ଓରଫ ରାଜା, ସୁନମପେଣ୍ଟା ଗ୍ରାମର ୪ ଲକ୍ଷ ପୁରସ୍କାର ଘୋଷିତ ବାର୍ସେ ମାସା, ରାମାରାମ ଗ୍ରାମର ୪ଲକ୍ଷ ପୁରସ୍କାର ଘୋଷିତ ବେଟି ଭୀମା, ପାଲମାଡୁଗୁ ଗ୍ରାମର ୪ ଲକ୍ଷ ପୁରସ୍କାର ଘୋଷିତ ବାଞ୍ଜାମ୍ ରାମେ ଓରଫ କମଳା, ସିଙ୍ଗାନାମାଡୁଗୁ ଗ୍ରାମର ୧ ଲକ୍ଷ ପୁରସ୍କାର ଘୋଷିତ ମଡକମ୍ ସୁକି, ଆଲମପାଲ୍ଲୀ ଗ୍ରାମର ଦୁଡି ସୋନୀ। ଏମାନେ ଛତିଶଗଡ଼ କିସ୍ତାରାମ ଏରିୟା କମିଟିର ସଦସ୍ୟ ଥିଲେ। ଆନ୍ଧ୍ର ସୀତାରାମାରାଜୁ ଜିଲା ଏସ୍‌ପି ତୁହିନ ସିହ୍ନା ଓ ବିଶାଖାପାଟଣା ଡିଆଇଜି ବିଶାଲ ଗୁନ୍ନିଙ୍କ ନିକଟରେ ଆତ୍ମ ସମର୍ପଣ କରିଛନ୍ତି। ସେହିପରି ସୁକ୍‌ମା ପୋଲିସ ନିକଟରେ ୧ ଲକ୍ଷ ପୁରସ୍କାର ଘୋଷିତ ୨ ମାଓବାଦୀଙ୍କ ସହ ୩ ଜଣ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ଡିଏକେଏମ୍‌ଏସ୍ ଅଧ୍ୟକ୍ଷ କବାସୀ ହୁଙ୍ଗା, ଉପୋ ଭୀମା ଓ କେଏଏମ୍‌ଏସ୍ ଅଧ୍ୟକ୍ଷା ହେମଲା ଶାନ୍ତି। ଏମାନେ ସୁକ୍‌ମା ଅତିରିକ୍ତ ଏସ୍‌ପି ମନୀଷ ରାତ୍ରେ, ୭୪ ବାଟାଲିୟନ ସିଆରପିଏଫ୍ ବାହିନୀ ସହାୟକ କମାଣ୍ଡର କୀରତ ସିଂ ବେପାରୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି।

## ବିଦ୍ୟୁତ ଆଘାତରେ ବାପା ମୃତ, ପୁଅ ଗୁରୁତର

**ହିଞ୍ଜିଳିକାଟୁ, ୨୨।୪(ଦ୍ୱିତୀକୃଷ୍ଣ ପଣ୍ଡା)**

ହିଞ୍ଜିଳି ଥାନା ତଥା ସାନଖେମୁଣ୍ଡି ବ୍ଲକ ଆଡ଼ପଡ଼ା ଗ୍ରାମରେ ସୋମବାର ସକାଳେ ପରିବା ବାଡ଼ରେ ଛିଡ଼ିପଡ଼ିଥିବା ଏକ ଉଚ୍ଚଶକ୍ତି ସମ୍ପନ୍ନ ତାର ସଂସ୍ପର୍ଶରେ ଆସି ବାପାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କୁ ଉଦ୍ଧାର କରିବାକୁ ଯାଇ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ଆଡପଡ଼ା ଗ୍ରାମର କୋରା ବେହେରା (୬୫) ଓ ଗୁରୁତର ଆହତ ତୋଫାନ(୪୨)। ଆଡପଡ଼ା ଫାଣ୍ଡି ପୋଲିସ ପହଞ୍ଚି ବାପା ଓ ପୁଅଙ୍କୁ ଉଦ୍ଧାର କରି ଆଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କୋରାଙ୍କୁ ମୃତ ଘୋଷଣା କରିଥିଲେ। ତୋଫାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।



ପ୍ରବଳ ଖରା: କଟକ ମାତାମଠ ରିଂ ରୋଡ୍ ପାର୍ଶ୍ୱରେ ସୋମବାର ଲୋକମାନେ ତାଳସଜ କିଣି ଖାଉଛନ୍ତି। (ଫଟୋ: ରାଜ କିଶୋର ମହାନ୍ତି)

# ତନାଘନା ପରେ ଫେରିଲା ୫ କୋଟି

### ଡିଏମ୍‌ଏଫ୍ ଆକାଉଣ୍ଟରୁ ସାଢ଼େ ୯କୋଟି ହଡ଼ପ ଘଟଣା

### ବ୍ୟାଙ୍କ-ବିଭାଗ କର୍ମଚାରୀଙ୍କ ସମ୍ପୃକ୍ତି ନେଇ ଖୋଳତାଡ଼

**ବାରିପଦା,୨୨।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ପରିଷଦ ଦ୍ୱାରା ପରିଚାଳିତ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ଆକାଉଣ୍ଟରୁ ଚଞ୍ଚକତା ପୂର୍ବକ ହଡ଼ପ ହୋଇଥିବା ସାଢ଼େ ୯ କୋଟିରୁ ଅର୍ଦ୍ଧାଧିକ ଟଙ୍କା ରିକଭରି ହୋଇଛି। କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ର ତନାଘନା ପରେ ୫,୦୪,୦୬,୯୦୦ ଟଙ୍କା ଫେରିଛି। ଅବଶିଷ୍ଟ ଟଙ୍କା ବ୍ୟାଙ୍କ ଫେରାଇବା ପାଇଁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଘଟଣା ଲୋକଲୋଚନକୁ ଆସିବା ପରେ ଜିଲାରେ ନକଲି ଚେକ୍ ଦ୍ୱାରା ଟଙ୍କା ଲୁଟ୍ ର୍‍ୟାକେଟ ସକ୍ରିୟ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

ଡିଏମ୍‌ଏଫ୍ ପାଣ୍ଠିରୁ ଟଙ୍କା ହଡ଼ପ ଅଭିଯୋଗ ପରେ ଇଓଡବ୍ଲ୍ୟୁ ତଦନ୍ତ ଆରମ୍ଭ କରିଥିଲା। ବ୍ୟାଙ୍କର ସିସିଟିଭି ଯାଞ୍ଚ କରିବାରୁ ୨ଜଣ ବ୍ୟକ୍ତି ହେଲମେଟ ପିନ୍ଧି ବ୍ୟାଙ୍କରେ ପଶିଥିଲେ। ହିନ୍ଦୀରେ କଥାବାର୍ତ୍ତା କରି ଉକ୍ତ ଚେକ୍ ପ୍ରଦାନ କରିଥିଲେ। ବ୍ୟାଙ୍କ କର୍ମଚାରୀ କୌଣସି ଯାଞ୍ଚ ନ କରି ଟଙ୍କା ପୈଠ କରିଦେଇଥିଲେ। ତେବେ ବିପୁଳ ପରିମାଣର ଟଙ୍କା ଟ୍ରାନ୍ସଫର ହେବା ସମ୍ପର୍କରେ ଶାଖା ପରିଚାଳକ ଜାଣିବା ପରେ ଥାନାରେ ଏତଲା ଦେଇଥିଲେ। ଯେଉଁ ୪ଟି ଚେକ୍‌ରେ ଟଙ୍କା ଉଠାଯାଇଛି ସେହି ଚେକ୍‌ଗୁଡ଼ିକ ଅଦ୍ୟାବଧି ଜିଲା ପ୍ରଶାସନ ପାଖରେ ଗଚ୍ଛିତ ରହିଛି। ତେବେ ଚେକ୍ ନମ୍ବର ଓ ଜମାଖାତାରେ ରହିଥିବା ଟଙ୍କା ସମ୍ପର୍କରେ ଲୁଟେରାମାନେ କିପରି ଜାଣିଲେ ତାହାକୁ ନେଇ ସନ୍ଦେହ ଉପୁଜିଛି। ଅନ୍ୟପକ୍ଷରେ ବ୍ୟାଙ୍କରୁ ଟଙ୍କା ଉଠିବା ପରେ ମୋବାଇଲକୁ ଆସୁଥିବା ମେସେଜକୁ ମଧ୍ୟ ବଦଳାଇ ଦିଆଯାଇଛି। ଜିଲାପାଳଙ୍କ ନକଲି ପ୍ୟାଡ୍‌କୁ ବ୍ୟବହାର କରି ମୋବାଇଲ ନମ୍ବର ବଦଳାଇ ଅନ୍ୟ ମୋବାଇଲ ନମ୍ବର ଦିଆଯାଇଛି। ଟଙ୍କା ହଡ଼ପ ପୂର୍ବରୁ ଏଭଳି ସୁଚିନ୍ତିତ ଯୋଜନା କରାଯାଇଥିବା ତଦନ୍ତରୁ ଜଣାପଡ଼ିଛି। ଚେକ୍ ନମ୍ବର ଦେଇଥିବା ବ୍ୟକ୍ତି ଓ ବ୍ୟାଙ୍କ କର୍ମଚାରୀଙ୍କ କାର୍ଯ୍ୟକଳାପରେ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇବା ପାଇଁ ମୟୂରଭଞ୍ଜ ଜିଲାପାଳ ଓ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦସ୍ତଖତ ଆବଶ୍ୟକ ଥିବା ବେଳେ କେବଳ ଜିଲାପାଳଙ୍କ ଦସ୍ତଖତରେ କୋଟି କୋଟି ଟଙ୍କା ଟ୍ରାନ୍ସଫର କରାଯାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷ ଟଙ୍କା ଟ୍ରାନ୍ସଫର କରିବା ପୂର୍ବରୁ ଜିଲା ପ୍ରଶାସନ ସହ କଥା ନ ହେବା ତଥା କିଛି ସୂଚନା ନ ଦେବା ଆଶ୍ଚର୍ଯ୍ୟଚକିତ କରିଛି। ତଦନ୍ତ ବେଳେ ଉକ୍ତ ଚେକ୍‌ଗୁଡ଼ିକ ନକଲି ବୋଲି ଜଣାପଡ଼ିବାରୁ ଇଓଡବ୍ଲ୍ୟୁ ଖୋଳତାଡ଼ ଜାରି ରଖିଛି।

ଏ ସଂକ୍ରାନ୍ତରେ ଜିଲାପାଳ ଶିନ୍ଦେ କହନ୍ତି, ୨ବର୍ଷ ଧରି ଚେକ୍‌ରେ ଟଙ୍କା ପୈଠ କରାଯାଉନାହିଁ। ଯେଉଁ ଚେକ୍ ମାଧ୍ୟମରେ ଟଙ୍କା ଉଠାଯାଇଛି ସେଗୁଡ଼ିକ ବିଭାଗ ପାଖରେ ରହିଛି। କେବଳ ଏକ୍ସିକ୍ୟୁଟିଭ୍ ଏଜେନ୍ସିକୁ ଅର୍ଥ ପୈଠ କରାଯାଉଥିବା ବେଳେ କୌଣସି ପ୍ରାଇଭେଟ କମ୍ପାନୀକୁ ଉକ୍ତ ଟଙ୍କା ଦିଆଯାଇ ନ ଥାଏ। ଯେଉଁ ଟଙ୍କା ପ୍ରଦାନ କରାଯାଏ ସେଗୁଡିକ ଫରୱାର୍ଡ଼ିଂ ଲେଟର (ଅଗ୍ରିମ ଚିଠି)ମାଧ୍ୟମରେ ଅବଗତ କରାଯିବା ପରେ ପୈଠ ହୋଇଥାଏ। ମାତ୍ର ବିଭାଗ ପକ୍ଷରୁ ସେଭଳି କୌଣସି ଲିଖିତ ଆଦେଶ ନ ଥିବା ବେଳେ ଏତେ ପରିମାଣର ଟଙ୍କା ପୈଠ ସମ୍ପର୍କରେ ବ୍ୟାଙ୍କ କୌଣସି ସୂଚନା ପ୍ରଦାନ କରିନାହିଁ। ନିର୍ବାଚନ ଆଚରଣବିଧି ଲାଗୁ ହେବା ପରେ ଏତେ ପରିମାଣର ଟଙ୍କା ପୈଠ କରାଯାଇ ନ ଥାଏ। ମାତ୍ର ତାହାକୁ ମଧ୍ୟ ଠିକ୍ ଭାବେ ତନଖି କରା ନ ଯାଇ ବ୍ୟାଙ୍କ ଟଙ୍କା ପୈଠ କରିଛି। ତେବେ ଉଦ୍ଧାର ହୋଇଥିବା ଟଙ୍କାକୁ ଅନ୍ୟ ଏକ ନୂତନ ଖାତାରେ ଜମା ରଖାଯାଇଛି। ତେବେ ଅଫିସର ତଥ୍ୟ ପ୍ରଘଟ କରିବା ଓ ଲୁଟେରାଙ୍କ ସହ ମିଳିମିଶି ଟଙ୍କା ହଡ଼ପ ଘଟଣାର ଦୋଷୀ ଧରାପଡ଼ିବା ପରେ ପ୍ରକୃତ ରହସ୍ୟ ଉନ୍ମୋଚିତ ହେବ ବୋଲି କୁହାଯାଉଛି।

# ବୈଶ୍ୱିକ ଖ୍ୟାତି ହାସଲ ଦିଗରେ ଭାରତର ଗୁରୁତ୍ୱପୂର୍ଣ୍ଣ ଯାତ୍ରା ଜାରି

**ଭୁବନେଶ୍ୱର, ୨୨।୪ (ବନ୍ଦନା ସେଠୀ)**

ସାମାଜିକ-ଆର୍ଥିକ ବିକାଶ ଏବଂ ବିଶ୍ୱସ୍ତରୀୟ ପ୍ରମୁଖତା ହାସଲ ଅଭିମୁଖେ ଜାରି ରହିଥିବା ଯାତ୍ରାରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତରେ ଛିଡ଼ା ହୋଇଛି। ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଲକ୍ଷ୍ୟ ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ରଖିଥିବା ଲକ୍ଷ୍ୟ ପୂରଣ ପାଇଁ ପ୍ରଶାସନିକ କର୍ମଚାରୀମାନେ ଅର୍ଥପୂର୍ଣ୍ଣ ପରିବର୍ତ୍ତନ ଆଣିବା, ସୁଶାସନର ନୀତିକୁ ବଜାୟ ରଖିବା ଏବଂ ନାଗରିକଙ୍କୁ ଦକ୍ଷ ଓ ପ୍ରଭାବଶାଳୀ ସେବା ପ୍ରଦାନ କରିବା ପାଇଁ ସଶକ୍ତ ହେବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର କହିଛନ୍ତି। ଭାରତର ପ୍ରଶାସନିକ ସେବାର ଦକ୍ଷତା ବୃଦ୍ଧି ଆବଶ୍ୟକତା ଉପରେ ଏକ କେନ୍ଦ୍ରୀୟ ପ୍ରଶିକ୍ଷଣ ଅନୁଷ୍ଠାନ (ସିଟିଆଇ) ପକ୍ଷରୁ ଆୟୋଜିତ କର୍ମଶାଳାକୁ ସୋମବାର ଭର୍ଚୁଆଲରେ ସମ୍ବୋଧିତ କରି ମିଶ୍ର କହିଛନ୍ତି, ସରକାର ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ଉପରେ ଗୁରୁତ୍ୱ ଦେଉଥିବାବେଳେ ଜନସଂଖ୍ୟାର ଏକ ବଡ଼ ଅଂଶ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବାରୁ ସରକାରଙ୍କଠାରୁ ସେମାନଙ୍କ ଆଶା ଭିନ୍ନ ରହିଛି। ଆଜିର ଆକାଂକ୍ଷୀ ଭାରତ ପାଇଁ ସରକାରଙ୍କୁ ସହାୟକ ହେବାକୁ ପଡିବ। ନିୟାମକ ପରିବର୍ତ୍ତେ ଆମକୁ ସମର୍ଥକ ହେବାକୁ ପଡିବ। ଏକ ବିଶାଳ ମାନବ ସମ୍ବଳର ରକ୍ଷକ ଭାବେ ଭାରତ ସରକାରଙ୍କ ପାଇଁ ଏହା ସବୁଠାରୁ ବଡ଼ ଆହ୍ୱାନ। ପ୍ରଶିକ୍ଷଣ ଅନୁଷ୍ଠାନଗୁଡିକ ସେମାନଙ୍କ ପ୍ରଶିକ୍ଷଣ ଡିଜାଇନ୍‌ରେ ଗୁଣାତ୍ମକ ଉନ୍ନତି ଆଣିବାକୁ ମିଶ୍ର ପରାମର୍ଶ ଦେଇଥିଲେ। ସେହିପରି ସିଟିଆଇ ନିଜ ବିଭାଗ ପାଇଁ ସମସ୍ୟା ସମାଧାନକାରୀ ହେବା, ସେମାନଙ୍କ ଦକ୍ଷତା କ୍ଷେତ୍ରରେ ଏକ ଇକୋସିଷ୍ଟମ ବିକଶିତ କରିବା ଏବଂ ଜ୍ଞାନକେନ୍ଦ୍ରରେ ପରିଣତ ହେବା ପାଇଁ ସକ୍ରିୟ ଭାବେ କାର୍ଯ୍ୟ କରିବା ଉଚିତ ବୋଲି କହିଥିଲେ। ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନ ସହ ସହଯୋଗ କରିବା ଏବଂ ତା'ପରେ ଏହି ସିଟି ଜ୍ଞାନ କେନ୍ଦ୍ରଗୁଡିକୁ ଦକ୍ଷତା ବିକାଶ ଇକୋସିଷ୍ଟମରେ ଯୋଗଦାନ କରିବା ପାଇଁ ପ୍ରଶିକ୍ଷଣ ଦେବାକୁ ପରାମର୍ଶ ଦେଇଥିଲେ। ସରକାରୀ କର୍ମଚାରୀଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ଢାଞ୍ଚାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହ ପରିବର୍ତ୍ତିତ ସମୟରେ ଆହ୍ୱାନର ମୁକାବିଲା କରିବା ପାଇଁ ଦକ୍ଷତା ବିକାଶ ପଦକ୍ଷେପକୁ ପାରମ୍ପରିକ ପ୍ରଶିକ୍ଷଣ ଢାଞ୍ଚାରୁ ଆଗକୁ ଯିବାକୁ ପଡିବ ବୋଲି ସେ କହିଥିଲେ। କର୍ମଶାଳାରେ ଦକ୍ଷତା ବୃଦ୍ଧିର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରାଯାଇଥିଲା।

## 'ହିଙ୍ଗୁଳା ଯାତ୍ରା ଭରସା ଓ ବିଶ୍ୱାସର ଅନନ୍ୟ ପରମ୍ପରା'

**ତାଳଚେର, ୨୨।୪ (ମନୋଜ ନନ୍ଦ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିସ୍ୱରୂପା ମା' ହିଙ୍ଗୁଳାଙ୍କ ନବଦିନାତ୍ମକ ଯାତ୍ରାରେ ସାମିଲ ହୋଇ ଉଭାସ୍ଥଳରେ ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଅଗ୍ନିରୂପା ମା' ହେଉଛନ୍ତି ଶ୍ରୀକ୍ଷେତ୍ର ରୋଷଘର ଠାକୁରାଣୀ। ମା'ଙ୍କ ଦର୍ଶନ ସହ ଉଭାସ୍ଥଳରେ ପୂଜାର୍ଚ୍ଚନା ସୌଭାଗ୍ୟର ବିଷୟ। ମା'ଙ୍କ ଏହି ପରମ୍ପରା ଭକ୍ତଙ୍କ ଭରସା ଓ ବିଶ୍ୱାସର ପ୍ରତୀକ। ମା'ଙ୍କ ଆଶୀର୍ବାଦରେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ପୂରଣ ହେଉ। ଓଡ଼ିଆ ଅସ୍ମିତା ସର୍ବଦା ବଜାୟ ରହିବା ସହ ସମସ୍ତ ଶ୍ରଦ୍ଧାଳୁଙ୍କ ମନୋସ୍କାମନା ପୂରଣ ହେଉ ବୋଲି ମା'ଙ୍କ ପାଖରେ ପ୍ରାର୍ଥନା କରିଥିଲେ କେନ୍ଦ୍ରମନ୍ତ୍ରୀ। ଏଥିସହ ଶ୍ରଦ୍ଧାଳୁମାନଙ୍କୁ ସେ ପ୍ରସାଦ ବିତରଣ କରିଥିଲେ। ପଡ଼ିଆରେ ପଡ଼ିଥିବା ଷ୍ଟଲ ବୁଲି ଝୁଣା ଓ ଘରୋଇ ଉପକରଣ କିଣିଥିଲେ। ସେବାକାର୍ଯ୍ୟରେ ନିୟୋଜିତ 'ଓଡ଼ିଶା ଡ୍ରାଇଭର ମହାସଂଘ'ର କର୍ମଚାରୀମାନଙ୍କୁ ଭେଟି କାର୍ଯ୍ୟକୁ ପ୍ରଶଂସା କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ସହ ତାଙ୍କ ସ୍ତ୍ରୀ ତଥା ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ, ଭାଜପା ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣି, ତାଳଚେର ବିଧାନସଭା ପ୍ରାର୍ଥୀ କାଳନ୍ଦୀ ସାମଲ, ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା, ଅନୁଗୋଳ ଜୋନ୍ ମିଡିଆ ସେଲ୍ ସଂଯୋଜକ ପର୍ଶୁରାମ ବାରିକ, ହିଙ୍ଗୁଳା ମଣ୍ଡଳ ସଭାପତି ରାଜେନ୍ଦ୍ର ସିଂହ, ଶ୍ରମିକ ନେତା ଅରୁଣ କୁମାର ପ୍ରଧାନଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହାପରେ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଲେଇ ଗ୍ରାମରେ ଥିବା ମା' କଳାପାଟ ମନ୍ଦିର, ତୁବେ ପଞ୍ଚାୟତର ମା' ହିଙ୍ଗୁଳା ମନ୍ଦିର, ମହାପ୍ରଭୁ ବ୍ରଜମୋହନ ମନ୍ଦିରକୁ ଯାଇ କେନ୍ଦ୍ରମନ୍ତ୍ରୀ ଦର୍ଶନ କରିଥିଲେ। ସ୍ଥାନୀୟ ଅଞ୍ଚଳର ଗୁରୁଜନ ଓ ମାତୃଶକ୍ତିଙ୍କୁ ଭେଟି ମୋଦିଙ୍କୁ ଦେଶରେ ତୃତୀୟ ଥର ପ୍ରଧାନମନ୍ତ୍ରୀ କରିବା ସହ ଓଡ଼ିଶାରେ ଭାଜପା ସରକାର କରିବା ପାଇଁ ସହଯୋଗ କାମନା କରିଥିଲେ।

## ସାହିତ୍ୟିକା ଶାନ୍ତିଲତା ନାଗଙ୍କ ପରଲୋକ

**ଭଦ୍ରକ,୨୨।୪(ସନାତନ ରାଉତ)**

ବିପ୍ଳବୀ ଚକ୍ରଧର ବେହେରାଙ୍କ ନାତୁଣୀ ତଥା ସ୍ୱାଧୀନତା ସଂଗ୍ରାମୀ, ଆଇନଜୀବୀ ସ୍ୱର୍ଗତ ଗୟାଧର ବାରିକଙ୍କ ବଡ଼ଝିଅ ସାହିତ୍ୟିକା ଶାନ୍ତିଲତା ନାଗ(୭୧)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଛି। ସନ୍ଧ୍ୟାରେ ସେ ଭଦ୍ରକ ସହର ପ୍ରାଚୀନଗରସ୍ଥିତ ତାଙ୍କ ଘରେ କୌଣସି କାରଣରୁ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସେ ଜଣେ ସାହିତ୍ୟିକା ସହ ପରିବେଶପ୍ରେମୀ ଓ ସ୍ନେହୀ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଭଦ୍ରକ ଜିଲାରେ ଶୋକର ଛାୟା ଖେଳିଯାଇଛି।



## ଭିଜିଲାନ୍ସ ଜାଲରେ ପ୍ରଧାନଶିକ୍ଷକ

**ବରଗଡ଼/ବରପାଲି,୨୨।୪ (ପ୍ରେମାନନ୍ଦ ଖମାରୀ/ ଚିତ୍ତରଞ୍ଜନ ସାହୁ)**



ଗିରଫ ପ୍ରଧାନଶିକ୍ଷକ ବାଳମୁକୁନ୍ଦ ପ୍ରଧାନ।

ବରଗଡ଼ ଜିଲା ବରପାଲି ଥାନା ଅନ୍ତର୍ଗତ କୁସନପୁରୀ ହାଇସ୍କୁଲ ପ୍ରଧାନଶିକ୍ଷକ ବାଳମୁକୁନ୍ଦ ପ୍ରଧାନ ସୋମବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ହାଇସ୍କୁଲର ସଫେଇ ଏବଂ ରାତ୍ରି ଜଗୁଆଳି କାର୍ଯ୍ୟର ପ୍ରାପ୍ୟରାଶି ପ୍ରଦାନ ପାଇଁ ଫାଇଲ୍ ପାସ୍ କରିବା ନେଇ ସେ ସ୍ଥାନୀୟ ଏକ ସ୍ୱୟଂ ସହାୟକ ଗୋଷ୍ଠୀଠାରୁ ୧୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଛନ୍ତି। ତାଙ୍କଠାରୁ ରାସାୟନିକ ପ୍ରଲେପ ଦିଆହୋଇଥିବା ନଗଦ ୧୪ ହଜାର ଟଙ୍କିଆ ନୋଟ୍ ଜବତ ହୋଇଛି। ପ୍ରଧାନ ଶିକ୍ଷକ ପ୍ରଧାନଙ୍କୁ ସମ୍ବଲପୁର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ୨୦୧୮ ଆମେଣ୍ଡମେଣ୍ଟ ଆକ୍ଟ ଧାରା-୭ରେ ଏକ ମାମଲା(ନଂ.୯/୨୦୨୪) ରୁଜୁ ହୋଇଛି। ପ୍ରକାଶ ଯେ, କୁସନପୁରୀ ହାଇସ୍କୁଲ ସଫେଇ ଏବଂ ରାତ୍ରି ଜଗୁଆଳି ଦାୟିତ୍ୱ ତୁଲାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସେମାନଙ୍କ ପ୍ରାପ୍ୟ ରାଶି ପାଇଁ ଉଦ୍ଦିଷ୍ଟ ଫାଇଲ୍ ପାସ୍ କରିବାକୁ ପ୍ରଧାନ ଶିକ୍ଷକ ବାଳମୁକୁନ୍ଦଙ୍କୁ ନିବେଦନ କରିଥିଲେ। ଫାଇଲ୍ ପାସ୍ କରିବା ପାଇଁ ସେ ୧୪ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଏ ନେଇ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାମାନେ ସମ୍ବଲପୁର ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଉପରୋକ୍ତ ମାମଲା ରୁଜୁ କରି ପ୍ରଧାନ ଶିକ୍ଷକଙ୍କୁ ଧରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ, ସମ୍ପୃକ୍ତ ପ୍ରଧାନ ଶିକ୍ଷକ ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କଠାରୁ ୧୪ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ଅତର୍କିତ ଚଢ଼ାଉ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ଡିଏସପି ହେମାମାଳିନୀ ନାୟକଙ୍କ ନେତୃତ୍ୱରେ ଭିଜିଲାନ୍ସ ଇନ୍ସପେକ୍ଟର ଦିଲୀପ କୁମାର ପ୍ରଧାନ, ସୁଷମା ପଶାୟତ, ଏଏସଆଇ ବିଜୟ କୁମାର ପ୍ରଧାନ, ବିଷ୍ଣୁପ୍ରସାଦ ଜାଲ, ତୁଷାରକାନ୍ତ ମହାପାତ୍ର ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ପଦ୍ମଶ୍ରୀ ଗ୍ରହଣ କଲେ ଗୋପୀନାଥ, ବିନୋଦ ପଶାୟତ

**ଭୁବନେଶ୍ୱର,୨୨।୪ (ଶର୍ମିଷ୍ଠା ପାଣିଗ୍ରାହୀ)**

ପଦ୍ମଶ୍ରୀ ଗ୍ରହଣ କଲେ ୨ ଓଡ଼ିଆ। କୃଷ୍ଣ ଲୀଳାର ସଙ୍ଗୀତକାର ଗୁରୁ ଗୋପୀନାଥ ସ୍ୱାଇଁ ଓ ସମ୍ବଲପୁରର ନାଟ୍ୟକାର ତଥା ଗୀତିକାର ବିନୋଦ ପଶାୟତଙ୍କୁ ସୋମବାର ରାଷ୍ଟ୍ରପତି ଭବନରେ ଆୟୋଜିତ ନାଗରିକ ସମ୍ମାନ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଛନ୍ତି। ପଦ୍ମ ପୁରସ୍କାରର ଏହା ପ୍ରଥମ ପର୍ଯ୍ୟାୟ। ଅନ୍ୟ ଏକ ପର୍ଯ୍ୟାୟରେ ଓଡ଼ିଶାର ଅନ୍ୟ ୨ଜଣ ପଦ୍ମଶ୍ରୀଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ ସାରା ଦେଶରୁ ବହୁ ବ୍ୟକ୍ତିତ୍ୱ ପଦ୍ମଭୂଷଣ ଓ ପଦ୍ମଶ୍ରୀ ପାଇବାକୁ ମନୋନୀତ ହୋଇଥିବାବେଳେ ପଦ୍ମଶ୍ରୀ ପୁରସ୍କାର ପାଇଁ ଓଡ଼ିଶାରୁ ୪ଜଣ ଚୟନ ହୋଇଥିଲେ।

ଲୋକକଳାର ବର୍ଷୀୟାନ ଗୁରୁ ଗୋପୀନାଥ ସ୍ୱାଇଁ ୧୦୬ବର୍ଷ ବୟସରେ ପଦ୍ମଶ୍ରୀ ଗ୍ରହଣ କରିଛନ୍ତି। କୃଷ୍ଣଲୀଳା ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଗଞ୍ଜାମ ଜିଲା ଶେରଗଡ଼ ବ୍ଲକର ଗୋବିନ୍ଦପୁର ଗ୍ରାମରେ ୧୯୧୮ରେ ଗୋପୀନାଥଙ୍କର ଜନ୍ମ। ୧୦ବର୍ଷ ବୟସରୁ ସେ କୃଷ୍ଣ ଲୀଳା ଶିଖିବା ଆରମ୍ଭ କରିଥିଲେ। କୃଷ୍ଣଙ୍କ ଅଭିନୟ କରିବା ସହ ଗୀତ ବୋଲୁଥିଲେ। ପରେ ସେ ଗୁରୁ ଭାବେ ଅନ୍ୟମାନଙ୍କୁ ଶିଖାଇବା ଆରମ୍ଭ କଲେ। ଲୋପ ପାଇଯାଉଥିବା ଅନେକ ରାଗକୁ ସେ ତାଙ୍କ ପ୍ରଦର୍ଶନରେ ପୁଣି ଉଜ୍ଜୀବିତ କରିଛନ୍ତି। ଏବେ ବି ସେ ସୁସ୍ଥ ଅଛନ୍ତି ଓ ନିଜର କାର୍ଯ୍ୟ ଜାରି ରଖିଛନ୍ତି। ଲଗାତାର ୧୨ ଘଣ୍ଟା ଧରି ଗୀତ ଗାଇପାରୁଛନ୍ତି।

ସେହିପରି ବିନୋଦ ପଶାୟତଙ୍କ ଜନ୍ମ ବଲାଙ୍ଗୀରରେ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ସମ୍ବଲପୁରରେ ବାସ କରିଥିଲେ। ସେ ଜଣେ ସମ୍ବଲପୁରୀ ଲେଖକ ଭାବେ ଜଣାଶୁଣା। ସେ ଅନେକ ସମ୍ବଲପୁରୀ ଗୀତ ଲେଖିବା ସହ ଜଣେ ନାଟ୍ୟକାର ଭାବରେ ମଧ୍ୟ ପ୍ରସିଦ୍ଧି ଲାଭ କରିଛନ୍ତି। ୧୯୮୧ରେ ରାଉରକେଲା ଓ ୧୯୮୨ରେ ସମ୍ବଲପୁରରେ ମଞ୍ଚସ୍ଥ ହୋଇଥିବା 'ଉଖି' ନାଟକ ସମ୍ବଲପୁରୀ ନାଟକ ଜଗତରେ ବିପ୍ଳବ ଆଣିପାରିଥିଲା। ସେ ଜଣେ ଆକାଶବାଣୀ ଗୀତିକାର। ଯେତେବେଳେ ସମ୍ବଲପୁର ରେଡିଓ ଷ୍ଟେଶନ ପ୍ରତିଷ୍ଠା ହେଲା ସେତେବେଳେ ଅନୁମୋଦିତ ଗୀତିକାରଙ୍କ ମଧ୍ୟରେ ସେ ପ୍ରଥମ ୫ଜଣଙ୍କ ମଧ୍ୟରେ ଥିଲେ।





ଗୁରୁ ଗୋପୀନାଥ ସ୍ୱାଇଁ ଓ ନାଟ୍ୟକାର ବିନୋଦ ପଶାୟତଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ୩ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲଦଣ୍ଡ

### ନାବାଳିକା ଗଣବଳାତ୍କାର ମାମଲା

**ସମ୍ବଲପୁର,୨୨।୪(ପ୍ରମୋଦ ବହିଦାର)**

ଏକ ନାବାଳିକା ଅପହରଣ, ଗଣବଳାତ୍କାର ମାମଲାର ବିଚାର କରି ସୋମବାର ସମ୍ବଲପୁର ଅତିରିକ୍ତ ସେସନ୍ସ ଓ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ବିଚାରପତି ୩ ଅଭିଯୁକ୍ତଙ୍କୁ ୨୦ବର୍ଷ ଜେଲଦଣ୍ଡ ସହିତ ୧ ଲକ୍ଷ ଟଙ୍କା ଲେଖାଏ ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଭିଯୁକ୍ତମାନଙ୍କୁ ଅଧିକ ଏକ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟ ଶୁଣାଇଛନ୍ତି ବିଚାରପତି ଅଭିଳାଷ ସେନାପତି। ତିନି ଅଭିଯୁକ୍ତ ହେଲେ ହୀରାକୁଦର ସଦାଶିବ ଭଏଁଷା, ନବୀନ ସାଲିମା ଓ ନାଥ ରକ୍ସା।

ସୂଚନା ଅନୁସାରେ ୨୦୧୬ ଏପ୍ରିଲ୍ ୮ ତାରିଖ ପୂର୍ବାହ୍ନରେ ଅଭିଯୁକ୍ତ ସଦାଶିବ ଭଏଁଷା ହୀରାକୁଦ ଅଞ୍ଚଳର ୧୬ବର୍ଷୀୟା ନାବାଳିକାଙ୍କୁ ସମ୍ବଲପୁର ରେମେଡ ଛକରୁ ଅପହରଣ କରିନେଇଥିଲେ। ସେ ନାବାଳିକାଙ୍କୁ ଏକ ବାଇକ୍‌ରେ ଝାରସୁଗୁଡା ଜିଲା ବ୍ରଜରାଜନଗର ନେଇ ଯାଇଥିଲା। ସେଠାରେ ଏକ ବନ୍ଦ ଘରେ ନାବାଳିକାଙ୍କୁ ରଖି ବାରମ୍ବାର ବଳାତ୍କାର କରିଥିଲେ। ପରେ ଅଭିଯୁକ୍ତଙ୍କର ଅନ୍ୟ ଦୁଇ ସହଯୋଗୀ ନବୀନ ସାଲିମା ଓ ନାଥ ରକ୍ସା ସେଠାରେ ପହଞ୍ଚି ନାବାଳିକାଙ୍କୁ ଏକାଧିକବାର ବଳାତ୍କାର କରିଥିଲେ। ଏହିପରି କିଛିଦିନ ଚାଲିବା ପରେ ନାବାଳିକାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଏହାଦେଖି ତିନି ଅଭିଯୁକ୍ତ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ବୁର୍ଲା ଭିମ୍‌ସାର(ଡାକ୍ତରଖାନା) ସମ୍ମୁଖରେ ଛାଡ଼ି ଚାଲି ଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଭିମ୍‌ସାରରେ ଭର୍ତ୍ତି କରି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଭିମ୍‌ସାରରେ ପହଞ୍ଚିଥିଲେ। ପୀଡ଼ିତାଙ୍କ ଭାଇ ଏ ନେଇ ଏପ୍ରିଲରେ ହୀରାକୁଦ ଥାନାରେ ଏନେଇ ଏତଲା ଦେଇଥିଲେ। ଏତଲା ଆଧାରରେ ଥାନାରେ ଦଫା ୩୬୩, ୩୭୬(୨)(ବି), ୩୭୬(ଡି) ପୋକ୍‌ସୋ ଆଇନ୍‌ରେ ଏକ ମାମଲା (୧୦୦/୨୦୧୬) ରୁଜୁ କରି ପୋଲିସ ଘଟଣାର ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉକ୍ତ ମାମଲାର ଚାର୍ଜସିଟ୍ ଦାଖଲ ପରେ କୋର୍ଟରେ ମାମଲାର ବିଚାର ହୋଇଥିଲା। ସୋମବାର ବିଚାରପତି ସେନାପତି ମୋଟ ୨୧ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣ ଆଧାରରେ ତିନି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଦଫା ୩୭୬(ଡି) ଗଣବଳାତ୍କାର ମାମଲାରେ ସମସ୍ତଙ୍କୁ ୨୦ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ସହିତ ୧ ଲକ୍ଷ ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଥିଲେ। ସେହିପରି ଦଫା ୩୬୩(ଅପହରଣ) ମାମଲାରେ ଦୋଷୀ ସାବ୍ୟସ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପିପି ସନ୍ତୋଷ କୁମାର ପଣ୍ଡା ପରିଚାଳନା କରୁଥିଲେ।

# ଜୀବନକୁ ପାଣିଛଡ଼ାଇ

ଚଳିତ ମାସ ୧୯ ତାରିଖରେ ଝାରସୁଗୁଡ଼ା ଜିଲା ଲଖନପୁର ଦେଇ ପ୍ରବାହିତ ମହାନଦୀରେ ଏକ ଡଙ୍ଗା ବୁଡ଼ିଯିବାରୁ ୮ ଜଣଙ୍କ ପ୍ରାଣହାନି ଘଟିଯାଇଛି। ଛତିଶଗଡ଼ ଅତର୍ଲିଆ ଗ୍ରାମର ପ୍ରାୟ ୫୦ ଯାତ୍ରୀ ବରଗଡ଼ ଜିଲା ଅମ୍ବାଭୋନାସ୍ଥିତ ପଥରସେନିକୁ ପିକ୍‌ନିକ କରିବାକୁ ଆସି ଜଳଯାତ୍ରା କରୁଥିବା ବେଳେ ଡଙ୍ଗା ବୁଡ଼ିଯିବାରୁ ଏଭଳି ଅଘଟଣ ଘଟିଥିଲା। ନିକଟ ଅତୀତକୁ ଦେଖିଲେ ୨୦୧୪ ଫେବୃଆରୀରେ ହୀରାକୁଦ ଜଳଭଣ୍ଡାରରେ ମୋଟରଚାଳିତ ଡଙ୍ଗା ବୁଡ଼ିଯିବାରୁ ୩୧ ଜଣଙ୍କ ପ୍ରାଣହାନି ଘଟିଥିଲା। ସେହିପରି ୨୦୧୯ ଜାନୁଆରୀରେ କେନ୍ଦ୍ରାପଡ଼ା ଜିଲାର ନିପାନିଆ ଗାଁ ନିକଟରେ ମହାନଦୀ ମୁହାଣରେ ଡଙ୍ଗାବୁଡ଼ି ୧୦ଜଣଙ୍କର ମୃତ୍ୟୁ ହୋଇଥିଲା। ଦେଖିବାକୁ ଗଲେ ଚିଲିକା ସମେତ ରାଜ୍ୟର କେତେକ ଜଳପର୍ଯ୍ୟଟନସ୍ଥଳୀରେ ପ୍ରତିବର୍ଷ ନୌକାବୁଡ଼ି ଘଟଣା ପଦାକୁ ଆସିଥାଏ। ଏଭଳି ଅଘଟଣ ଘଟିବା ପରେ ସ୍ଥାନୀୟ ପ୍ରଶାସନ ତତ୍‌କ୍ଷଣାତ୍ ଜାଗିଉଠି ଡଙ୍ଗା ଓ ଡଙ୍ଗା ମାଲିକଙ୍କ ଲାଇସେନ୍ସ ଯାଞ୍ଚ କରିବା ଆରମ୍ଭ କରିଦେଇଥାଆନ୍ତି। ପରବର୍ତ୍ତୀ ସମୟରେ ଯେଉଁ କଥାକୁ ସେହି କଥା।

ଜାତୀୟ ସ୍ତରରେ ଡଙ୍ଗାବୁଡ଼ିଜନିତ ମୃତ୍ୟୁରେ ଓଡ଼ିଶାର ସ୍ଥିତି ଉଦ୍‌ବେଗଜନକ ରହିଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ତଥ୍ୟ ମୁତାବକ ୨୦୨୧ରେ ଓଡ଼ିଶାରେ ଅତିକମ୍‌ରେ ୭୯ ଜଣଙ୍କର ଡଙ୍ଗାବୁଡ଼ି ଯୋଗୁ ମୃତ୍ୟୁ ଘଟିଥିଲା ଓ ଏହା ଦେଶରେ ଥିଲା ସବୁଠୁ ଅଧିକ। ଏହା ପଛକୁ ବିହାରରେ ୪୭ ଏବଂ ତୃତୀୟରେ ଥିଲା ଉତ୍ତରପ୍ରଦେଶରେ ୨୬। ୨୦୨୦ରେ ମଧ୍ୟ ଏହି ୩ଟି ରାଜ୍ୟରେ ଡଙ୍ଗାବୁଡ଼ି ମୃତ୍ୟୁ ଅଧିକ ରହିଥିଲା, ଯେଉଁଥିରେ ଓଡ଼ିଶାର ସ୍ଥାନ ଥିଲା ତୃତୀୟ ଏବଂ ଏଠାରେ ୫୮ ଜଣଙ୍କ ମୃତ୍ୟୁ ଘଟିଥିଲାବେଳେ ଏହି ସଂଖ୍ୟା ଉତ୍ତରପ୍ରଦେଶରେ ୬୯ ଓ ବିହାରରେ ୬୫ ଥିଲା। ୨୦୨୩ରେ ପ୍ରକାଶିତ ଏନ୍‌ସିଆର୍‌ବି ରିପୋର୍ଟରୁ ଜଣାପଡ଼ିଛି, ୨୦୧୨ରୁ ୨୦୨୨ ଏହି ଦଶ ବର୍ଷ ମଧ୍ୟରେ ଉତ୍ତରପ୍ରଦେଶରେ ୪୪୧, ବିହାରରେ ୪୨୧, ମଧ୍ୟପ୍ରଦେଶରେ ୩୬୧ ଏବଂ ଓଡ଼ିଶାରେ ୩୩୯ ଜଣଙ୍କର ଡଙ୍ଗାବୁଡ଼ିରେ ପ୍ରାଣହାନି ଘଟିଥିଲା।

> **ଝାରସୁଗୁଡ଼ାରେ ଘଟିଥିବା ଡଙ୍ଗାବୁଡ଼ି ଘଟଣାକୁ ଯଦି ଦେଖାଯାଏ, ସେଠାରେ କ୍ଷମତା ବହିର୍ଭୂତ ଯାତ୍ରୀ ରହିବା ସହ ସେମାନେ ଲାଇଫ୍ ଜ୍ୟାକେଟ ପରିଧାନକୁ ଅଣଦେଖା କରିଥିବା ବିଷୟ ପଦାକୁ ଆସିଛି । ଚିନ୍ତାର କଥା ଯେ, ଯାତ୍ରୀମାନେ ସୁରକ୍ଷାକୁ ନ ଦେଖି ବୋଟ୍‌ରେ ଠେଲାପେଲା ହୋଇ ଭିଡ଼ କରିବାକୁ ତତ୍ପର ।**

ଜଳପଥରେ ଯାତ୍ରୀଙ୍କ ସୁରକ୍ଷା ଲାଗି ରାଜ୍ୟ ସରକାର ଓଡ଼ିଶା ନୌକା ନୀତି (ବୋଟ୍ ପଲିସି)–୨୦୦୪ କାର୍ଯ୍ୟକାରୀ କରୁଛନ୍ତି। ନଦୀନାଳ, ହ୍ରଦ ଓ କେନାଲରେ ନୌକା ଚଳାଇବା ସକାଶେ ଡଙ୍ଗା ପଞ୍ଜୀକରଣ ସହିତ ପ୍ରତ୍ୟେକ ଯାତ୍ରୀଙ୍କ ପାଇଁ ଡଙ୍ଗାରେ ଲାଇଫ୍ ଜ୍ୟାକେଟ୍ ରଖିବା ବାଧ୍ୟତାମୂଳକ କରାଯାଇଛି। ଯାତ୍ରୀମାନେ ତାହାକୁ ନ ପିନ୍ଧିଲେ ଯାତ୍ରା କରିବା ଉପରେ କଟକଣା ରହିଛି। ଜଳଯାତ୍ରା ବେଳେ ଓଡ଼ିଶାର କୌଣସି ସ୍ଥାନରେ ଏହି ନିୟମ ପାଳନ ହୁଏ ନାହିଁ। ନାଉରିଆମାନେ ଲାଇଫ୍ ଜ୍ୟାକେଟ ବ୍ୟବସ୍ଥା କରି ନ ଥାଆନ୍ତି ଏବଂ ଲାଇସେନ୍ସ ଦେଉଥିବା କର୍ତ୍ତୃପକ୍ଷ ଏହାର ତଦାରଖ ଉପରେ ଧ୍ୟାନ ଦିଅନ୍ତି ନାହିଁ। ସବୁଠାରୁ ବିଡ଼ମ୍ବନାର କଥା ହେଲା, ଯାତ୍ରୀମାନେ ମଧ୍ୟ ନିଜର ସୁରକ୍ଷା ପାଇଁ ଲାଇଫ୍ ଜ୍ୟାକେଟ ଉପରେ ଜୋର ଦେଇ ନ ଥାଆନ୍ତି। ଏଭଳି ମାନସିକତା ହେଲ୍‌ମେଟ ନ ପିନ୍ଧି ଦୁଇଚକିଆ ଯାନ ଚଳାଇବା ଯାତ୍ରୀଙ୍କ ସହ ସମାନ। ନିଜ ଜୀବନ ରକ୍ଷା ପାଇଁ ନୁହେଁ, କେବଳ ପୋଲିସକୁ ଦେଖିଲେ ହେଲ୍‌ମେଟ କଥା ମନେପଡ଼େ। ଏଭଳି ସ୍ଥଳେ ଅଧିକାଂଶ ରାଜ୍ୟର ଜଳପର୍ଯ୍ୟଟନସ୍ଥଳୀକୁ ଦେଖିଲେ ବିନା ଲାଇଫ୍ ଜ୍ୟାକେଟରେ ସାଧାରଣତଃ ଜଳଯାତ୍ରା ସମ୍ଭବ ହୋଇ ନ ଥାଏ। ଏଥିସହିତ ଦେଶର ଅନ୍ୟାନ୍ୟ ପ୍ରାନ୍ତରେ ଘଟୁଥିବା ଡଙ୍ଗାବୁଡ଼ି ଦୁର୍ଘଟଣାକୁ ଯଦି ଦେଖାଯାଏ, ତେବେ ନୌକାର କ୍ଷମତା ବହିର୍ଭୂତ ଯାତ୍ରୀ ରହିବା ଦ୍ୱାରା ଅନେକ ସମୟରେ ଅଘଟଣ ଘଟେ। ଯଦି ଝାରସୁଗୁଡ଼ାରେ ଘଟିଥିବା ଡଙ୍ଗାବୁଡ଼ି ଘଟଣାକୁ ଦେଖାଯାଏ, ସେଠାରେ କ୍ଷମତା ବହିର୍ଭୂତ ଯାତ୍ରୀ ରହିବା ସହ ସେମାନେ ଲାଇଫ୍ ଜ୍ୟାକେଟ ପରିଧାନକୁ ଅଣଦେଖା କରିଥିବା ବିଷୟ ପଦାକୁ ଆସିଛି। ଚିନ୍ତାର କଥା ଯେ, ଯାତ୍ରୀମାନେ ସୁରକ୍ଷାକୁ ନ ଦେଖି ବୋଟ୍‌ରେ ଠେଲାପେଲା ହୋଇ ଭିଡ଼ କରିବାକୁ ତତ୍ପର। ପୁଣି ଅଧିକାଂଶ କ୍ଷେତ୍ରରେ ଦେଖାଯାଉଛି ଯେ, ମାଛଧରା ଡଙ୍ଗାକୁ ମାଲିକ ଯାତ୍ରୀବାହୀ ବୋଟ୍‌ରେ ପରିଣତ କରି ବ୍ୟବସାୟ କରୁଛନ୍ତି। ଏସବୁ ଦିଗକୁ ବୈଷୟିକ ଟିମ୍ ଯାଞ୍ଚ କରିବା କଥା। କିନ୍ତୁ ସେଥିପ୍ରତି ପ୍ରଶାସନ ସେଭଳି ଦୃଷ୍ଟି ଦେଉ ନ ଥିବା କୁହାଯାଇଥାଏ। ଅବଶ୍ୟ ସର୍ବଦା କେବଳ ପ୍ରଶାସନକୁ ଦୋଷ ଦେଲେ ହେବ ନାହିଁ। ଯେଉଁଠି ଯାତ୍ରୀ ନିଜେ ଖାତିର କରୁନାହାନ୍ତି, ସେଠାରେ ପ୍ରଶାସନ ଏସବୁ ଦିଗକୁ ଦୃଷ୍ଟି ଦେବାର ଆଶା କ୍ଷୀଣ।

# ଓଡ଼ିଆ ଜାତି ଓ ପୋଥି ପରମ୍ପରା



ଡ. ପ୍ରଫୁଲ୍ଲ କୁମାର ସାହୁ

ଆମ ଦେଶରେ କାଗଜ ପ୍ରଚଳନ ପୂର୍ବରୁ ତାଳପତ୍ର ଥିଲା ଏକ ପ୍ରମୁଖ ଲିଖନ ସାମଗ୍ରୀ। ସେତେବେଳେ ଲୌହ ଲେଖନୀ ଦ୍ୱାରା ତାଳପତ୍ରରେ ଲିପିବଦ୍ଧ ହୋଇଥିଲା ଆମ ସିଦ୍ଧସାହିତ୍ୟ, ଲୋକସାହିତ୍ୟ, ବୌଦ୍ଧସାହିତ୍ୟ, ତନ୍ତ୍ର ସାହିତ୍ୟ ତଥା ରାମାୟଣ ଓ ମହାଭାରତ ଆଦି ପ୍ରାଚୀନ ସାହିତ୍ୟ। ଏସବୁ ଓଡ଼ିଆ ଜାତିର ମହାର୍ଘ ସାରସ୍ୱତ ବିଭବ। ଆମ ପୂର୍ବଜମାନଙ୍କ ସର୍ଜନଶୀଳ ପ୍ରତିଭା ଓ ପ୍ରଜ୍ଞାର ଫଳକ। ତାଳପତ୍ରରେ ଅକ୍ଷର ଲେଖିବା, ଚିତ୍ର ଆଙ୍କିବା ତଥା ମଣ୍ଡଳ ଓ ରେଖା ଅଙ୍କନ କରିବାରେ ଆମ ପୂର୍ବଜମାନେ ଥିଲେ ଅସାଧାରଣ ଦକ୍ଷତାର ଅଧିକାରୀ। ନିଜର ଭାବନା, କଳ୍ପନା ଓ ଅନୁଭବକୁ ଖୁବ୍ ସୁନ୍ଦର ଭାବରେ ସେମାନେ ଲିପିବଦ୍ଧ କରିଯାଇଛନ୍ତି ତାଳପତ୍ର ପୋଥିରେ। କେବଳ କବି କଳ୍ପନାର ରସସିକ୍ତ କାହାଣୀ ନୁହେଁ, ଜଟିଳ ଗାଣିତିକ ସୂତ୍ରଠାରୁ ବିଷ୍ଣୁ ଆରାଧନାର ବିଧିବିଧାନ ପର୍ଯ୍ୟନ୍ତ ପ୍ରତ୍ୟେକ ବିଷୟରେ ସେମାନେ ନିର୍ମାଣ କରିଯାଇଛନ୍ତି ଜ୍ଞାନ ବିଜ୍ଞାନର କୋଠଘର । ସେଥିରେ ଖୁବ୍ କଳାତ୍ମକ ଭାବରେ ସାଇତା ହୋଇରହିଛି ଓଡ଼ିଆ ଲିପି, ଭାଷା, ସାହିତ୍ୟ, କଳା ଓ ସଂସ୍କୃତିର ବିକାଶଧାରା ତଥା ଅନ୍ୟାନ୍ୟ ବହୁ ବିଷୟରେ ଜ୍ଞାତ ଅଜ୍ଞାତ ଅସୁମାରି ତଥ୍ୟ। ଅର୍ଥାତ୍ ଆମ ପୋଥି କେବଳ ଶୃଙ୍ଖଳା ତାଳପତ୍ରରେ ଲିପିବଦ୍ଧ ହୋଇଥିବା କିଛି ତଥ୍ୟର ସମାହାର ନୁହେଁ, ବରଂ ଏହା ଭାବ ଓ ଶବ୍ଦର ଏକ ଏକ ମନ୍ଦିର ଏକ ଜାତୀୟ ସାରସ୍ୱତ ବିଭବ। ଜଗନ୍ନାଥ ଦାସଙ୍କ 'ଭାଗବତ' ହେଉ କି ଅଚ୍ୟୁତାନନ୍ଦ ଦାସଙ୍କ 'ହରିବଂଶ', ଏସବୁ ପବିତ୍ର ପୋଥି ପୁରାଣରେ ରହିଛି ଦେବତ୍ୱର ଅଙ୍କୁର। ତାହାର ନାମ ଉଚ୍ଚାରଣ ମାତ୍ରେ ଆଧ୍ୟାତ୍ମିକ ଭାବ ଓ ଭାବନାରେ ପୂରିଉଠେ ପ୍ରାଣ। ତେଣୁ ଏସବୁ ପୋଥିକୁ କେବଳ ବିଭବ ନୁହେଁ, ବିଭୁଜ୍ଞାନ କରି ଗୃହ, ମଠ, ମନ୍ଦିର ଓ ଭାଗବତ ଟୁଙ୍ଗିରେ ଥିବା ପୋଥିଗାଦିରେ ସ୍ଥାପନା କରିଥିଲେ ଆମ ପୂର୍ବପୁରୁଷମାନେ। ଏବେ ବି ସେଠାରେ ଅବ୍ୟାହତ ରହିଛି ନିତ୍ୟ ପୋଥି ପୂଜନ ଓ ପଠନ ବିଧି। ଗାଁ ଗାଁରେ ବଞ୍ଚିରହିଛି ପୋଥିଗାଦିକୁ ବିମାନରେ ବୋହିନେଇ ୧୨ଗାଦି ମେଳନ କରିବାର ମହତି ପରମ୍ପରା। ସାଧାରଣତଃ ଆମର ଭାଇ ଭାଇ ଭିତରେ ସମ୍ପତ୍ତି ଭାଗହେଲେ ପ୍ରଥମେ ଠାକୁର, ଦ୍ୱିତୀୟରେ ପୋଥି ଓ ଶେଷରେ ବଣ୍ଟନ ହୁଏ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି। ନ୍ୟାୟ ନିଶାପରେ ଆପଣା ପକ୍ଷ ରଖିବା ପୂର୍ବରୁ ପୋଥି ଛୁଇଁ ଶପଥ କରିବାର ପରମ୍ପରା ପ୍ରତିପାଦନ କରେ ଆମ ପୋଥି ପୁରାଣର ଗରିମା। ଆମ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଦୈନିକ ସେବାପୂଜା ଓ ଯାନିଯାତ୍ରାର ବିବରଣୀ ତାଳପତ୍ରରେ ଲେଖନୀ ସାହାଯ୍ୟରେ ଲେଖାଯାଉଥିଲା, ଯାହାର ନାମ ମାଦଳାପାଞ୍ଜି। ଆମ ସାଂସ୍କୃତିକ ଅନୁଭବ ଓ ସାମାଜିକ ଜୀବନଧାରାକୁ ଏହା ସମାଛନ୍ନ କରି ରଖିଛି ଶହ ଶହ ବର୍ଷ ଧରି।



ଏକବିଂଶ ଶତାବ୍ଦୀର ପ୍ରଗତି ପ୍ରେକ୍ଷାପଟରେ ଆମ ସାମାଜିକ ପରମ୍ପରା ରୀତିନୀତି, ପର୍ବପର୍ବାଣି, ଜନ୍ମଜାତକ ଏପରିକି ମରଣ ମଣ୍ଡପରେ ସୁଦ୍ଧା ଲୋଡ଼ା ହେଉଛି 'ଭାଗବତ' ପୁରାଣର ଦାର୍ଶନିକ ବାଣୀ।

ଆମ ତାଳପତ୍ର ପୋଥି ସଂସ୍କୃତି ବିଶ୍ୱବିଦିତ। ବିଶ୍ୱର ସର୍ବାଧିକ ତାଳପତ୍ର ପୋଥି ରହିଛି ଓଡ଼ିଶାର ମଠ, ମନ୍ଦିର ଓ ଭାଗବତ ଘରେ। ଗବେଷକଙ୍କ ମତରେ ବୌଦ୍ଧ ସିଦ୍ଧାଚାର୍ଯ୍ୟମାନେ ପ୍ରଥମେ ତାଳପତ୍ର ପୋଥିରୁ ଚର୍ଯ୍ୟାପଦ ଲେଖିଲେ ଏବଂ ସେଇଠୁ ଆରମ୍ଭ ହେଲା ପୋଥିଲେଖା ପରମ୍ପରା। କିନ୍ତୁ ଏହାର ବହୁ ପୂର୍ବରୁ କେତେକ ଉପନିଷଦ ଓ ବିଷ୍ଣୁ ଶର୍ମାଙ୍କ ପଞ୍ଚତନ୍ତ୍ର ଲେଖା ସରିଥିଲା ବୋଲି ବିଶେଷଜ୍ଞଙ୍କ ମତ। ଏଥିରୁ ଧରିନେବାକୁ ହେବ ଯେ ଖ୍ରୀ.ପୂ. କାଳରୁ ଆରମ୍ଭ ହୋଇ ସାରିଥିଲା ପୋଥିଲେଖା ପରମ୍ପରା। ଏହା ବ୍ୟାପକ ରୂପ ନେଲା ସାରଳା ଓ ପଞ୍ଚସଖା ଯୁଗରେ। ଆମ ପୋଥି ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଖୁବ୍ ଉଚ୍ଚକୋଟୀର। ପୋଥି ସମ୍ପଦକୁ ଯତ୍ନର ସହ ସାଇତି ରଖିବା ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହିଛି ପୋଥିଘର, ପୋଥି ଆସ୍ଥାନ, ପୋଥି ଖଟୁଲି, ପୋଥି ବିମାନ, ପୋଥି ପେଡ଼ି, ପୋଥି ପେଟରା ଓ ପୋଥି ବ୍ୟାସାସନ ଇତ୍ୟାଦି। ନିତ୍ୟ ବ୍ୟବହୃତ ପୋଥିର ସ୍ଥାନ ଠାକୁରଙ୍କ ପାଖରେ ଥିବା ବିମାନରେ ଏବଂ ଅନ୍ୟାନ୍ୟ ପୋଥି ସାଇତା ହୋଇ ରହେ ସିନ୍ଦୁକ ଭିତରେ। କୀଟଦ୍ରଷ୍ଟ ନ ହେବା ନିମିତ୍ତ ସେଥିରେ ନିମପତ୍ର ଓ ହଳଦୀ ଲେପ ଦେବା ସହ ଖରାରେ ଶୁଖାଯାଏ ନିୟମିତ ବ୍ୟବଧାନରେ। ସକଳ ପ୍ରକାର ଯତ୍ନ ସତ୍ତ୍ୱେ ଶହ ଶହ ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା, ଗୃହଦାହ ଓ କୀଟକବଳିତ ହୋଇ କେତେ ଯେ ପୋଥି ଧ୍ୱଂସ ପାଇଛି ତା'ର ହିସାବ ନାହିଁ। ତଥାପି କାଳର ଧ୍ୱଂସକାରୀ ଶକ୍ତିକୁ ସାମ୍ନାକରି ଓଡ଼ିଶାରେ ସଂରକ୍ଷିତ ହୋଇ ରହିଛି ରାଶି ରାଶି ପୋଥି। ଅନେକ ପୋଥି ମଧ୍ୟ ବିକ୍ଷିପ୍ତ, ଅସଂରକ୍ଷିତ ଓ ନଷ୍ଟପ୍ରାୟ।

ତାଳପତ୍ର ପୋଥି ଆମ ଐତିହ୍ୟ ଓ ପରମ୍ପରାର ଦସ୍ତାବିଜ। ଏହା ଧ୍ୱଂସ ପାଇଗଲେ ଅସ୍ମିତା ହରାଇ ବସିବ ଗୋଟେ ସମୃଦ୍ଧ ଜାତି। ବିଳପିଉଠିବ ଜାତିର ଆତ୍ମା। ଏହାକୁ ଦୃଷ୍ଟିରେ ରଖି ପୋଥି ସଂରକ୍ଷଣ ଓ ସମ୍ପାଦନା ପ୍ରତି ଯଥେଷ୍ଟ ଆନ୍ତରିକତା ପ୍ରଦର୍ଶନ କରିଛି ଓଡ଼ିଆ ଜାତି। ସରକାରୀ ଓ ବେସରକାରୀ ଉଦ୍ୟମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସଂଗୃହୀତ ହୋଇଥିବା ପ୍ରାୟ ୩୭ ହଜାରରୁ ଅଧିକ ଦୁର୍ଲ୍ଲଭ ପୋଥି ଏବେ ସଂରକ୍ଷିତ ହୋଇ ରହିଛି ରାଜ୍ୟ ସଂଗ୍ରହାଳୟରେ। ବେଦ, ତନ୍ତ୍ର, ଧର୍ମଶାସ୍ତ୍ର, ଦର୍ଶନ, ଜ୍ୟୋତିଷ, ଆୟୁର୍ବେଦ, ଅଭିଧାନ, ଗଣିତ, ସଙ୍ଗୀତ ଓ କାବ୍ୟ ଆଦି ଭିନ୍ନ ଭିନ୍ନ ବିଷୟକୁ ନେଇ ଏହା ୨୭ ଟି ବିଭାଗରେ ପର୍ଯ୍ୟବସିତ। ସେଠାରେ ସାଇତା ହୋଇ ରହିଥିବା ଏହି ପୋଥି ସମ୍ପଦ ପାଇଁ କେବଳ ଭାରତବର୍ଷରେ ନୁହେଁ ବିଶ୍ୱବ୍ୟାପୀ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି ଆମ ସଂଗ୍ରହାଳୟର ତାଳପତ୍ର ପୋଥି ବିଭାଗ। ଏହି ବିରଳ ପୋଥି ସମ୍ପଦ ପ୍ରତି ଆକର୍ଷିତ ହୋଇ ଏଠାକୁ ଦେଶ ବିଦେଶରୁ ଛୁଟିଛି ପର୍ଯ୍ୟଟକ, ଗବେଷକ ଓ ଐତିହାସିକମାନଙ୍କ ଧାଡ଼ି। ଏହା ନିଶ୍ଚୟ ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ।

ଓଡ଼ିଆ ସାହିତ୍ୟର ବିକାଶ ଓ ଅଭିବୃଦ୍ଧି କ୍ଷେତ୍ରରେ ପ୍ରାଚୀନ ପୋଥି ପୁରାଣର ଦାନ ଅତୁଳନୀୟ। ଗବେଷକମାନଙ୍କ ସିଦ୍ଧାନ୍ତ ଅନୁଯାୟୀ ଉତ୍କଳର ପୋଥି ପରମ୍ପରା ୨ହଜାର ବର୍ଷରୁ ଅଧିକ ପୁରୁଣା। ପୋଥି ସାହିତ୍ୟର ଏହି ପ୍ରାଚୀନତାକୁ ମାନଦଣ୍ଡ ଭାବରେ ଗ୍ରହଣ କରି ଓଡ଼ିଆ ଭାଷାକୁ ମିଳିଛି ଶାସ୍ତ୍ରୀୟ ମାନ୍ୟତା। କେବଳ ସାହିତ୍ୟ ନୁହେଁ, ଆମ ଶିଳ୍ପକଳା ସହିତ ଏହା ଯୋଡ଼ି ହୋଇ ରହିଛି ଓତପ୍ରୋତ ଭାବରେ।

ତଥ୍ୟ କହେ, ପଞ୍ଚଦଶ ଶତାବ୍ଦୀ ବେଳକୁ ଅତି ଉନ୍ନତ ସ୍ତରରେ ପହଞ୍ଚି ସାରିଥିଲା ପୋଥି ଲିଖନ କଳା। ପୋଥି ଲିଖନକୁ ବଂଶାନୁକ୍ରମେ ଜୀବିକା ଭାବେ ଗ୍ରହଣ କରିଥିଲେ ବ୍ରାହ୍ମଣ, କରଣ, ଜ୍ୟୋତିଷ ଓ ମାଟିବଂଶ ଆଦି କିଛି ସମ୍ପ୍ରଦାୟ। ତାଳପତ୍ର ପୋଥି ଲିଖନ ତାଙ୍କ ବଂଶ ପରମ୍ପରା ଥିଲା ବୋଲି ସ୍ୱରଚିତ କାବ୍ୟରେ ଉଲ୍ଲେଖ କରିଛନ୍ତି ବ୍ରଜନାଥ ବଡ଼ଜେନା। ପରବର୍ତ୍ତୀ ସମୟରେ କାଗଜର ବ୍ୟବହାର ଯୋଗୁ ମନ୍ଥର ହେଲା ତା'ର ଗତି। ଆଧୁନିକ ଜ୍ଞାନକୌଶଳର ବିକାଶ ମଧ୍ୟରେ ଆଉ ରହିଲାନି ତାଳପତ୍ର ପୋଥି ଲିଖନର ଆବଶ୍ୟକତା। ମୁଦ୍ରଣଯନ୍ତ୍ର ଉଦ୍ଭାବନ ପରେ ତାଳପତ୍ର ପୋଥିର ସ୍ଥାନ ନେଲା କାଗଜ ତିଆରି ପୁସ୍ତକ। ପ୍ରାଚୀ ସମିତି ଓ ଅନ୍ୟାନ୍ୟ ଅନୁଷ୍ଠାନ ଦ୍ୱାରା ସମ୍ପାଦିତ ହୋଇ ପୁସ୍ତକ ଆକାରରେ ଉପଲବ୍ଧ ହେଲା ଅନେକ ପ୍ରାଚୀନ ପୋଥି। ପାଠକକୁ ମିଳିଗଲା ସହଜଲଭ୍ୟ ଆନନ୍ଦବୋଧର ଉତ୍ସ । ଏହା କିନ୍ତୁ ସତ୍ୟ ଯେ ତାଳପତ୍ର ପୋଥି ହେଉ କି କାଗଜ ତିଆରି ପୁସ୍ତକ, ଉଭୟ ଜ୍ଞାନର ଗନ୍ତାଘର। ଅଜ୍ଞାନତା ଦୂରକରିବାର ଅମୋଘ ଅସ୍ତ୍ର। ପୋଥି ଓ ପୁସ୍ତକ ଅଧ୍ୟୟନକରି ମଣିଷ ଶିଖେ ବଞ୍ଚିବାର କଳା ଓ ସହାବସ୍ଥାନ କୌଶଳ। ସେଥିରେ ଥାଏ ସିଦ୍ଧିର ମନ୍ତ୍ର। ସମାଜ ପାଇଁ ବାର୍ତ୍ତା। ସେଥିପାଇଁ କୁହାଯାଏ ପଢ଼ିଲେ ଜାଣିବା ଓ ଜାଣିଲେ ଜିଣିବା। ଏହି ଉପଲବ୍ଧି ଆସିଲେ ଆମକୁ ବିଭୋର କରିବ ପୋଥିପୃଷ୍ଠାର ବାସ୍ନା। ମନେରଖିବାକୁ ହେବ ଯେ ସ୍ଥାବର ଅସ୍ଥାବର ସମ୍ପତ୍ତି ନଷ୍ଟ ହୋଇଗଲେ ତା'ର ପୁନଃ ଅର୍ଜନ ସମ୍ଭବ, କିନ୍ତୁ ପୋଥି ନଷ୍ଟ ହୋଇଗଲେ ତା'ର ପୁନଃ ନିର୍ମାଣ ଅସମ୍ଭବ।

**ଅବସରପ୍ରାପ୍ତ ଅଧ୍ୟକ୍ଷ**
**ବିଜୁ ପଟ୍ଟନାୟକ ନଗର, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ବିଶେଷଣ ଭେଳିକି



ଧ୍ରୁବ ଚରଣ ଘିବେଲା

ସତର ପରିଭାଷା ଯଦି ସମାଲୋଚନା, ତେବେ ମିଛର ପରିଭାଷା କ'ଣ ହୋଇପାରେ? ଯାହାଙ୍କ ଭାଷାରେ ସତ ହୁଏ ସମାଲୋଚନା, ସେଇମାନଙ୍କ ତୁଣ୍ଡରେ ମିଛ ବୋଧେ ପ୍ରଶଂସାସୂଚକ ନିଶ୍ଚୟ। ମିଛ ସବୁବେଳେ, ସବୁ କାଳେ ମିଠା ବୋଲି ମିଛମୁହାଁ ରହନ୍ତି ଅନେକାନେକ। ମିଛ ସୁଖଦିଆ ଥାଏ ଶୁଣିବାରେ। କେବଳ ସ୍ୱାର୍ଥ ସାଧନ ପାଇଁ ମିଛ ମଜାଳିଆ ଥାଏ କହିବାରେ। ମିଛ ପ୍ରଶଂସା କଲେ (ଯିଏ ଯାହା ନୁହେଁ ତାହା ତାଙ୍କ ଆଗେ ଉଦ୍‌ଗାରିଲେ ମାନେ କହିଲେ) ତହିଁରୁ ଖୁସି ସାଉଁଟୁଥିବା ଲୋକଙ୍କୁ ମିଛ ପ୍ରଶଂସକ ଗୋଟେ ପାଖେ ପିଠି ଥାପୁଥାଏ, ଅନ୍ୟ ପାଖେ ଚୋରକୁ ସାଧୁ କୁହାଗଲେ ସେ ଶୁଣି ମିଛ ସୁଖ ସାଉଁଟେ। ସ୍ୱାର୍ଥପର ସ୍ୱାର୍ଥ ହାତେଇବା ପାଇଁ ମିଛ କହନ୍ତି। ପ୍ରଶଂସାକାଙ୍ଗାଳ ମିଛ ପ୍ରଶଂସାରେ ଭଳିଯାଇ ଖୁବ୍ ଖୁସି ସୁଖ ପାଆନ୍ତି ମିଛ କଥା ଶ୍ରବଣରୁ। ଯେ ମିଛ ପ୍ରଶଂସା କରେ ସେ ମିଛୁଆ। ଆଉ ଯିଏ ମିଛ ପ୍ରଶଂସା ଶୁଣି କୁତୁକୁତୁ ହୁଏ ସିଏ ମିଛର ସୌଦାଗର ମାନେ ବଡ଼ ମିଛୁଆ।

ମିଛୁଆଙ୍କ ଭିତରେ କିଛି ପ୍ରଭେଦ ନ ଥାଏ। ତେଣୁ ସହଜରେ ହୋଇଥାଏ ମିଛୁଆ ମେଳି ସବୁଠି। ମିଛୁଆ ବରଂ ମିଛ ବିଶେଷଣରେ ଆହ୍ଲାଦିତ ହୁଏ। ହାତ ଦେଖାଳି ମିଛ କହି ଅନ୍ୟକୁ ଲୁଟିଥାନ୍ତି। ହୃଦୟହୀନକୁ ହୃଦୟବାନ୍ କହିଲେ ସିନା ସେ ଖୁସି ହୋଇ କିଛି ଦେବ। ଅସଲ ଚୋରକୁ ଯଦି ଚୋର କହିଦେଲେ ସେ କ'ଣ ଦେବ ନା ଦିଏ ? ଓଲଟା ମାରି ଗୋଡ଼ାଇପାରେ। ମିଛ ଟିକେ କହିଦେଲେ ଯଦି ଫାଇଦା ଅଛି, ଫାଇଦା ମିଳୁଛି ତେବେ ସେଇଠି ମିଛ ନ କହିବେ କାହିଁକି? ପୁଣି ସତ କହି ଅନ୍ୟର ଆକ୍ରୋଶର ସମ୍ମୁଖୀନ ହେବେ କାହିଁକି? ଏଇଥିପାଇଁ ବୋଧେ ସର୍ବତ୍ର ମିଛ କୁହାଚାଲିଛି । ମିଛ ମିଠା ମୋହରେ ଆଜି ଅନେକ ଆକ୍ରାନ୍ତ। ସଂକ୍ରମିତ। ସେମାନେ ଠିକ୍ ଜାଣିଥାନ୍ତି ସତ କ'ଣ ମିଛ କ'ଣ, ଖାଲି ସ୍ୱାର୍ଥ ପାଇଁ ମିଛ ଲଡୁ ଖାଆନ୍ତି, ଖୁଆନ୍ତି। ମିଛୁଆ ବିଶେଷଣ ମିଛୁଆଙ୍କୁ ବ୍ୟତିବ୍ୟସ୍ତ ବି କରେ ନାହିଁ, ବରଂ ଉଲ୍ଲସିତ କରେ ଅନେକ।

ବିଶ୍ୱ ମଧୁମୟ ହେବା ବଦଳରେ ମିଛମୟ ହେବାରେ ଲାଗିଛି ଯେମିତି। ସତଟା ସତ। ହେଲେ ସତ କହି ସତୁଆ ହେବାକୁ କେତେଜଣ ଚାହାନ୍ତି? ମିଛ ଯେ କହେ ତା' ପାଇଁ ରହେ ସୁଖକର, ଯେ ମିଛ କଥା ଶୁଣେ ସେ ବି ଅନୁଭବେ ସୁଖ। ମିଛ ତା' ପାଇଁ ହୁଏ ସୁଖପ୍ରଦ। ହେଲେ ସତ ଯେ କହେ ସେ ଅନୁଭବକରେ ସୁଖ, କିନ୍ତୁ ଯିଏ ଶୁଣେ ସେ ପାଏ ଅସୁଖ ଦୁଃଖ। ସତ ଅନେକଙ୍କୁ ଖୁସି ଦେଇପାରେନା। ସତ କହିଲେ ବିଭ୍ରାଟ ଘଟେ। ସତ କହିଲେ ପାଦ ତଳର ମାଟି ଖସିଯିବା ସମ୍ଭାବନା ରହେ। ତଥାପି ସତ କହି ବିପଦମୁହାଁ ହେବାକୁ ସାହସ ସଞ୍ଚୟ କରନ୍ତି ସାହସୀ ସତୁଆ। ମିଛ ସହ ସନ୍ଧି କରିପାରନ୍ତିନି ତଥାକଥିତ ସ୍ୱାଭିମାନୀ ସତୁଆ ସତ୍ୟପ୍ରିୟ। ସ୍ଥଳ ବିଶେଷରେ ସତ କହି ବିପଦରେ ପଡ଼େ। ଅନ୍ୟପାଖେ ମିଛୁଆଙ୍କ ସତକୁ ଗ୍ରହଣ କରିବା ପାଇଁ ନା ଥାଏ ବିଚାର ନା ରହେ ଧୈର୍ଯ୍ୟ ବା ଶକ୍ତି। ଆମର ଯେମିତି କଥା ରହିଛି, 'ମାଆ ଜାଣେ ବାପ, ମନ ଜାଣେ ପାପ'। ନିଜ ଛାତି ଉପରେ ନିଜ ହାତ ରଖି କହିପାରନ୍ତି ସେ ସତ କହୁଛନ୍ତି ନା ମିଛ ! ଆଜିର ଦିନରେ ନିଜକୁ ଠକୁଥିବା ଲୋକଙ୍କ ସଂଖ୍ୟା ବେଶ୍ ବଢୁଛି। ଆଜିର ଦିନରେ ପୁଣି କେତେଜଣ ବ୍ୟକ୍ତି ନିଜ ନାଆଁ ଆଗେ ମିଛ ବିଶେଷଣ ଯୋଡ଼ିବାରେ ବି ଖୁସି ରହନ୍ତି। ଦୂରଲୋକ ନୁହଁ, ନିଜ ଗାଆଁ ସହରର ଜାଣିଥିବା ଲୋକ ନିଜ ମିଛ



ବିଶେଷଣରୁ ତାଙ୍କୁ ଯେ କ'ଣ ଭାବିବେ, ସେ ଦିଗ ପ୍ରତି ଆଖି ବୁଜିଦେଇଥାନ୍ତି ମିଛ ବିଶେଷଣଯୁକ୍ତ ବ୍ୟକ୍ତି।

ବିଭିନ୍ନ ବୃତ୍ତିଧାରୀଙ୍କ ଆଗେ ସେଇ ବୃତ୍ତି ସୂଚକ ବିଶେଷଣ ଯୋଡ଼ିହେବାରେ ଭୁଲ୍ ବା ବିଚିତ୍ରତା ରହି ନ ଥାଏ। ବୃତ୍ତି ମାଧ୍ୟମରେ ସେବା କାର୍ଯ୍ୟ କରାଯାଏ। ବୃତ୍ତିରେ ରହି ସେବା ଦେବା କାର୍ଯ୍ୟକୁ ପରିପୁଷ୍ଟ କରିହୁଏ। ରୋଗ ଚିକିତ୍ସା କରୁଥିବା ଡାକ୍ତରଙ୍କ ନାଁ ଆଗେ ଡକ୍ଟର ବା ଡାକ୍ତର, ଅଧ୍ୟାପନା ବୃତ୍ତିଧାରୀଙ୍କ ନାଁ ଆଗେ ଅଧ୍ୟାପକ, ଯେ ଶିକ୍ଷାଦାନ କରେ ସେ ଶିକ୍ଷକ,କୋଠାବାଡ଼ି ନିର୍ମାଣ ପାଇଁ ରହିଥିବା ବୃତ୍ତିଜୀବୀଙ୍କ ନାଆଁ ଆଗେ ବିଶେଷଣ ବସେ ଯନ୍ତ୍ରୀ, ଓକିଲାତି କରୁଥିବା ବୃତ୍ତିଜୀବୀଙ୍କ ପରିଚୟ ଓକିଲ,ଏମିତି ଯେତେ ବୃତ୍ତି ସେତେ ବିଶେଷଣ ଲାଗେ ବୃତ୍ତିଜୀବୀଙ୍କ ନାଁ ଆଗେ। ସେମିତି କଳା କ୍ଷେତ୍ରରେ ଥିବା ସୃଜନ ପ୍ରତିଭାଙ୍କ ବିବିଧ ବିଶେଷଣ ରହିବା ସ୍ୱାଭାବିକ। ଯେ ଲେଖେ ସେ ଲେଖକ। ପୁଣି ଯେ କବିତା ଲେଖନ୍ତି ସେ କବି, ଗପ ଲେଖିଲେ ଗାଳ୍ପିକ ବା କଥାକାର, ପ୍ରବନ୍ଧ ଲେଖକଙ୍କ ପରିଚୟ ପ୍ରାବନ୍ଧିକ, ଉପନ୍ୟାସ ଲେଖି ଔପନ୍ୟାସିକ ହୁଅନ୍ତି, ନାଟ୍ୟକାର ନାଟକ ଲେଖନ୍ତି। ଯିଏ ଚିତ୍ର ଆଙ୍କନ୍ତି ସେ ଚିତ୍ରକର ଇତ୍ୟାଦି ବୃତ୍ତିଭିତ୍ତିକ ବିଶେଷଣରେ ପରିଚିତ ହୁଅନ୍ତି।

ଏବେ ନୁହେଁ, କେବେଠୁ ବିଶେଷଣର ଭେଳିକି ଦେଖାଇଲେଣି କେତେଜଣ କର୍ମଜୀବୀ, କଳାକାର, ସାହିତ୍ୟକାର। ତାଙ୍କ ନାଁ ଆଗେ ଯେମିତି ବୃତ୍ତିଗତ ବିଶେଷଣ ବସିଲେ ଯାଇ ଚଳେ। ଏବେ ଏବେ ବିଭିନ୍ନ ଆକାରରେ ପ୍ରକାରରେ ପରିଚୟ ତିଆରିବା କାମରେ ରହିଲେଣି ଥୋକାଏ। ତାଙ୍କ ପାଇଁ ଯେମିତି ହେଲେ ପରିଚୟଟେ ତିଆରି ହେବା ଦରକାର। ଏଇ ମାନସିକତା ରଖି ପରିଚୟ ତିଆରି କାମରେ ରହନ୍ତି। ଏଥିପାଇଁ ଥୋକାଏ ପୁରସ୍କାର ସଂଗ୍ରହ ଅଭିଯାନରେ ରହନ୍ତି। ବିଭିନ୍ନ ସାହିତ୍ୟ ସଂସ୍ଥାର ଏଜେଣ୍ଟ ସାଜନ୍ତି। ବିଭିନ୍ନ ପ୍ରାଇଭେଟ କଲେଜରେ ଛାତ୍ର ସଂଗ୍ରହ ପାଇଁ ଯେମିତି ଏଜେଣ୍ଟ କାମ କରନ୍ତି ଏଠି ସେଠି, ଠିକ୍ ସେଇ ଢାଞ୍ଚାରେ ସାହିତ୍ୟ ସଂସ୍ଥା ପାଇଁ କାମ କରନ୍ତି ଲେଖା ଓ ଲେଖକ ଯୋଗାଡ଼ ପାଇଁ। ସାହିତ୍ୟ ବେପାର ଚଳାଇଥିବା ସାହିତ୍ୟ ଅନୁଷ୍ଠାନର କିଣାବିକା ସାହିତ୍ୟ ପୁରସ୍କାର ପାଇଁ ନାଁ ପଠାଇ (ଦିଆଥୁଆ ଆଧାରରେ) ଏଜେଣ୍ଟ ମଧ୍ୟସ୍ଥ ସାଜି ଦି'ପଇସା ପାଆନ୍ତି ମଧ୍ୟ। ବିଶେଷକରି ସାହିତ୍ୟ ସୃଜନ କଳାକର୍ମର କଳାକାରଙ୍କ ନାଆଁ ଆଗେ କବି, ଲେଖକ ଆଦି ବିଶେଷଣ ନିହାତି ରହିବା କ'ଣ ଜରୁରୀ ? କବିତା ଯିଏ ଲେଖିଛନ୍ତି ସେ ତ କବି, ସେଠି ପୁଣି ନାଁ ଆଗେ କବି ଲେଖିବା କି ଦରକାର ଥାଏ? ଏବେ ତ ଆତ୍ମଘୋଷିତ ଉପାଧିରେ ଭୂଷିତ ହେଲେଣି ଉପାଧିପ୍ରିୟମାନେ।

ନିଜ ଲେଖା ତଳେ ଘର ଠିକଣା ଦେବା ବଦଳରେ ଅମୁକ, ସମୁକ ଡମୁକ ଆଦି ବିବିଧ ବିଶେଷଣ ଥୋଇଲେଣି ଯେମିତିକି ବିଶେଷଣଗୁଡ଼ାକ ଗବେଷଣାଲବ୍ଧ। କିଣା ବିଶେଷଣର ମୋହ କେତେଜଣଙ୍କୁ ଖୁବ୍ ଘାରେ। ଘାରୁଛି। ବିଶେଷଣ ଭେଳିକି ଦେଖାଇବାରେ ବି ଅଜବ ଖୁସି ପାଆନ୍ତି କେମିତି କେଜାଣି ସେଇ ବିଶେଷଣଧାରୀ! ଲେଖା ପ୍ରକାଶନ ହେବାରେ ବୋଧେ ସେଇ ବିଶେଷଣ ସବୁ ସ୍ଥଳ ବିଶେଷରେ କାମକରେ। ସାହାଯ୍ୟକରେ କାହା କାହାକୁ। ହେଲେ ଠୋସ୍ ଲେଖକ ପାଇଁ କୌଣସି ବିଶେଷଣର ଆବଶ୍ୟକତା ବୋଧେ ରହି ନ ଥାଏ କେବେ ହେଲେ। ନାଁ କରା ଲେଖକ ପାଇଁ ବିଶେଷଣ ନୁହେଁ ନାଁ ହିଁ ଯଥେଷ୍ଟ ଥାଏ।

**ବଉଦରାଜ, ବୌଦ୍ଧ**
**ମୋ:୯୪୩୭୪୭୮୪୬୬**

## ଏଇ ଭାରତରେ

ଗୁଆଗଛର ବ୍ୟବସାୟିକ ଦିଗକୁ ଭଲ ଭାବେ ଠାବ କରିଛନ୍ତି କର୍ଣ୍ଣାଟକର ସୁରେଶ ଏସ୍.ଆର୍। ସେ ଓ ତାଙ୍କ ସ୍ତ୍ରୀ ମୈଥିଲି ମିଶି ଗୁଆଗଛରୁ ଏକ ପ୍ରକାର ପରିବେଶ ଉପଯୋଗୀ ତଥା ବିଘଟନଯୋଗ୍ୟ ଭେଗାନ ଲେଦର (ଗଛରୁ ପ୍ରସ୍ତୁତ ଶୁଦ୍ଧ ଚମଡ଼ା) ପ୍ରସ୍ତୁତ କରୁଛନ୍ତି। ଗୁଆ ଗଛର ପତ୍ର, ଖୋଳପା ଓ ଗଣ୍ଡିରୁ ଫାଇବର ବା ତନ୍ତୁ ବାହାର କରି ତାହାକୁ ଶୁଖାଯାଇ ସେଥିରୁ ଶତ ପ୍ରତିଶତ ବିଘଟନ ଯୋଗ୍ୟ ତଥା ଭେଗାନ ଲେଦର ତିଆରି କରାଯାଉଛି। ୨୦୨୦ରେ ସୁରେଶ ତାଙ୍କ ସ୍ତ୍ରୀ ସହ 'ଭୂମି' ସଂସ୍ଥା ଆରମ୍ଭ କରି ତା'ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ବିଶେଷକରି ନେଦରଲାଣ୍ଡର ଟେର୍ଜେଡ ଭେନହୋଭେନ ଇଣ୍ଡଷ୍ଟ୍ରି ସହଭାଗିତାରେ ତାଙ୍କ ଶିଳ୍ପକୁ ଆଗକୁ ବଢ଼ାଇପାରିଛନ୍ତି। ସୁରେଶ ୪ଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ସହଯୋଗରେ ଏହି ଲେଦରରୁ ବିଭିନ୍ନ ଉତ୍ପାଦ ତିଆରି କରୁଛନ୍ତି। ମୁଖ୍ୟତଃ ଚପଲ, ବହି କଭର, ଭ୍ୟାନିଟି ବ୍ୟାଗ, ପେନ୍ ଷ୍ଟାଣ୍ଡ ଆଦି ଉତ୍ପାଦ ବେଶ୍ ଆକର୍ଷଣୀୟ ହୋଇପାରିଛି। ଏହି ସବୁ ଉତ୍ପାଦକୁ କେବଳ ଭାରତରେ ନୁହେଁ ବିଶ୍ୱ ସ୍ତରରେ ପହଞ୍ଚାଇବା ଲାଗି ତାଙ୍କୁ ସୁଯୋଗ ମିଳିଛି, ଯାହାଦ୍ୱାରା ସେ ଦିଲ୍ଲୀରେ ଅନୁଷ୍ଠିତ ଜି୨୦ ସମ୍ମିଳନୀ ଅବସରରେ ହାଇଦ୍ରାବାଦରେ ଏକ ଷ୍ଟଲ୍ ମଧ୍ୟ ଖୋଲିଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

**୨୩ ଏପ୍ରିଲ ୧୯୭୫**

- ତାଳଚେର ହାଣ୍ଡିଧୁଆ କୋଇଲାଖଣି ସମ୍ପର୍କରେ ଗୋଏଙ୍କା କମ୍ପାନୀ ସହିତ ହୋଇଥିବା ଚୁକ୍ତିକୁ ରାଜ୍ୟ ସରକାର ରଦ୍ଦ କରିଛନ୍ତି।
- ଦୁଇ ଜଣ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଏବଂ ଜଣେ ଉପମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ଫଳରେ ତ୍ରିପୁରା ମନ୍ତ୍ରିମଣ୍ଡଳର ସଭ୍ୟ ସଂଖ୍ୟା ୧୧କୁ ବୃଦ୍ଧି ପାଇଛି।
- ରାଚିଭାରି ଇଞ୍ଜିନିୟରିଂ କର୍ପୋରେସନର ଫାଉଣ୍ଡ୍ରି ଫୋର୍ଜ କାରଖାନାରେ ଡିଜେଲ ରେଳ ଇଞ୍ଜିନ ପାଇଁ ଭାରତର ପ୍ରଥମ କ୍ରାଙ୍କସାଫଟ୍ ନିର୍ମିତ।

## ଚିରନ୍ତନୀ

ଆସ ତୁମେ ଆସ ପାଶେ,
ଗଭୀର ନୀରବଭାଷେ
ପରଶ ଏ କ୍ଷୁବ୍ଧ ମୋର ତନୁ,
ଶୀତଳ ବିଦ୍ୟୁତ୍ ସମ
ସେ ପରଶ ଲାଗି ମମ
ଘୁଞ୍ଚାଉ ବିଷାଦଛାୟା ମନୁଁ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 1 | | | 3 |
| | 3 | 8 | | 5 | 6 | 9 | | |
| 4 | | | | | | 5 | | 6 |
| | | 7 | 3 | | | | | |
| | | | | | | | 7 | |
| | | | 1 | 2 | | 6 | | |
| | | | | | | | | |
| 2 | | 9 | | | 4 | | 1 | |
| | 1 | 3 | 6 | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 4 | 6 | 2 | 7 | 8 | 1 | 3 |
| 2 | 8 | 6 | 9 | 1 | 3 | 4 | 5 | 7 |
| 7 | 3 | 1 | 8 | 4 | 5 | 6 | 9 | 2 |
| 8 | 4 | 3 | 5 | 9 | 2 | 1 | 7 | 6 |
| 6 | 9 | 2 | 1 | 7 | 4 | 5 | 3 | 8 |
| 5 | 1 | 7 | 3 | 6 | 8 | 9 | 2 | 4 |
| 1 | 7 | 9 | 4 | 3 | 6 | 2 | 8 | 5 |
| 4 | 2 | 8 | 7 | 5 | 9 | 3 | 6 | 1 |
| 3 | 6 | 5 | 2 | 8 | 1 | 7 | 4 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ରୁଗ୍‌ଣ ମାନସିକତା

ମହାଶୟ,

ଆମେ ଗ୍ରାମାଞ୍ଚଳର ଲୋକ। ଆମ ଅଞ୍ଚଳରେ ସରକାରଙ୍କର ଅନାବାଦୀ ଓ ଗୋଚର ଜମି(ଚାରଣ ଜମି) ବହୁ ପରିମାଣରେ ଅଛି। ତେଣୁ ଗାଈ ଘାସ ଖାଇବାରେ କିଛି ଅସୁବିଧା ନାହିଁ। ଚାଷଜମିରେ ପର୍ଯ୍ୟାପ୍ତ ପରିମାଣରେ ଘାସ ଅଛି। କୁଣ୍ଡା ଓ କୁଟା(ନଡ଼ା)ର ମଧ୍ୟ ଅଭାବ ନାହିଁ। ଏହା ଗାଈର ମୁଖ୍ୟ ଖାଦ୍ୟ। ରୋଷେଇ ଘରୁ ପେଜ ଓ ତୋରାଣି ବହୁ ପରିମାଣରେ ବାହାରେ। କିନ୍ତୁ ଆମେ ଘରେ ଗାଈ ରଖିବାକୁ ଅନିଚ୍ଛୁକ। କାରଣ ଗୁହାଳ ସଫା କରିବା ଓ ଗାଈର ସେବା କରିବାକୁ ଆମେ ଅନିଚ୍ଛୁକ। କିନ୍ତୁ ଗୋ–ସୁରକ୍ଷା ଉପରେ ଅଧିକ କହୁ। ଏହା ଏକ ପ୍ରକାର ରୁଗ୍‌ଣ ମାନସିକତା । ବଜାରରୁ କ୍ଷୀର ପକେଟକୁ କିଣି ଖାଉଛେ। ସକାଳେ ପୂର୍ବ ପରି ଗୋବର ପାଣି ଦାଣ୍ଡଦୁଆରେ ପକାଯାଉ ନାହିଁ।

**–କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଶତ୍ରୁଘ୍ନ



@ ସଞ୍ଜୟ



@ ସନ୍ତୋଷ



@ ସୁଦର୍ଶନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।





**ସରିଲା ରୁକୁଣା ରଥ ଯାତ୍ରା:** ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ବିଜେ ଅବସରରେ ରୁକୁଣା ରଥ ସମ୍ମୁଖରେ ଲଉଡି ଖେଳ ଓ ଘଣ୍ଟ ନାଦ କରାଯାଉଛି।

# ଶ୍ରୀଲିଙ୍ଗରାଜଙ୍କ ସ୍ୱର୍ଣ୍ଣାଦ୍ରି ବିଜେ



ଶ୍ରୀଜୀଉଙ୍କୁ ସେବାୟତମାନେ ରଥରୁ ମନ୍ଦିରକୁ ବିଜେ କରୁଛନ୍ତି।

**ପୁରୁଣା ଭୁବନେଶ୍ୱର,୨୨।୪ (ସୁବାସ ଚନ୍ଦ୍ର ପ୍ରଧାନ)**

ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବ ପ୍ରଭୁ ଶ୍ରୀଲିଙ୍ଗରାଜ ରୁକୁଣା ରଥଯାତ୍ରା ସମ୍ପନ୍ନ କରି ସ୍ୱର୍ଣ୍ଣାଦ୍ରି ବିଜେ କରିଛନ୍ତି। ତିନିମୁଣ୍ଡିଆ ଛକର ବୈତାଳ ମନ୍ଦିରଠାରେ ଅଟକି ରହିଥିବା ରୁକୁଣା ରଥ ଉପରେ ସୋମବାର ସକାଳଧୂପ ସରିବା ପରେ ରଥ କାଳସୀ ରଥ ଟାଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଶତାଧିକ ଶ୍ରଦ୍ଧାଳୁ ଓ ପୋଲିସ ରଥ ଟାଣି ବଡ଼େଇବାଙ୍କଠାରେ ପହଞ୍ଚାଇଥିଲେ। ଏହା ପରେ କପାଳି ମଠଠାରେ ରଥ କିଛି ସମୟ ଅଟକି ରହିଥିଲା। ମା’ପାର୍ବତୀ ପାଲିଙ୍କିରେ ବିରାଜମାନ କରି ସେବାୟତମାନଙ୍କ ଗହଣରେ ରାଗରେ ରଥ କାଠ ଭାଙ୍ଗି ଚାହାଣି ମଣ୍ଡପକୁ ବିଜେ କରିଥିଲେ। ଏହାପରେ ରଥଖଳାରେ ପହଞ୍ଚିଥିଲା ରଥ। ରଥାରୂଢ଼ ଶ୍ରୀଜୀଉଙ୍କ ନିକଟରେ ରସଗୋଲା ଭୋଗ ହୋଇଥିଲା। କ୍ଷେତ୍ରବାସୀ ବ୍ରାହ୍ମଣ ସେବାୟତ ଗୌରୀଶଙ୍କର ଶତପଥୀଙ୍କ ସହ ସୁବ୍ରତ ପଣ୍ଡା, ଚାନ୍‌ଜିତ ବଟୁ, ରାକେଶ ମହାସୁଆର, ଦୁର୍ଗା ପ୍ରସାଦ ମହାପାତ୍ର, ହିମାଂଶୁ ଗରାବଡୁ ପ୍ରମୁଖ ରସଗୋଲା ଭୋଗ କରିସାରିବା ପରେ ଭକ୍ତଙ୍କୁ ବାଣ୍ଟିଥିଲେ। ଏହା ପରେ ମନ୍ଦିରରେ ବୀରକିଶୋରୀ ବଲ୍ଲଭ, ଦ୍ୱିପ୍ରହର ଧୂପ, ଠାକୁରାଣୀ ଦ୍ୱିପ୍ରହର ଧୂପ ଶେଷ ହୋଇଥିଲା। ପରେ ମା’ପାର୍ବତୀ ଏବଂ ରଥାରୂଢ଼ ଶ୍ରୀଲିଙ୍ଗରାଜଙ୍କ ମଧ୍ୟରେ ବଚନିକା ହୋଇଥିଲା। ଏହି ବଚନିକାକୁ ଦୁଇ ଜଣ ପୂଜାପଣ୍ଡା ସେବାୟତ ଉପସ୍ଥାପନ କରିଥିଲେ। ଅନ୍ୟାନ୍ୟ ନୀତି ପରେ ଶ୍ରୀଲିଙ୍ଗରାଜ ସ୍ୱର୍ଣ୍ଣାଦ୍ରି ବିଜେ କରିଥିଲେ।




## ପଛୁଆ ଗଡ଼ିଲା ରଥ, ବର୍ତ୍ତିଲେ ଭକ୍ତ

ବଡ଼େଇବାଙ୍କଠାରୁ କପାଳି ମଠ ଅଭିମୁଖେ ରୁକୁଣା ରଥକୁ ଟାଣି ନେଉଥିଲେ ଶ୍ରଦ୍ଧାଳୁ। ହଠାତ୍ କୌଣସି କାରଣ ପାଇଁ ରଥ ପଛକୁ ଗଡ଼ିବା ସହ ଖରଡା ମାନି ନ ଥିଲା। ରଥ ପଛକୁ ରହିଥିବା ପୋଲିସ, ଆମ୍ବୁଲାନ୍ସ ଗାଡ଼ିରେ ଥିବା କର୍ମଚାରୀମାନେ ଗାଡ଼ି ରଖି ଓହ୍ଲାଇ ପଡ଼ିଥିଲେ। ଖରଡ଼ା ସେବାୟତଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ରଥ ପଛକୁ ଆଉ ଗଡ଼ି ନ ଥିଲା। ଏହା ପରେ ରଥଟଣା ଯାଇଥିଲା। ଏକ ବଡ଼ ଅଘଟଣରୁ ଶ୍ରଦ୍ଧାଳୁ ବର୍ତ୍ତିଗଲେ ବୋଲି ପ୍ରଦୀପ ସେବାଟ୍ରଷ୍ଟର ସଭାପତି ପ୍ରଦୀପ ପୁଷ୍ଟି କହିଛନ୍ତି।

# ଫାଙ୍କା ଗୁଳି ଚଳାଇ ସୁନାଚେନ ଲୁଟ ଉଦ୍ୟମ



ଘଟଣାସ୍ଥଳରେ ପୋଲିସ ପଚରାଉଚରା କରୁଛି।

**ବେଗୁନିଆ,୨୨।୪ (ହରପ୍ରସନ୍ନ ପଣ୍ଡା/ଶ୍ରଦ୍ଧାଞ୍ଜଳି ମିଶ୍ର)**

ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳରେ ସୋମବାର ଦୁର୍ବୃତ୍ତମାନେ ଫାଙ୍କା ଗୁଳି ଚଳାଇ ଜଣେ ମହିଳାଙ୍କ ବେକରୁ ସୁନାଚେନ ଲୁଟ ଉଦ୍ୟମ କରିଛନ୍ତି। ତେବେ ମହିଳା ଜଣଙ୍କ ପ୍ରତିରୋଧ ଯୋଗୁ ଲୁଟ ଉଦ୍ୟମ ବିଫଳ ହୋଇଛି। ଖବରପାଇ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବାଙ୍କୀ ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମର ବନ୍ଧୁଙ୍କ ଘରୁ କାର୍ଯ୍ୟ ସାରି ଅପରାହ୍ଣରେ ତପସ୍ୱିନୀ ବିଶ୍ୱାଳ ସମ୍ପର୍କୀୟଙ୍କ ବାଇକ୍‌ରେ ସାରୁଅ ଗ୍ରାମକୁ ଯାଉଥିଲେ। ଗଁପୁର ଗ୍ରାମ ନିକଟରୁ ଅନ୍ୟ ଏକ ବାଇକ୍‌ରେ ଦୁଇ ଜଣ ଦୁର୍ବୃତ୍ତ ସେମାନଙ୍କ ପିଛା କରିଥିଲେ। ସିମୋର-ବାଘମାରୀ ରାସ୍ତାରେ ବାଇକ୍ ଚକାରେ ଲୁଗା ପଶିଯାଇଛି ବୋଲି ଦୁର୍ବୃତ୍ତମାନେ ତପସ୍ୱିନୀଙ୍କୁ କହିଥିଲେ। ଏହାପରେ ଦୁର୍ବୃତ୍ତମାନେ ତାଙ୍କ ବାଇକ୍‌କୁ ଅଟକାଇଥିଲେ। ସେଠାରେ ଗୋଟିଏ ରାଉଣ୍ଡ ଫାଙ୍କା ଗୁଳି ଚଳାଇ ଭୟଭୀତ କରାଇଥିଲେ। ତପସ୍ୱିନୀଙ୍କ ବେକରୁ ସୁନାଚେନ ଛିଣ୍ଡାଉଥିବା ବେଳେ ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପରେ ଦୁର୍ବୃତ୍ତମାନେ ବିଫଳ ହୋଇ ପଳାଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲା। ତେବେ ପ୍ରାଥମିକ ତଦନ୍ତରୁ ଗୁଳିମାଡ଼ର କୌଣସି ପ୍ରମାଣ ମିଳୁନାହିଁ ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରରେ ତିନି ଠାକୁରଙ୍କୁ ଲାଗିହେଲା ଦୟଣା

**ପୁରୀ,୨୨।୪(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିରରେ ସୋମବାର ଶ୍ରୀବିଗ୍ରହଙ୍କ ଦୟଣାଲାଗି ନୀତି ସମ୍ପନ୍ନ ହୋଇଛି। ପୂର୍ବଦିନ ଅର୍ଥାତ ରବିବାର ଚୈତ୍ର ଶୁକ୍ଳ ତ୍ରୟୋଦଶୀରେ ଦୟଣା ଚୋରି ନୀତି ସମ୍ପନ୍ନ ହୋଇଥିଲା। ସୋମବାର ଚତୁର୍ଦ୍ଦଶୀ ତିଥିରେ ପରମ୍ପରା ଅନୁଯାୟୀ, ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ ଠାକୁର ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗିକରାଯାଇଛି। ଶ୍ରୀମନ୍ଦିରରେ ସକାଳ ଧୂପ ସମ୍ପନ୍ନ ହେବା ପରେ ଠାକୁରଙ୍କ ମହାସ୍ନାନ ନୀତି ହୋଇଥିଲା। ପରେ ଘଟୁଆରୀ ଘରଠାରୁ ପୂଜାପଣ୍ଡା ସାମନ୍ତ, ପତିମହାପାତ୍ର ଏବଂ ମୁଦିରସ୍ତ ପିଙ୍ଗଣରେ ଚନ୍ଦନ ଆଣି ରତ୍ନସିଂହାସନକୁ ବିଜେ କରାଇଥିଲେ। ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ଲାଗି ପରେ ନୂଆଲୁଗା ଲାଗିହୋଇ ବେଶ ବଢ଼ିଥିଲା। ଶ୍ରୀବିଗ୍ରହମାନଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗିକରାଯାଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଭୋଗମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡ଼ି ଧରିଥିଲେ। ମହାଜନ ସେବକମାନେ ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କୁ ହାତରେ ବିଜେ କରାଇ ଘଣ୍ଟା, ଛତା ସହିତ ଶ୍ରୀମନ୍ଦିର ଭିତରବେଢାରେ ୩ ଘେରା ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇ ଥିଲେ। ପରେ ତିନି ଠାକୁରଙ୍କୁ ଦୟଣା ଲାଗିକରାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ କରିଥିଲେ। ପରେ ପାଣି ପଡ଼ି ବନ୍ଦାପନା ହେବା ପରେ ଠାକୁରଙ୍କୁ ଲାଗି ଦୟଣା ମଇଲମ ହୋଇ ଶ୍ରୀନଅରକୁ ପଠାଯାଇଥିଲା। ମଦନମୋହନ ଦକ୍ଷିଣୀଘର ବିଜେ କରିବା ପରେ ଭୋଗ ଲାଗି ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢିଥିଲା।

# ଅଂଶୁଘାତରେ ମୃତ୍ୟୁ ଅଭିଯୋଗ, ବିନା ବ୍ୟବଚ୍ଛେଦରେ ସଂସ୍କାର

**ନିଶ୍ଚିନ୍ତକୋଇଲି,୨୨।୪ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ପଞ୍ଚାୟତ ଅନ୍ତର୍ଗତ ବଡଥାକନ ଗ୍ରାମର ଜଣେ ବ୍ୟକ୍ତିଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ମୃତକ ହେଲେ ଏହି ଗ୍ରାମର ରଘୁନାଥ ମଳିକ(୫୭)। ସୋମବାର ଅପରାହ୍ଣରେ ସେ ଘର ନିକଟରେ କାର୍ଯ୍ୟ କରୁଥିଲେ। ଅସହ୍ୟ ତାତିଯୋଗୁ ଗୁରୁତର ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କଟକ ଯିବା ବାଟରେ ତାଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇ ନଥିବା ବେଳେ ଗ୍ରାମ ଶ୍ମଶାନରେ ରଘୁନାଥଙ୍କ ସଂସ୍କାର କରାଯାଇଛି।



ରତନ ଟାଟାଙ୍କୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମ୍ମାନ ପ୍ରଦାନ କରୁଛନ୍ତି।

# ରତନ ଟାଟାଙ୍କୁ ସମ୍ମାନଜନକ ‘କିସ୍ ହ୍ୟୁମାନିଟାରିଆନ ସମ୍ମାନ’

**ଭୁବନେଶ୍ୱର, ୨୨।୪(ଅସମାପିକା ସାହୁ)**

ସାମାଜିକ ବିକାଶ ପ୍ରତି ପ୍ରତିବଦ୍ଧତା ଓ କର୍ପୋରେଟ ନେତୃତ୍ୱ କ୍ଷେତ୍ରରେ ବଳିଷ୍ଠ ଅବଦାନ ଲାଗି ଶିଳ୍ପପତି, ସାମାଜିକ କର୍ମୀ ତଥା ଟାଟାଗ୍ରୁପ୍ ଚେୟାରମ୍ୟାନ ଏମେରିଟସ୍ ରତନ ଟାଟାଙ୍କୁ ସମ୍ମାନଜନକ ‘କିସ୍ ହ୍ୟୁମାନିଟାରିଆନ ସମ୍ମାନ-୨୦୨୧’ ପ୍ରଦାନ କରାଯାଇଛି। ସୋମବାର ମୁମ୍ବାଇସ୍ଥିତ ରତନ ଟାଟାଙ୍କ ବାସଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଟାଟା ଗ୍ରୁପ୍ ଅଧ୍ୟକ୍ଷ ଏନ୍. ଚନ୍ଦ୍ରଶେଖରନ ଓ ତିନିଥର ଗ୍ରାମି ପୁରସ୍କାର ବିଜେତା ରିକି କେଜ୍‌ଙ୍କ ଉପସ୍ଥିତିରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ରତନ ଟାଟାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ରତନ ଟାଟା ବାହାରକୁ ଯାଉ ନ ଥିବାରୁ ତାଙ୍କ ବାସଭବନରେ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ ଅବସରରେ ରତନ ଟାଟା କିସ୍ ଓ ଏହାର ପ୍ରତିଷ୍ଠାତା ସାମନ୍ତଙ୍କୁ ଧନ୍ୟବାଦ ଦେବା ସହ ଏହା ମୋ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି କହିଥିଲେ। ସାଧାରଣତଃ ରତନ ଟାଟା କୌଣସି ପୁରସ୍କାର ଗ୍ରହଣ କରି ନ ଥାନ୍ତି। ମାତ୍ର କିସ୍ ହ୍ୟୁମାନିଟାରିଆନ ସମ୍ମାନର ଗୁରୁତ୍ୱ ଉପଲବ୍ଧି କରି ସେ ଏହି ସମ୍ମାନ ଗ୍ରହଣ କରିବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ୨୦୨୧ରେ ଟାଟାଙ୍କୁ ଏହି ସମ୍ମାନ ଗ୍ରହଣ କରିବା ପାଇଁ ସାମନ୍ତ ଅନୁରୋଧ କରିଥିଲେ। କୋଭିଡ୍ ମହାମାରୀ ଯୋଗୁ ସେତେବେଳେ ତାଙ୍କୁ ସମ୍ମାନ ପ୍ରଦାନ କରାଯାଇପାରି ନ ଥିଲା। ଏବେ ରତନ ଟାଟାଙ୍କୁ ଏହି ସମ୍ମାନ ପ୍ରଦାନ କରି ନିଜକୁ ଗୌରବାନ୍ୱିତ ମନେକରୁଛି ବୋଲି ସାମନ୍ତ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ସେ କହିଲେ, ରତନ ଟାଟାଙ୍କ ସମାଜସେବା ଓ ନେତୃତ୍ୱ ମୋତେ ପିଲାଦିନୁ ପ୍ରଭାବିତ କରିଥିଲା। ସମୟ ଥିଲା ଦିନେ ମୋ ବାପା ଟାଟା କମ୍ପାନୀରେ ଏକ ଛୋଟ କର୍ମଚାରୀ ଥିଲେ। ମୋତେ ଯେତେବେଳେ ମାତ୍ର ୪ବର୍ଷ ବୟସ ହୋଇଥିଲା, ସେତେବେଳେ ମୋ ବାପା ଏକ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ସେବେଠାରୁ ମୁଁ ରତନ ଟାଟାଙ୍କୁ ସମ୍ମାନ ଦେବା ସହ ଭଲ ପାଇ ଆସୁଛି ବୋଲି ସାମନ୍ତ କହିଛନ୍ତି। ଏହି ଅବସରରେ କିସ୍‌ର ୪୦ ହଜାର ଛାତ୍ରୀଛାତ୍ର ରତନ ଟାଟାଙ୍କ ସୁସ୍ଥ, ଦୀର୍ଘ ଓ ନିରାମୟ ଜୀବନ କାମନା କରିଛନ୍ତି।

**PUBLIC NOTICE**

This is for the information of all that Shankar Lal Gupta (on 25/3/2023) & Suman gupta (on 2/4/2017 both residing at D-19, BJB Nagar , Bhubhaneswar, Odisha, Shiv Dayal Gupta (on 20/1/2017) residing 11A/3 Sunny Park, Ballygunge , kolkata-19 have expired.

We Usha Gupta - 9830029330, Madan Mohan Gupta- 9124999997, Hari Narayan Gupta - 9830200208, Shri Gopal Gupta, Sushila Gupta - 9692853332, Sunita Sharma - 96653 46602 are legal heirs of the above.

All properties in Odisha whether in Individual or joint names are family properties owned equally by all of us.We all have equal rights on all properties in the above names. Anyone who has dealt or is dealing after the demise without the consent of all of us will be doing at their own risk.

**Odisha State Health & Family Welfare Society**
Deptt. of Health & Family Welfare, Govt. of Odisha
Annexure Building of SIH & FW, Nayapalli, Unit-8,
Bhubaneswar-751012 Phone / Fax: 0674-2392479 / 80/88
Advt. No: 16/24

**CLARIFICATION/CORRIGENDUM**

**TO THE REQUEST FOR PROPOSAL (RFP) FOR OPERATION AND MANAGEMENT OF INTEGRATED PATIENT TRANSPORT i.e. EMERGENCY MEDICAL AMBULANCE SERVICE (108), BOAT AMBULANCE, 24 x 7 REFERAL MEDICAL TRANSPORT SERVICE (JANANI EXPRESS) AND HEALTH HELPLINE SERVICE (104), “IPTHHS, Ph-II” IN ODISHA**

No. E-6:- With reference to the advertisement published on RFP Reference No. OSH&FWS/01/2024/IPTHHS-II published in the “The Indian Express”, “The New Indian Express”, “The Times of India” , “Prameya” and “Dharitri” on 30.01.2024 , and subsequent clarification/corrigendum published on 31st March, 2024, in response to queries raised in the pre-bid conference, the revised Clarification to the point no.16 of the clarification/corrigendum published is being issued to the “Request for Proposal” for **Operation and Management of INTEGRATED PATIENT TRANSPORT AND HEALTH HELPLINE SERVICE, “IPTHHS, Ph-II” IN ODISHA(30 Districts) . The details of the revised clarification to the point No.16** of the clarification/corrigendum published, can be downloaded from the official website https://nhmodisha.gov.in and https://health.odisha.gov.in. All other terms and conditions in the RFP (except clarification/corrigendum published on 31.03.2024) and advertisement published on 30.01.2024 shall remain unchanged. Further, the last date for submission of complete bid documents is remain **unchanged** i.e. 29th April 2024, 3 P.M.

**Sd./- Mission Director,**
OIPR-10084/11/0001/2425 **National Health Mission, Odisha**

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA.**
**O.A. No. 550 of 2023**

Utkal Grameen Bank ...Applicant
Versus
Purandar Pradhan & others ...Defendant(s)
To,
Defendant No.5.
**Ajit Pradhan,** S/o.: Late Ghanshyam Pradhan, Vill: Podakhol, PO.: Naktideul, Dist.: Sambalpur
&
Defendant No.6.
**Dharitri Pradhan,** W/o.: Kalia Pradhan, D/o.: Late Ghanshayam Pradhan, At: Lundaberni, PO/P.S.: Boudh, Dist.: Boudh

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A No. 550 of 2023** in the court of the Debts of Recovery Tribunal, Cuttack for recovery of **Rs. 23,39,980/- (Rupees Twenty Three Lakhs Thirty Nine Thousand Nine Hundred Eighty)** only together with current and future interest, cost and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defense to show cause within **30 days** from the publication or on **30/05/2024 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **06th day of April 2024.**

**Sd/- (Nikhila Ranjan Pati)**
**REGISTRAR**

## ସଂକ୍ଷେପରେ

### ଭୁବନେଶ୍ୱର ବାର୍ ଆସୋସିଏଶନ୍ ସଭାପତି, ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୨।୪(ସତ୍ୟଜିତ୍ ରାଉତ): ଭୁବନେଶ୍ୱର ସେଣ୍ଟ୍ରାଲ ଲୟର୍ସ ଆସୋସିଏଶନ୍ ପକ୍ଷରୁ ଭୁବନେଶ୍ୱର ବାର୍ ଆସୋସିଏଶନ୍‌ର ନବନିର୍ବାଚିତ ସଭାପତି କୁନ୍ଦନ ରଥ ଓ ସମ୍ପାଦକ ଦୀପକ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ସନ୍ଧ୍ୟାରେ ଝାରପଡ଼ା ଦୁର୍ଗା ମଣ୍ଡପରେ ଭୁବନେଶ୍ୱର ସେଣ୍ଟ୍ରାଲ ଲୟର୍ସ ଆସୋସିଏଶନ୍ ସଭାପତି ଅଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଂଘ ଉପଦେଷ୍ଟା ଶିବ ପ୍ରସାଦ ପତି, ଅଜୟ କୁମାର ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସଂଯୁକ୍ତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

### ଚନ୍ଦନପୁରରେ ଗୁଳିମାଡ଼

ପୁରୀ, ୨୨।୪(ଅଜିତ ମହାନ୍ତି): ଚନ୍ଦନପୁର ବଜାରରେ ସୋମବାର ଗୁଳିମାଡ଼ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଖବର ପାଇ ଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ଚନ୍ଦନପୁର ବଜାରରେ ଥିବା ବ୍ୟବସାୟୀ ନିରଞ୍ଜନ ସାହୁଙ୍କ ସିମେଣ୍ଟ ଗୋଦାମ ଉପରକୁ ଜଣେ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ସେ ବୋମାମାଡ଼ କରି ଫେରାର ହୋଇଯାଉଥିବାବେଳେ ଦୁର୍ଘଟଣା ଶିକାର ହୋଇଥିଲେ। ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ତଦନ୍ତ କରିବାବେଳେ ତାଙ୍କ ନାମ ପବିତ୍ର ମଲ୍ଲିକ ବୋଲି ଜାଣିବାକୁ ପାଇଛି।

### ନବକିଶୋରଙ୍କୁ ଆଇନଜୀବୀଙ୍କ ସମର୍ଥନ

ବାଲିପାଟଣା,୨୨।୪(ଅଭିମନ୍ୟୁ ନାୟକ): ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ନବକିଶୋର ମଲ୍ଲିକଙ୍କୁ ଏହି ଅଞ୍ଚଳର ଆଇନଜୀବୀମାନେ ସମର୍ଥନ ଜଣାଇଛନ୍ତି। ପ୍ରାଚୀ ମଣ୍ଡପରେ ଆୟୋଜିତ ବୈଠକରେ ୭୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ଯୋଗଦେଇ ଏହି ନିଷ୍ପତ୍ତି ନେଇଛନ୍ତି। ବରିଷ୍ଠ ଓକିଲ ବିଶ୍ୱନାରାୟଣ ମହାନ୍ତିଙ୍କ ଦ୍ୱାରା ଆହୁତ ଏହି କାର୍ଯ୍ୟକ୍ରମରେ ବିଜେଡି ପ୍ରାର୍ଥୀ ନବକିଶୋର, ଆମ ସଙ୍ଗଠନର ମୁଖ୍ୟ କମଳ ପାତ୍ର ଯୋଗଦେଇ ଆଇନଜୀବୀଙ୍କୁ କୃତଜ୍ଞତା ଜଣାଇଥିଲେ। ବୈଠକରେ ଅମରେନ୍ଦ୍ର ପଟ୍ଟନାୟକ, ତାପସ ଦାସ, ରଶ୍ମିରଞ୍ଜନ ମହାନ୍ତି, ଶକ୍ତି ପ୍ରସାଦ ଛୋଟରାୟ, ଅମରେଶ ସ୍ୱାଇଁ, ସମ୍ବିତ ରାୟ, କିଶୋର ଭାରତୀୟ, ପ୍ରଦୀପ୍ତ ପାଲ, ସୁରେଶ ଦାସ, ଲକ୍ଷ୍ମୀଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଦ ହଜାଇଲେଣି ସାଇବର ଅପରାଧୀ

ଭୁବନେଶ୍ୱର,୨୨।୪ (ସୂର୍ଯ୍ୟକାନ୍ତ ବେହେରା)

## ଶଟ୍ ଭିଡିଓରେ ସଚେତନ କଲା କମିଶନରେଟ୍ ପୋଲିସ

ବାରମ୍ବାର ସଚେତନତା ସତ୍ତ୍ୱେ ଦିନକୁ ଦିନ ଠକାମିର ଶିକାର ହେଉଛନ୍ତି ଲୋକେ। ବିଭିନ୍ନ କୌଶଳ ଆପଣାଇ ଲୁଟୁଛନ୍ତି ସାଇବର ଅପରାଧୀ। କେତେବେଳେ ହ୍ୱାଟ୍‌ସଆପ ଡିପିରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଫଟୋ ଲଗାଇ ଡରାଇ ଧମକାଇ ଟଙ୍କା ମାଗୁଛନ୍ତି ତ ପୁଣି କେତେବେଳେ ଅନ୍ୟ ଉପାୟରେ ଠକୁଛନ୍ତି। ଠକେଇ ପାଇଁ ସାଇବର ଅପରାଧୀମାନେ ନୂଆ ନୂଆ କୌଶଳ ଆପଣାଉଥିବାରୁ ପୋଲିସ ଓ ସାଧାରଣ ଲୋକଙ୍କ ନିଦ ହଜିଛି। ଏହାକୁ ରୋକିବାକୁ କମିଶନରେଟ ପୋଲିସ ଯେତେସବୁ ପନ୍ଥା ଆପଣାଇଥିଲେ ବି କିଛି ସୁଫଳ ମିଳୁନି। ତେଣୁ ସୋମବାର ଶଟ୍ ଭିଡିଓ ଜାରି କରି ସଚେତନ କରାଇବାକୁ ଚେଷ୍ଟା କରିଛି ପୋଲିସ। ଉକ୍ତ ଭିଡିଓରେ କୁହାଯାଇଛି, ଯଦି କେହି ବ୍ୟକ୍ତି ବାହାର ଦେଶ ନମ୍ବରରୁ ହ୍ୱାଟ୍‌ସଆପ୍‌ରେ କଲ୍ କରନ୍ତି ଓ ଡିପିରେ ପୋଲିସ ଫଟୋ ବ୍ୟବହାର କରି ଡରାନ୍ତି, ତା'ହେଲେ ଭୟଭୀତ ହୋଇ ସେମାନଙ୍କୁ କୌଣସି ବ୍ୟକ୍ତିଗତ ତଥ୍ୟ ଶେୟାର ନ କରିବାକୁ କୁହାଯାଇଛି। ଏପରିକି ଉକ୍ତ ନମ୍ବରକୁ ସଙ୍ଗେ ସଙ୍ଗେ ବ୍ଲକ କରିବା ସହ ୧୯୩୦ ବା ସାଇବର ଥାନାରେ ତୁରନ୍ତ ଅଭିଯୋଗ କରିବାକୁ ଭିଡିଓରେ ପରାମର୍ଶ ଦିଆଯାଇଛି। ସୂଚନାନୁସାରେ, ତିନିଦିନ ତଳେ ଜଣେ ବୟସ୍କ ବ୍ୟକ୍ତିଙ୍କ ପାଖକୁ ସାଇବର ଅପରାଧୀ ଧମକପୂର୍ଣ୍ଣ କଲ୍ କରିଥିଲେ। ଅପରାଧୀ ଜଣକ କହିଥିଲେ, ଜଣେ ଯୁବତୀଙ୍କୁ ତୁମ ପୁଅ ୪ଜଣ ସାଙ୍ଗ ସହ ମିଶି ବଳାତ୍କାର କରିଛନ୍ତି। ଯୁବତୀ ଜଣକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏଥିପାଇଁ ତୁମ ପୁଅଙ୍କୁ ଓଡ଼ିଶାରେ ଗିରଫ କରାଯାଇଛି। ୨୦ ହଜାର ଟଙ୍କା ପଠାଇଲେ ତୁମ ପୁଅଙ୍କୁ ଛାଡି ଦିଆଯିବ। ତେବେ ହ୍ୱାଟ୍‌ସଆପ୍‌ରୁ ଏହି କଲ୍ ଆସିଥିବାବେଳେ ସେଥିରେ ଜଣେ ବରିଷ୍ଠ ପୋଲିସ ଡିଜିଙ୍କ ଫଟୋ ଥିବା ଦେଖି ପ୍ରଥମେ ବ୍ୟକ୍ତିଜଣକ ଚିନ୍ତାରେ ପଡିଥିଲେ। ହେଲେ ପରେ ଏହା ସାଇବର ଠକଙ୍କ ଚାଲ୍‌ବାଜି ଜାଣିବା ପରେ ଚତୁରତାର ସହ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟ ଏକ ଘଟଣାକ୍ରମ ଅନୁଯାୟୀ, ଜଣେ ଯୁବତୀଙ୍କ ଫ୍ଲିପ୍ କାର୍ଟ ଆକାଉଣ୍ଟକୁ କୌଣସି ମତେ ହ୍ୟାକ୍ କରି କେହି ଜଣେ ନୂଆଦିଲ୍ଲୀରୁ ୩୦ ହଜାରୁ ଅଧିକ ଟଙ୍କାର ଏକ ମୋବାଇଲ୍ ଫୋନ୍ ଓ ଗିଫ୍ଟ ଶପିଂ କରିନେଇଛନ୍ତି। ଯୁବତୀ ଜଣକ ନିଜ ଆକାଉଣ୍ଟ ଲଗ୍ ଇନ୍ କରି ଏହା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ରମାଦେବୀ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ରୀଙ୍କ ବାପାଙ୍କୁ କିଛିଦିନ ତଳେ ପୋଲିସ ଡିପି ରଖି ହ୍ୱାଟ୍ସଆପ୍‌ରେ ସାଇବର ଠକ କଲ୍ କରି ଡରାଇବାକୁ ମଧ୍ୟ ଚେଷ୍ଟା କରିଥିଲେ।






ମ୍ୟୁଜିକ ସର୍କଲ ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଆସର।

# ଗୁରୁ ଗୋପାଳ କୃଷ୍ଣ ସାହୁଙ୍କୁ 'ହରିହରନ ସମ୍ମାନ'

ଭୁବନେଶ୍ୱର,୨୨।୪(ଶର୍ମିଷ୍ଠା ପାଣିଗ୍ରାହୀ)

## ଭାଓଲିନ ବାଦନ ସହ ହିନ୍ଦୁସ୍ଥାନୀ ସଙ୍ଗୀତର ଆସର

ମ୍ୟୁଜିକ ସର୍କଲ ପକ୍ଷରୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ଆସର ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜୀବନ ବ୍ୟାପୀ ସଙ୍ଗୀତ ସାଧନା ପାଇଁ ଗୁରୁ ଗୋପାଳ କୃଷ୍ଣ ସାହୁଙ୍କୁ 'ହରିହରନ ସମ୍ମାନ' ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଦସ୍ୟ ଏଚ୍. ବାଲକ୍ରିଷ୍ଣନ, ଡ. ସଂଗୀତା ଗୋସାଇଁ, କ୍ଷୀରୋଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଓଲିନ ବାଦନ ସହ ହିନ୍ଦୁସ୍ଥାନୀ ସଙ୍ଗୀତ ଗାୟନ ପରିବେଷିତ ହୋଇଥିଲା। ଆରମ୍ଭରେ ଗୁରୁ ଅମିତ୍ କୁମାର ଦାସ ଏକକ ଭାଓଲିନ ବାଦନ କରିଥିଲେ। ସେ ପୁରିୟା ଧନାଶ୍ରୀ ରାଗ ଉପରେ ଭାଓଲିନ ବାଦନ କରି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ରାଗ ଓ ତାଳର ସୁନ୍ଦର ସମନ୍ୱୟ ଶାସ୍ତ୍ରୀୟ ସଂଗୀତ ଆସରରେ ଦେଖିବାକୁ ମିଳିଥିଲା। ତବଲାରେ ଗୁରୁ ପଣ୍ଡିତ କୁଳମଣି ସାହୁ ସହଯୋଗ କରିଥିଲେ। ତବଲା ଓ ଭାଓଲିନର ଯୁଗଳବନ୍ଦୀ ଶ୍ରୋତାଙ୍କୁ ଭାବମୟ କରିଦେଇଥିଲା। ଦ୍ୱିତୀୟ ଚରଣରେ ହିନ୍ଦୁସ୍ଥାନୀ ଗାୟନ ଗୁରୁ ଗୋପାଳ କୃଷ୍ଣ ସାହୁ କରିଥିଲେ। ତାଙ୍କ କଣ୍ଠର ମାଧୁର୍ଯ୍ୟ ପ୍ରତିଟି ଶ୍ରୋତାଙ୍କୁ ଆକର୍ଷିତ କରିଥିଲା। ହିନ୍ଦୁସ୍ଥାନୀ ସଙ୍ଗୀତର ପ୍ରତିଷ୍ଠାକୁ ପ୍ରତିପାଦନ କରିଥିଲେ। ତବଲାରେ ଯୋଗେନ୍ଦ୍ରନାଥ ସ୍ୱାଇଁ ଓ ହାରମୋନିୟମରେ ବିଶ୍ୱନାଥ ମିଶ୍ର ସହଯୋଗ କରିଥିଲେ।

# ନିର୍ବାଚନରୁ ଓହରିଲେ ବିରଞ୍ଚି


ନବୀନ ନିବାସରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ବିରଞ୍ଚି ମହାସୁପକାର।

ଭୁବନେଶ୍ୱର, ୨୨।୪ (ବନ୍ଦନା ସେଠୀ)

ନିର୍ବାଚନ ମଇଦାନରୁ ଓହରିଲେ ବିଜୁ ଜନତା ଦଳର କାର୍ଯ୍ୟକାରୀ ସଭାପତି ବିରଞ୍ଚି ମହାସୁପକାର ଓରଫ ଲିଟୁ। ଏବେ ସେ ଦଳ ପାଇଁ ପ୍ରଚାର କରିବା ସହ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ କାର୍ଯ୍ୟ କରିବେ। ଚଳିତ ନିର୍ବାଚନରେ ସେ ଏକାମ୍ର ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ଭାବେ ଲଢିବା ପାଇଁ ମନସ୍ଥ କରିବା ସହ ଏଥିପାଇଁ ଜୋରଦାର ପ୍ରଚାର ମଧ୍ୟ ଚଳାଇଥିଲେ। ତେବେ ସୋମବାର ବିରଞ୍ଚିଙ୍କୁ ନବୀନ ନିବାସରୁ ଡକରା ଆସିଥିଲା। ସେଠାରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ସହ ଆଲୋଚନା ହେବା ପରେ ଏନେଇ ବିରଞ୍ଚି ସୂଚନା ଦେଇଛନ୍ତି। ଦଳର ଜଣେ ଶୃଙ୍ଖଳ କର୍ମୀଭାବେ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇବେ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଏକାମ୍ର ନିର୍ବାଚନମଣ୍ଡଳୀରୁ ବିରଞ୍ଚି ଟିକେଟ୍ ପାଇବାକୁ ଆଶା ରଖିଥିଲେ। ମାତ୍ର ଦଳ ସେଠାରେ ଅଶୋକ ପଣ୍ଡାଙ୍କୁ ରିପିଟ୍ କରିବା ପରେ ବିରଞ୍ଚି ସ୍ୱାଧୀନ ଭାବେ ଲଢେଇ ଜାରି ରଖିବେ ବୋଲି ନିଷ୍ପତ୍ତି ନେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଏବଂ ଅଧୁରା ରହିଥିବା କାମକୁ ପୂରା କରିବା ପ୍ରସଙ୍ଗ ନେଇ ନିର୍ବାଚନୀ ବୈତରଣୀ ପାର୍ ହେବାକୁ ଜୋର୍‌ଦାର ଚେଷ୍ଟା ଚଳାଇଥିଲେ।

## ଏକାମ୍ର ଯୋଜନାରେ ଅର୍ଥ ଅପବ୍ୟୟ ଅଭିଯୋଗ

ପୁରୁଣା ଭୁବନେଶ୍ୱର,୨୨।୪ (ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର ମେଗା ପ୍ରକଳ୍ପ ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। କେତେଜଣ କଣ୍ଟ୍ରାକ୍ଟର ଏବଂ ଇଞ୍ଜିନିୟରଙ୍କ ପାଇଁ ଏହି ଯୋଜନା ଅର୍ଥ ଅପବ୍ୟୟ ହେଉଥିବା ନେଇ ଏକାମ୍ର ଜନଜାଗରଣ ମଞ୍ଚ ସୋମବାର ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ତଥା ଖୋର୍ଦ୍ଧା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛି। ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଫେବର ବ୍ଲକ ଟାଇଲ ପକାଯାଇ ଶ୍ରଦ୍ଧାଳୁଙ୍କ ଯାତାୟାତ ନିମନ୍ତେ ବାରିକେଡ୍ ଓ ଅନ୍ୟାନ୍ୟ କାର୍ଯ୍ୟ କରାଯାଇଥିଲା। ଦୁଇ ବର୍ଷ ନ ପୁରୁଣୁ ସେଗୁଡିକୁ ଭାଙ୍ଗାଯାଇ ପୁନଃ ନିର୍ମାଣ କାର୍ଯ୍ୟ କରାଯାଉଛି। ଠିକାଦାରୀ ପୋଷଣ ନୀତିକୁ ପ୍ରୋତ୍ସାହନ ଦିଆଯାଉଥିବା ମଞ୍ଚ ଅଭିଯୋଗ କରିଛି। ଏଣିକି ପ୍ରତ୍ୟେକ ଯୋଜନାର ବ୍ୟୟ ବରାଦ ଫଳକ ଏବଂ ପ୍ରତି ଦିଗକୁ ଲକ୍ଷ୍ୟ କରି ଯୋଜନା କରାଯାଉ ବୋଲି ମଞ୍ଚ ଦାବି କରିଛି। ଯାହା ଦ୍ୱାରା ସାଧାରଣ ନାଗରିକଙ୍କ ଟିକସ ଅର୍ଥ ପାଣିରେ ପଡିବ ନାହିଁ ବୋଲି ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

# ନାପ୍ ପକ୍ଷରୁ ୪ ପ୍ରାର୍ଥୀଙ୍କ ନାଁ ଘୋଷଣା



ଦଳୀୟ ଟିକେଟ ଗ୍ରହଣ କରିଥିବା ପ୍ରାର୍ଥୀ।

ଫୁଲନଖରା,୨୨।୪(ସତ୍ୟରଞ୍ଜନ ଦାସମହାପାତ୍ର)

ନ୍ୟାଶନାଲ ଆପ୍‌ନୀ ପାର୍ଟି(ନାପ୍) ପକ୍ଷରୁ ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଚୟନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପାହାଳ ଥାନା ଅନ୍ତର୍ଗତ ବଙ୍ଗୁଆରୀଠାରେ ଥିବା ଦଳୀୟ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳ ପକ୍ଷରୁ ୪ ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କଳାହାଣ୍ଡି ନର୍ଲା ବିଧାନସଭା ପାଇଁ ଶଶିଦେବ ହରିଜନ, ସୁନ୍ଦରଗଡ ରଘୁନାଥପାଲି ପାଇଁ ଶ୍ରୀକାନ୍ତ ନାୟକ, ରାଉରକେଲା ଲାଗି ବିଶ୍ୱଭୂଷଣ ମହାନ୍ତ, ମୟୂରଭଞ୍ଜ ସାରସକଣା ବିଧାନସଭା ଆସନ ନିମନ୍ତେ ସତ୍ୟବ୍ରତ ନାୟକ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ଦତ୍ତାତ୍ରେୟ ବେହେରାଙ୍କ ନାମ ଘୋଷଣା ହୋଇଛି। ଏପର୍ଯ୍ୟନ୍ତ ଦଳ ୨୦ଟି ବିଧାନସଭା ଓ ୫ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅବଶିଷ୍ଟ ବିଧାନସଭା ଓ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନାପ୍‌ର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ କହିଛନ୍ତି।

# ଏକାମ୍ର ବରିଷ୍ଠ ନାଗରିକ ସଂଘର ସ୍ୱନକ୍ଷତ୍ର ଉତ୍ସବ

ପୁରୁଣା ଭୁବନେଶ୍ୱର,୨୨।୪(ସୁବାସ ଚନ୍ଦ୍ର ପ୍ରଧାନ)




ଏକାମ୍ର ବରିଷ୍ଠ ନାଗରିକ ସଂଘର ଅଷ୍ଟମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ଲୁଇସ ରୋଡ୍‌ସ୍ଥିତ ଏକ ରିସୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ତଥା ଡ.ଜିତେନ୍ଦ୍ର ନାରାୟଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପରିଣତ ବୟସରେ ବିଭିନ୍ନ ସମସ୍ୟା, ଏକାନ୍ତ ନୀରବତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବରିଷ୍ଠ ସାମ୍ବାଦିକ ରାଜରାମ ଶତପଥୀ, ରାଜ୍ୟ ବରିଷ୍ଠ ନାଗରିକ ମହାସଂଘ ପ୍ରତିଷ୍ଠାତା ସଭାପତି କୃପାସିନ୍ଧୁ ସାହୁ ଯୋଗଦେଇଥିଲେ। ଏହି ଅବସରରେ ୩ ଜଣଙ୍କୁ ଏକାମ୍ର ସମ୍ମାନ, ୫ଜଣଙ୍କୁ ଏକାମ୍ର ପ୍ରତିଭା ସମ୍ମାନ, ୩ଜଣଙ୍କୁ ଏକାମ୍ର ସେବା ସମ୍ମାନ, ୨ଜଣଙ୍କୁ ଆଦର୍ଶ ଦାମ୍ପତ୍ୟ ସୁବର୍ଣ୍ଣ ଜୟନ୍ତୀ ସମ୍ମାନ, ୨ଜଣଙ୍କୁ ମରଣତୋର ସମ୍ମାନରେ ସମ୍ମାନିତ କରାଯାଇଛି। ସଂଘ ଉପଦେଷ୍ଟା ରାଜେନ୍ଦ୍ର ସମର୍ଥା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଧୀରେନ ପଟ୍ଟନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ଡ. ନୀତି ରଞ୍ଜନ ଚାନ୍ଦ ଧନ୍ୟବାଦ ଦେଇଥିଲେ। ସଭାପତି ହୃଷିକେଶ ତ୍ରିପାଠୀ ସଭାପତିତ୍ୱ କରିଥିଲେ।

# ଓୟୁଏଟିରେ ଷଷ୍ଠ କିସେନ କାନୁନ୍‌ଗୋ ମେମୋରିଆଲ ଲେକ୍‌ଚର

ଭୁବନେଶ୍ୱର,୨୨।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟସ୍ଥିତ ଡ. ଏମ୍. ଏସ୍. ସ୍ୱାମୀନାଥନ ହଲରେ ଷଷ୍ଠ କିସେନ କାନୁନ୍‌ଗୋ ମେମୋରିଆଲ ଲେକ୍‌ଚର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ନୂଆଦିଲ୍ଲୀର ଉପମହାନିର୍ଦ୍ଦେଶକ (ଶିକ୍ଷା) ଡ. ଆର.ସି. ଅଗ୍ରୱାଲ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ରେ କୃଷିଭିତ୍ତିକ ଶିକ୍ଷା ଉପରେ ମତ ରଖିଥିଲେ। କୃଷି କ୍ଷେତ୍ରରେ ପ୍ରଗତି ପାଇଁ କୃଷି ଶିକ୍ଷାରେ ଛାତ୍ରୀଛାତ୍ରଙ୍କ ମନଯୋଗ, ନୂତନ ଗବେଷଣା, ଭୋକେଶନଲ ପାଠ୍ୟକ୍ରମର ପ୍ରୟୋଗ, କ୍ୟାରିୟର ସୁଯୋଗ ସୃଷ୍ଟି ଆଦି ଉପରେ ଧ୍ୟାନ ଦେବାକୁ ହେବ। କୃଷି କ୍ଷେତ୍ରରେ ଛାତ୍ରୀଛାତ୍ର ନାନାଦି ଦିଗରେ ଆଗକୁ ବଢିବାକୁ ହେଲେ ଦକ୍ଷତାର ବିକାଶର ଆବଶ୍ୟକତା ରହିଛି ବୋଲି ଡ଼. ଅଗ୍ରୱାଲ ମତ ରଖିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଡ଼. କିସେନ କାନୁନଗୋଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ଅଷ୍ଟଗୁଣ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହୃଷୀକେଶ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ସର୍ବନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାରେ ବନ୍ଦନା କାନୁନଗୋ ଉପସ୍ଥିତ ଥିଲେ।

# ସମ୍ ଶୀତଳାପଲ୍ଲୀ କ୍ୟାମ୍ପସରେ ବନ୍ଧ୍ୟା ଦୋଷ ଚିକିତ୍ସା ଶିବିର

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ୍ ସମ୍ ହସ୍ପିଟାଲର ଶୀତଳାପଲ୍ଲୀ କ୍ୟାମ୍ପସରେ ଏକ ନିଃଶୁଳ୍କ ବନ୍ଧ୍ୟାଦୋଷ ଚିକିତ୍ସା ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡିଶାର ବିଭିନ୍ନ ଅଞ୍ଚଳରୁ ବହୁ ନିଃସନ୍ତାନ ଦମ୍ପତି ଏହି ଶିବିରରେ ଯୋଗଦେଇଥିଲେ। ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲର ସେଣ୍ଟର ଫର୍ ହ୍ୟୁମାନ ରିପ୍ରଡକ୍ସନ (ସିଏଚ୍‌ଆର୍)ର ମୁଖ୍ୟ ପ୍ରଫେସର ଡା. ସୁଜାତା ପ୍ରଧାନ ଦମ୍ପତିମାନଙ୍କୁ ଡାକ୍ତରୀ ପରାମର୍ଶ ପ୍ରଦାନ ଦେଇଥିଲେ। ପ୍ରଜନନ କ୍ଷମତା ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗରେ ଦମ୍ପତିମାନେ ପଚାରି ବୁଝିଥିଲେ। ବନ୍ଧ୍ୟାଦୋଷରେ ପୀଡିତ ବ୍ୟକ୍ତିଙ୍କ ସମସ୍ୟା କିପରି ଠିକ୍‌ଭାବେ ନିରୂପଣ କରାଯାଇ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଇପାରିବ ତାହା ହିଁ ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଫେସର ପ୍ରଧାନ କହିଛନ୍ତି। ଆଗାମୀ ଦିନରେ ପ୍ରତି ମାସର ତୃତୀୟ ରବିବାର ସିଏଚଆର୍ ଏବଂ ଶୀତଳାପଲ୍ଲୀ ସମ୍ ହସ୍ପିଟାଲର ମିଳିତ ଉଦ୍ୟମରେ ଏପରି ଶିବିରର ଆୟୋଜନ କରାଯିବ ବୋଲି ହସ୍ପିଟାଲ ନିର୍ଦ୍ଦେଶକ ଦେବପ୍ରସାଦ ଦାଶ କହିଛନ୍ତି। ଆୟୋଜିତ ଶିବିରରେ ଆଇଏମଏସ୍ ଆଣ୍ଡ୍ ସମ୍ ହସ୍ପିଟାଲ ଫୁଲନଖରା କ୍ୟାମ୍ପସର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ରାଜେଶ କୁମାର ଲେଙ୍କାଙ୍କ ସହ ଶୀତଳାପଲ୍ଲୀ ସମ୍ ମଲ୍ଟିସ୍ପେଶାଲିଟି ହସ୍ପିଟାଲର ଡା. ସ୍ମୃତିରଞ୍ଜନ ପଟ୍ଟନାୟକ, ଡା. ଶୁଭାଶିଷ ପାଣିଗ୍ରାହୀ, ଡା. ରିଷିକା ସେନ, ଭୁବନେଶ୍ୱର ସମ୍ ହସ୍ପିଟାଲର ଡା. ଶୁଭାଙ୍ଗୀ ଜେନା, ଏଏନ୍‌ଏସ୍ ଅର୍ଚ୍ଚନା ପ୍ରିୟଦର୍ଶିନୀ ତ୍ରିପାଠୀ, ନର୍ସିଂ ଇନ୍‌ଚାର୍ଜ ଇତି ଶ୍ରାବଣୀ ପ୍ରମୁଖ ଉପସ୍ଥିତ ଥିଲେ।



ସମ୍‌ରେ ଅନୁଷ୍ଠିତ ବନ୍ଧ୍ୟାଦୋଷ ଚିକିତ୍ସା ଶିବିରରେ ବିଶେଷଜ୍ଞଙ୍କ ସହ ଅନ୍ୟମାନେ।

# 'ଭାଜପା ଜିତିଲେ ଉଠାଦୋକାନ ଭାଙ୍ଗିବନାହିଁ'

ଭୁବନେଶ୍ୱର, ୨୨।୪ (ବନ୍ଦନା ସେଠୀ)

## ଉଠାଦୋକାନୀଙ୍କୁ ଭେଟିଲେ ଅପରାଜିତା

ଓଡ଼ିଶାକୁ ବିଶ୍ୱ ଦରବାରରେ ପ୍ରସିଦ୍ଧ କରିବା ପାଇଁ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହୋଇଥିଲା ହକି ବିଶ୍ୱକପ୍। ସେହି ସମୟରେ ଉଠାଦୋକାନୀ ଆଇନ ଓ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ନ ମାନି ବିଏମ୍‌ସି କର୍ତ୍ତୃପକ୍ଷ ସମସ୍ତ ଉଠାଦୋକାନୀଙ୍କୁ ଉଚ୍ଛେଦ କରି ଦେଇଥିଲେ। ଭୁବନେଶ୍ୱରରେ ପ୍ରାୟ ୩୨ହଜାର ଉଠାଦୋକାନୀ ଥିବାବେଳେ କେବଳ ଉତ୍ତର ନିର୍ବାଚନ ମଣ୍ଡଳୀରେ ୬ହଜାରରୁ ଅଧିକ ଉଠାଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ସହରର ସୌନ୍ଦର୍ଯ୍ୟକରଣ ନାମରେ ସେମାନଙ୍କ ଜୀବନ ଜୀବିକା ଦୁର୍ବିସହ କରାଯାଇଥିଲା। ନିର୍ବାଚନ ସମୟରେ ଏହାର ଠିକଣା ଜବାବ ଦେବାକୁ ସମ୍ପୃକ୍ତ ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି। ସୋମବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏନେଇ ସେମାନଙ୍କ ସହ ଆଲୋଚନା କରିଥିଲେ। ଉଠାଦୋକାନ ଭାଙ୍ଗିବାର କୌଣସି ଅଧିକାର ବିଏମସି ବା ସରକାରଙ୍କର ନାହିଁ। ପୁଣି ଥଇଥାନ ନ କରି ଭାଙ୍ଗିବା ସମ୍ପୂର୍ଣ୍ଣ ଅନ୍ୟାୟ। ତେଣୁ ଏହାର ଜବାବ ଦେବା ପାଇଁ ଚଳିତ ସାଧାରଣ ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ଏବଂ ଏମ୍‌ପିଙ୍କୁ ବିଜୟୀ କରିବାକୁ ପଡିବ ବୋଲି ଅପରାଜିତା କହିଥିଲେ। ଭାଜପା ବିଧାୟକ ଏବଂ ଏମ୍‌ପି ଆସିଲେ ଗୋଟିଏ ବି ଉଠାଦୋକାନ ଭାଙ୍ଗିବ ନାହିଁ ଏବଂ ସମସ୍ତଙ୍କୁ ଥଇଥାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ସମ୍ପୃକ୍ତ ଦୋକାନୀଙ୍କ ମଧ୍ୟରୁ କେତେଜଣ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥିବାବେଳେ ଆଉ କେହି ଅଟୋ ଚଳାଇ, ମଜୁରୀ ଲାଗି ପରିବାର ପ୍ରତିପୋଷଣ କରୁଛନ୍ତି। ସେହିପରି ଉଚ୍ଛେଦ ସମୟରେ କୋଟିକୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବାବେଳେ ସମ୍ପୃକ୍ତ ବ୍ୟବସାୟୀମାନେ ଋଣଗ୍ରସ୍ତ ହୋଇ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେମାନେ କହିଥିଲେ। ଅପରାଜିତା ସେମାନଙ୍କ ଦୁଃଖ ଶୁଣିବା ସହ ସେମାନଙ୍କୁ ନିଜ ପକ୍ଷକୁ ଆଣିବାକୁ ମଧ୍ୟ ଚେଷ୍ଟା କରିଥିଲେ। ଏନେଇ ଉଠାଦୋକାନୀ ମହାସଂଘ ରାଜ୍ୟ ସଭାପତି ପ୍ରତାପ ସାହୁ କହିଛନ୍ତି, ଦୋକାନୀଙ୍କ ଥଇଥାନ ପାଇଁ ଅନେକ ସମୟରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯାଇଛି। ଆଗକୁ ମଧ୍ୟ ଆଲୋଚନା କରାଯାଇ ଏହାର ସମାଧାନର ବାଟ ବାହାରିବ ବୋଲି ସେ କହିଥିଲେ।


ଉଠାଦୋକାନୀ ମହାସଂଘ କର୍ମକର୍ତ୍ତାଙ୍କ ସହ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ।

# ନିଦ ହଜାଇଲେଣି ସାଇବର ଅପରାଧୀ

ଭୁବନେଶ୍ୱର,୨୨।୪ (ସୂର୍ଯ୍ୟକାନ୍ତ ବେହେରା)

ବାରମ୍ବାର ସଚେତନତା ସତ୍ତ୍ୱେ ଦିନକୁ ଦିନ ଠକାମିର ଶିକାର ହେଉଛନ୍ତି ଲୋକେ। ବିଭିନ୍ନ କୌଶଳ ଆପଣାଇ ଲୁଟୁଛନ୍ତି ସାଇବର ଅପରାଧୀ। କେତେବେଳେ ହ୍ୱାଟ୍ସଆପ ଡିପିରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଫଟୋ ଲଗାଇ ଡରାଇ ଧମକାଇ ଟଙ୍କା ମାଗୁଛନ୍ତି ତ ପୁଣି କେତେବେଳେ ଅନ୍ୟ ଉପାୟରେ ଠକୁଛନ୍ତି। ଠକେଇ ପାଇଁ ସାଇବର ଅପରାଧୀମାନେ ନୂଆ ନୂଆ କୌଶଳ ଆପଣାଉଥିବାରୁ ପୋଲିସ ଓ ସାଧାରଣ ଲୋକଙ୍କ ନିଦ ହଜିଛି। ଏହାକୁ ରୋକିବାକୁ କମିଶନରେଟ ପୋଲିସ ଯେତେସବୁ ପନ୍ଥା ଆପଣାଇଥିଲେ ବି କିଛି ସୁଫଳ ମିଳୁନି। ତେଣୁ ସୋମବାର ଶଟ୍ ଭିଡିଓ ଜାରି କରି ସଚେତନ କରାଇବାକୁ ଚେଷ୍ଟା କରିଛି ପୋଲିସ। ଉକ୍ତ ଭିଡିଓରେ କୁହାଯାଇଛି, ଯଦି କେହି ବ୍ୟକ୍ତି ବାହାର




ଦେଶ ନମ୍ବରରୁ ହ୍ୱାଟ୍ସଆପ୍‌ରେ କଲ୍ କରନ୍ତି ଓ ଡିପିରେ ପୋଲିସ ଫଟୋ ବ୍ୟବହାର କରି ଡରାନ୍ତି, ତା'ହେଲେ ଭୟଭୀତ ହୋଇ ସେମାନଙ୍କୁ କୌଣସି ବ୍ୟକ୍ତିଗତ ତଥ୍ୟ

### ଶଟ୍ ଭିଡିଓରେ ସଚେତନ କଲା କମିଶନରେଟ୍ ପୋଲିସ

ଶେୟାର ନ କରିବାକୁ କୁହାଯାଇଛି। ଏପରିକି ଉକ୍ତ ନମ୍ବରକୁ ସଙ୍ଗେ ସଙ୍ଗେ ବ୍ଲକ କରିବା ସହ ୧୯୩୦ ବା ସାଇବର ଥାନାରେ ତୁରନ୍ତ ଅଭିଯୋଗ କରିବାକୁ ଭିଡିଓରେ ପରାମର୍ଶ ଦିଆଯାଇଛି। ସୂଚନାନୁସାରେ, ତିନିଦିନ ତଳେ ଜଣେ ବୟସ୍କ ବ୍ୟକ୍ତିଙ୍କ ପାଖକୁ ସାଇବର ଅପରାଧୀ ଧମକପୂର୍ଣ୍ଣ କଲ୍ କରିଥିଲେ। ଅପରାଧୀ ଜଣକ କହିଥିଲେ, ଜଣେ ଯୁବତୀଙ୍କୁ ତୁମ ପୁଅ ୪ଜଣ ସାଙ୍ଗ ସହ ମିଶି ବଳାତ୍କାର କରିଛନ୍ତି। ଯୁବତୀ ଜଣକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏଥିପାଇଁ ତୁମ ପୁଅଙ୍କୁ ଓଡିଶାରେ ଗିରଫ କରାଯାଇଛି। ୨୦ ହଜାର ଟଙ୍କା ପଠାଇଲେ ତୁମ ପୁଅଙ୍କୁ ଛାଡି ଦିଆଯିବ। ତେବେ ହ୍ୱାଟ୍ସ ଆପ୍‌ରୁ ଏହି କଲ୍ ଆସିଥିବାବେଳେ ସେଥିରେ ଜଣେ ବରିଷ୍ଠ ପୋଲିସ ଡିଜିଙ୍କ ଫଟୋ ଥିବା ଦେଖି ପ୍ରଥମେ ବ୍ୟକ୍ତିଜଣକ ଚିନ୍ତାରେ ପଡିଥିଲେ। ହେଲେ ପରେ ଏହା ସାଇବର ଠକଙ୍କ ଚାଲ୍‌ବାଜି ଜାଣିବା ପରେ ଚତୁରତାର ସହ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟ ଏକ ଘଟଣାକ୍ରମ ଅନୁଯାୟୀ, ଜଣେ ଯୁବତୀଙ୍କ ଫ୍ଲିପ୍ କାର୍ଟ ଆକାଉଣ୍ଟକୁ କୌଣସି ମତେ ହ୍ୟାକ୍ କରି କେହି ଜଣେ ନୂଆଦିଲ୍ଲୀରୁ ୩୦ ହଜାରରୁ ଅଧିକ ଟଙ୍କାର ଏକ ମୋବାଇଲ୍ ଫୋନ୍ ଓ ଗିଫ୍ଟ ଶପିଂ କରିନେଇଛନ୍ତି। ଯୁବତୀ ଜଣକ ନିଜ ଆକାଉଣ୍ଟ ଲଗ୍ ଇନ୍ କରି ଏହା ଜାଣିବା ପରେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ରମାଦେବୀ ବିଶ୍ୱବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ରୀଙ୍କ ବାପାଙ୍କୁ କିଛିଦିନ ତଳେ ପୋଲିସ ଡିପି ରଖି ହ୍ୱାଟ୍ସଆପ୍‌ରେ ସାଇବର ଠକ କଲ୍ କରି ଡରାଇବାକୁ ମଧ୍ୟ ଚେଷ୍ଟା କରିଥିଲେ।

## ସଂକ୍ଷେପରେ

### ୨୦ କେଜି ଗଞ୍ଜେଇ ଜବତ, ୨ ଗିରଫ

କଟକ,୨୨।୪ (କାର୍ତ୍ତିକ ସାହୁ)

ଜିଲା ଅବକାରୀ ବିଭାଗ ଅନ୍ତର୍ଗତ ସଦର ଅବକାରୀ ରେଞ୍ଜ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ୨୦କେଜି ଗଞ୍ଜେଇ ଜବତ ହୋଇଛି। ଏହି କାରବାରରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କନ୍ଧମାଳର ରାଜା ଗଟୁଆରି ଓ ରାହୁଲ ମୁଖୀ। ରାହୁଲ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ନିକଟ ଓ ରାଜା ଜୁଡିସିଆଲ ଏକାଡେମୀ ନିକଟରୁ ଗିରଫ ହୋଇଛନ୍ତି। ଏମାନେ କନ୍ଧମାଳରୁ ଗଞ୍ଜେଇ ଆଣି ପଶ୍ଚିମବଙ୍ଗ ଚାଲାଣ କରୁଥିବାବେଳେ ଜିଲା ଅବକାରୀ ବିଭାଗ ହାତରେ ଧରାପଡ଼ିଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ସଦର ଅବକାରୀ ଆଇଆଇସି ଶ୍ରୁତିକାନ୍ତ ରାଉତଙ୍କ ସମେତ ରାଜକିଶୋର ନାୟକ, ଓଆଇସି ତରୁଣ ପାତ୍ର, ଏଏସ୍‌ଆଇ କମଳା ବେହେରା, ବିଷ୍ଣୁ ମାଝୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

### ୭୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଯୁବକ ଗିରଫ

କଟକ,୨୨।୪ (କାର୍ତ୍ତିକ ସାହୁ)

କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ସତ୍ୟବ୍ରତ ଷ୍ଟାଡିୟମ ନିକଟରୁ ଜିଲା ଅବକାରୀ ବିଭାଗ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଲାଲ୍‌ବାଗ ଥାନା ଅଧୀନ ଦିୱାନ ବଜାର ଅଞ୍ଚଳର ବି. ତିରୁମାଳା(୨୦)। ତାଙ୍କ ନିକଟରୁ ୭୪ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ସୋମବାର ସକାଳ ପ୍ରାୟ ୬ଟା ୪୫ ମିନିଟ୍‌ରେ ଅଭିଯୁକ୍ତ ଜଣକ ଏକ ପ୍ଲାଷ୍ଟିକ ଡବାରେ ବ୍ରାଉନ୍‌ସୁଗାର ଧରି ସତ୍ୟବ୍ରତ ଷ୍ଟାଡିୟମ ନିକଟରେ ଛିଡା ହୋଇଥିଲେ। ଖବରପାଇ ଜିଲା ଅବକାରୀ ମୋବାଇଲ ୟୁନିଟ୍ ସେଠାରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ କାବୁ କରିଥିଲା। ଅଭିଯୁକ୍ତ ଜଣକ ବାଲେଶ୍ୱରରୁ ବ୍ରାଉନ୍‌ସୁଗାର ଆଣି ସତ୍ୟବ୍ରତ ଷ୍ଟାଡିୟମ, ବାଲିଯାତ୍ରା ପଡ଼ିଆ, ନରାଜ, ସିଡିଏ, କଲେଜ ଛକ ଅଞ୍ଚଳରେ ବିକ୍ରି କରୁଥିଲେ।

### ଝାଡ଼ଖଣ୍ଡରୁ ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ଚୌଦ୍ୱାର,୨୨।୪(ଆଶୁତୋଷ ଦାସ)

ନାବାଳିକା ଅପହରଣ ଅଭିଯୋଗରେ ଚୌଦ୍ୱାର ପୋଲିସ ବିଜୟ ମହନ୍ତ ନାମକ ଜଣେ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ତାଙ୍କ ଘର ଝାଡଖଣ୍ଡରେ ହୋଇଥିବାବେଳେ ସେ ଚୌଦ୍ୱାର ଥାନା ଅଧୀନ କରଞ୍ଜି ଗ୍ରାମରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଏଥିସହ ପୋଲିସ ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରି କଟକସ୍ଥିତ ବସୁନ୍ଧରା ଆଶ୍ରମକୁ ପଠାଇଦେଇଛି। ପୋଲିସ ସୂଚନା ଅନୁଯାୟୀ, ବିଜୟ କରଞ୍ଜି ଗ୍ରାମରେ ରହି କାମ କରୁଥିଲେ। ସେଠାରେ ସେ ଜଣେ ନାବାଳିକାଙ୍କୁ ଫୁସୁଲାଇ ଝାଡ଼ଖଣ୍ଡ ନେଇଯାଇଥିଲେ। ନାବାଳିକାଙ୍କ ପରିବାର ପକ୍ଷରୁ ଗତ ଫେବୃଆରୀରେ ଝିଅ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୭୮/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ନାବାଳିକା ଜଣକ ଝାଡ଼ଖଣ୍ଡରେ ଥିବା ଜାଣିବା ପରେ ପୋଲିସର ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା। ସେଠାରୁ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

# ନାପ୍ ପକ୍ଷରୁ ୪ ପ୍ରାର୍ଥୀଙ୍କ ନାଁ ଘୋଷଣା




ଦଳୀୟ ଟିକେଟ ଗ୍ରହଣ କରିଥିବା ପ୍ରାର୍ଥୀ।

ଫୁଲନଖରା,୨୨।୪(ସତ୍ୟରଞ୍ଜନ ଦାସମହାପାତ୍ର)

ନ୍ୟାଶନାଲ ଆପ୍‌ନୀ ପାର୍ଟି(ନାପ୍) ପକ୍ଷରୁ ୧୪୭ ବିଧାନସଭା ଓ ୨୧ ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଚୟନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ପାହାଳ ଥାନା ଅନ୍ତର୍ଗତ ବଙ୍ଗୁଆରୀଠାରେ ଥିବା ଦଳୀୟ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳ ପକ୍ଷରୁ ୪ ବିଧାନସଭା ଏବଂ ଗୋଟିଏ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। କଳାହାଣ୍ଡି ନର୍ଲା ବିଧାନସଭା ପାଇଁ ଶଶିଦେବ ହରିଜନ, ସୁନ୍ଦରଗଡ ରଘୁନାଥପାଲି ପାଇଁ ଶ୍ରୀକାନ୍ତ ନାୟକ, ରାଉରକେଲା ଲାଗି ବିଶ୍ୱଭୂଷଣ ମହାନ୍ତ, ମୟୂରଭଞ୍ଜ ସାରସକଣା ବିଧାନସଭା ଆସନ ନିମନ୍ତେ ସତ୍ୟବ୍ରତ ନାୟକ ପ୍ରାର୍ଥୀ ହୋଇଛନ୍ତି। ସେହିଭଳି ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ଦତ୍ତାତ୍ରେୟ ବେହେରାଙ୍କ ନାମ ଘୋଷଣା ହୋଇଛି। ଏପର୍ଯ୍ୟନ୍ତ ଦଳ ୨୦ଟି ବିଧାନସଭା ଓ ୫ଟି ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଅବଶିଷ୍ଟ ବିଧାନସଭା ଓ ଲୋକ ସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ନାପ୍‌ର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ କହିଛନ୍ତି।

# 'ଆତ୍ମଜୀବନୀରେ ବ୍ୟକ୍ତିଗତ କଥାକୁ ବ୍ୟକ୍ତ କରିଛନ୍ତି କୁଞ୍ଜବିହାରୀ'




କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କଟକ,୨୨।୪ (କାର୍ତ୍ତିକ ସାହୁ)

### ଲୋକରତ୍ନ କୁଞ୍ଜବିହାରୀ ଦାଶ ସ୍ମାରକୀ ବକ୍ତୃତା

ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଦ୍ୱିତୀୟ ଲୋକରତ୍ନ କୁଞ୍ଜବିହାରୀ ଦାଶ ସ୍ମାରକୀ ବକ୍ତୃତାମାଳା ସେଭେନ ପିଲାର୍ସ ଅଫ୍ ୱିଜ୍‌ଡମ୍‌ର ଆନେକ୍ସ ସମ୍ମିଳନୀ କକ୍ଷରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କୁଞ୍ଜବିହାରୀ ସ୍ମୃତି ସଂସଦ ଓ ବିଶ୍ୱଭାରତୀ ପ୍ରାକ୍ତନୀ, ଓଡ଼ିଶା ଅନୁଷ୍ଠାନର ସହଯୋଗରେ ଆୟୋଜିତ ବକ୍ତୃତାମାଳାରେ ଶାସ୍ତ୍ରୀୟ ଓ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରର ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ପଣ୍ଡା ଓଡ଼ିଆ ଆତ୍ମକାହାଣୀରେ ମୋ କାହାଣୀ: ଏକ ଅନନ୍ୟ କାହାଣୀ ଶୀର୍ଷକରେ ବକ୍ତବ୍ୟ ପ୍ରଦାନ କରିଥିଲେ। କୁଞ୍ଜବିହାରୀ ଦାଶ ନିଜ ଆତ୍ମଜୀବନୀରେ ପ୍ରତ୍ୟେକଟି ବ୍ୟକ୍ତିଗତ କଥାକୁ ବ୍ୟକ୍ତ କରିଛନ୍ତି। ସେ ସମକାଳକୁ ଚିରକାଳ କରି ଆତ୍ମକାହାଣୀକୁ ସାହିତ୍ୟର ସକଳ ଦୃଷ୍ଟିରୁ ଅନନ୍ୟ ସୃଷ୍ଟି ଭାବେ ପ୍ରତିଷ୍ଠିତ କରିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କବି ସରୋଜ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ସମାଲୋଚକ ଯତୀନ୍ଦ୍ର କୁମାର ନାୟକ ଯୋଗଦେଇ କୁଞ୍ଜବିହାରୀ ଦାଶଙ୍କ ଜୀବନ ଓ ସାହିତ୍ୟ ସର୍ଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଦ୍ୱିତୀୟ ଲୋକରତ୍ନ ସ୍ମାରକୀ ବକ୍ତୃତାମାଳା ପୁସ୍ତକ ଉନ୍ମୋଚିତ ହୋଇଥିଲା। ବିଭାଗର ଗବେଷିକା ସୁଲଗ୍ନା ମହାନ୍ତି, ବୈଶାଖୀ ପାତ୍ର, ଈପ୍‌ସିତା ସାହୁ ଓ ଗବେଷକ ଶଙ୍ଖଚୂଳ ଦାସ ପ୍ରମୁଖ କୁଞ୍ଜବିହାରୀ ଦାଶଙ୍କ ଉପନ୍ୟାସ ସମ୍ପର୍କିତ ପ୍ରବନ୍ଧ ପାଠ କରିଥିଲେ। ପ୍ରଫେସର ଗିରିଶ ଚନ୍ଦ୍ର ମିଶ୍ର ଓ ଦେବାଶିଷ ଦାସ କୁଞ୍ଜବିହାରୀଙ୍କ ଜୀବନ ଓ ସାହିତ୍ୟ ସମ୍ପର୍କିତ ୱେବ୍‌ସାଇଟ୍ ଉପରେ ଆଲୋଚନା କରିଥିଲେ। ବିଭାଗର ସଂଯୋଜକ ଜ୍ଞାନୀ ଦେବାଶିଷ ମିଶ୍ର ସ୍ୱାଗତ ଭାଷଣ ସହ ଅଧ୍ୟକ୍ଷତା କରିଥିଲେ। କୁଞ୍ଜବିହାରୀ ଦାଶ ସ୍ମୃତି ସଂସଦର ଆବାହକ ଡ. ଦେବପ୍ରିୟ ଦାଶ ସଂସଦର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଜୟଲକ୍ଷ୍ମୀ ଦାଶ ଅତିଥି ପରିଚୟ ଏବଂ ଡ. ଆଶିଷ ସାହୁ ଧନ୍ୟବାଦ ଦେଇଥିଲେ। ପୁଣ୍ୟଶ୍ଳୋକ ଦାଶ, ରାଜା କୁମାର ନାୟକ, ସଂଘମିତ୍ରା ବେହେରା, ତ୍ରିଲୋଚନ ଜେନା, ସରଳା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ, ଗବେଷକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### କଟକ ଜିଲା ଗ୍ରୁପ୍-ଡି ମେଡିକାଲ କର୍ମଚାରୀ ସଂଘର ବୈଠକ

କଟକ,୨୨।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ଗ୍ରୁପ୍-ଡି ମେଡିକାଲ କର୍ମଚାରୀ ସଂଘର ଏକ ବୈଠକ କଟକ ସିଟି ହସ୍ପିଟାଲ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ମେଡିକାଲ ଗ୍ରୁପ୍-ଡି କର୍ମଚାରୀ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତ, ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ, କଟକ ଜିଲା ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ଗୋଚ୍ଛାୟତ, ଉପଦେଷ୍ଟା ନବଘନ ପରିଡ଼ା, ପୂର୍ବତନ କୋଷାଧ୍ୟକ୍ଷ ରାମଚନ୍ଦ୍ର ନାୟକ ଯୋଗଦେଇଥିଲେ। ବୈଠକରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଦୀର୍ଘଦିନ ଧରି ମେଡିକାଲରେ କାର୍ଯ୍ୟରତ ଗ୍ରୁପ୍-ଡି କର୍ମଚାରୀଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରି ଆସୁଛନ୍ତି। ଆଗାମୀ ଦିନରେ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜଳଧର ମହାନ୍ତି, ମହାଦେବ ବାରିକ, ସମୀର ବେହେରା, ଦିଲ୍ଲୀପ ମହାନ୍ତି, ସୁରେନ୍ଦ୍ର କାହାଳୀ, କାଳନ୍ଦୀ ମହାନ୍ତି, ଦେବଦତ୍ତ ମିଶ୍ର, ବିଭୂତି ଭୂଷଣ ବେହେରା, ଉଦୟନାଥ ଜେନା, ମାନସ ନାୟକ ଓ ମୁନା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଅଟୋ ଚାଳକଙ୍କ ସୁରକ୍ଷା ଜରୁରୀ



ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଲୋକଙ୍କୁ ପାନୀୟଜଳ ବଣ୍ଟନ କରୁଛନ୍ତି।

କଟକ,୨୨।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ରେଳଷ୍ଟେଶନ ନିକଟ ମା' ତାରିଣୀ ପ୍ରିପେଡ୍ ଅଟୋ ମାଲିକ ସଂଘ କାର୍ଯ୍ୟାଳୟଠାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଯୋଗଦେଇ ସଦସ୍ୟମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିସହ ଲୋକଙ୍କୁ ପାନୀୟଜଳ ବଣ୍ଟନ କରିଥିଲେ। ଏନେଇ ସଂତୃପ୍ତ କହିଛନ୍ତି, ଅଟୋ ଚାଳକଙ୍କ ସୁରକ୍ଷା ଅତ୍ୟନ୍ତ ଜରୁରୀ। ସେମାନଙ୍କ ସମସ୍ୟା ଆଗାମୀ ଦିନରେ ସମାଧାନର ବ୍ୟବସ୍ଥା ପାଇଁ ଉଦ୍ୟମ କରିବି।

# ବୈଠକରେ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବାକୁ ନିଷ୍ପତ୍ତି




ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

କଟକ ସଦର, ୨୨।୪(ସୁଶାନ୍ତ କୁମାର ଜେନା)

୪୨ ମୌଜାସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ଦଳର ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଦୁର୍ଗାଶଙ୍କର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୪୨ ମୌଜାସ୍ଥିତ ୬ଟି ପଞ୍ଚାୟତର କଂଗ୍ରେସ କର୍ମୀମାନେ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତଙ୍କୁ ଜିତାଇବା ପାଇଁ ନିଷ୍ପତ୍ତି ନେଇଥିଲେ। ଆସନ୍ତା ୨୮ରେ ସାଲେପୁରଠାରେ ହେବାକୁ ଥିବା ଜାତୀୟ କଂଗ୍ରେସର ପୂର୍ବତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସଭାରେ କଟକ ସଦର ନିର୍ବାଚନମଣ୍ଡଳୀରୁ ବହୁ ସଂଖ୍ୟକ କର୍ମୀ ଯୋଗଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ କଟକ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ, ନୀହାର ରଞ୍ଜନ ନନ୍ଦ, ବୈକୁଣ୍ଠ ମଲ୍ଲିକ, ପଞ୍ଚାୟତ କଂଗ୍ରେସ ସଭାପତି ଦିଲୀପ କୁମାର ମହାନ୍ତି, ପ୍ରଭାତ କୁମାର ଖଟୁଆ, ଶଙ୍କର ପଟ୍ଟନାୟକ, ଅନିଲ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମଧୁସୂଦନ ସେନାପତି ଧନ୍ୟବାଦ ଦେଇଥିଲେ।

# 'ଧରିତ୍ରୀକୁ ସୁରକ୍ଷିତ ରଖିବା ସମସ୍ତଙ୍କ ଦାୟିତ୍ୱ'

କଟକ,୨୨।୪ (କାର୍ତ୍ତିକ ସାହୁ)

ରୋଟାରୀ କ୍ଲବ ଅଫ୍ କଟକ ମିଡ୍‌ଟାଉନ ଓ ନୂଆବଜାରସ୍ଥିତ ନେହେରୁ ନୋଡାଲ ଉଚ୍ଚ ବିଦ୍ୟାପୀଠର ମିଳିତ ଆନୁକୂଲ୍ୟରେ ବିଶ୍ୱ ଧରିତ୍ରୀ ଦିବସ ବିଦ୍ୟାପୀଠ ପରିସରରେ ସୋମବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କ୍ଲବ୍ ସଭାପତି ତଥା ପରିବେଶବିତ୍ ଡ. ଆଶୁତୋଷ ଦେବତା, ମୁଖ୍ୟବକ୍ତା କାହ୍ନୁଚରଣ ଦାସ, ସମ୍ମାନିତ ଅତିଥି ବିଜୟ ଟାପୁରିଆ ଓ ଶୈଳେନ୍ଦ୍ର ଠାକୁର ଯୋଗଦେଇ ଚାରା ରୋପଣ କରିଥିଲେ। ମୁଖ୍ୟ ଅତିଥି ଡ. ଦେବତା ବିଶ୍ୱ ଧରିତ୍ରୀ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହ ଭବିଷ୍ୟତ ପିଢ଼ିଙ୍କ ପାଇଁ ଧରିତ୍ରୀକୁ



ସୁରକ୍ଷିତ ରଖିବା ସମସ୍ତଙ୍କର ସାମୂହିକ ଦାୟିତ୍ୱ ବୋଲି କହିଥିଲେ। ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ନନ୍ଦ ଅଧ୍ୟକ୍ଷତା କରିଥିଲେ। ସହକାରୀ ଶିକ୍ଷକ ଗଙ୍ଗାଧର ସାହୁ ଅତିଥି ପରିଚୟ ଓ ଶିକ୍ଷକ ଦିଲୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷକ କଳ୍ପନାମୟୀ ପୃଷ୍ଟି, ହିରଣ୍ମୟୀ ସାମଲ, ନୀତିଶ କୁମାର ଜେନା, ସୁରାଇ ସୋରେନ୍ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନାବାଳିକା ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

କଣ୍ଠାପଡା, ୨୨।୪(ସୁରନାରାୟଣ ସାହୁ)

ଗୋବିନ୍ଦପୁର ଥାନା ଅନ୍ତର୍ଗତ କନ୍ଦଳ ଗ୍ରାମର ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ଧାନହରା ଗ୍ରାମର ବାବାଜୀ ମଲ୍ଲିକ। ପୋଲିସ ସୂତ୍ରରୁ ପ୍ରକାଶ, ବାବାଜୀ କନ୍ଦଳ ଗ୍ରାମର ନିଜ ଶ୍ୱଶୁର ଘରେ ରହୁଥିଲେ। ଗତ ମାର୍ଚ୍ଚ ୧୩ ତାରିଖରେ ସେ ନିଜ ଝିଅର ସାଙ୍ଗକୁ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମା' ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୦/୨୪) ରୁଜୁ କରିଥିଲା। ଘଟଣା ପରଠାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। କୌଣସି ସୂତ୍ରରୁ ଖବରପାଇ ଗୋବିନ୍ଦପୁର ପୋଲିସ ରବିବାର ରାତିରେ ଅଭିଯୁକ୍ତଙ୍କୁ ବାଲିପାଟଣା ଅଞ୍ଚଳରୁ ଗିରଫ କରିଥିଲା।

# ଯୁବପିଢ଼ିଙ୍କୁ ସଶକ୍ତ କରୁଛି ଟିପିସିଓଡିଏଲ୍‌ର 'ଦକ୍ଷ'



ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍) 'ଦକ୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ଯୁବକଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପଦକ୍ଷେପ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ କୌଶଳ ତାଲିମ ମାଧ୍ୟମରେ ଗ୍ରାମୀଣ ଯୁବକଙ୍କ ଦକ୍ଷତା ବିକାଶ କରାଯାଉଛି। ୧୨୦ଜଣ ଶିକ୍ଷାର୍ଥୀଙ୍କୁ ନେଇ ପ୍ରଥମ ବ୍ୟାଚ୍ ତାଲିମ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର ଉଦ୍‌ଘାଟନୀ ସମାରୋହ ତାଳଚେରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟ୍ରେନିଂ ଅଫ୍ ଟ୍ରେନରର ଦକ୍ଷ ସ୍କିଲ୍ ଡେଭଲପମେଣ୍ଟ ଆଣ୍ଡ୍ ଏଣ୍ଟରପ୍ରାଇଜରଶିପ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହା ମାଧ୍ୟମରେ ବିଭିନ୍ନ ଅନୁଷ୍ଠାନରୁ ଯୋଗଦେଇଥିବା କୃତି ପ୍ରଶିକ୍ଷାର୍ଥୀଙ୍କୁ କାର୍ଯ୍ୟକ୍ରମର କାର୍ଯ୍ୟକାରୀ ତଥା ସଂଶ୍ଳିଷ୍ଟ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି। ଏହି ଅବସରରେ 'ଦକ୍ଷ' ପ୍ରଶିକ୍ଷାର୍ଥୀଙ୍କର ଏକ ଶିକ୍ଷଣୀୟ ଅନୁଭୂତି ଏବଂ ସଫଳତାର କାହାଣୀକୁ ନେଇ ଏକ ଫଟୋବୁକ୍ ରିଲିଜ୍ କରାଯାଇଛି। ପ୍ରଶିକ୍ଷାର୍ଥୀମାନେ ଫ୍ୟାସିଲିଟି ମ୍ୟାନେଜମେଣ୍ଟ ଓ ପ୍ଲମ୍ବିଂ ଆସିଷ୍ଟାଣ୍ଟ ଭଳି ବିଷୟରେ ତାଲିମ ନେଉଛନ୍ତି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଆଜିର ପ୍ରତିଯୋଗିତାମୂଳକ ଦୃଶ୍ୟପଟ୍ଟରେ ସଫଳ ହେବା ପାଇଁ ଯୁବପିଢିଙ୍କୁ ଦକ୍ଷତା ଏବଂ କୌଶଳ ସହିତ ସଶକ୍ତ କରିବାକୁ ଆମେ ଟିପିସିଓଡିଏଲ୍ ମାଧ୍ୟମରେ ଗୁରୁତ୍ୱ ପ୍ରଦାନ କରୁଛୁ।

# ଶୀଘ୍ର ଚିହ୍ନଟ ଦ୍ୱାରା ସ୍ନାୟୁ ରୋଗର ସଫଳ ଚିକିତ୍ସା ସମ୍ଭବ

### ଅଶ୍ୱିନୀରେ ସ୍ନାୟୁ ରୋଗ ପ୍ରତିରୋଧକ ଶକ୍ତି କର୍ମଶାଳା

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ରାଜ୍ୟରେ ପ୍ରଥମଥର ପାଇଁ ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ସ୍ନାୟୁରୋଗ ପ୍ରତିରୋଧକ ଶକ୍ତି ସମ୍ପର୍କିତ ସର୍ବଭାରତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର ଶତାଧିକ ଡ଼ାକ୍ତର ଯୋଗଦେଇ ସ୍ନାୟୁରୋଗ ପ୍ରତିରୋଧକ ଶକ୍ତି ଉପରେ ଆଲୋଚନା କରିଥିଲେ। ସ୍ନାୟୁରୋଗର ଚିକିତ୍ସା ଓ ସହଜ ଚିହ୍ନଟ ଏକାନ୍ତ ଅପରିହାର୍ଯ୍ୟ। ଜିବିସିଣ୍ଡ୍ରୋମ୍, ମଲ୍ଟିପୁଲ୍ ସ୍କେଲେରୋସିସ୍, ଅପ୍‌ଟିକ୍ସ ନ୍ୟୁରାଇଟିସ୍, ଏନ୍‌ଏମ୍‌ଓଏସ୍‌ଡି, ଆକ୍ୟୁଭଟ୍ ଡିମେଲିନେଟିଂ ଏନ୍‌ସି




କର୍ମଶାଳାରେ ଯୋଗଦେଇଥିବା **ସ୍ନାୟୁରୋଗ ବିଶେଷଜ୍ଞ ଓ ଅନ୍ୟମାନେ।**

ଫାଲୋମିଲୋପାଥି ଏବଂ ଏସ୍‌ଏଲ୍‌ଇ ଆଦି ସ୍ନାୟୁରୋଗ ଖୁବ୍ କମ୍ ଲୋକଙ୍କୁ ହେଉଥିଲେ ମଧ୍ୟ ଚିହ୍ନଟ ପ୍ରକ୍ରିୟା ଶିଘ୍ର ହୋଇପାରିଲେ ରୋଗ ନିରାକରଣ ସମ୍ଭବ ବୋଲି ସ୍ନାୟୁ ବିଭାଗ ଡାକ୍ତରମାନେ ପ୍ରକାଶ କରିଛନ୍ତି। ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ଡ଼ା. ମାୟା ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ବକ୍ତାଭାବେ ପ୍ରସିଦ୍ଧ ସ୍ନାୟୁରୋଗ ପ୍ରତିଷ୍ଠାନ ନିମାହାନ୍‌ସର ଡ଼ାକ୍ତର ଏମ୍. ନେତ୍ରାବତୀ ଯୋଗଦେଇଥିଲେ। ସେହିଭଳି ନୂଆଦିଲ୍ଲୀର ମାକ୍ସ ହସ୍ପିଟାଲର ବିଶେଷଜ୍ଞ ଡ଼ାକ୍ତର କାମାକ୍ଷୀ ଧାମିଜା, ଏସ୍‌ସିବି ମେଡିକାଲର ବିଶେଷଜ୍ଞ ଡ଼ା. ବିଦ୍ୟୁତ୍ ଦାଶ, କିମ୍‌ସର ପ୍ରଫେସର ରାମନାଥ ମିଶ୍ର, ଏମ୍‌ସର ଡ଼ା. ସଞ୍ଜୀବ ଭୋଇ, ଆଦିତ୍ୟ ଅଶ୍ୱିନୀର ଡ଼ା. ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

ଜଟଣୀ,୨୨।୪(ରବୀନ୍ଦ୍ରନାଥ ମହାକୁଡ଼)

ଟ୍ୟୁଶନ ସାରି ଘରକୁ ଫେରୁଥିବା ବେଳେ ଦୁଇଜଣ ଛାତ୍ରୀଙ୍କୁ କେହି ଦୁର୍ବୃତ୍ତ ଅସଦାଚରଣ କରିଥିବା ନେଇ ସୋମବାର ଜଟଣୀ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ କୁସୁମାଟି ଛଣଘର ଗ୍ରାମଠାରେ ଥିବା ଏକ ଗ୍ୟାସ ପ୍ଲାଣ୍ଟ ପାର୍ଶ୍ୱ ରାସ୍ତାରେ ଅନ୍ଧାରର ସୁଯୋଗ ନେଇ ଦୁଇ ଜଣ ଯୁବକ ସ୍କୁଟିରେ ଆସି ଦୁଇ ଛାତ୍ରୀଙ୍କୁ ଧକ୍କା ଦେଇଥିଲେ। ଏହା ପରେ ଯୁବକମାନେ ଛାତ୍ରୀଦ୍ୱୟଙ୍କୁ ଅସଦାଚରଣ କରିଥିଲେ। ଜଣେ ଛାତ୍ରୀ କୌଶଳକ୍ରମେ ଘଟଣାସ୍ଥଳରୁ ଖସିଯାଇ ନିକଟ ଗ୍ରାମବାସୀଙ୍କୁ ଘଟଣା ସମ୍ପର୍କରେ କହିଥିଲେ। ଗ୍ରାମବାସୀ ପହଞ୍ଚିବା ପୂର୍ବରୁ ଯୁବକଦ୍ୱୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଜଟଣୀ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

### ତାର ଚୋରି କରି ୨ ଗିରଫ

ଯାଁଳା,୨୨।୪(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ମଦନପୁର ପଞ୍ଚାୟତର ବସୁଧା ଜଳ ଯୋଗାଣ ପ୍ରକଳ୍ପରୁ ତାର ଚୋରି କରିବା ଅଭିଯୋଗରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଥାନା ଅଞ୍ଚଳର ଆକାଶ ସ୍ୱାଇଁ ଓ ସୁନୀଲ ମାଝି। ଏମାନଙ୍କ ନିକଟରୁ ତମ୍ବାତାର, ମୋବାଇଲ ଫୋନ ଓ ସ୍କୁଟି ଜବତ ହୋଇଛି। ସୂଚନା ଅନୁସାରେ, ବନବିହାରୀ ବେହେରା ଗତ ୨୩ ବର୍ଷ ହେବ ମଦନପୁର ବସୁଧା ଜଳ ଯୋଗାଣ ପ୍ରକଳ୍ପରେ କାର୍ଯ୍ୟ କରିଆସୁଅଛନ୍ତି। ଗତ ୧୬ତାରିଖ ସକାଳେ ବନବିହାରୀ ଜାଗସରା, କାଇମାଟିଆ ଓ କାଇମାଟିଆପାଟଣା ଗ୍ରାମକୁ ପାଣି ଯୋଗାଇବା ପାଇଁ ପାଣି ପମ୍ପ ଚାଲୁ କରିବା ପରେ ମଧ୍ୟାହ୍ନ ୧୨ଟାରେ ଘରକୁ ଫେରିଥିଲେ। ଅପରାହ୍ନ ୪ଟାରେ ପୁଣି ବନବିହାରୀ ପାଣି ପମ୍ପ ଚାଲୁ କରିବା ପାଇଁ ପ୍ରକଳ୍ପକୁ ଯାଇଥିବା ବେଳେ ସେଠାରେ ୫୦ମିଟର ଲମ୍ବର ତମ୍ବାତାର ଚୋରି ହୋଇଥିବାର ଦେଖିବାକୁ ପାଇଥିଲେ। ଏନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ନନ୍ଦନକାନନରେ ଗୟଳ ଛୁଆ ମୃତ

ବାରଙ୍ଗ,୨୨।୪(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଶନିବାର ଜନ୍ମ ହୋଇଥିବା ଗୟଳ ଶାବକ ସପ୍ତାହ ନ ପୂରୁଣୁ ସୋମବାର ଆଖି ବୁଜିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି। ଗୟଳ ଶାବକର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୬ରେ ପହଞ୍ଚିଛି।

### ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ

ବେଗୁନିଆ,୨୨।୪(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପୋଲିସ ସୋମବାର ଏକ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟର ଜବତ କରିଛି। ପୂର୍ବାହ୍ନରେ ଥାନା ପକ୍ଷରୁ ପାଟ୍ରୋଲିଂ ଚାଲିଥିଲା। ଏହି ସମୟରେ ଏକ ମାଙ୍କଡା ପଥର ବୋଝେଇ ଟ୍ରାକ୍ଟରକୁ ପୋଲିସ ବାରବାଟୀ ଗ୍ରାମ ନିକଟରୁ ଜବତ କରି ଥାନାକୁ ଆଣିଥିଲା। ଜବତ ଟ୍ରାକ୍ଟର ଚାଳକଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିଥିଲା। ପରେ ଟ୍ରାକ୍ଟର ମାଲିକ ଆବଶ୍ୟକ କାଗଜପତ୍ର ପୋଲିସକୁ ଦେଖାଇଥିଲେ। ଆଇନ ଅନୁଯାୟୀ ଜରିମାନା ଆଦାୟ କରିବା ପାଇଁ ମାଇନିଂ ବିଭାଗ ଜିମା ଦିଆଯାଇଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

# ପାଇକ ସ୍ମାରକୀ ନିର୍ମାଣରେ ମନ୍ଥରତା

ଖୋର୍ଦ୍ଧା,୨୨।୪(ପ୍ରଭାତ ପାଣିଗ୍ରାହୀ)

■ ୨୦୧୯ ଡିସେମ୍ବର ୮ରେ ଶିଳାନ୍ୟାସ ହୋଇଥିଲା
■ ହୋଇପାରୁନି ଗଛ ସମ୍ପ୍ରସାରଣ

ଖୋର୍ଦ୍ଧା ବରୁଣେଇ ପାହାଡ଼ ପାଦଦେଶସ୍ଥିତ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟ ମନ୍ଥରତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସ୍ମାରକୀ ନିର୍ମାଣ ଲାଗି ରହିଥିବା ବିବାଦ ତୁଟିବା ପରେ ଭୂମିପୂଜା ହୋଇଥିଲା। ତେବେ ଭୂମିପୂଜା ପରଠୁ ନିର୍ମାଣ କାର୍ଯ୍ୟ ଅଟକି ରହିଛି। ପ୍ରସ୍ତାବିତ ଜମିରେ ଜଙ୍ଗଲ ବିଭାଗର ଗଛ ରହିଛି। ଜଙ୍ଗଲ ବିଭାଗ ପକ୍ଷରୁ ସମ୍ପ୍ରସାରଣ ଚାଲିଛି। ତେବେ ଏଥିରେ ବିଳମ୍ବ ଘଟୁଥିବାରୁ ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ୨୦୧୯ ଡିସେମ୍ବର ୮ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଶିଳାନ୍ୟାସ ହୋଇଥିଲା। ଏହି ସ୍ମାରକୀ ନିର୍ମାଣ ଲାଗି ରାଜ୍ୟ ସରକାର ୧୦ ଏକର ଜମି ଯୋଗାଇ ଦେଇଥିଲେ। ପ୍ରଥମେ ପ୍ରସ୍ତାବିତ ଜମି ଜବରଦଖଲ ମୁକ୍ତ ଏବଂ ପରେ ରାଜ୍ୟ ସରକାର ପ୍ରସ୍ତାବିତ ଜମିର ଫ୍ରି ପ୍ରିମିୟମ ଭାବେ ଯୋଗାଇଦେବା ଲାଗି ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ୨୦୨୨ ଜୁଲାଇରେ ରାଜ୍ୟ କ୍ୟାବିନେଟ୍ ଏଥିରେ ମୋହର ମାରିଛି। ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଖୋର୍ଦ୍ଧା ମୌଜାର ବରୁଣେଇ ପାହାଡ଼ ପାଦଦେଶରେ ଏକର ୯.୬୮୫ ଡିସିମିଲ ସରକାରୀ ଜମିକୁ ପାଇକ ବିଦ୍ରୋହ ସ୍ମୃତି ଉଦ୍ଦେଶ୍ୟରେ ପାଇକ ସ୍ମାରକୀ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ବିନା ପ୍ରିମିୟମ, କ୍ୟାପିଟାଲ ଭ୍ୟାଲୁ ଏବଂ ଇନ୍ସିଡେଣ୍ଟାଲ ଚାର୍ଜରେ ସଂସ୍କୃତି ମନ୍ତ୍ରଣାଳୟ ଭାରତ ସରକାରଙ୍କ ସପକ୍ଷରେ ଦେବା ଲାଗି ରାଜ୍ୟ କ୍ୟାବିନେଟର ଅନୁମୋଦନକ୍ରମେ ଏଥିନିମନ୍ତେ ୩୧ କୋଟି ୯୬ ଲକ୍ଷ, ୬୨,୯୩୪ ଟଙ୍କା ରାଜସ୍ୱ ଦେୟ ଛାଡ଼ କରିଛନ୍ତି। ଏନେଇ ବିଭିନ୍ନ ପାଇକ ସଙ୍ଗଠନ ମଧ୍ୟରେ ଉତ୍ସାହ ଖେଳିଯାଇଥିଲା। ସମସ୍ତଙ୍କ ଆଶା ରହିଥିଲା, ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ହେଲେ ବର୍ତ୍ତମାନ ସୁଦ୍ଧା ଇଟା ଖଣ୍ଡେ ପଡିନି। ଏଯାଏଁ ଏହାର ଡିପିଆର୍ ପ୍ରସ୍ତୁତ ହୋଇ ନ ଥିବା ଜଣାପଡିଛି। ସେପଟେ ପ୍ରସ୍ତାବିତ ଜମି ମୁକ୍ତ ଡମ୍ପିଂୟାର୍ଡ ପାଲଟିଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

୨୦୨୨ ଡିସେମ୍ବର ୨୬ରେ ସ୍ଥାନୀୟ ପ୍ରଶାସନ ଏବଂ ନିର୍ମାଣ ଦାୟିତ୍ୱରେ ଅଏଲ ଇଣ୍ଡିଆ ଫାଉଣ୍ଡେଶନ ଅଧିକାରୀଙ୍କ ଉପସ୍ଥିତିରେ ଶିଳାନ୍ୟାସ ଦିଆଯାଇ ନିଅଁ ଖୋଳାଯାଇଥିଲା। ଏହା ପରଠାରୁ କାମ ହୋଇ ନ ଥିବା ଜଣାପଡିଛି। ପ୍ରସ୍ତାବିତ ଜମିର ଅର୍ଦ୍ଧାଧିକ ଭାଗରେ ଜଙ୍ଗଲ ବିଭାଗର ଗଛ ଲାଗିଛି। ସ୍ମାରକୀ ନିର୍ମାଣ ସ୍ଥଳ ଚାରିପଟେ ଚିହ୍ନଟ କରାଯାଇଛି। ତେବେ ପ୍ରସ୍ତାବିତ ଜମିରେ ରହିଥିବା ଗଛ କଟାଯିବାକୁ ନେଇ ବିବାଦ ଲାଗି ରହିଛି। ନିକଟରେ ଜିଲା ପ୍ରଶାସନ, ଜଙ୍ଗଲ ବିଭାଗ ଏବଂ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକରେ ସ୍ମାରକୀ ନିର୍ମାଣର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। ସେଥିରେ ଗଛ କଟାଯିବା ପରିବର୍ତ୍ତେ ଅନ୍ୟତ୍ର ସମ୍ପ୍ରସାରିତ ଲାଗି ନିଷ୍ପତ୍ତି ହୋଇଛି। ତେବେ ସମ୍ପ୍ରସାରିତ ଗଛକୁ କେଉଁଠି ରୋପିତ କରାଯିବ, ସେନେଇ ଜଙ୍ଗଲ ବିଭାଗ ପକ୍ଷରୁ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ତୁରନ୍ତ ଏ ଦିଗରେ ପ୍ରଶାସନ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ କହିଛନ୍ତି, ନିକଟରେ ସ୍ମାରକୀ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ଜିଲା ପ୍ରଶାସନ ପକ୍ଷରୁ ବୈଠକ ହୋଇଥିଲା। ଜଙ୍ଗଲ ବିଭାଗ ପକ୍ଷରୁ ଲାଗିଥିବା ଗଛ ସମ୍ପ୍ରସାରଣ ଲାଗି ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ସମସ୍ତ ଗଛ ସମ୍ପ୍ରସାରଣ ପରେ ପ୍ରଥମ ପର୍ଯ୍ୟାୟରେ ପାଚେରି ନିର୍ମାଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ନିରାକାରପୁରରେ ପୋଲିସର ଫ୍ଲାଗମାର୍ଚ୍ଚ



ନିରାକାରପୁର,୨୨।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶୃଙ୍ଖଳିତ ମତଦାନ ଲାଗି ସୋମବାର ନିରାକାରପୁର ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ରଙ୍କ ନେତୃତ୍ୱରେ ନିରାକାରପୁର ଥାନା ଅଞ୍ଚଳର ୧୬ ନମ୍ବର ଜାତୀୟ ରାଜପଥର ରାମେଶ୍ୱର ଛକଠାରୁ ନୂଆଜଗନ୍ନାଥ ସଡ଼କ ଦେଇ ଖଜୁରିପଡ଼ା ଓ ପରେ ନିରାକାରପୁର ବଜାର ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା। ଏହି ଫ୍ଲାଗମାର୍ଚ୍ଚରେ ନିରାକାରପୁର ଥାନାର ଏସ୍‌ଆଇ ଦୀପାଳିଶା ନାୟକ, ଏସ୍‌ଆଇ ଅରବିନ୍ଦ ରାଉଳ, ଏଏସ୍‌ଆଇ ତପନ କୁମାର ପ୍ରଧାନ, ଏଏସ୍‌ଆଇ ଶ୍ରୀମତୀ ମଲ୍ଲିକ, ଏଏସ୍‌ଆଇ ରମେଶ ବେହେରାଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ଥିଲେ।

# ‘ଭଲ ମଣିଷ ହୋଇ ଦେଶର ଟେକ ରଖ’





ଅତିଥିଙ୍କ ଗହଣରେ କୃତୀ ପ୍ରତିଭାଧାରୀ।

ବାଲୁଗାଁ,୨୨।୪(ସଂଗ୍ରାମ ପାଇକରାୟ)

ବାଲୁଗାଁ ସ୍ଥିତ ଡିଏଭି ଗୁରୁକୁଳ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ‘ପ୍ରାରମ୍ଭ ଉତ୍ସବ’ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କହଁର, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ବାଳମୁକୁନ୍ଦ ଦାଶ, ସମ୍ମାନିତ ଅତିଥିଭାବେ ଚିଲିକା ବ୍ଲକ ସହଶିକ୍ଷା ଅଧିକାରୀ ନୀଳାଦ୍ରି ଭୂଷଣ ଦାଶ, ବ୍ୟଙ୍ଗକବି ତଥା ପ୍ରଫେସର ରମାକାନ୍ତ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଭିକାରୀ ଚରଣ ପ୍ରଧାନ, ବାଙ୍କନିଧି ଏଜୁକେଶନାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଦସ୍ୟ ସୁଧିର ପଲାଇ ପ୍ରମୁଖ ଯୋଗଦେଇ ଶୃଙ୍ଖଳିତ ଛାତ୍ର ଜୀବନର ଭବିଷ୍ୟତ ମୂଲ୍ୟବୋଧ ଓଡ଼ିଆ ଭାଷା ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଭଲ ମଣିଷ ହୋଇ ଦେଶର ଟେକ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ସଭାରେ ବିଦ୍ୟାଳୟର ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧକ୍ଷ ରାମଚନ୍ଦ୍ର ଦାଶ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଗୁରୁକୁଳର ସମ୍ପାଦିକା ମିତା ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମହର୍ଷି ଅଲିମ୍ପିଆଡ୍ ପ୍ରତିଯୋଗିତା ଏବଂ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଅଭିଭାବକ ଓ ଦର୍ଶକଙ୍କୁ ବିମୋହିତ କରିଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମଦୀପ ସାହୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ କରିପାରିବେ ସ୍ୱାସ୍ଥ୍ୟବୀମା

ଟାଙ୍ଗୀ,୨୨।୪(ରଘୁନାଥ ସାହୁ)

ଏଣିକି ୬୫ ବର୍ଷରୁ ଊର୍ଦ୍ଧ୍ୱ ନାଗରିକ ସ୍ୱାସ୍ଥ୍ୟବୀମା କରିପାରିବେ। ବୀମା ନିୟାମକ ଆଇଆର୍‌ଡିଏଆଇ ଏହି ଘୋଷଣା କରିଛି। କେବଳ ବୟସ ସୀମା ନୁହେଁ, ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା କିମ୍ବା ପୂର୍ବରୁ ସ୍ୱାସ୍ଥ୍ୟ ସମସ୍ୟା ଥିବା ସମସ୍ତ ନାଗରିକ ସ୍ୱାସ୍ଥ୍ୟବୀମା କରିପାରିବେ ବୋଲି ଆଇଆର୍‌ଡିଏଆଇ ନିର୍ଦ୍ଦେଶନାମାରେ ପ୍ରକାଶ ପାଇଛି। ଏଥିସହ ଉପଭୋକ୍ତାଙ୍କୁ ସୁହାଇଲା ଭଳି କିସ୍ତିରେ ବୀମା ପ୍ରଦାନ କରିବାକୁ କମ୍ପାନୀ ଅନୁମତି ଦେବାକୁ ନିର୍ଦ୍ଦେଶ ରହିଛି। ବରିଷ୍ଠ ନାଗରିକଙ୍କ ଦୀର୍ଘଦିନର ଦାବିକୁ ପୂରଣ କରିଥିବାରୁ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସଂଯୋଜକ ବିଜୟ କୁମାର ରାଉତ, କାର୍ଯ୍ୟନିର୍ବାହୀ ସଦସ୍ୟ ଶତ୍ରୁଘ୍ନ ପ୍ରଧାନ, ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ଡ. ଚନ୍ଦ୍ରଶେଖର ଦାଶ, ସାମ୍ବାଦିକ ରଘୁନାଥ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସଚିତ୍ର ସାମନ୍ତରାୟ, ଡା. ମଧୁସୂଦନ ସେନାପତି, ପ୍ରଭାକର ବିଶ୍ୱାଳ, ଦିଲୀପ କୁମାର ନାଥ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ନୂତନ ନିୟମ ୨୦୨୪ ଏପ୍ରିଲ ୧ରୁ ଲାଗୁ କରାଯିବା ପାଇଁ ବିଜ୍ଞାପନରେ ପ୍ରକାଶ ପାଇଛି।

## ଯୁବକଙ୍କୁ ଆକ୍ରମଣ ଘଟଣାରେ ବାପପୁଅ ଗିରଫ

ଖୋର୍ଦ୍ଧା,୨୨।୪(ପ୍ରଭାତ ପାଣିଗ୍ରାହୀ)

ଜଣେ ଯୁବକଙ୍କୁ ଆକ୍ରମଣ ଘଟଣାରେ ଖୋର୍ଦ୍ଧା ସଦର ଥାନା ପୋଲିସ ସୋମବାର ବାପପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅନ୍ତର୍ଗତ ଅଣ୍ଡା ଗ୍ରାମର ପ୍ରଫୁଲ ବରାଳ(୫୫) ଏବଂ କାଳିଆ ଓରଫ ଓମ୍ ଓରଫ ଓମ୍‌ପ୍ରକାଶ(୧୯)। ଜାମିନ ନାମଞ୍ଜୁର ହେବାରୁ ଏମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ହେମନ୍ତ ବରାଳ ଏବଂ ତାଙ୍କ ପୁଅ ପିଣ୍ଟୁ ଗତ ୨୧ତାରିଖ ୯ଟା ୩୦ରେ କୌଣସି କାମରେ ଯାଉଥିବା ବେଳେ ଜଣଙ୍କ ଘର ଆଗରେ ହଠାତ୍ ଉପରୋକ୍ତ ଅଭିଯୁକ୍ତଦ୍ୱୟ ମାରଣାସ୍ତ୍ର ଧରି ପହଞ୍ଚି ଗାଳିଗୁଲଜ କରିଥିଲେ। ଏହି ସମୟରେ ଓମ୍ ଏକ ଲୁହାରଡ୍‌ରେ ପିଣ୍ଟୁଙ୍କ ମୁଣ୍ଡକୁ ଶକ୍ତ ଆଘାତ ଦେଇଥିଲେ। ପୁଅକୁ ବଞ୍ଚାଇବାକୁ ଯାଇ ହେମନ୍ତ ମଧ୍ୟ ଆହତ ହୋଇଥିଲେ। ଏହି ସମୟରେ ପ୍ରଫୁଲ୍ଲ ଏକ ପଥରରେ ପିଣ୍ଟୁଙ୍କ ମୁଣ୍ଡକୁ ଛେଚିଦେବାକୁ ଉଦ୍ୟମ କରୁଥିବା ବେଳେ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ପିଣ୍ଟୁ ସେଠାରୁ ଖସିପଳାଇଥିଲା। ପରେ ହେମନ୍ତ ଏବଂ ପିଣ୍ଟୁଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପିଣ୍ଟୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର କ୍ୟାପିଟାଲ ସ୍ଥାନାନ୍ତର କରାଯାଇଥିଲା। ଏନେଇ ହେମନ୍ତଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୦୧/୨୪)ରୁଜୁକରି ଉପରୋକ୍ତ ବାପପୁଅଙ୍କୁ ଗିରଫ କରିଥିଲା। ପ୍ରକାଶ ଯେ, ପୂର୍ବରୁ ହେମନ୍ତ ଓ ପ୍ରଫୁଲ୍ଲଙ୍କ ମଧ୍ୟରେ ପୂର୍ବଶତ୍ରୁତା ରହିଥିଲା।

## ଷଡ଼ଚତ୍ୱାରିଂଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ



ବିଜେଡି ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଠାକୁରଙ୍କୁ ଦର୍ଶନ କରି ଫେରୁଛନ୍ତି।

ବେଗୁନିଆ,୨୨।୪(ଶ୍ରଦ୍ଧାଞ୍ଜଳି ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ମାଣତୀର ଗ୍ରାମସ୍ଥିତ ମା’ରାମଚଣ୍ଡୀଙ୍କ ପୀଠରେ ଷଡ଼ଚତ୍ୱାରିଂଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗଡମାଣିତୀର ଗ୍ରାମର ମା’ରାମଚଣ୍ଡୀ, କପିଳେଶ୍ୱର ଦେବ, ତୃତୀୟା ଦେବ, ମୁଗମଣ୍ଡା ଗ୍ରାମର ବାଲୁଙ୍କେଶ୍ୱର ଦେବ, ନାରାୟଣୀପଡ଼ା ଗ୍ରାମର ମହାବୀର, ସିମାପଲୀ ଗ୍ରାମର ମଦନ ମୋହନ, ବାରବାଟୀ ଗ୍ରାମର ଗୋପୀନାଥ ଦେବ, ବିଶ୍ୱନାଥପୁର ଗ୍ରାମର ଚୈତନ୍ୟ ଦେବ, ବୋରିକ ଗ୍ରାମର ରଘୁନାଥ ଜୀଉ, ସୋମନାଥ ଦେବ, ନୂଆଗାଁ ଗ୍ରାମର ବାଲୁଙ୍କେଶ୍ୱର ଦେବ ପ୍ରମୁଖ ଦେବଦେବୀଙ୍କୁ ନିମନ୍ତ୍ରିତ କରାଯାଇ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟଦିନ ଶାଳାମଣ୍ଡନ କଳସଯାତ୍ରା ଓ ଯଜ୍ଞ ନାରାୟଣଙ୍କ ଆବିର୍ଭାବ ଅଗ୍ନିସ୍ଥାପନ, ତୃତୀୟ ଦିବସ ଭାଗବତ ବାସୁଦେବଙ୍କ ଷୋଡ଼ଶ ଉପଚାର ପୂଜା ଓ ଭଗବଦ୍ ଗୀତାରେ ଆହୁତି, ଚତୁର୍ଥ ଦିବସ ମା’ରାମଚଣ୍ଡୀଙ୍କ ଷୋଡ଼ଶ ଉପଚାର ପୂଜା ଓ ସପ୍ତଶତୀ ଚଣ୍ଡୀରେ ପୂଜା, ପଞ୍ଚମ ଦିନ କପିଳେଶ୍ୱର ଦେବଙ୍କ ଉପଚାର ପୂଜା ଓ ଶତ ରୁଦ୍ରରେ ଆହୁତି ପ୍ରଦାନ ହୋଇଥିବା ବେଳେ ଅନ୍ତିମ ଦିବସରେ ସର୍ବ ଦେବଦେବୀଙ୍କ ଆହୁତି ପ୍ରଦାନ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋ ପୂଜା, ନାମ ସଂକୀର୍ତ୍ତନ ସହିତ ସତସଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଗଡ଼ମାଣିତୀର ଗ୍ରାମ ସମେତ ବାରପଲ୍ଲୀ ଗୋପାଳପୁର, କଡବ, ରାଉତପଡ଼ା, ଗୋବିନ୍ଦପୁର ବୋତଳମା ପଞ୍ଚାୟତର ଜନସାଧାରଣ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ବିଜେଡି ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ, ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଜିଲା ପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ, ସ୍ଥାନୀୟ ସରପଞ୍ଚ କରୁଣାକର ଦଳସିଂହାର, ଆରତ ମାଝୀ, ପ୍ରଦୀପ କୁମାର ବାରିକ ପ୍ରମୁଖ ପହଞ୍ଚି ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ।

# ରାସୋଲରେ ରାମ ନାଟକ ମଞ୍ଚସ୍ଥ



ବୋଲଗଡ଼,୨୨।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାନପଦର ପଞ୍ଚାୟତ ଅନ୍ତର୍ଗତ ରାସୋଳ ଗ୍ରାମରେ ସୋମବାର ରାମ ନାଟକ ଅନୁଷ୍ଠିତ ହୋଇଯାଇଛି। ରାସୋଳ ଗ୍ରାମର ମା’ମଙ୍ଗଳା ନାଟ୍ୟ ସଂସଦର ଛୋଟଛୋଟ କଳାକାରଙ୍କ ଦ୍ୱାରା ଗ୍ରାମର ରଘୁନାଥଙ୍କ ପୀଠରେ ମଞ୍ଚସ୍ଥ ହୋଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକକର୍ମୀ ମନୋଜ କୁମାର ପ୍ରଧାନ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ସମିତିସଭ୍ୟ ଦିଲୀପ କୁମାର ମହାପାତ୍ର, ସାମାଜିକକର୍ମୀ ଅର୍ଜୁନ ପଟ୍ଟନାୟକ, ଗ୍ରାମ ସଭାପତି ପ୍ରଦୀପ ପାଲଟାସିଂ, ସମ୍ପାଦକ ଗଙ୍ଗାଧର ଦଳାଇ, ବୈକୁଣ୍ଠ ବଳିୟାରସିଂହ, ରମେଶ ମହାପାତ୍ର, ଦୁର୍ଯ୍ୟୋଧନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ବାବୁ ବଳିୟାରସିଂ ମଞ୍ଚ ପରିଚାଳନା କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ନଣ୍ଡା ସାର ଓ ସହ ନିର୍ଦ୍ଦେଶକ ଅମିତ ବାରିକଙ୍କ ନିର୍ଦ୍ଦେଶନାରେ ଗ୍ରାମର ୨୦ଜଣ କଳାକାର ଅଭିନୟ କରିଥିଲେ। ଅକ୍ଷୟ ବାରିକ, ସୁବ୍ରତ ସାହୁ, ପ୍ରତାପ ଚମ୍ପତିଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଧରିତ୍ରୀ ଦିବସ ପାଳିତ

କଳାପଥର,୨୨।୪(ଗଙ୍ଗାଧର ସାହୁ)

ଧଳାପଥର ପଞ୍ଚାୟତ ଅନ୍ତର୍ଗତ ଠଣାପଲ୍ଲୀ ଗ୍ରାମଠାରେ ଚାନ୍ଦୁଆ ଶିଳ୍ପକେନ୍ଦ୍ରର ସହଯୋଗରେ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ଫଳରେ ବର୍ଷାରେ ଅନିୟମିତତା, ପ୍ରଚଣ୍ଡ ରୌଦ୍ରତାପ, କମ୍ ଶୀତ ଅନୁଭୂତ ହେଉଛି। ଏହାର କାରଣ ବୃକ୍ଷରୋପଣ ହେଉନାହିଁ ଓ ଜଙ୍ଗଲ ସମ୍ପଦ କ୍ଷୟ। ବହୁମାତ୍ରରେ ଗଛ ଲଗାଇବା ପାଇଁ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଚାରାରୋପଣ ଓ ପ୍ଲାଷ୍ଟିକ ବର୍ଜନ କରିବାକୁ ଉଦ୍ୟୋଗୀ ମହିଳାମାନେ ଶପଥ ନେଇଥିଲେ। ବାରିପଛପଟ, ଖାଲି ସ୍ଥାନରେ ଗଛ ଲଗାଇ ଧରିତ୍ରୀ ମାଆକୁ ସୁରକ୍ଷା ଦେବାକୁ ମହିଳାମାନେ ଅନ୍ୟଙ୍କୁ ସଚେତନ କରାଇବାକୁ ମତପ୍ରକାଶ ପାଇଥିଲା। ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ଦିବସ ପାଳନ ଅବସରରେ ଯୁବକ ସଂଘର ସମ୍ପାଦକ ଭାଗୀରଥି ଦାଶ ଅତିଥିଭାବେ ଯୋଗଦେଇଥିଲେ। ଚାନ୍ଦୁଆ ଶିଳ୍ପ କେନ୍ଦ୍ରର ସହଯୋଗୀ ମାନସୀ ଦାସ, ଲିପିକା ମହାପାତ୍ର, ତୁମୁକି ପ୍ରଧାନ, ଦୀପ୍ତିମୟୀ ସାହୁ ପ୍ରମୁଖ ଯୋଗଦେଇ ଉକ୍ତ ଦିବସ ପାଳନ ଉପରେ ମତବ୍ୟକ୍ତ କରିଥିଲେ।

# ଅନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ

ବୋଲଗଡ଼,୨୨।୪(ଦେବବ୍ରତ ହୋତା)



ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ତିରୋଧାନ ଦିବସ ଏବଂ ଅନ୍ତର୍ଜାତୀୟ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ଅବସରରେ ରବିବାର ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ମହାପୁରୁଷ, ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଶିକ୍ଷକ ଦୀପ୍ତି ରଂଜନ ଦାସ ଓ ଶିକ୍ଷୟିତ୍ରୀ ନମିତା ସାହୁ, ସୌଦାମିନୀ ପରିଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲେ। ପ୍ରଧାନ ଶିକ୍ଷକ ସ୍ୱାଇଁ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ମୁଖ୍ୟ ଫାଟକ ନିକଟରେ ଥିବା ମହାତ୍ମା ଗାନ୍ଧୀ, ସୁବାଷ ଚନ୍ଦ୍ର ବୋଷ, ମଧୁସୂଦନ ଦାସ, ଗୋପବନ୍ଧୁ ଦାସ ଏବଂ ଜୟୀ ରାଜଗୁରୁଙ୍କ ଅବଦାନ ସମ୍ପର୍କରେ ଶିକ୍ଷକ ବିଚିତ୍ର ଘଡେଇ, ଅଂଶୁମାନ ଧଳ ଏବଂ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ସ୍ୱର୍ଣ୍ଣଲତା ପ୍ରଧାନ ପ୍ରମୁଖ ଅବଗତ କରାଇଥିଲେ। ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବାବାଜୀ ଦାସ ଓ ଗୋପୀନାଥ ପରିଡାଙ୍କ ସମ୍ପର୍କରେ ଶିକ୍ଷକ ବିଶ୍ୱଜିତ୍, ସରୋଜ କୁମାର ଏବଂ ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଚତୁର୍ଭୁଜ ପରିଡାଙ୍କ ଜୀବନ ସମ୍ବନ୍ଧରେ ଶ୍ରୋତାଲିନୀ ସାହୁ ସୂଚନା ଦେଇଥିଲେ।

# ଫିରିଙ୍ଗିଆରୁ ପୁରୀକୁ ହେଉଥିଲା ଗଞ୍ଜେଇ ଚାଲାଣ

ନିରାକାରପୁର,୨୨।୪(ମାନସ ଚନ୍ଦ୍ର ପଟ୍ଟନାୟକ)





ଜବତ କାର ଓ ବାଇକ୍ ଏବଂ ଗିରଫ ୨ ଅଭିଯୁକ୍ତ।

କାର୍‌ରେ ଗଞ୍ଜେଇ ଚାଲାଣ ଘଟଣାରେ ନିରାକାରପୁର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଗଡ଼ିଶାଗୋଦା ଥାନା ଅନ୍ତର୍ଗତ ଭାଟପଡ଼ା ଗ୍ରାମର ଭରତ ପ୍ରଧାନ (୩୦) ଓ ରାଜେଶ ବରାଳ (୨୩)। ଏମାନଙ୍କ ନିକଟରୁ ଏକ ବାଇକ୍ ଜବତ ହୋଇଛି। ତେବେ କାର୍‌ଟି ଫିରିଙ୍ଗିଆ ଅଞ୍ଚଳରୁ ପୁରୀ ଜିଲା ଅଞ୍ଚଳକୁ ଯାଉଥିଲାା ବୋଲି ପୋଲିସ ପ୍ରାଥମିକ ତଦନ୍ତ ବେଳେ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ରବିବାର ନୂଆଜଗନ୍ନାଥ ସଡ଼କରେ ଓଡି-୩୩-ଜେ-୦୯୪୫ ନମ୍ବର ବିଶିଷ୍ଟ ଏକ କାର୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସହ ଉକ୍ତ ଗାଡିକୁ ଓଡି-୩୩ -ଏବି-୬୫୬୯ ନମ୍ବରବିଶିଷ୍ଟ ଏକ ବାଇକରେ ଦୁଇଜଣ ଯୁବକ ଏସ୍କର୍ଟ ଦେଇ ନେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପହଞ୍ଚି ଚଢ଼ାଉ କରିବାରୁ ସ୍ଥାନୀୟ ଲେଣ୍ଡୋ ଛକଠାରେ ବେପାରୀ ଓ ଚାଳକ କାରକୁ ରାସ୍ତାରେ ରଖି ଚମ୍ପଟ ମାରିଥିଲେ। ତେବେ ଏସ୍କର୍ଟ କରି ନେଉଥିବା ଦୁଇଜଣ ଯୁବକଙ୍କୁ ପୋଲିସ ଧରିଥିଲା। ଉକ୍ତ କାର୍‌ରୁ ୪୭କେଜି ୪୭୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏନେଇ ଥାନାରେ ଏକ ମାମଲା (ନଂ.୧୧୦/୨୪)ରୁଜୁ ହୋଇଛି। କାର୍‌ର ନମ୍ବରପ୍ଲେଟରୁ ଏହା ରାଜେଶ ଦିଘାଲ ନାମରେ ଥିବା ଜାଣିବାକୁ ପାଇଛି। ସେହିପରି ସୋମବାର ବିଭିନ୍ନ ସ୍ଥାନରେ ଏସ୍‌ଟିଏଫ ପକ୍ଷରୁ ଚଢ଼ାଉ ବେଳେ ଦିଘାଲ ବ୍ରଦର୍ସଙ୍କ ନାମରେ ଆଉ ୮ରୁ ୧୦ଟି ଗାଡି ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ଏହି ଚଢ଼ାଉରେ ସବ୍‌ଇନ୍ସପେକ୍ଟର ଦୀପାଳି ନାୟକ, ଏସ୍‌ଆଇ ଅରବିନ୍ଦ ରାଉଳ, ଏସଆଇ ତପନ ପ୍ରଧାନ, ଏସଆଇ ରମେଶ ବେହେରା, ଏସଆଇ ଶ୍ରୀମତି ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ତୁଷାରକାନ୍ତିଙ୍କୁ ବିଜେଡି ଟିକେଟ ବାଣ ଫୁଟାଇ ମିଠା ଖାଇଲେ ସମର୍ଥକ

**ଅସ୍ତରଙ୍ଗ,୨୨।୪(ପ୍ରଦୀପ୍ତ କୁମାର ଦୀକ୍ଷିତ):** ବିଜେଡି ପକ୍ଷରୁ କାକଟପୁର ନିର୍ବାଚନମଣ୍ଡଳୀ ନିମନ୍ତେ ତୁଷାରକାନ୍ତି ବେହେରାଙ୍କୁ ବିଧାୟକ ପ୍ରାର୍ଥୀ ଘୋଷଣା କରାଯାଇଛି। ଦଳ ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଭରସା କରିଥିବାରୁ ବେହେରା ଖୁସି ବ୍ୟକ୍ତ କରିବା ସହ କାର୍ତ୍ତିକ ପାଣ୍ଡିଆନ ଓ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳ ଯେତେବେଳେ ଯାହା ଦାୟିତ୍ୱ ଦେଇଛି ତାହାକୁ ସୁଚାରୁରୂପେ ତୁଲାଇଛି। ବିଧାୟକ ଓ ମନ୍ତ୍ରୀ ଭାବରେ ଯେଉଁ ଲୋକେ ଭରସା କରିଛନ୍ତି ଓ ଭଲ ପାଇବା ଦେଇଛନ୍ତି ସେମାନଙ୍କୁ ଧନ୍ୟବାଦ ବୋଲି ବେହେରା କହିଛନ୍ତି। ଟିକେଟ ଘୋଷଣା ପରେ ଅସ୍ତରଙ୍ଗ ଅଞ୍ଚଳ ବିଭିନ୍ନ ପଞ୍ଚାୟତରେ ତୁଷାରକାନ୍ତିଙ୍କ ସମର୍ଥକ ବାଣ ଫୁଟାଇବା ସହ ପରସ୍ପର ମଧ୍ୟରେ ମିଠା ବାଣ୍ଟି ଖୁସି ମନାଇଛନ୍ତି।

### ସଙ୍ଗୀତାଙ୍କୁ ଟିକେଟ ମିଳିବା ନେଇ ଚର୍ଚ୍ଚା

**ଗୋପ,୨୨।୪ (ଭାରତୀ ଭୂଷଣ ଉପାଧ୍ୟାୟ)**

ନିମାପଡ଼ା ନିର୍ବାଚନମଣ୍ଡଳୀରେ ଏବେ ରାଜନୀତି ସରଗରମ ରହିଛି। ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶଙ୍କ ପୁନର୍ବିଚାର ସଭା ରାଜ୍ୟ ଦଳୀୟ ନେତୃତ୍ୱଙ୍କୁ ପ୍ରାର୍ଥୀ ପରିବର୍ତ୍ତନ କରିବା ଲାଗି ମାନସ ମନ୍ଥନ ନେଇ ବାଧ କରିଛି। ସମୀରଙ୍କ ସହଧର୍ମିଣୀ ସଙ୍ଗୀତା ଦାଶଙ୍କୁ ବିଜେଡି ପ୍ରାର୍ଥୀ କରିପାରେ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି। ପ୍ରକାଶ ଯେ, ସମୀର କ୍ରମାଗତ ଭାବେ ଭାଜପା ପ୍ରାର୍ଥୀଙ୍କୁ ତିନିଥର ପରାଜିତ କରିବା ସହିତ ବିଜେଡି ଶାସନରେ ବରିଷ୍ଠ ମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ଚଳିତ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରିବାରୁ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଦଳ ପୁନର୍ବିଚାର କରିବା ଲାଗି କର୍ମୀମାନେ ଦାବି କରିଥିବାବେଳେ ୩୦ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ ସମୀର ଶକ୍ତି ପ୍ରଦର୍ଶନ କରିଥିଲେ। ଏ ସମ୍ପର୍କରେ ବିଧାୟକ ଦାଶଙ୍କୁ ପଚାରିବାରେ କହିଛନ୍ତି, ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ସ୍ୱଚ୍ଛ ବ୍ୟକ୍ତି ଏବଂ ଦଳର ବିଚାର ପ୍ରକ୍ରିୟାରେ ମୋର ବିଶ୍ୱାସ ଭରସା ରହିଛି।

# ତୁଷାରକାନ୍ତିଙ୍କ ପାଇଁ କଣ୍ଟା ସାଜିପାରନ୍ତି ସୁରେନ୍ଦ୍ର

**କାକଟପୁର,୨୨।୪(ଶୁଭଦର୍ଶନ ମିଶ୍ର):**


ତୁଷାରକାନ୍ତି ବେହେରା


ସୁରେନ୍ଦ୍ର ସେଠୀ


ବାଇଧର ମଲ୍ଲିକ

କାହାକୁ ମିଳିବ ବିଜେଡି ଟିକେଟ ? ସୁରେନ୍ଦ୍ର ସେଠୀ ନା ତୁଷାରକାନ୍ତି ବେହେରା, କିଏ ହେବେ କାକଟପୁର ବିଧାନସଭା ଆସନରୁ ପ୍ରାର୍ଥୀ। ଏମିତି ପ୍ରଶ୍ନ ଦୀର୍ଘଦିନ ଧରି ସାଧାରଣରେ ଉଙ୍କିମାରିଥିବାବେଳେ ଶେଷରେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ ବିଜେଡି ସୋମବାର ସପ୍ତମ ପର୍ଯ୍ୟାୟ ପ୍ରାର୍ଥୀ ଘୋଷଣା କରିଛି। ଦଳ କାକଟପୁର ନିର୍ବାଚନ ମଣ୍ଡଳୀ ପାଇଁ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀଙ୍କୁ ବାଦ୍ ଦେଇ ପୁଣିଥରେ ତୁଷାରକାନ୍ତି ବେହେରାଙ୍କୁ ଟିକେଟ ଦେଇଛି। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ବିଧାୟକ ଥିବା ସୁରେନ୍ଦ୍ର ୨୦୨୪ରେ ବିଧାୟକ ପ୍ରାର୍ଥୀ ପାଇଁ ବିଜେଡି ଟିକେଟ ପାଇବେ ବୋଲି ବହୁ ଆଶା ବାନ୍ଧିଥିଲେ। ତେବେ ବହୁ ଛକାପଞ୍ଝା ପରେ ପୁଣି ଥରେ ତୁଷାରକାନ୍ତିଙ୍କ ନାମ ସୋମବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବା ପରେ ସୁରେନ୍ଦ୍ର ନିରାଶ ହୋଇଛନ୍ତି। ବିଗତ ପାଞ୍ଚବର୍ଷ ମନ୍ତ୍ରୀ ଥିବା ସମୟରେ ତାଙ୍କ କାର୍ଯ୍ୟଶୈଳୀ, ପାରଦର୍ଶିତା ଓ ଜନମତକୁ ଅନୁଧ୍ୟାନ କରି ରାଜ୍ୟ ସରକାରଙ୍କ ଅସମ୍ପୂର୍ଣ କାର୍ଯ୍ୟକୁ ସମ୍ପୂର୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କ ଉପରେ ଆସ୍ଥାପ୍ରକଟ କରି ତାଙ୍କୁ ଟିକେଟ ପ୍ରଦାନ କରିଛନ୍ତି ବୋଲି ତୁଷାରକାନ୍ତି କହିଛନ୍ତି। ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବାଜା ବଜାଇ ଓ ବାଣ ଫୁଟାଇ ସେମାନେ ଖୁସି ମନାଇଛନ୍ତି। ଅନ୍ୟପକ୍ଷରେ ସୁରେନ୍ଦ୍ର ଓ ତାଙ୍କ ସମର୍ଥକଙ୍କ ମଧ୍ୟରେ ନିରାଶା ଛାଇଯାଇଛି। ସୁରେନ୍ଦ୍ର ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି, ମୋ ପ୍ରତି ଅବିଚାର କରାଯାଇଛି। ବିଗତ ଦିନରେ ଜନସାଧାରଣଙ୍କ ସହିତ ରହି ବିଜେଡିକୁ ମଜଭୁତ କରିବା ପାଇଁ ଦିନରାତି ପରିଶ୍ରମ କରିଛି। ଯାହାର ଫଳସ୍ୱରୂପ ୨ ବ୍ଲକ ଅଧ୍ୟକ୍ଷ ଆସନ ଏବଂ ଏନ୍‌ଏସି ଆମ ଦଖଲରେ ଅଛି। କିନ୍ତୁ ମୋ ସହିତ ଦଳ ଅବିଚାର କରି ତୁଷାରକାନ୍ତିଙ୍କୁ ଟିକେଟ ଦେଇଛି। ତେଣୁ ମୋର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସମସ୍ତ କର୍ମୀଙ୍କ

**ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବାକୁ ଚେତାବନୀ ଦେଲେ**

ସହ ଆଲୋଚନା କରିବା ପରେ ନିଷ୍ପତ୍ତି ନେବି। ବିଜେଡି ପୁନର୍ବିଚାର ନ କଲେ କିମ୍ବା ଅନ୍ୟ ଦଳରୁ ଟିକେଟ୍ ନ ମିଳିଲେ ସ୍ୱାଧୀନ ଭାବେ ଲଢ଼ିବି ବୋଲି ସୁରେନ୍ଦ୍ର ପ୍ରକାଶ କରିଛନ୍ତି। ରାଜନୈତିକ ସମୀକ୍ଷକଙ୍କ ମତରେ, ଏପର୍ଯ୍ୟନ୍ତ କଂଗ୍ରେସର ବିଧାୟକ ପ୍ରାର୍ଥୀ ଘୋଷଣା ହୋଇନାହିଁ। ତେବେ ଭାଜପା ପ୍ରାର୍ଥୀ ବାଇଧର ମଲ୍ଲିକ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ସହ ପ୍ରଚାରରେ ଲାଗିପଡ଼ିଲେଣି। ଏପରିସ୍ଥଳେ ବିଜେଡିରେ ଅସନ୍ତୋଷ ଏବଂ ସୁରେନ୍ଦ୍ରଙ୍କ ପକେଟ ଭୋଟ ନିର୍ବାଚନ ଫଳାଫଳକୁ ଏପଟସେପଟ କରିପାରେ। ସୁରେନ୍ଦ୍ର ଯଦି ସ୍ୱାଧୀନ ଭାବେ ଲଢ଼ିବେ ଏବଂ ତାଙ୍କ ସମର୍ଥକଙ୍କୁ ନିଜ ପାଖରେ ରଖିପାରିବେ ତା'ହେଲେ ତୁଷାରକାନ୍ତିଙ୍କ ପାଇଁ ଜିତିବା ସହଜ ହେବନାହିଁ।

# ସତ୍ୟବାଦୀରେ କାମାକ୍ଷାଙ୍କ ଜନ ସମ୍ପର୍କ ପଦଯାତ୍ରା


ସତ୍ୟବାଦୀରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ କାମାକ୍ଷା ପ୍ରଧାନ ଜନ ସମ୍ପର୍କ ପଦଯାତ୍ରା କରୁଛନ୍ତି।

**ସାକ୍ଷୀଗୋପାଳ,୨୨।୪(ପ୍ରଶାନ୍ତ କୁମାର ବାରିକ୍/ କିଶୋର ମହାପାତ୍ର/ଭରତ ରାଉତ)**

ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବାକୁ କାମାକ୍ଷା ପ୍ରଧାନ ସୋମବାର ସନ୍ଧ୍ୟାରେ ଏକ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରିଥିଲେ। ଶତାଧିକ ମହିଳା ଓ ପୁରୁଷ ସମର୍ଥକଙ୍କୁ ନେଇ ସ୍ୱାଧୀନ ପ୍ରାର୍ଥୀ ପ୍ରଧାନ ସାକ୍ଷୀଗୋପାଳ ବସ୍‌ଷ୍ଟାଣ୍ଡ ନିକଟରୁ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ଏକ ପଦଯାତ୍ରା କରି ସାକ୍ଷୀଗୋପାଳଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ପଦଯାତ୍ରା ସମୟରେ ସାକ୍ଷୀଗୋପାଳ ବଜାରରେ ପ୍ରତ୍ୟେକ ବ୍ୟବସାୟ ଅନୁଷ୍ଠାନର ମୁଖ୍ୟ ଓ ବଜାର ମଧ୍ୟରେ ସାଧାରଣ ଲୋକଙ୍କୁ ଭେଟି ନିଜ ସପକ୍ଷରେ ମତଦାନ ପାଇଁ ଅନୁରୋଧ କରିଥିଲେ। ଏହି ଜନ ସମ୍ପର୍କ ଯାତ୍ରାରେ ପ୍ରଧାନଙ୍କ ସଙ୍ଗଠନର ମୁଖ୍ୟ ଲକ୍ଷଣ ବେହେରା, ଗଙ୍ଗାଧର ଛାଟୋଇ, ସୁରଥ ବେହେରା, ଦିବାକର ସ୍ୱାଇଁ, ନୀଳାଦ୍ରି ଭୂଷଣ ପ୍ରଧାନ, ଆର୍ତ୍ତତ୍ରାଣ ମଲ୍ଲିକ, ଦୁର୍ଗାବାହିନୀ ପକ୍ଷରୁ ଚିନ୍ମୟୀ ରଥ, ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ ସମର୍ଥକ ସାମିଲ ହୋଇଥିଲେ।

# ଛାତ୍ରୀଛାତ୍ରଙ୍କ ମାନସିକ ବିକାଶରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାର୍ଷିକୋତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

**କଣାସ,୨୨।୪(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଅଧୀନ ବକୁ ଗ୍ରାମପଞ୍ଚାୟତ ଗଡ଼ବରପଦା ଗ୍ରାମର ଅନନ୍ତ ବଳିଆବିହାରଠାରେ ପ୍ରତିଷ୍ଠିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୮ମ ବାର୍ଷିକୋତ୍ସବ ରବିବାର ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ ସୁନ୍ଦରାୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କଣାସ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବରିଷ୍ଠ କର୍ମଚାରୀ ରଶ୍ମିରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଜନ କଲ୍ୟାଣ ସେବା ସଂଘ ପିପିଲି ସମ୍ପାଦକ ଲଳିତ କୁମାର ବରାଳ, ଖୋର୍ଦ୍ଧା କାଉସିଲର ଶୁଭଲକ୍ଷ୍ମୀ ମହାରଣା ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମାନସିକ ବିକାଶ ଦିଗରେ ଗୁରୁମା ଗୁରୁଜୀ କାର୍ଯ୍ୟ କରୁଛନ୍ତି। ସେଥିପାଇଁ ସରକାରୀ କାର୍ଯ୍ୟାଳୟ ଅପେକ୍ଷା ସରସ୍ୱତୀ ବିଦ୍ୟାମନ୍ଦିରର ବିଦ୍ୟାର୍ଥୀ ସର୍ବଦା ଆଗରେ ରହୁଥିବାରୁ ଗୁରୁମା ଗୁରୁଜୀଙ୍କୁ ଅତିଥିମାନେ ଧନ୍ୟବାଦ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। କସ୍ତୁରୀ ଚରଣ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କବିତା ସୁନ୍ଦରାୟ ବାର୍ଷିକ ବିବରଣୀ ପାଠ କରିଥିଲେ।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

**ନିମାପଡ଼ା,୨୨।୪(ରଞ୍ଜନ ପଟ୍ଟନାୟକ):** ୩୫ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ ମହାବୀରଙ୍କ ପୀଠଠାରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ୯ ଦିନ ବ୍ୟାପୀ ପାରାୟଣ ଗଡ଼ଅଣ୍ଡିଆ ଗ୍ରାମବାସୀଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ରାମକଥାମୃତ ଶ୍ରବଣ କରିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଥିଲା। ଗଡ଼ଅଣ୍ଡିଆ ଗ୍ରାମ ମଙ୍ଗଳ ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଗଞ୍ଜେଇ ଚାଲାଣ, ୨ ଗିରଫ

**ନିରାକାରପୁର,୨୨।୪(ମାନସଚନ୍ଦ୍ରପଟ୍ଟନାୟକ)** କାର୍‌ରେ ଗଞ୍ଜେଇ ଚାଲାଣ ଘଟଣାରେ ନିରାକାରପୁର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଗଡ଼ିଶାଗୋଡା ଥାନା ଅନ୍ତର୍ଗତ ଭାଟପଡ଼ା ଗ୍ରାମର ଭରତ ପ୍ରଧାନ (୩୦) ଓ ରାଜେଶ ବରାଳ (୨୩)। ଏମାନଙ୍କ ନିକଟରୁ ଏକ ବାଇକ୍ ଜବତ ହୋଇଛି। ତେବେ କାର୍‌ଟି ଫିରିଙ୍ଗିଆ ଅଞ୍ଚଳରୁ ପୁରୀ ଅଞ୍ଚଳକୁ ଯାଉଥିଲା ବୋଲି ପୋଲିସ ପ୍ରାଥମିକ ତଦନ୍ତ ବେଳେ ଜାଣିବାକୁ ପାଇଛି। ସୂଚନା ଅନୁଯାୟୀ, ରବିବାର ନୂଆଜଗନ୍ନାଥ ସଡ଼କରେ ଓଡି-୩୩-ଜେ-୦୯୪୫ ନମ୍ବର ବିଶିଷ୍ଟ ଏକ କାର୍‌ରେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ସହ ଉକ୍ତ ଗାଡିକୁ ଓଡି-୩୩ -ଏବି-୬୫୭୯ ନମ୍ବରବିଶିଷ୍ଟ ଏକ ବାଇକରେ ଦୁଇଜଣ ଯୁବକ ଏସ୍କର୍ଟ ଦେଇ ନେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ପହଞ୍ଚି ଚଢ଼ାଉ କରିବାରୁ ସ୍ଥାନୀୟ ଲେଣ୍ଡୋ ଛକଠାରେ ବେପାରୀ ଓ ଚାଳକ କାରକୁ ରାସ୍ତାରେ ରଖି ଚମ୍ପଟ ମାରିଥିଲେ। ତେବେ ଏସ୍କର୍ଟ କରି ନେଉଥିବା ଦୁଇଜଣ ଯୁବକଙ୍କୁ ପୋଲିସ ଧରିଥିଲା। ଉକ୍ତ କାର୍‌ରୁ ୪୭କେଜି୪୭୦ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏନେଇ ଥାନାରେ ଏକ ମାମଲା (ନଂ.୧୧୦/୨୪)ରୁଜୁ ହୋଇଛି।

# ବଳଙ୍ଗା ମହାବିଦ୍ୟାଳୟ ପକ୍ଷରୁ ଜଳଛତ୍ର ଶିବିର




**ବଳଙ୍ଗା,୨୨।୪(କେଦାରେଶ୍ୱର ନନ୍ଦ)**

ରାଜ୍ୟରେ ଜାରି ରହିଛି ପ୍ରବଳ ଗ୍ରୀଷ୍ମପ୍ରବାହ। ଫଳରେ ପ୍ରବଳ ଖରା ସାଙ୍ଗକୁ ଗୁଳୁଗୁଳି ଜନସାଧାରଣଙ୍କୁ ଅସ୍ତବ୍ୟସ୍ତ କରିସାରିଲାଣି। ପ୍ରବଳ ଖରାରେ ଯାଉଥିବା ବାଟୋଇଙ୍କ ପାଇଁ ବଳଙ୍ଗା ମହାବିଦ୍ୟାଳୟ ରୋଭର ରେଞ୍ଜର ଶାଖା ଓ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍ ଆନୁକୂଲ୍ୟରେ ଏକ ଜଳଛତ୍ର ଶିବିର ସୋମବାର ଆରମ୍ଭ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାତ ସାହୁ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ରୋଭର ଲିଡର ଅଧ୍ୟାପକ ବ୍ରଜବନ୍ଧୁ ପ୍ରଧାନ ଓ ରେଞ୍ଜର ଲିଡର ଅଧ୍ୟାପିକା ବନଜା ସାହୁଙ୍କ ତତ୍ତ୍ୱାବଧାନରେ ୪୦ରୁ ଅଧିକ ରୋଭର ରେଞ୍ଜର ପଥଚାରୀଙ୍କୁ ବିଶୁଦ୍ଧ ଥଣ୍ଡାପାଣି ଓ ଦହିପଣା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ କେଳୁଚରଣ ପଣ୍ଡା ଡ. ପ୍ରଦୋଷ ପତି, ଚିନ୍ମୟ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସ୍ୱେଚ୍ଛାସେବୀ ଅଶୋକ ବେହେରା, ଜଗନ ବେହେରା, ଶୁଭଶ୍ରୀ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

# ପୁରୀ ରେଳଷ୍ଟେଶନରୁ ଗଞ୍ଜେଇ ଜବତ



**ପୁରୀ,୨୨।୪(ଅଜିତ ମହାନ୍ତି)** ପୁରୀ ରେଳଷ୍ଟେଶନ ପ୍ଲାଟଫର୍ମରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ଆର୍‌ପିଏଫ୍ ପକ୍ଷରୁ ଷ୍ଟେଶନ ପରିସରରେ ଯାଞ୍ଚ ଚାଲିଥିବାବେଳେ ୧ ନମ୍ବର ପ୍ଲାଟଫର୍ମର ଶେଷ ଆଡ଼କୁ ଗୋଟିଏ ଏୟାର ବ୍ୟାଗ୍ ଥିବା ଦେଖିବାକୁ ମିଳିଥିଲା। ତେବେ ସେହି ବ୍ୟାଗ୍ ନିଜର ବୋଲି ସେଠାରେ ଉପସ୍ଥିତ ଥିବା କୌଣସି ଯାତ୍ରୀ ଦାବି କରି ନ ଥିଲେ। ତେଣୁ ଆର୍‌ପିଏଫ ପକ୍ଷରୁ ବ୍ୟାଗ୍ ତଲାସି କରାଯାଇଥିଲା। ତଲାସି ସମୟରେ ୪ ପ୍ୟାକେଟ୍ ଗଞ୍ଜେଇ ମିଳିଥିଲା। ଆସିଷ୍ଟାଣ୍ଟ କଲେକ୍ଟର ବସନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ସମସ୍ତ ଆଇନଗତ ପ୍ରକ୍ରିୟା କରାଯାଇଥିଲା। ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଏହାକୁ ଜିଆର୍‌ପିକୁ ହସ୍ତାନ୍ତର କରାଯାଇଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ଚନ୍ଦନପୁର ବଜାରରେ ଗୁଳିମାଡ଼

**ପୁରୀ, ୨୨।୪(ଅଜିତ ମହାନ୍ତି):**

- ଦୁର୍ବୃତ୍ତ ଖସି ପଳାଉଥିବାବେଳେ ଦୁର୍ଘଟଣାର ଶିକାର
- କାବୁ କରି ପୋଲିସ ଜିମାଦେଲେ ସ୍ଥାନୀୟ ଲୋକେ

ଚନ୍ଦନପୁର ବଜାରରେ ସୋମବାର ଗୁଳିମାଡ଼ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଖବର ପାଇ ଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଏହି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଚନ୍ଦନପୁର ବଜାରରେ ଥିବା ବ୍ୟବସାୟୀ ନିରଞ୍ଜନ ସାହୁଙ୍କ ସିମେଣ୍ଟ ଗୋଦାମ ଉପରକୁ ଜଣେ ଦୁର୍ବୃତ୍ତ ବୋମାମାଡ଼ କରିଥିଲେ। ସେ ବୋମାମାଡ଼ କରି ଫେରାର ହୋଇଯାଉଥିବାବେଳେ ଦୁର୍ଘଟଣା ଶିକାର ହୋଇଥିଲେ। ଫଳରେ ସ୍ଥାନୀୟ ଲୋକେ ତାଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ତଦନ୍ତ କରିବାବେଳେ ତାଙ୍କ ନାମ ପବିତ୍ର ମଲ୍ଲିକ ବୋଲି ଜାଣିବାକୁ ପାଇଛି। ସେ ଆହତ ହୋଇଥିବାରୁ ତାଙ୍କୁ ଚିକିତ୍ସା ପାଇଁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସମ୍ପୃକ୍ତ ଦୁର୍ବୃତ୍ତ ପୂର୍ବଶତ୍ରୁତାରୁ ଏହି ବୋମାମାଡ଼ କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସୂଚନା ପାଇଛି।

# ଜନ୍ମଦିନ ପାଳିଲେ ସମୀର, କର୍ମୀଙ୍କୁ ସାନ୍ତ୍ୱନା ଦେଲେ

**ଗୋପ,୨୨।୪(ଭାରତୀ ଭୂଷଣ ଉପାଧ୍ୟାୟ)**

ନବୀନ ସରକାର ହେଉଛନ୍ତି ବିଶ୍ୱାସ ଭରସାର ସରକାର। ଯାହା ହେଉ ନା କାହିଁକି ମୋର ମଧ ବିଶ୍ୱାସ ଭରସା ରହିଛି। ଗୋପ ବ୍ଲକ ପରିସରରେ ସୋମବାର ଥିବା ବ୍ଲକ ଅଧ୍ୟକ୍ଷା ଝୁନୁ ମଲ୍ଲିକଙ୍କ ସରକାରୀ ବାସଭବନରେ ଆୟୋଜିତ ବିଧାୟକ ସମୀର ରଞ୍ଜନ ଦାଶଙ୍କ ଜନ୍ମ ଦିବ ପାଳନ ଅବସରରେ ବିଧାୟକ ଦାଶ ଏହା କହିଥିଲେ।

ପ୍ରକାଶ ଯେ, ଚଳିତ ସାଧାରଣ ନିର୍ବାଚନରେ ଦଳ ବିଧାୟକ ଦାଶଙ୍କ ଟିକେଟ କାଟିଥିଲା। ଏହା ପରେ ଦଳୀୟ କର୍ମୀ ଓ ନେତୃତ୍ୱଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହିତ ବାରବାଟୀ ପଡ଼ିଆରେ ଏକ ପୁନର୍ବିଚାର କରିବା ଲାଗି ସଭାକାର୍ଯ୍ୟ କରାଯାଇଥିଲା। ଏପରି ସଭା ରାଜ୍ୟ ସରକାରଙ୍କ ସହିତ ଅନ୍ୟାନ୍ୟ କ୍ଷେତ୍ରରେ ସମସ୍ତଙ୍କୁ ଚକିତ କରିଥିଲା। ଏହାକୁ ନେଇ ମଧ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ରାଜ୍ୟ ନେତୃତ୍ୱମାନେ ଦଳୀୟ ପ୍ରାର୍ଥୀ ପରିବର୍ତ୍ତନ କରିବା ଲାଗି ଚିନ୍ତା କରୁଥିବା ଜଣାପଡ଼ିଛି। ବିଧାୟକ ଦାଶଙ୍କ ଜନ୍ମଦିନକୁ ଦଳୀୟ କର୍ମୀ କେକ୍ କାଟି ପାଳନ କରିବା ପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବୈଠକ ହୋଇଥିଲା। ବୈଠକରେ ନିମାପଡ଼ା ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ସୁକାନ୍ତ ମହାନ୍ତି, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ, ନିମାପଡ଼ା ନିର୍ବାଚନମଣ୍ଡଳୀ ସାଧାରଣ ସମ୍ପାଦକ ରବୀନ୍ଦ୍ର ନାୟକ, ସରପଞ୍ଚ ସୁମନ୍ତ ନାୟକଙ୍କ ସହିତ ଅନ୍ୟାନ୍ୟ ନେତୃତ୍ୱମାନେ ଉପସ୍ଥିତ ଥିଲେ।


କର୍ମୀ ଓ ସମର୍ଥକଙ୍କ ଗହଣରେ ସମୀର ରଞ୍ଜନ ଦାଶ କେକ୍ କାଟି ଜନ୍ମଦିନ ପାଳନ କରୁଛନ୍ତି।

# କାନପୁରରେ ମାଇପି ମେଳା

**ଗୁହାରିଆ ପଡ଼ିଲେ ମନସ୍କାମନା ପୂରଣ ହେବାର ରହିଛି ବିଶ୍ୱାସ**

**ଚାରିଛକ,୨୨।୪(ଶିଶିର ସ୍ୱାଇଁ):**


ମହିଳାମାନେ ଗୁହାରିଆ ପଡିଛନ୍ତି।

ନିମାପଡ଼ା ବ୍ଲକ ଛଣିଜଙ୍ଗ ପଞ୍ଚାୟତ କାନପୁରସ୍ଥ ବଟ ଗୋସାଇଁ ମାଇପି ମେଳା ଚୈତ୍ର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ଚେୟାରମ୍ୟାନ ଆଇନଜୀବୀ ସୁଧୀର ମହାନ୍ତି ଏଥିରେ ତତ୍ତ୍ୱାବଧାନ କରିଥିଲେ। ଏହି ମେଳାର ନାମ କାହୁଁ କେଉଁ କାଳରୁ ମାଇପି ମେଳା ନାମରେ ପରିଚିତ। ବିଭିନ୍ନ ସ୍ଥାନରୁ ମାନସିକଧାରୀ ରାତିରୁ ଆସି ବଟ ଗୋସେଇଁ ପୀଠରେ ଗୁହାରିଆ ପଡ଼ିଥାନ୍ତି। ବଟ ଗୋସାଇଁଙ୍କ ପାଖରେ ମାନସିକ କରି ଗୁହାରିଆ ପଡ଼ିଲେ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ମାନସିକଧାରୀଙ୍କ ମନସ୍କାମନା ପୂରଣ ହେଉଥିବାରୁ ମହିଳା ଶ୍ରଦ୍ଧାଳୁ ମାନସିକ ରଖି ପୀଠରେ ଗୁହାରିଆ ପଡ଼ିଥାଆନ୍ତି ବୋଲି ପୂଜକ ବାଉରିବନ୍ଧୁ ପଣ୍ଡା, ଦୀପକ ଦାଶ ଏବଂ ଦାମୋଦର ପଣ୍ଡା ପ୍ରମୁଖ ପ୍ରକାଶ କରିଛନ୍ତି। ଏଠାରେ ବନବିହାରୀ ବୃକ୍ଷ ସହିତ, ହୁଙ୍କା, କଠଉ ଏବଂ ନିରାକାର ବିଷ୍ଣୁଙ୍କୁ ପୂଜା କରାଯାଇଥାଏ। ଶିଶୁର କଲ୍ୟାଣ ପାଇଁ ପୀଠରେ ମୁଣ୍ଡନ ମଧ କରାଯାଇଥାଏ ବୋଲି ଶ୍ରଦ୍ଧାଳୁ ମନୋରମା ସାହୁ, ସ୍ନେହମୟୀ ପାତ୍ର, ମନସ୍ୱିନୀ ସ୍ୱାଇଁ ଏବଂ ମୀନଲତା ପ୍ରଧାନ ପ୍ରମୁଖ କହିଛନ୍ତି। ମେଳାର ପୂର୍ବଦିନ ରାତିରୁ ମାନସିକ ଧାରୀମାନେ ଏକତ୍ରିତ ହୋଇଥିଲେ। ସୋମବାର ସୂର୍ଯ୍ୟୋଦୟ ପୂର୍ବରୁ ମାନସିକଧାରୀ ନିକଟ ପୁଷ୍କରିଣୀରେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ଗୁହାରିଆ ପଡ଼ିଥିଲେ। ମଧ୍ୟାହ୍ନରେ ପୂଜକମାନେ ଜଳ ତୁଳସୀ ଏବଂ ପଣା ଦେଇ ମାନସିକ ଭାଙ୍ଗିଥିଲେ। ଏହି ମେଳାରେ ବିଭିନ୍ନ ଅଞ୍ଚଳରୁ ୧୨୦ ମାନସିକଧାରୀ ଆସି ଅଧିଆ ପଡ଼ିଥିଲେ। ଏଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମାନସିକ ଶ୍ରଦ୍ଧାଳୁ ଭୋଗ କରିବା ସହ, ଧୂପ ଦୀପ ଜାଳି ବାନା ବାନ୍ଧିଥିଲେ। ଜନ ଗହଳିକୁ ଲକ୍ଷ୍ୟ ରଖି କମିଟି ପକ୍ଷରୁ ଓ ଚାରିଛକ ଥାନା ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରୁ ସ୍ୱତନ୍ତ୍ର ଟିମ୍ ଆସିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେଲ୍ଫ ଏମ୍‌ପାୱାରମେଣ୍ଟ' ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ରହି ସେବା ଯୋଗାଇ ଦିଆଯାଇଥିଲା। ଶ୍ରୀଶ୍ରୀ ବଟଗୋସେଇଁ ଫାଉଣ୍ଡେସନ ଟ୍ରଷ୍ଟ ଅଧ୍ୟକ୍ଷ ଗୋପନବନ୍ଧୁ ଲେଙ୍କା, ସମ୍ପାଦକ ରଞ୍ଜିତ ସାହୁ, କୋଷାଧ୍ୟକ୍ଷ ଭାସ୍କର ସ୍ୱାଇଁ, ସଭ୍ୟ ଆଇନଜୀବୀ ରଞ୍ଜିତ କେଶରୀ ସାହୁ, ସଭ୍ୟ ଭରତ ପ୍ରଧାନ, ଛବିଳ ପ୍ରଧାନ, ଯୁଧିଷ୍ଠିର ବାରିକ୍, ସମନା ଭୋଇ, ଗଙ୍ଗାଧର ଲେଙ୍କା, ବାମଦେବ ବେହେରା, ବଦ୍ରି ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ମେଳାରେ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖେଚୁଡ଼ି ଏବଂ ଦହିପଣାର ବ୍ୟବସ୍ଥା କରାଯାଇଥିଲା।

## ସଂକ୍ଷେପରେ

### କଂଗ୍ରେସ କର୍ମୀଙ୍କ ବିଜେଡିରେ ଯୋଗଦାନ

ବାଙ୍କୀ,୨୨।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ବାଙ୍କୀ ବ୍ଲକ ବଳଭଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବାଲିପାହାଡର କଂଗ୍ରେସ କର୍ମୀ ରମେଶ ମାନଧାତା, ଗଡଡଛେଳିର ନେତ୍ରାନନ୍ଦ ବେହେରା, ପ୍ରସନ୍ନ ରଣା, ଶରତ ମଲ୍ଲିକ, ଦୁଃଖିଶ୍ୟାମ ପ୍ରଧାନ, ବିଦ୍ୟାଧର ପ୍ରଧାନ, ଘନଶ୍ୟାମ ପ୍ରଧାନ କଂଗ୍ରେସ ଦଳ ତ୍ୟାଗ କରି ବିଜେଡିରେ ଯୋଗ ଦେଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ କର୍ମୀମାନଙ୍କୁ ଉତ୍ତରୀୟ ଦେଇ ବିଜେଡିରେ ସାମିଲ କରାଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ବିଜନ କୁମାର ସାହୁ, ପର୍ଶୁରାମ ପାଇକରାୟ, ଶ୍ରୀମନ୍ତ କୁମାର ମଲ୍ଲିକ, ମାୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସ୍କାଉଟ୍ ଆଣ୍ଡ ଗାଇଡ ପକ୍ଷରୁ ଜଳଛତ୍ର ସେବା

ଟିଗିରିଆ,୨୨।୪(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ସ୍ନାତକ ବିଜ୍ଞାନ ଓ କଳା ମହାବିଦ୍ୟାଳୟର ସ୍କାଉଟ ଆଣ୍ଡ ଗାଇଡ୍ ପକ୍ଷରୁ ଜଳଛତ୍ର କାର୍ଯ୍ୟକ୍ରମ ସୋମବାର ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଜଗବନ୍ଧୁ ଦାସ ଉଦ୍‌ଘାଟନ କରିଥିଲେ। ଏହି ଜଳ ସେବା ଏକ ମାସ ଧରି ଚାଲିବ। ଏହି ଅବସରରେ ପାଣି, ଓଆର୍‌ଏସ ପାଣି, ଘୋଳଦହି ଓ ଲେମ୍ବୁ ପାଣି ଆଦି ବଣ୍ଟନ କରାଯିବ ବୋଲି କୁହାଯାଇଛି। ସୋମବାର ଏହିକାର୍ଯ୍ୟକ୍ରମକୁ ସ୍କାଉଟ ଲିଡର ବିନାୟକ ପଣ୍ଡା ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

### ଡାକ୍ତର କୈଳାସ ଚନ୍ଦ୍ର ରଥଙ୍କ ପରଲୋକ

ନରସିଂହପୁର, ୨୨।୪ (ନିରଞ୍ଜନ ଦେବକୁମାର)



ଅବସରପ୍ରାପ୍ତ ପ୍ରାଣୀ ସମ୍ପଦ ଡାକ୍ତର କୈଳାସ ଚନ୍ଦ୍ର ରଥ(୮୭)ଙ୍କ ପରଲୋକ ଘଟିଛି। ରଥ ତାଙ୍କ ଚାକିରୀ ସମୟ ମଧ୍ୟରେ ବିଭିନ୍ନ ଜିଲାରେ ନିଜ କର୍ତ୍ତବ୍ୟ ସୁଚାରୁ ରୂପେ ପ୍ରତିପାଦନ କରିଥିଲେ। ମିଷ୍ଟଭାଷୀ ଓ ପରୋପକାର ଗୁଣ ପାଇଁ ସେ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଏହାଛଡ଼ା ଅନେକ ସାମାଜିକ ସେବା କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ରଥ ନରସିଂହପୁର ବ୍ଲକ ଅଧୀନ ଆତଣ୍ଡା ଗ୍ରାମରେ ଜନ୍ମ ହୋଇଥିଲା ବେଳେ ଅବସର ପରେ ରାଉରକେଲା ସେକ୍ଟର ୧୫ରେ ରହୁଥିଲେ। ସେ କେବେବି ମା'ମାଟିକୁ ଭୁଲି ପାରି ନଥିଲେ। ଏଥିପାଇଁ ନରସିଂହପୁରର ବିଭିନ୍ନ ଅନୁଷ୍ଠାନ ତରଫରୁ ତାଙ୍କୁ ବରପୁତ୍ର ଉପାଧିରେ ସମ୍ବର୍ଦ୍ଧିତ କରାଯାଇଛି। ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା'ଭଟ୍ଟାରିକାଙ୍କ ଏକ ମନ୍ଦିର ରାଉରକେଲାରେ ନିର୍ମାଣ କରାଇ ମନ୍ଦିର ପରିଚାଳନା କମିଟି ସଭାପତି ଭାବେ କାର୍ଯ୍ୟ କରି ଆସୁଥିଲେ । ତାଙ୍କର ଅନ୍ତିମ ସଂସ୍କାର ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ସ୍ମୃତି ରଞ୍ଜନ ରଥ ମୁଖାଗ୍ନି ଦେଇଥିଲେ।

# ପ୍ରକୃତିର ସୁରକ୍ଷା ନ କଲେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବେ

## ବିଶ୍ୱ ଧରିତ୍ରୀ ଦିବସ ପାଳିତ

ନିଶ୍ଚିନ୍ତକୋଇଲି,୨୨।୪
(ଅଶୋକ କୁମାର ମହାପାତ୍ର):

ପରିବେଶ ସୁରକ୍ଷା ପ୍ରତ୍ୟକ ନାଗରିକର କର୍ତ୍ତବ୍ୟ ବୋଲି ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଚକ୍ରଧର ମେମୋରିଆଲ ବିଦ୍ୟାଳୟରେ ଆୟୋଜିତ ଆଲୋଚନା ଚକ୍ରରେ ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରକୃତିର ସୁରକ୍ଷା ଓ ଯତ୍ନ ନିଆ ନ ଗଲେ ବନ୍ୟା, ବାତ୍ୟା, ମରୁଡି, ବଜ୍ରପାତ ଭଳି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିବ ବୋଲି ଅତିଥିମାନେ ମତ ରଖିଛନ୍ତି। ଏନେଇ ଆୟୋଜିତ ସଭାରେ ପରିବେଶବିତ୍ ପ୍ରମୋଦ କୁମାର ଦାଶ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମକୁ ମାହାଙ୍ଗା ବ୍ଲକର ପ୍ରାକ୍ତନ ଏବିଇଓ ନାରାୟଣ ରାଉତ ଉଦ୍‌ଘାଟନ କରି ଜଳବାୟୁ ପରିବର୍ତ୍ତନ,ପ୍ରଦୂଷଣ, ଜୈବ ବିବିଧତା ହ୍ରାସ, ପ୍ଲାଷ୍ଟିକ ପ୍ରଦୂଷଣର ଭୟାବହତା ଉପରେ ଆଲୋକପାତ କରିଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀଛାତ୍ର ।

ମୁଖ୍ୟ ଅତିଥିଭାବେ ନିଶ୍ଚିନ୍ତକୋଇଲି ଏବିଇଓ ଲକ୍ଷ୍ମୀନାରାୟଣ ରାଉତ ଯୋଗଦେଇ ପ୍ରକୃତିର ସୁରକ୍ଷା ଉପରେ ବକ୍ତବ୍ୟ କରିଥିଲେ। ମୁଖ୍ୟବକ୍ତାଭାବେ ଖବରଦାତା ବିବେକାନନ୍ଦ ଦାସ,ସମ୍ମାନିତ ଅତିଥିଭାବେ ସିଆରସିସି ନରେନ୍ଦ୍ରନାଥ ସାହୁ, ଶିକ୍ଷକ ନିମାଇଁ ଚରଣ ସାହୁ, ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଶିକ୍ଷୟିତ୍ରୀ ଜୟଶ୍ରୀ ଶତପଥୀ, ସ୍ମୃତିଶ୍ରୀ ବେହେରା ପ୍ରମୁଖ ଯୋଗଦେଇ ସକାରାତ୍ମକ ଜୀବନ ଶୈଳୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ବେହେରା ସଂଯୋଜନା କରିଥିଲା ବେଳେ ସ୍ୱାଗତ ଭାଷଣ ମାଧ୍ୟମରେ ଧରିତ୍ରୀ ମା'ର ସୁରକ୍ଷା ଉପରେ ଆହ୍ୱାନ ଦେଇଥିଲେ। ଶେଷରେ ଛାତ୍ରୀ ତେଜସ୍ୱିନୀ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ, ଛାତ୍ରୀଛାତ୍ର ଓ ସମସ୍ତ ଅଭିଭାବକ ସହଯୋଗ କରିଥିଲେ।

# ବାପାଙ୍କ ସାଙ୍ଗ ପରିଚୟ ଦେଇ ପିଲାଚୋରି ଉଦ୍ୟମ

## ମା'ଙ୍କୁ ଟେକାମାରି ୨ ଖସିଗଲେ

ସାଲେପୁର,୨୨।୪(ଅରବିନ୍ଦ ଭୂୟାଁ)

ସାଲେପୁର ଥାନା ଶିଶୁଆ ବଜାର ନିକଟ ବାହାବଲପୁର ଗ୍ରାମରେ ସୋମବାର ପିଲାଚୋରି ଉଦ୍ୟମ ହୋଇଛି। ଏହି ଗ୍ରାମର ସନିଆ ମଳିକଙ୍କ ସାଢ଼େ ୩ ବର୍ଷର ପୁଅ ରିଚିକୁ ୨ ଜଣ ବ୍ୟକ୍ତି ବାପାଙ୍କ ସାଙ୍ଗ ବୋଲି ପରିଚୟ ଦେଇ ଉଠାଇ ନେଇଯାଉଥିବାବେଳେ ମା'ପାଟି କରିବାରୁ ସେମାନେ ତାଙ୍କ ଉପରକୁ ଟେକା ମାରି ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

ସୋମବାର ସକାଳେ ସନିଆ ମୁଗ ବିଲକୁ ଯାଇଥିଲେ। ତାଙ୍କ ସ୍ତ୍ରୀ ଘର ଭିତରେ କାମ କରୁଥିଲେ। ରିଚି ଘରଦାଣ୍ଡରେ ଖେଳୁଥିଲା। ଏହି ୨ ଜଣ ବ୍ୟକ୍ତି ପହଞ୍ଚି ରିଚିକୁ ପାଖକୁ ଡାକିଥିଲେ। ପାଟି ଶୁଣି ରିଚିଙ୍କ ମା ଘରବାହାରକୁ ଆସି ମୋ ପୁଅକୁ କାହିଁକି ପାଖକୁ ଡାକୁଛ, ତୁମେ କିଏ ବୋଲି ପଚାରିବାରୁ ଉଭୟ ସନିଆଙ୍କ ସାଙ୍ଗ ବୋଲି ପରିଚୟ ଦେଇଥିଲେ। ଏନେଇ ସନ୍ଦେହ ହେବାରୁ ରିଚିଙ୍କ ମା' ସେମାନଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ ଉଭୟ ଦୁର୍ବୃତ୍ତ ତାଙ୍କ ଉପରକୁ ଟେକା ଫିଙ୍ଗି ସେଠାରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ପ୍ରଚାରିତ ହେବାପରେ ସ୍ଥାନୀୟ ଲୋକେ ପହଞ୍ଚି ଦୁର୍ବୃତ୍ତ ଦ୍ୱୟଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସେମାନଙ୍କ ପତ୍ତା ମିଳି ନ ଥିଲା। ପ୍ରକାଶ ଯେ, କିଛି ଦିନ ତଳେ ସ୍ଥାନୀୟ ଓଡ଼ାସିଂହ ଗ୍ରାମର ଜଣେ ବୃଦ୍ଧଙ୍କୁ ପିଲା ଚୋରି ସନ୍ଦେହରେ ସ୍ଥାନୀୟ ଲୋକ ମାଡ଼ ମାରି ଜପକୁଦ ଫାଣ୍ଡିରେ ଜିମା ଦେଇଥିଲେ।

# ସଫଳତା ମନ୍ତ୍ର ଦେଲେ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର

## ଆପ୍ଟିପ୍ଲସ୍ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୨୨।୪
(ଅନୁରାଧା ମହାରଣା)

ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ ସର୍ବଭାରତୀୟ ର୍‍ୟାଙ୍କ-୪୦୯ ହାସଲ କରିଥିବା ଆପ୍ଟି ପ୍ଲସ୍‌ର ଛାତ୍ର ସନ୍ତୋଷ କୁମାର ପାତ୍ରଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ ନିଜର ପ୍ରସ୍ତୁତି ସମୟର ଅଭିଜ୍ଞତା ବାଣ୍ଟିବା ସହ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ପାଇଁ ସମର୍ପଣ ଭାବ ଓ ଦୃଢ଼ ମନୋବଳ ନେଇ ଉଭୟ ପ୍ରିଲିମିନାରୀ ଓ ମେନ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ସାକ୍ଷାତ୍‌କାର ପରୀକ୍ଷାରେ ନିଜକୁ ଶାନ୍ତରଖି ବ୍ୟକ୍ତିତ୍ୱର ପରିପ୍ରକାଶ କରିବାକୁ ମତ ଦେଇଥିଲେ। କେଉଁସବୁ ପାଠ୍ୟପୁସ୍ତକ ବ୍ୟବହାର କରି ସେ ସଫଳତା ହାସଲ କରିଥିଲେ ଏବଂ କେଉଁ ତ୍ରୁଟିସବୁ ସୁଧାରିବାର ଅଛି ସେନେଇ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁସିଜିତ୍ ସାହୁ ଦିଲ୍ଲୀର ଅଧ୍ୟାପକ ବିବେକ ଟିଭି ଓ ସନ୍ତୋଷ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




ଆପ୍ଟି ପ୍ଲସ୍‌ର ଛାତ୍ର ସନ୍ତୋଷ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ସୂଚନା ଥାଉ କି, ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ ସର୍ବଭାରତୀୟସ୍ତରରେ ୧୦୦ ଜଣଙ୍କ ମଧ୍ୟରେ ଆପ୍ଟି ପ୍ଲସର ଛାତ୍ରୀଛାତ୍ର ର୍‍ୟାଙ୍କ-୧, ୧୩, ୧୬, ୨୪, ୩୬, ୬୪, ୭୫, ୮୪ ଓ ୮୬ ହାସଲ କରିଥିବାବେଳେ ଓଡ଼ିଶାରୁ ପ୍ରଜ୍ଞାନନ୍ଦନ ଗିରି ର୍‍ୟାଙ୍କ-୨୪, ଆୟୁଷି ପ୍ରଧାନ ର୍‍ୟାଙ୍କ-୩୬, ଅମ୍ରିତାଂଶୁ ନାୟକ ର୍‍ୟାଙ୍କ-୧୧୦, ପ୍ରିୟଙ୍କା ପ୍ରିୟଦର୍ଶିନୀ ର୍‍ୟାଙ୍କ-୩୮୭, ସନ୍ତୋଷ କୁମାର ପାତ୍ର ର୍‍ୟାଙ୍କ ୪୦୯, ସାଇରାଜ ମିଶ୍ର ର୍‍ୟାଙ୍କ-୫୯୧, ପ୍ରଜ୍ୱଳ ଚୌରାଶିଆ ର୍‍ୟାଙ୍କ ୬୯୪ ହାସଲ କରିଛନ୍ତି। ଭାରତୀୟ ତଥା ଓଡିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୪-୨୫ ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆପ୍ଟି ପ୍ଲସରେ ୨ମାସର ଅତିରିକ୍ତ ଏନ୍‌ସିଇଆରଟି ଫାଉଣ୍ଡେଶନ କୋର୍ସ ସହ ଆଡ୍‌ଭାନ୍ସ ଲେଭଲର ପାଠ୍ୟକ୍ରମ ଦିଆଯାଉଛି। ଆବଶ୍ୟକ ପାଠ୍ୟ ପୁସ୍ତକ, ଲାଇବ୍ରେରି, ହଷ୍ଟେଲ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଏଠାରେ ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥାଏ। ପିଲାଙ୍କୁ ଗୁଣାତ୍ମକ ଶିକ୍ଷାଦାନ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ଆପ୍ଟି ପ୍ଲସ୍ ସଂକଳ୍ପବଦ୍ଧ ବୋଲି ନିର୍ଦ୍ଦେଶକ ଡ. ସାହୁ କହିଛନ୍ତି।

## ଖବର ସଂଗ୍ରହବେଳେ ଖବରଦାତାଙ୍କୁ ଦୁର୍ବ୍ୟବହାର

କଣ୍ଟାପଡା, ୨୨।୪(ସୁରନାରାୟଣ ସାହୁ)

ଗୋବିନ୍ଦପୁର ଥାନା ଅନ୍ତର୍ଗତ ଦେବୀନଦୀ ପଠାରୁ ମାଟି ଲୁଟ୍ ଘଟଣା ସମ୍ପର୍କରେ ମାଇନିଂ ବିଭାଗ ପକ୍ଷରୁ ସୋମବାର ତଦନ୍ତ ଆରମ୍ଭ ହୋଇଛି। ଏହି ସମୟରେ ଖବର ସଂଗ୍ରହ କରିବାକୁ ଯାଇଥିବା କେତେଜଣ ଖବରଦାତାଙ୍କୁ ଜଣେ ବ୍ୟକ୍ତି ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୯୫/୨୪) ରୁଜୁକରି ତଦନ୍ତ ଆରମ୍ଭ କରିଛି। ଦେବୀନଦୀର ଦକ୍ଷିଣପାର୍ଶ୍ୱ ବନ୍ଧରୁ କେତେଜଣ ଦୁର୍ବୃତ୍ତ କିଛିଦିନ ହେଲା ମାଟି ଉଠାଇ ବିକ୍ରି କରୁଥିଲେ। ଏ ସମ୍ପର୍କରେ ଧରିତ୍ରୀ ସମେତ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଫଳରେ ସୋମବାର କଟକ ଜିଲା ମାଇନିଂ ଅଧିକାରୀ ସମ୍ବିତ ସାହୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବାବେଳେ କେତେଜଣ ଖବରଦାତା ସେଠାରେ ଖବର ସଂଗ୍ରହ କରୁଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର ପ୍ରମୋଦ ବେହେରା ନାମକ ଜଣେ ବ୍ୟକ୍ତି ପହଞ୍ଚି ଏଠାକୁ କ'ଣ ପାଇଁ ଆସିଛ ବୋଲି କହିବା ସହ ଖବରଦାତାଙ୍କୁ ଗାଳିଗୁଲଜ କରି ଧମକ ଦେଇଥିଲେ। ଏ ସମ୍ପର୍କରେ ଖବରଦାତା ବିଷ୍ଣୁ ନାୟକ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ରାସ୍ତା ପାର୍ଶ୍ୱରେ କଫିନ୍ : ପୋଲିସ ନାକେଦମ

ସାଲେପୁର,୨୨।୪(ଅରବିନ୍ଦ ଭୂୟାଁ)

ରାସ୍ତା କଡ଼ରେ ପଡିଥିବା ଏକ କଫିନ୍‌କୁ ନେଇ ସାଲେପୁର ପୋଲିସକୁ ୨ଘଣ୍ଟା ନାକେଦମ୍ ହେବାକୁ ପଡିଛି। ଶେଷରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତେବେ କଫିନ୍‌ଟି ଖାଲିଥିବା ଦେଖି ପୋଲିସ ଫେରିଯାଇଛି।



ପ୍ରକାଶ ଯେ, କଟକ-ସାଲେପୁର ମୁଖ୍ୟ ରାସ୍ତାର ଭାତପଡ଼ା ଗ୍ରାମ ନିକଟରେ ରାସ୍ତା ପାର୍ଶ୍ୱରେ ରବିବାର ରାତିରେ କୌଣସି ବ୍ୟକ୍ତି ଏକ କଫିନ୍ ଫିଙ୍ଗିଦେଇ ଚାଲିଯାଇଛନ୍ତି। ସୋମବାର ସକାଳେ ରାସ୍ତା ପାର୍ଶ୍ୱରେ କଫିନ୍‌ଟି ପଡ଼ିଥିବା ଦେଖି ସେଠାରେ ଲୋକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଲୋକେ ଏନେଇ ସାଲେପୁର ପୋଲିସରେ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ କଫିନକୁ ଖୋଲିଥିଲା। ମାତ୍ର ସେଥିରୁ କିଛି ମିଳି ନଥିବା ଜଣାପଡ଼ିଛି।

# ମହିଳାଙ୍କୁ ସଶକ୍ତୀକରଣ କରିବାରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ଅତୁଳନୀୟ




ସମ୍ମିଳନୀରେଏମପିପ୍ରାର୍ଥୀଅଂଶୁମାନମହାନ୍ତିଓବିଧାୟକପ୍ରାର୍ଥୀପ୍ରଶାନ୍ତବେହେରାଓଅନ୍ୟମାନେ।

## ସାଲେପୁର ବ୍ଲକ ମହିଳା ବିଜେଡି କର୍ମୀ ସମ୍ମିଳନୀ

ସାଲେପୁର,୨୨।୪(ଅରବିନ୍ଦ ଭୂୟାଁ)

ସାଲେପୁର ବ୍ଲକ ମହିଳା ବିଜେଡି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ସ୍ଥାନୀୟ ବି.କେ. ମଣ୍ଡପଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ମୁଖ୍ୟଅତିଥିଭାବେ କେନ୍ଦ୍ରାପଡ଼ା ବିଜେଡି ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି ଯୋଗଦେଇ ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ବିଜେଡି ସରକାର ସବୁବେଳେ ଚେଷ୍ଟା କରି ଆସିଛି ବୋଲି କହିଥିଲେ। ମହିଳାମାନଙ୍କୁ ସଶକ୍ତୀକରଣ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବଦାନ ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ। ସାଲେପୁର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ମହିଳାମାନେ ବିକଶିତ ହେଲେ ରାଜ୍ୟ ଓ ଦେଶର ବିକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ମହିଳା ମିଶନ୍ ଶକ୍ତି ସଭାନେତ୍ରୀ ତୃପ୍ତିରେଖା ପରିଡ଼ା, ସମ୍ପାଦିକା ନଳିନୀପ୍ରଭା ସାହୁ, ଜିଲା ପରିଷଦ ସଭ୍ୟା ନମିତା ସେଠୀ, ସସ୍ମିତା ମଲ୍ଲିକ, ରଞ୍ଜିତା ସେଠୀ, ସରପଞ୍ଚ ଜ୍ୟୋତିରେଖା ନାୟକ, ବ୍ଲକ ବିଜେଡି ସଭାପତି ଅନନ୍ତ ଚରଣ ପ୍ରଧାନ, ଦେବକୀ ଜେନା, ନବକିଶୋର କର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୩୫ଟି ପଞ୍ଚାୟତର ଶତାଧିକ ମହିଳା ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଗୁଲରେଜ ଅଲ୍ଲୀ, ବିରଞ୍ଚି ନାରାୟଣ କର, ସୌମ୍ୟରଞ୍ଜନ ମଲ୍ଲ, ରାଜେଶ ମହାନ୍ତି, ଚନ୍ଦ୍ରାଦେଇପୁର ସମିତିସଭ୍ୟା ପୁଷ୍ପିତା ଭୂୟାଁ, ଗୌତମୀ ମଲ୍ଲିକ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ସହାୟତା କରିଥିଲେ।

## ମଦ ଜବତ, ବ୍ୟବସାୟୀ ଗିରଫ

ଚୌଦ୍ୱାର,୨୨।୪(ଆଶୁତୋଷ ଦାସ)

ଚୋରାରେ ଦେଶୀମଦ କାରବାର କରିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣେ ବ୍ୟବସାୟୀଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ କଖଡି ଗ୍ରାମର ବାବୁଲା ବେହେରା। ତାଙ୍କ ନିକଟରୁ ୬୦ ଲିଟର ଦେଶୀମଦ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୩୧/୨୪) ରୁଜୁହୋଇଛି।

# ନବ ପ୍ରଭାତ ଚ୍ୟାଲେଞ୍ଜ କପ୍ କ୍ରିକେଟ : ଡିଡିଏଲ ସାଲେପୁର ଚାମ୍ପିୟନ

ମାହାଙ୍ଗା ,୨୨।୪(ଯଯାତି ସିଂହ)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ପଞ୍ଚାୟତସ୍ଥିତ ସନରାଇଜ ଖସା ପଡ଼ିଆଠାରେ ରାଇଜିଙ୍ଗ ସ୍ପୋର୍ଟିଂ ୟୁଥ କ୍ଲବ ଆନୁକୂଲ୍ୟରେ ନବପ୍ରଭାତ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ଟି ଟିମ ଭାଗ ନେଇଥିଲେ । ଫାଇନାଲ ମ୍ୟାଚ ଡିଡିଏଲ୍ ସାଲେପୁର ଓ ଗଣେଶପୁର କ୍ରିକେଟ ଟିମ୍ ମଧ୍ୟରେ ଖେଳାଯାଇଥିଲା। ଡିଡିଏଲ ସାଲେପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୩ ଉଇକେଟ୍ ହରାଇ ୨୩୧ ରନ କରିଥିଲା। ଜବାବରେ ଗଣେଶପୁର କ୍ରିକେଟ ଟିମ୍ ୮ ଉଇକେଟ୍ ହରାଇ ୧୬୭ ରନ କରି ପରାଜୟବରଣ କରିଥିଲା । ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ନବପ୍ରଭାତ ଅନୁଷ୍ଠାନ ସମୂହର ଅଧ୍ୟକ୍ଷ ଇଂ.ମାନଗୋବିନ୍ଦ ପଣ୍ଡା,ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି, ଖବରଦାତା




ଅତିଥିଙ୍କ ଗହଣରେ ଖେଳାଳିମାନେ ।

ଲକ୍ଷ୍ମୀଧର ଖୁଣ୍ଟିଆ, ପିତାମାତା ସେବକ ସଂଘ ପ୍ରତିଷ୍ଠାତା ରମେଶ ଚନ୍ଦ୍ର ସାହୁ ଯୋଗଦେଇ ଖେଳର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅତିଥିମାନେ ବିଜୟୀ ଟିମ୍ ସମେତ ରନର୍ସ ଅପ୍ ଟିମ୍ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଟ୍ରଫି, ଅର୍ଥରାଶି ପ୍ରଦାନ କରିବା ସହ ଚାରା ବଣ୍ଟନ କରିଥିଲେ। ପ୍ରତ୍ୟୁଷ ପ୍ରଧାନ ଓ ରମାକାନ୍ତ ବାରିକ ଖେଳ ପରିଚାଳନା କରିଥିବାବେଳେ ମନୋଜ ପ୍ରଧାନ, ପ୍ରହଲ୍ଲାଦ ବାରିକ,ଅଭିଷେକ ମଢେଇ, ପ୍ରଦୀପ୍ତ ଭଦ୍ର, ଚିତ୍ତରଞ୍ଜନ ବାରିକ, ଅମିତ ପ୍ରଧାନ, ଦବାଶିଷ ନାୟକ, ଦିବ୍ୟାଜ୍ୟୋତି ମଲ୍ଲିକଙ୍କ ସମେତ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ।

**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
**(झारखण्ड सरकार का उपक्रम)**
का0:अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, 455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in / mdjsfdc@gmail.com TOLL FREE No. 18008891131

ई–निविदा सूचना संख्या ल0 व0 प0 प0 [के0 प0(पूराना)]–05/2023
वर्ष 2022 एवं पूर्व के मौसमों के राजसात/जप्त एवं अबतक अबिक्रीत "जैसा है जहाँ है" केन्दू पत्ती की बिक्री हेतु ई–निविदा

**अतिअल्पकालीन ई–निविदा सूचना**

वर्ष 2022 एवं पूर्व के मौसमों के राजसात/जप्त एवं अबतक अबिक्रीत एवं भण्डारित केन्दू पत्ती की प्रचयवार "शुद्ध एक मुश्त राशि" पर "जैसा है जहाँ है" के आधार पर बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्नवत प्राप्त की जायेगी :–

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| उनतीसवाँ चक्र (KL(OLD)/29/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 27.04.2024/30.04.2024 | 03.05.2024 |
| तीसवाँ चक्र (KL(OLD)/30/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 04.05.2024/08.05.2024 | 10.05.2024 |
| इकतीसवाँ चक्र (KL(OLD)/31/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 13.05.2024/17.05.2024 | 20.05.2024 |
| बत्तीसवाँ चक्र (KL(OLD)/32/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 22.05.2024/28.05.2024 | 30.05.2024 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन्) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

(1) उप निदेशक (मुख्यालय), राँची, 8789362839 (3) श्री ब्रायन माईल्स, राँची, 9153989368
(2) श्री प्रसून कुमार, FPI, राँची, 9153989366

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0, राँची

PR 323997 Jharkhand State Forest Development Corp Ltd(24-25)#D

# ଆଜି ବିଏମ୍‌ସି ଘେରିବ ସଫେଇ ସଂଘ

## ଅଂଶୁଘାତରେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟଣା

ଭୁବନେଶ୍ୱର, ୨୨।୪
(ବନ୍ଦନା ସେଠୀ)

ବିଏମ୍‌ସି ୱାର୍ଡ ନଂ. ୬୪ର ସଫେଇ କର୍ମଚାରୀ ଗୋଲାପ ମାହାରା(୪୦)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ସଫେଇ ମଜଦୁର ସଂଘ ଅଭିଯୋଗ କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରି ଆସୁଛି। ଟାଣଖରାରେ କାମ କରିବା ପରେ ଗୋଲାପ ଅସୁସ୍ଥ ହୋଇ ପଡିବା ସହ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପ୍ରତିବାଦରେ ଶନିବାରଠାରୁ ସମ୍ପୃକ୍ତ ୱାର୍ଡରେ ସଫେଇ କାର୍ଯ୍ୟ ବନ୍ଦ ରହିଥିବାବେଳେ ବିଏମ୍‌ସି ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି କରି ମଙ୍ଗଳବାର ବିଏମ୍‌ସି ଘେରାଉ କରିବ ସଂଘ। ସେହିପରି ଆବଶ୍ୟକ ପଡିଲେ ବୁଧବାରଠାରୁ ବିଏମ୍‌ସିର ସମସ୍ତ ୱାର୍ଡରେ ସାମୂହିକ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ଟାଣ ଖରାରେ କାମ କରିବା କାରଣରୁ କର୍ମଚାରୀମାନେ ଅସୁସ୍ଥ ହୋଇ ପଡୁଛନ୍ତି। ତେଣୁ ସକାଳ ୮ଟା ସୁଦ୍ଧା ସମସ୍ତ କର୍ମଚାରୀ କାମ ସାରି ନିଜ ଘରକୁ ଫେରିବାକୁ ସଂଘ ନିଷ୍ପତ୍ତି ନେଇଛି। ଏଥିସହ ବିଭିନ୍ନ ୱାର୍ଡରେ ହେଉଥିବା ଗଣସଫେଇକୁ ମଧ୍ୟ ବନ୍ଦ ରଖିବାକୁ ଦାବି କରାଯାଇଛି। ଘଟଣା ନେଇ ସଂଘର ସମ୍ପାଦକ ସହଦେବ ନାୟକ କହିଛନ୍ତି, ସଫେଇ କର୍ମଚାରୀଙ୍କୁ ଗଣସଫେଇ ପାଇଁ ଅତି ଟାଣ ଖରାରେ କାମ କରିବା ପାଇଁ ୱାର୍ଡର ସୁପରଭାଇଜର, ସାନିଟାରୀ ଇନ୍ସପେକ୍ଟରମାନେ ବାଧ କରୁଛନ୍ତି। ଏହି କାରଣରୁ ଜଣେ କର୍ମଚାରୀଙ୍କର ମୃତ୍ୟୁ ହୋଇଛି। ତେଣୁ ବିଏମ୍‌ସି ତାଙ୍କ ପରିବାରକୁ କ୍ଷତିପୂରଣ ଦେଉ ବୋଲି ସହଦେବ ଦାବି କରିଛନ୍ତି। ଅପରପକ୍ଷେ ମୃତକଙ୍କ ପରିବାର ଆବଶ୍ୟକ ମେଡିକାଲ ରିପୋର୍ଟ ଦାଖଲ କରିବା ପରେ ଏହାକୁ ଅଂଶୁଘତଜନିତ ମୃତ୍ୟୁ ଭାବେ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

ସଂଘ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ୯ଟା ପର୍ଯ୍ୟନ୍ତ ଗୋଲାପ ସଫେଇ କାର୍ଯ୍ୟ କରିଥିଲେ। ଏହାପରେ ସେ ଅସୁସ୍ଥ ଅନୁଭବ କରିବାରୁ ଘରକୁ ଯିବାକୁ ସମ୍ପୃକ୍ତ ସୁପରଭାଇଜରଙ୍କୁ କହିଥିଲେ। ମାତ୍ର ତାଙ୍କ ସମେତ ୨୨ ଜଣ ସଫେଇ କର୍ମଚାରୀଙ୍କୁ ୧୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ଖଣ୍ଡଗିରିରୁ ଯଦୁପୁର ବାଇପାସ ରାସ୍ତାରେ ସାମୂହିକ ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସଫେଇ ବେଳେ ସେମାନଙ୍କୁ ପାଣି ମଧ୍ୟ ଦିଆଯାଇ ନ ଥିଲା। ଘରକୁ ଫେରିବା ପରେ ଗୋଲାପ ଅସୁସ୍ଥ ଅନୁଭବ କରିଥିଲେ। ବିଳମ୍ବିତ ରାତିରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେବା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଅପରପକ୍ଷେ ସଙ୍ଗେସଙ୍ଗେ ଡାକ୍ତରଖାନା ପକ୍ଷରୁ ମୃତଦେହ ଗ୍ରହଣ କରାଯାଇ ନ ଯାଇ ପ୍ରଥମେ ଥାନାରେ ଜଣାଇବାକୁ ପରିବାରକୁ କହିଥିଲେ ବୋଲି ସଂଘ ଅଭିଯୋଗ କରିଛି।

# ଯୁବପିଢ଼ିଙ୍କୁ ସଶକ୍ତ କରୁଛି ଟିପିସିଓଡିଏଲ୍‌ର 'ଦକ୍ଷ'




ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରଶିକ୍ଷାର୍ଥୀ।

ଭୁବନେଶ୍ୱର,୨୨।୪
(ଅନୁରାଧା ମହାରଣା)

ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍) 'ଦକ୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ଯୁବକଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପଦକ୍ଷେପ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ କୌଶଳ ତାଲିମ ମାଧ୍ୟମରେ ଗ୍ରାମୀଣ ଯୁବକଙ୍କ ଦକ୍ଷତା ବିକାଶ କରାଯାଉଛି। ୧୨୦ଜଣ ଶିକ୍ଷାର୍ଥୀଙ୍କୁ ନେଇ ପ୍ରଥମ ବ୍ୟାଚ୍ ତାଲିମ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର ଉଦ୍‌ଘାଟନୀ ସମାରୋହ ତାଳଚେରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟ୍ରେନିଂ ଅଫ୍ ଟ୍ରେନରର ଦକ୍ଷ ସ୍କିଲ୍ ଡେଭଲପମେଣ୍ଟ ଆଣ୍ଡ୍ ଏଣ୍ଟରପ୍ରାଇଜରଶିପ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହା ମାଧ୍ୟମରେ ବିଭିନ୍ନ ଅନୁଷ୍ଠାନରୁ ଯୋଗଦେଇଥିବା କୃତି ପ୍ରଶିକ୍ଷାର୍ଥୀଙ୍କୁ କାର୍ଯ୍ୟକ୍ରମର କାର୍ଯ୍ୟକାରୀ ତଥା ସଂଶ୍ଳିଷ୍ଟ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି। ଏହି ଅବସରରେ 'ଦକ୍ଷ' ପ୍ରଶିକ୍ଷାର୍ଥୀଙ୍କର ଏକ ଶିକ୍ଷଣୀୟ ଅନୁଭୂତି ଏବଂ ସଫଳତାର କାହାଣୀକୁ ନେଇ ଏକ ଫଟୋବୁକ୍ ରିଲିଜ୍ କରାଯାଇଛି। ପ୍ରଶିକ୍ଷାର୍ଥୀମାନେ ଫ୍ୟାସିଲିଟି ମ୍ୟାନେଜମେଣ୍ଟ ଓ ପ୍ଲମ୍ବିଂ ଆସିଷ୍ଟାଣ୍ଟ ଭଳି ବିଷୟରେ ତାଲିମ ନେଉଛନ୍ତି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ଆଜିର ପ୍ରତିଯୋଗିତାମୂଳକ ଦୃଶ୍ୟପଟ୍ଟରେ ସଫଳ ହେବା ପାଇଁ ଯୁବପିଢ଼ିଙ୍କୁ ଦକ୍ଷତା ଏବଂ କୌଶଳ ସହିତ ସଶକ୍ତ କରିବାକୁ ଆମେ ଟିପିସିଓଡିଏଲ୍ ମାଧ୍ୟମରେ ଗୁରୁତ୍ୱ ପ୍ରଦାନ କରୁଛୁ।

## ୨୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

ବାରଙ୍ଗ,୨୨।୪
(ଲିଙ୍ଗରାଜ ରାଉତ)

ବେଆଇନ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ଖୋର୍ଦ୍ଧା ଦଳେଇପୁଟ ଗାଁର ପ୍ରଭାତ ସାମନ୍ତସିଂହାର। ପ୍ରଭାତଙ୍କଠାରୁ ପୋଲିସ ୨୦ ଗ୍ରାମ୍ ଓଜନର ବ୍ରାଉନ ସୁଗାର, ଏକ ମୋବାଇଲ, ଏକ ବାଇକ୍ ଏବଂ ୩୮୦ ଟଙ୍କା ଜବତ କରିଛି। ପୋଲିସ ଏନେଇ ୧୦୭/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନନ୍ଦନକାନନ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ବଟାନିକାଲ ଗାର୍ଡେନ ଛକ ନିକଟରେ ଅତର୍କିତ ଚଢ଼ାଉ କରି ପ୍ରଭାତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ପଚରାଉଚରା ସମୟରେ ପ୍ରଭାତ ବେଆଇନ ବ୍ରାଉନସୁଗାର ବ୍ୟବସାୟ କରୁଥିବା ନେଇ ସ୍ୱୀକାର କରିଥିଲେ।

## ଲୁଟ୍ ମାମଲା: ଦୋଷୀ ସାବ୍ୟସ୍ତ ରଣଜିତଙ୍କୁ ବର୍ଷେ ଜେଲ

ଭୁବନେଶ୍ୱର,୨୨।୪
(ସୂର୍ଯ୍ୟକାନ୍ତ ବେହେରା)

ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ଛାତ୍ରଙ୍କୁ ଆକ୍ରମଣ ପରେ ଲୁଟ୍ କରିବା ମାମଲାର ରାୟ ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ–୩ରେ ପ୍ରକାଶ ପାଇଛି। ବିଚାରପତି ପୂଜା ଜୈନ ମାମଲାର ଶୁଣାଣି କରି ଅଭିଯୁକ୍ତ ରଣଜିତ ପ୍ରଧାନ ଓରଫ ରବିଙ୍କୁ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ଜେଲଦଣ୍ଡ ଶୁଣାଇଛନ୍ତି। ଏହାସହ ୫୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅଭିଯୋଗକାରୀ ମାନସ ରଞ୍ଜନ ସାହୁ ଗତବର୍ଷ ସେପ୍ଟେମ୍ବର ୨୭ ମଧ୍ୟାହ୍ନରେ ବିଜୁ ପଟ୍ଟନାୟକ କଲେଜରୁ କ୍ଲାସ ସାରି ଘରକୁ ସାଇକେଲରେ ଫେରୁଥିବାବେଳେ ଆଇଆର୍‌ସି ଭିଲେଜସ୍ଥିତ ଓମ୍‌ଫେଡ୍ ଛକ ନିକଟରେ ରଣଜିତ ଏବଂ ତାଙ୍କର ଜଣେ ସହଯୋଗୀ ଏକ ସ୍କୁଟିରେ ଆସି ପଛରୁ ତାଙ୍କୁ ଜୋରରେ ଧକା ଦେଇଥିଲେ। ଫଳରେ ମାନସ ତଳେ ପଡ଼ିଯାଇଥିଲେ। ଏହାପରେ ରଣଜିତ ସହଯୋଗୀଙ୍କ ମିଶି ମାନସଙ୍କୁ ମାଡ଼ ମାରିବା ସହ ମୋବାଇଲ ଛଡ଼ାଇ ନେଇଥିଲେ। ମାନସ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୩୯/୨୦୨୩) ରୁଜୁ କରିଥିଲା।

## ଧର୍ମ ପରାୟଣା ମହିଳାଙ୍କ ପରଲୋକ

ବାରଙ୍ଗ,୨୨।୪(ଲିଙ୍ଗରାଜ ରାଉତ)

ସୁନ୍ଦରପଦା ଅଞ୍ଚଳର ବିଶିଷ୍ଟ ଜଣାଶୁଣା ବ୍ୟକ୍ତି ସ୍ୱର୍ଗତ ବିରୂପାକ୍ଷ ନନ୍ଦଙ୍କ ସ୍ତ୍ରୀ ସାରଦା ନନ୍ଦଙ୍କ ପୁରୁଣା ଭୁବନେଶ୍ୱରସ୍ଥିତ ବାସଭବନ କେଶରୀ ଭବନରେ ଗତ ଗୁରୁବାର ଦେହାନ୍ତ ହୋଇଛି। ସେ ଜଣେ ଧର୍ମ ପରାୟଣା, ବଦାନ୍ୟ ଓ ମହିୟସୀ ମହିଳା ହିସାବରେ ସ୍ଥାନୀୟ ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ଖବର ପାଇ ବହୁ ରାଜନେତା, ମୁରବି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ପୁତ୍ର ପ୍ରଦୀପ ନନ୍ଦ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ପରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।




ଭାରତୀୟ ବିଦ୍ୟାଭବନ ଓ ଇନ୍ଫୋସିସ୍ ଫାଉଣ୍ଡେସନ ପକ୍ଷରୁ ବିଦ୍ୟାଭବନ ପରିସରରେ ସୋମବାର ଅନୁଷ୍ଠିତ ଲୁପ୍ତପ୍ରାୟ ଲୋକକଳା ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ଶୈଳୀରେ ଶ୍ରୀରାମ କଥା ଅମୃତମ୍ ପରିବେଶଣ କରୁଛନ୍ତି।

# ଶୀଘ୍ର ଚିହ୍ନଟ ଦ୍ୱାରା ସ୍ନାୟୁ ରୋଗର ସଫଳ ଚିକିତ୍ସା ସମ୍ଭବ

## ଅଶ୍ୱିନୀରେ ସ୍ନାୟୁ ରୋଗ ପ୍ରତିରୋଧକ ଶକ୍ତି କର୍ମଶାଳା




କର୍ମଶାଳାରେ ସ୍ନାୟୁରୋଗ ବିଶେଷଜ୍ଞଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର,୨୨।୪
(ଅନୁରାଧା ମହାରଣା)

ରାଜ୍ୟରେ ପ୍ରଥମଥର ପାଇଁ ଅଶ୍ୱିନୀ ହସ୍ପିଟାଲ ପକ୍ଷରୁ ସ୍ନାୟୁରୋଗ ପ୍ରତିରୋଧକ ଶକ୍ତି ସମ୍ପର୍କିତ ସର୍ବଭାରତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର ଶତାଧିକ ଡ଼ାକ୍ତର ଯୋଗଦେଇ ସ୍ନାୟୁରୋଗ ପ୍ରତିରୋଧକ ଶକ୍ତି ଉପରେ ଆଲୋଚନା କରିଥିଲେ। ସ୍ନାୟୁରୋଗର ଚିକିତ୍ସା ଓ ସହଜ ଚିହ୍ନଟ ଏକାନ୍ତ ଅପରିହାର୍ଯ୍ୟ। ଜିବିସିଣ୍ଡ୍ରୋମ୍, ମଲ୍ଟିପୁଲ୍ ସ୍କେଲେରୋସିସ୍, ଅପ୍‌ଟିକ୍ସ ନ୍ୟୁରାଇଟିସ୍, ଏନ୍‌ଏମ୍‌ଓଏସ୍‌ଡି, ଆକ୍ୟୁଭଟ୍ ଡିମେଲିନେଟିଂ ଏନ୍‌ସିଫାଲୋମିଲୋପାଥି ଏବଂ ଏସ୍‌ଏଲ୍‌ଇ ଆଦି ସ୍ନାୟୁରୋଗ ଖୁବ୍ କମ୍ ଲୋକଙ୍କୁ ହେଉଥିଲେ ମଧ୍ୟ ଚିହ୍ନଟ ପ୍ରକ୍ରିୟା ଶିଘ୍ର ହୋଇପାରିଲେ ରୋଗ ନିରାକରଣ ସମ୍ଭବ ବୋଲି ସ୍ନାୟୁ ବିଭାଗ ଡାକ୍ତରମାନେ ପ୍ରକାଶ କରିଛନ୍ତି। ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ଡ଼ା. ମାୟା ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ବକ୍ତାଭାବେ ପ୍ରସିଦ୍ଧ ସ୍ନାୟୁରୋଗ ପ୍ରତିଷ୍ଠାନ ନିମାହାନ୍‌ସର ଡ଼ାକ୍ତର ଏମ୍. ନେତ୍ରାବତୀ ଯୋଗଦେଇଥିଲେ। ସେହିଭଳି ନୂଆଦିଲ୍ଲୀର ମାକ୍ସ ହସ୍ପିଟାଲର ବିଶେଷଜ୍ଞ ଡ଼ାକ୍ତର କାମାକ୍ଷୀ ଧାମିଜା, ଏସ୍‌ସିବି ମେଡିକାଲର ବିଶେଷଜ୍ଞ ଡ଼ା. ବିଦ୍ୟୁତ୍ ଦାଶ, କିମ୍‌ସର ପ୍ରଫେସର ରାମନାଥ ମିଶ୍ର, ଏମ୍‌ସର ଡ଼ା. ସଞ୍ଜୀବ ଭୋଇ, ଆଦିତ୍ୟ ଅଶ୍ୱିନୀର ଡ଼ା. ସୌମ୍ୟ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଯୁବତୀଙ୍କୁ ପ୍ରତାରଣା, ଟେକ୍ନିସିଆନ ଗିରଫ

ଭୁବନେଶ୍ୱର,୨୨।୪
(ସୂର୍ଯ୍ୟକାନ୍ତ ବେହେରା)

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଅଭିଯୁକ୍ତ ଟେକ୍ନିସିଆନଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅଞ୍ଚଳର ବିକ୍ରମ ଜୟ ସିଂ (୩୨)। ସୂଚନାନୁସାରେ, ଅଭିଯୋଗକାରିଣୀ ଏୟାରପୋର୍ଟ ଥାନା ଅଞ୍ଚଳରେ ଭଡ଼ାରେ ରୁହନ୍ତି। ଗତ ୯ ବର୍ଷ ତଳେ ସେ ଏକ ବେସରକାରୀ ସଂସ୍ଥାରେ କୋ–ଅର୍ଡିନେଟର ଭାବେ ଚାକିରି କରୁଥିବାବେଳେ ଅଭିଯୁକ୍ତ ଜଣକ ଉକ୍ତ ସଂସ୍ଥାରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଯୁବତୀ ଜଣକ ତାଙ୍କ ସମ୍ପର୍କରେ ଆସିଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁତା ଓ ପରେ ଅଭିଯୁକ୍ତ ଜଣକ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଗତ ୧୭ ମାସ ହେବ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଅଭିଯୋଗକାରିଣୀ ବିବାହ କରିବା ଲାଗି ପ୍ରସ୍ତାବ ଦେବାରୁ ଅଭିଯୁକ୍ତ ମନା କରିଦେଇଥିଲେ। ଏପରିକି ଅଭିଯୋଗକାରିଣୀଙ୍କୁ ନାନା ପ୍ରକାର ଧମକଚମକ ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ନନ୍ଦନକାନନରେ ଗୟଳ ଛୁଆ ମୃତ

ବାରଙ୍ଗ,୨୨।୪(ଲିଙ୍ଗରାଜ ରାଉତ)

ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଶନିବାର ଜନ୍ମ ହୋଇଥିବା ଗୟଳ ଶାବକ ସପ୍ତାହ ନ ପୂରୁଣୁ ସୋମବାର ଆଖି ବୁଜିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡ଼ିବ ବୋଲି ସୂଚନା ମିଳିଛି। ତେବେ ଗୟଳ ଶାବକ ଜନ୍ମ ହେବା ପରେ ମା'ଠାରୁ ଠିକ୍‌ରେ କ୍ଷୀର ପିଉ ନ ଥିଲା। କେବଳ ଥରୁଟିଏ କ୍ଷୀର ଖାଇଥିବାବେଳେ କର୍ତ୍ତୃପକ୍ଷ ତା'ର ଚିକିତ୍ସା ଆରମ୍ଭ କରିବା ସହିତ ପାଉଡର କ୍ଷୀର ଖାଇବାକୁ ଦେଉଥିଲେ। ହେଲେ ପ୍ରାଣୀ ଚିକିତ୍ସକ ତାକୁ ବଞ୍ଚାଇ ପାରି ନ ଥିଲେ। ଗୟଳ ଶାବକର ମୃତ୍ୟୁ ପରେ ଏମାନଙ୍କ ସଂଖ୍ୟା ହ୍ରାସ ପାଇ ୬ରେ ପହଞ୍ଚିଛି।

# ସଫଳତା ମନ୍ତ୍ର ଦେଲେ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର

## ଆପ୍ଟିପ୍ଲସ୍ ପକ୍ଷରୁ କର୍ମଶାଳା

ଭୁବନେଶ୍ୱର,୨୨।୪
(ଅନୁରାଧା ମହାରଣା)



ଆପ୍ଟି ପ୍ଲସ୍‌ର ଛାତ୍ର ସନ୍ତୋଷ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ ସର୍ବଭାରତୀୟ ର୍‌ୟାଙ୍କ–୪୦୯ ହାସଲ କରିଥିବା ଆପ୍ଟି ପ୍ଲସ୍‌ର ଛାତ୍ର ସନ୍ତୋଷ କୁମାର ପାତ୍ରଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ ନିଜର ପ୍ରସ୍ତୁତି ସମୟର ଅଭିଜ୍ଞତା ବାଣ୍ଟିବା ସହ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ପାଇଁ ସମର୍ପଣ ଭାବ ଓ ଦୃଢ଼ ମନୋବଳ ନେଇ ଉଭୟ ପ୍ରିଲିମିନାରୀ ଓ ମେନ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ସାକ୍ଷାତ୍‌କାର ପରୀକ୍ଷାରେ ନିଜକୁ ଶାନ୍ତରଖି ବ୍ୟକ୍ତିତ୍ୱର ପରିପ୍ରକାଶ କରିବାକୁ ମତ ଦେଇଥିଲେ। କେଉଁସବୁ ପାଠ୍ୟପୁସ୍ତକ ବ୍ୟବହାର କରି ସେ ସଫଳତା ହାସଲ କରିଥିଲେ ଏବଂ କେଉଁ ତ୍ରୁଟିସବୁ ସୁଧାରିବାର ଅଛି ସେନେଇ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁସିଜିତ୍ ସାହୁ ଦିଲ୍ଲୀର ଅଧ୍ୟାପକ ବିବେକ ଟିଭି ଓ ସନ୍ତୋଷ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସୂଚନା ଥାଉ କି, ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ ସର୍ବଭାରତୀୟସ୍ତରରେ ୧୦୦ ଜଣଙ୍କ ମଧ୍ୟରେ ଆପ୍ଟି ପ୍ଲସର ଛାତ୍ରୀଛାତ୍ର ର୍‌ୟାଙ୍କ–୧, ୧୩, ୧୬, ୨୪, ୩୬, ୬୪, ୭୫, ୮୪ ଓ ୮୬ ହାସଲ କରିଥିବାବେଳେ ଓଡ଼ିଶାରୁ ପ୍ରଜ୍ଞାନନ୍ଦନ ଗିରି ର୍‌ୟାଙ୍କ–୨୪, ଆୟୁଷି ପ୍ରଧାନ ର୍‌ୟାଙ୍କ–୩୬, ଅମ୍ରିତାଂଶୁ ନାୟକ ର୍‌ୟାଙ୍କ–୧୧୦, ପ୍ରିୟଙ୍କା ପ୍ରିୟଦର୍ଶିନୀ ର୍‌ୟାଙ୍କ–୩୮୭, ସନ୍ତୋଷ କୁମାର ପାତ୍ର ର୍‌ୟାଙ୍କ ୪୦୯, ସାଇରାଜ ମିଶ୍ର ର୍‌ୟାଙ୍କ–୫୯୧, ପ୍ରଜ୍ୱଳ ଚୌରାଶିଆ ର୍‌ୟାଙ୍କ ୬୯୪ ହାସଲ କରିଛନ୍ତି। ଭାରତୀୟ ତଥା ଓଡିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୪–୨୫ ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆପ୍ଟି ପ୍ଲସରେ ୨ମାସର ଅତିରିକ୍ତ ଏନ୍‌ସିଇଆରଟି ଫାଉଣ୍ଡେଶନ କୋର୍ସ ସହ ଆଡ୍‌ଭାନ୍ସ ଲେଭଲର ପାଠ୍ୟକ୍ରମ ଦିଆଯାଉଛି। ଆବଶ୍ୟକ ପାଠ୍ୟ ପୁସ୍ତକ, ଲାଇବ୍ରେରି, ହଷ୍ଟେଲ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଏଠାରେ ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥାଏ। ପିଲାଙ୍କୁ ଗୁଣାତ୍ମକ ଶିକ୍ଷାଦାନ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ଆପ୍ଟି ପ୍ଲସ୍ ସଂକଳ୍ପବଦ୍ଧ ବୋଲି ନିର୍ଦ୍ଦେଶକ ଡ. ସାହୁ କହିଛନ୍ତି।

# ବିଳମ୍ବିତ ରାତିରେ ଘରେ ପଶି ହାଣିଲେ

## ଦୁଇ ଭାଇ ଆହତ, ମଞ୍ଚେଶ୍ୱର ଥାନାରେ ଏତଲା



ଆହତ ଦୁଇ ଭାଇ।

ଭୁବନେଶ୍ୱର,୨୨।୪
(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଝରଣା ସାହି 'କ'ରେ ରବିବାର ବିଳମ୍ବିତ ରାତିରେ ୧୨ଜଣ ଦୁର୍ବୃତ୍ତ ଆତଙ୍କ ଖେଳାଇଛନ୍ତି। ସେମାନେ ଘରେ ପଶି ଜଣେ ଯୁବକଙ୍କୁ କାଠଫାଳିଆ ଓ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଏହାକୁ ବିରୋଧ କରିବାରୁ ସାନ ଭାଇଙ୍କୁ ମଧ୍ୟ ପଥରରେ ଛେଚି ହତ୍ୟା ଉଦ୍ୟମ କରିଛନ୍ତି। ଆହତମାନେ ହେଲେ ସୋମନାଥ ନାୟକ ଓରଫ ବିନୋଦ ଓ ତାଙ୍କ ସାନଭାଇ ରାଜେଶ ନାୟକ। ଏହି ଆକ୍ରମଣରେ ସୋମନାଥଙ୍କ ମୁଣ୍ଡ ଓ କାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେହିପରି ରାଜେଶଙ୍କ କାନରେ ମଧ୍ୟ କ୍ଷତ ସୃଷ୍ଟି ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ରାଜେଶ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତା କାରଣରୁ ରବିବାର ରାତିରେ ବିନୋଦଙ୍କର ଜଣେ ସାଙ୍ଗଙ୍କୁ ମାରିବାକୁ ଅଭିଯୁକ୍ତମାନେ ଚକେଇସିଆଣିରେ ଜଗି ରହିଥିଲେ। ସେଠାରୁ ବିନୋଦ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଘଟଣାସ୍ଥଳରୁ ନେଇ ଆସିଥିଲେ। ଫଳରେ ବିନୋଦଙ୍କ ଉପରେ ଅଭିଯୁକ୍ତମାନଙ୍କର ରାଗ ରହିଥିଲା। ସେମାନେ ବିନୋଦଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ବିଳମ୍ବିତ ରାତି ପ୍ରାୟ ୧ଟାରେ ଅଭିଯୁକ୍ତମାନେ ଖଣ୍ଡା ଓ କାଠଫାଳିଆ ଧରି ଝରଣା ସାହି (କ)ସ୍ଥିତ ବିନୋଦଙ୍କ ଘରେ ଆସି ଗଣ୍ଡଗୋଳ କରିଥିଲେ। ସେମାନେ ବିନୋଦଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ତେବେ ଅଭିଯୁକ୍ତମାନେ ଆତଙ୍କ ଘଟାଇ ଫେରିବା ସମୟରେ ଅଭିଯୋଗକାରୀଙ୍କ ଘରୁ ଗୋଟିଏ ମୋବାଇଲ ଓ ୩ ହଜାର ଟଙ୍କା ବଳପୂର୍ବକ ନେଇଯାଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି।

# ଦିନକରେ ୨.୫୧ ଲକ୍ଷ ଟଙ୍କା ଗଣିଲେ ଅମାନିଆ

## କଳାକାଚ ଗାଡ଼ି ଧରପଗଡ଼

ଭୁବନେଶ୍ୱର,୨୨।୪
(ସୂର୍ଯ୍ୟକାନ୍ତ ବେହେରା)

ନିୟମ ଉଲ୍ଲଂଘନ କରି ଗାଡିରେ କଳାକାଚ ଲଗାଇ ବୁଲୁଥିବା ଅମାନିଆଙ୍କ ବିରୋଧରେ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭିନ୍ନ ସ୍ଥାନରେ ଚଢାଉ ଓ ଯାଞ୍ଚ କରାଯାଇ ଜରିମାନା ଆଦାୟ ହେଉଛି। ଏହାପରେ ବି ଗାଡିର ମାଲିକମାନେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରିବା ସହ ପୋଲିସକୁ ଭୟ ନ କରି ଗାଡିରେ କଳାକାଚ ବ୍ୟବହାର କରୁଛନ୍ତି। ଏହି ଧରପଗଡ ସ୍ୱତନ୍ତ୍ର ଡ୍ରାଇଭ ଅଭିଯାନରେ ସୋମବାର ସତ୍ୟନଗର ଓ ନାଲ୍‌କୋ ଛକରେ କମିଶନରେଟ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ବେଳେ କଳାକାଚ ଥିବା ୪୬ଟି ଯାନ ଚିହ୍ନଟ କରାଯାଇ ୧୮୨ (କ) ୪ ଆକ୍ଟ ଅଧୀନରେ ମୋଟ ୨ ଲକ୍ଷ ୫୧ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରାଫିକ ଥାନା–୧ ଦ୍ୱାରା ୨୯ ଏବଂ ଟ୍ରାଫିକ ଥାନା–୨ ଦ୍ୱାରା ୧୭ଟି ଚାରି ଚକିଆ ଯାନ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ସହ ସେସବୁ ଗାଡିରୁ କଳାକାଚ ବାହାର କରାଯାଇଥିଲା। ସେଫ୍ ସିଟି ଡ୍ରାଇଭ ଅଧୀନରେ ଅପରାଧ ତଥା ସାମାଜିକ ବିରୋଧୀ କାର୍ଯ୍ୟକଳାପ ଯାଞ୍ଚ କରିବା ପାଇଁ କମିଶନରେଟ ପୋଲିସ ଓ ଆର୍‌ଟିଓର ମିଳିତ ଉଦ୍ୟମରେ ଏହି ଯାଞ୍ଚ କଡାକଡି କରାଯାଉଥିବା ସୂଚନା ଦିଆଯାଇଛି।


**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
**(झारखण्ड सरकार का उपक्रम)**
का0:अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, 455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in / mdjsfdc@gmail.com TOLL FREE No. 18008891131

ई–निविदा सूचना संख्या ल0 व0 प0 प0 [के0 प0(पुराना)]–05/2023
वर्ष 2022 एवं पूर्व के मौसमों के राजसात/जप्त एवं अबतक अबिक्रीत "जैसा है जहाँ है" केन्दू पत्ती की बिक्री हेतु ई–निविदा

**अतिअल्पकालीन ई–निविदा सूचना**

वर्ष 2022 एवं पूर्व के मौसमों के राजसात/जप्त एवं अबतक अबिक्रीत एवं भण्डारित केन्दू पत्ती की प्रचयवार "शुद्ध एक मुश्त राशि" पर "जैसा है जहाँ है" के आधार पर बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्नवत प्राप्त की जायेगी :–

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| उनतीसवाँ चक्र (KL(OLD)/29/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 27.04.2024/30.04.2024 | 03.05.2024 |
| तीसवाँ चक्र (KL(OLD)/30/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 04.05.2024/08.05.2024 | 10.05.2024 |
| इकतीसवाँ चक्र (KL(OLD)/31/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 13.05.2024/17.05.2024 | 20.05.2024 |
| बत्तीसवाँ चक्र (KL(OLD)/32/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 22.05.2024/28.05.2024 | 30.05.2024 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन्) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

(1) उप निदेशक (मुख्यालय), राँची, 8789362839 (3) श्री ब्रायन माईल्स, राँची, 9153989368
(2) श्री प्रसून कुमार, FPI, राँची, 9153989366

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, राँची

PR 323997 Jharkhand State Forest Development Corp Ltd(24-25)#D

# ସାହିଯାତରେ ସୀତା ଚୋରି ନୀତି

ପୁରୀ,୨୨।୪(ଅଜିତ ମହାନ୍ତି):


ସାହିଯାତ ଅବସରରେ କୁଣ୍ଢେଇବେଣ୍ଟ ସାହି ଆଖଡ଼ା ପକ୍ଷରୁ ବାହାରିଥିବା ରାବଣ ବେଶଧାରୀ ।

ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିରରେ ରାମନବମୀଠାରୁ ପାରମ୍ପରିକ ସାହିଯାତ ଆରମ୍ଭ ହୋଇଥିବା ବେଳେ ସୋମବାର ପଞ୍ଚମ ଦିବସରେ ତଥା ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ସୀତା ଚୋରି ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦକ୍ଷିଣୀଘରୁ ପ୍ରଭୁ ଶ୍ରୀରାମଚନ୍ଦ୍ର, ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥ ବଲ୍ଲଭକୁ ବିଜେ କରିଥିଲେ। ଠାକୁରମାନେ ଜଗନ୍ନାଥ ବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ସାହିଯାତର ପଞ୍ଚମ ଦିବସରେ କୁଣ୍ଢେଇବେଣ୍ଟ ସାହି ଆଖଡ଼ା ପକ୍ଷରୁ ମାୟା ମୃଗ ଓ ସୀତା ଚୋରି ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। କୁଣ୍ଢେଇବେଣ୍ଟ ସାହି ପଥର ଆଖଡ଼ାର ଜଣେ ବ୍ୟକ୍ତି ମାୟା ରାବଣ ଚରିତ୍ରରେ ପଟୁଆରରେ ସାହି ଓ ବାଦି ସାହି ପରିକ୍ରମା କରି ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ସୀତା ଚୋରୀ ନୀତି ସମ୍ପନ୍ନ ହୋଇଥିଲା। ସେହିପରି କୁଣ୍ଢେଇବେଣ୍ଟ ସାହି ପକ୍ଷରୁ ଯାତ ବାହାରି ସାଥି ସାହି ବା ବାଦି ସାହିକୁ ଯାଇଥିଲା। କୁଣ୍ଢେଇବେଣ୍ଟ ସାହି ପକ୍ଷରୁ କାଳୀ ମେଢ଼, ଦୁର୍ଗା ମେଢ଼, ଖୋଲା ମୁଖ ମେଢ଼, ଫୁଲ ମେଢ଼, ନବ ଶିରା, ସପ୍ତ ଶିରା ସହ ବିଭିନ୍ନ ମେଢ଼ ବାହାରିଥିଲା। ବାଡ଼ିକେଳା, ପଟାଖେଳ, ସମର କଳା ଆଦି ପ୍ରଦର୍ଶିତ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁରୀବାସୀ ସାହିଯାତ ଉପଭୋଗ କରିଥିଲେ।


ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୨।୪।୨୦୨୪

| ୪,୫୯,୧୨୦ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୬.୫୦୦ ଗ୍ରାମ୍ |

## ସଂକ୍ଷେପରେ

### 'ଛାତ୍ର ଜୀବନ ହେଉଛି ସ୍ୱର୍ଣ୍ଣିମ ସମୟ'

ପୁରୀ,୨୨।୪(ଅଜିତ୍ ମହାନ୍ତି)

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୧୦ ବ୍ୟାଚ୍ ସ୍ନାତକ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପୁରୀ–କୋଣାର୍କ ମେରାଇନ୍ ଡ୍ରାଇଭ୍‌ରୋଡ୍ ବାଲିଗୁଆଳି ଛକସ୍ଥିତ ଚିଦାନନ୍ଦ ଆଶ୍ରମ ନିକଟରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପ୍ରାୟ ୩୦ଜଣ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ଛାତ୍ର ଜୀବନ ହେଉଛି ସ୍ୱର୍ଣ୍ଣିମ ସମୟ। ଛାତ୍ର ଜୀବନ ଭଳି ସମୟ କେବେ ଆଉ ମିଳେ ନାହିଁ ବୋଲି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଥିଲା। ସେହିପରି ଅତୀତକୁ ସ୍ମରଣ କରି ଅଭିଭୂତ ହେବା ସହ ଦୀର୍ଘ ୧୪ବର୍ଷ ପରେ ପରସ୍ପରକୁ ଦେଖି ଭାବବିହ୍ୱଳ ହୋଇପଡ଼ିଥିଲେ। ବିଭିନ୍ନ ପ୍ରକାର କ୍ରୀଡ଼ା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆରବର୍ଷକୁ ପୁଣି ଏକାଠି ହେବାର ପ୍ରତିଶ୍ରୁତି ଦେଇ ସମସ୍ତ ବନ୍ଧୁ ବିଦାୟ ନେଇଥିଲେ। ସୋନାଲି, ହେମାମାଳିନୀ, ରୋନାଲି, ଜୁଲି, ବିଜୟଲକ୍ଷ୍ମୀ, ନଳିନୀ, ମାମା, ପ୍ରିୟଙ୍କା, ବିଜୟିନୀ, ଚିନ୍ମୟୀ, ମେଘାଲି, ଗିରିଜା ଶଙ୍କର, କେଶରୀ ନନ୍ଦନ, ଅଶୋକ, ଜଗନ୍ନାଥ, ଉମାଶଙ୍କର, ରଶ୍ମିରଞ୍ଜନ, ଅନିଲ, କାଳୁ, କାହ୍ନୁ ଚରଣ, ମହେଶ୍ୱର, ଜୟକୃଷ୍ଣ, ସଞ୍ଜୟ, ଠାକୁର ପ୍ରସାଦ ପ୍ରମୁଖ ଯୋଗଦେଇଥିଲେ।

### ଭାଜପାର ମିଶ୍ରଣ ପର୍ବ

ପୁରୀ,୨୨।୪(ଅଜିତ୍ ମହାନ୍ତି)

ପୁରୀ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ବ୍ରହ୍ମଗିରି ବିଧାନସଭା ନିର୍ବାଚନମଣ୍ଡଳୀରେ ସୋମବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷ୍ଣପ୍ରସାଦ ବ୍ଲକ ଉପାଧ୍ୟକ୍ଷା ଶକୁନ୍ତଳା ଦେବୀ, ପୂର୍ବତନ ଉପାଧ୍ୟକ୍ଷ ବ୍ରଜକିଶୋର ଜେନାଙ୍କ ସହିତ ହରିଜନ ମହାସଂଘର ଶତାଧିକ କାର୍ଯ୍ୟକର୍ତ୍ତା ଭାଜପାରେ ସାମିଲ ହୋଇଛନ୍ତି। ପୁରୀ ଲୋକ ସଭା ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ବ୍ରହ୍ମଗିରି ବିଧାୟିକା ପ୍ରାର୍ଥୀ ଉପାସନା ମହାପାତ୍ରଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାର ବିକାଶ ଧାରା ତ୍ୱରାନ୍ୱିତ ହୋଇଛି। ମୋଦିଙ୍କ ବିଶ୍ୱାସନୀୟତା ଓଡ଼ିଶାରେ ସର୍ବାଧିକ ରହିଛି। ଏଥିପାଇଁ ଓଡ଼ିଶାର ଜନତା ପ୍ରଧାନମନ୍ତ୍ରୀଙ୍କ ସହିତ ସିଧାସଳଖ ଯୋଡିହେବା ପାଇଁ ଚାହୁଁଛନ୍ତି। ମୋଦିଜୀଙ୍କ ସବ୍‌କା ସାଥ, ସବ୍‌କା ବିକାଶରେ ଅନୁପ୍ରାଣୀତ ହୋଇ ଏମାନେ ଭାଜପାରେ ଯୋଗଦେଇଛନ୍ତି ବୋଲି ପାତ୍ର କହିଛନ୍ତି।

# ବାଇଦେଈ ମହୋତ୍ସବ ଉଦ୍‌ଯାପିତ


ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଯୋଗେଶ୍ୱରପୁର,୨୨।୪(ରଶ୍ମିରଞ୍ଜନ ସାହୁ)

ଯୋଗେଶ୍ୱରପୁର ନିକଟସ୍ଥ ଗଡ଼ ଅମର ପ୍ରସାଦଠାରେ ଅନୁଷ୍ଠିତ ୫ ଦିନିଆ ମା' ବାଇଦେଈଙ୍କ ୬ଷ୍ଠ ବାର୍ଷିକ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମହୋତ୍ସବ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଡ଼ଶପୁରର ପ୍ରଫେସର ଅରୁଣ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ସରକାରୀ ଚିକିତ୍ସକ ଡ. ପ୍ରମିଳା ସାହୁ, ସ୍ୱତନ୍ତ୍ର ଅତିଥି ବିଶିଷ୍ଟ ଶିକ୍ଷାବିତ୍ ଉପେନ୍ଦ୍ର ସାହୁ ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ରଞ୍ଜିତ ସାହୁ ଯୋଗଦେଇ ଜଗନ୍ନାଥ ଓ ସାଇ ବାବାଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି ସଭାପତିତ୍ୱ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସଭା କାର୍ଯ୍ୟ ଶେଷରେ ଅଞ୍ଚଳରେ ଥିବା ସମସ୍ତ ହାଇସ୍କୁଲର ୧୦ମ ଶ୍ରେଣୀ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ସକାଳ ସମୟରେ ସୂର୍ଯ୍ୟ ପୂଜା ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ଶେଷ ହୋଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞରେ କର୍ତ୍ତା ଭାବେ ଅକ୍ଷୟ ସ୍ୱାଇଁ ଓ କର୍ତ୍ତ୍ରୀ ଭାବେ ସାବିତ୍ରୀ ସ୍ୱାଇଁ ଯଜ୍ଞ ପୂଜାରେ ବସିଥିଲେ। ମହୋତ୍ସବରେ ଚାରିଛକ, ଗୋପ, ନୟାହାଟ, କାକଟପୁର, ଅସ୍ତରଙ୍ଗ ପ୍ରମୁଖ ଅଞ୍ଚଳରୁ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ମହୋତ୍ସବ ଉପଭୋଗ କରିଥିଲେ। ମହୋତ୍ସବରେ ବାଇଦେଈ କମିଟି ସମସ୍ତ ସଭ୍ୟ ଓ ସାଇ ଟ୍ରଷ୍ଟର ସଦସ୍ୟ ସହଯୋଗ କରିଥିଲେ।

# ଆଜି ନରେନ୍ଦ୍ର ପୁଷ୍କରିଣୀରୁ ବାହାରିବ ଚାପଡଙ୍ଗା

## ମେ ୧୦ରେ ଚନ୍ଦନଯାତ୍ରା

ପୁରୀ,୨୨।୪(ଅଜିତ୍ ମହାନ୍ତି)

ଆସନ୍ତା ମେ ୧୦ ତାରିଖ ପବିତ୍ର ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ରଥକାର୍ଯ୍ୟ ଅନୁକୂଳ ହେବା ସହ ଚନ୍ଦନଯାତ୍ରା ଆରମ୍ଭ ହେବ। ଚନ୍ଦନ ଯାତ୍ରା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଅକ୍ଷୟତୃତୀୟାଠାରୁ ୨୧ ଦିନ ବ୍ୟାପୀ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନ ଯାତ୍ରା ଓ ପରବର୍ତ୍ତୀ ୨୧ ଦିନ ଭିତର ଚନ୍ଦନ ଯାତ୍ରା ନୀତି ଅନୁଷ୍ଠିତ ହେବ। ପ୍ରଥମେ ଅକ୍ଷୟତୃତୀୟାଠାରୁ ଭଉଁରୀ ଯାତ୍ରା ପର୍ଯ୍ୟନ୍ତ ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ, ରାମ, କୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ନୌକାବିହାର କରିବେ। ତେଣୁ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ଅବସରରେ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ନନ୍ଦା ଓ ଭଦ୍ରା ନାମକ ଚାପଡଙ୍ଗା ସମେତ ଅନ୍ୟ ଡଙ୍ଗାକୁ ନରେନ୍ଦ୍ର ପୁଷ୍କରିଣୀରୁ ବାହାର କରିବେ। ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ନୌକା ବିହାରକୁ ବାହାର ଚନ୍ଦନ ଯାତ୍ରା ବୋଲି କୁହାଯାଇଥାଏ। ଠାକୁରମାନେ ଯେଉଁ ଦୁଇଟି ନୌକାରେ ବିଜେକରି ନୌକାବିହାର କରିବେ ସେହି ଦୁଇଟିକୁ ନନ୍ଦା ଓ ଭଦ୍ରା କୁହାଯାଏ। ସେହିପରି ଚାପଡଙ୍ଗା ଆଗରେ ଯାଉଥିବା ଡଙ୍ଗାକୁ ବୈଜୟନ୍ତୀ ଡଙ୍ଗା ବୋଲି କୁହାଯାଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ପ୍ରତ୍ୟେକ ବର୍ଷ ବାହାର ଚନ୍ଦନ ଯାତ୍ରା ସମ୍ପନ୍ନ ହେବା ପରେ ଭୋଇ ସେବକମାନେ ଚାପଡଙ୍ଗାଗୁଡ଼ିକୁ ନରେନ୍ଦ୍ର ପୁଷ୍କରିଣୀର ପଶ୍ଚିମ ପଟ ଏକ କୋଣରେ ପାଣିରେ ବୁଡ଼ାଇ ଦେଇଥାନ୍ତି। ବାହାର ଚନ୍ଦନ ଯାତ୍ରା ହେବା ପୂର୍ବରୁ ଚୈତ୍ର ପୂର୍ଣ୍ଣିମା ଦିନ ସେହି ଡଙ୍ଗାକୁ ପାଣିରୁ ବାହାର କରାଯାଇଥାଏ। ପରେ ମରାମତି କରାଯାଇ ଚାପଡଙ୍ଗା ନିର୍ମାଣ କରାଯାଇଥାଏ।

# ଚୈତ୍ରପୂର୍ଣ୍ଣିମା ପାଇଁ ଉତ୍ସବମୁଖର ଗାଁ


ଘୋଡା ନାଚ ପରିବେଷଣ କରାଯାଉଛି ।

ଅସ୍ତରଙ୍ଗ,୨୨।୪(ପ୍ରଦୀପ୍ତ କୁମାର ଦୀକ୍ଷିତ)

## କୈବର୍ତ୍ତ ସମ୍ପ୍ରଦାୟ ଧୁମ୍‌ଧାମରେ ପାଳୁଛନ୍ତି

ଚୈତ୍ର ପୂର୍ଣ୍ଣିମା ଓଡ଼ିଶାର ଏକ ଗଣପର୍ବ। ଚଇତି ପୁନେଇଁ ନାମରେ ଏହା ଖ୍ୟାତ। କୈବର୍ତ୍ତ ଜାତିର ଲୋକଙ୍କ ଦ୍ୱାରା ଚୈତ୍ର ମାସର ପୂର୍ଣ୍ଣିମା ତିଥିରେ ଏହା ପାଳିତ ହୋଇଥାଏ। କୈବର୍ତ୍ତମାନେ ଘୋଡ଼ାର ଏକ ଖୋଳ କରି ସେଥିରେ ପଶି ଘୋଡା ଚଢ଼ିବାର ଅଭିନୟ କରିଥାନ୍ତି। ଏହା ଚଇତି ଘୋଡ଼ା ନୃତ୍ୟ ନାମରେ ଜଣାଶୁଣା। ଚଇତି ପର୍ବ ୮ ଦିନ ଧରି ଚାଲିବ। ପର୍ବରେ ଦିନରାତି ଭୋଜିଭାତ ନୃତ୍ୟ, ଗୀତ ଆଦି ଚାଲିଛି। ଘରର ପ୍ରତ୍ୟେକ ସଦସ୍ୟ ନୂଆ ବସ୍ତ୍ର ପରିଧାନ ପୂର୍ବକ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଅସ୍ତରଙ୍ଗ ବ୍ଲକର ନଗର ପଞ୍ଚାୟତ ବାଲିଡିଆ, କାଳିଆକଣ, ନଗର, ଦକ୍ଷିଣ ପନ୍ତାଳ, ବାଲିପନ୍ତାଳ, ଆଳସାହି ପଞ୍ଚାୟତର ପାଟସୁନ୍ଦରପୁର, ଅସନ, ଆଳସାହି, ଛୁରିଆନା ପଞ୍ଚାୟତର ସହନ ଓ ନୂଆଗଡ଼ ଅଞ୍ଚଳ ରହୁଥିବା କୈବର୍ତ୍ତମାନେ ଆନନ୍ଦ ଉଲ୍ଲାସ ସହ ଏହି ପର୍ବ ପାଳନ କରୁଛନ୍ତି। ଏହା ସହ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି।

# ପୋଷ୍ୟପୁତ୍ର ବିରୋଧରେ ଏସ୍‌ପିଙ୍କୁ ଫେରାଦ ହେଲେ ବୃଦ୍ଧ

ପୁରୀ, ୨୨।୪( ଅଜିତ୍ ମହାନ୍ତି)



ଚାଷଜମିରେ ପଶି ଧାନ କାଟି ନେବା ସହ ମାଡ଼ ମାରି ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିବା ପୋଷ୍ୟ ପୁତ୍ର ବିରୋଧରେ ଥାନା ଅଧିକାରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ଆଣି ଜଣେ ବୃଦ୍ଧ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ବୃଦ୍ଧ ହେଲେ କଣାସ ବ୍ଲକ୍ ତଥା ଗଡ଼ିଶାଗଦା ଥାନା ଅଧୀନ ସୁନାଖଳା ଗ୍ରାମର ନବ ଚମ୍ପତି। ନବ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ନିଃସନ୍ତାନ ଥିବାରୁ କୂଳରକ୍ଷା କରିବା ନିମନ୍ତେ ପୋଷ୍ୟପୁତ୍ର ରୂପେ ସୁମନ୍ତ ପାଲଟାସିଂହଙ୍କୁ ଆଣିଥିଲେ। ମାତ୍ର ସୁମନ୍ତ ତାଙ୍କୁ ବୃଦ୍ଧାବସ୍ଥାରେ ଖାଇବାକୁ ଦେଉନାହାନ୍ତି କି ଦେଖାଶୁଣା କରୁନାହାନ୍ତି। ତେଣୁ ସେ ବାଧ୍ୟ ହୋଇ ଚଳିତବର୍ଷ ଧାନ ଚାଷ କରିଥିଲେ। କିନ୍ତୁ ତାଙ୍କ ଦୁର୍ବଳତା ଏବଂ ଅସହାୟର ସୁଯୋଗ ନେଇ ସୁମନ୍ତ ଜୋରଜବରଦସ୍ତି ନିଜ ଶ୍ୟାଳକମାନଙ୍କ ସହିତ ଗତ ୧୩ ତାରିଖରେ ଆସି ଜମିରୁ ଧାନ କାଟିନେଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଧକ୍କା ମାରି ତଣ୍ଟି ଚିପି ଜମିରେ ପକାଇ ଘୋଷାରି ଆଣିଥିଲେ। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେଣୁ ନିଜ ଜୀବନ ସହ ଫସଲର ସୁରକ୍ଷା ପାଇଁ ସେ ଗଡ଼ିଶାଗୋଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ତେଣୁ ସେ ଏସ୍‌ପିଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି।

# ସଫଳତା ମନ୍ତ୍ର ଦେଲେ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

## ଆପ୍ଟିପ୍ଲସ୍ ପକ୍ଷରୁ କର୍ମଶାଳା

ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ ସର୍ବଭାରତୀୟ ର୍‍ୟାଙ୍କ–୪୦୯ ହାସଲ କରିଥିବା ଆପ୍ଟି ପ୍ଲସ୍‌ର ଛାତ୍ର ସନ୍ତୋଷ କୁମାର ପାତ୍ରଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ ନିଜର ପ୍ରସ୍ତୁତି ସମୟର ଅଭିଜ୍ଞତା ବାଣ୍ଟିବା ସହ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ପାଇଁ ସମର୍ପଣ ଭାବ ଓ ଦୃଢ଼ ମନୋବଳ ନେଇ ଉଭୟ ପ୍ରିଲିମିନାରୀ ଓ ମେନ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ସାକ୍ଷାତ୍‌କାର ପରୀକ୍ଷାରେ ନିଜକୁ ଶାନ୍ତରଖି ବ୍ୟକ୍ତିତ୍ୱର ପରିପ୍ରକାଶ କରିବାକୁ ମତ ଦେଇଥିଲେ। କେଉଁସବୁ ପାଠ୍ୟପୁସ୍ତକ ବ୍ୟବହାର କରି ସେ ସଫଳତା ହାସଲ କରିଥିଲେ ଏବଂ କେଉଁ ତ୍ରୁଟିସବୁ ସୁଧାରିବାର ଅଛି ସେନେଇ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁସିଜିତ୍ ସାହୁ ଦିଲ୍ଲୀର ଅଧ୍ୟାପକ ବିବେକ ଟିଭି ଓ ସନ୍ତୋଷ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ସୂଚନା ଥାଉ କି, ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ ସର୍ବଭାରତୀୟସ୍ତରରେ ୧୦୦ ଜଣଙ୍କ ମଧ୍ୟରେ ଆପ୍ଟି ପ୍ଲସର ଛାତ୍ରୀଛାତ୍ର ର୍‍ୟାଙ୍କ–୧, ୧୩, ୧୬, ୨୪, ୩୬, ୬୪, ୭୫, ୮୪ ଓ ୮୬ ହାସଲ କରିଥିବାବେଳେ ଓଡ଼ିଶାରୁ ପ୍ରଜ୍ଞାନନ୍ଦନ ଗିରି ର୍‍ୟାଙ୍କ–୨୪, ଆୟୁଷି ପ୍ରଧାନ ର୍‍ୟାଙ୍କ–୩୬, ଅମ୍ରିତାଂଶୁ ନାୟକ ର୍‍ୟାଙ୍କ–୧୧୦, ପ୍ରିୟଙ୍କା ପ୍ରିୟଦର୍ଶିନୀ ର୍‍ୟାଙ୍କ–୩୮୭, ସନ୍ତୋଷ କୁମାର ପାତ୍ର ର୍‍ୟାଙ୍କ ୪୦୯, ସାଇରାଜ ମିଶ୍ର ର୍‍ୟାଙ୍କ–୫୯୧, ପ୍ରଜ୍ୱଳ ଚୌରାଶିଆ ର୍‍ୟାଙ୍କ ୬୯୪ ହାସଲ କରିଛନ୍ତି। ଭାରତୀୟ ତଥା ଓଡିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୪–୨୫ ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆପ୍ଟି ପ୍ଲସରେ ୨ମାସର ଅତିରିକ୍ତ ଏନ୍‌ସିଇଆରଟି ଫାଉଣ୍ଡେଶନ କୋର୍ସ ସହ ଆଡ୍‌ଭାନ୍ସ ଲେଭଲର ପାଠ୍ୟକ୍ରମ ଦିଆଯାଉଛି। ଆବଶ୍ୟକ ପାଠ୍ୟ ପୁସ୍ତକ, ଲାଇବ୍ରେରି, ହଷ୍ଟେଲ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଏଠାରେ ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥାଏ। ପିଲାଙ୍କୁ ଗୁଣାତ୍ମକ ଶିକ୍ଷାଦାନ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ଆପ୍ଟି ପ୍ଲସ୍ ସଂକଳ୍ପବଦ୍ଧ ବୋଲି ନିର୍ଦ୍ଦେଶକ ଡ. ସାହୁ କହିଛନ୍ତି।

# ପିଇବା ପାଣି ପାଇଁ ଆନ୍ଦୋଳନ

ପୁରୀ,୨୨।୪(ଅଜିତ୍ ମହାନ୍ତି)

ପୁରୀ ସଦର ବ୍ଲକର ମୁକୁନ୍ଦ ମିଶ୍ର ନଗରରେ ପାଣି ସଙ୍କଟ ଦେଖାଦେଇଛି। ଫଳରେ ନଗର ବାସିନ୍ଦା ସୋମବାର ଏ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ବସୁଧା ଯୋଜନାରେ କଲୋନୀର ୬୦ ଭାଗ ଲୋକ ପାଣି ପାଉଥିବାବେଳେ ଅବଶିଷ୍ଟ ୪୦ ଭାଗ ଲୋକ ବଞ୍ଚିତ ହେଉଛନ୍ତି। ଏନେଇ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ନିରାଶ ହେବାକୁ ପଡିଛି। ଯନ୍ତ୍ରୀଙ୍କ ଦ୍ୱାରା ତଦନ୍ତର ୩ ମାସ ପରେ ମଧ୍ୟ କଲୋନୀକୁ ପିଇବା ପାଣିର ସୁବିଧା ହୋଇପାରିନାହିଁ। ଏଥିଯୋଗୁ ଅନେକ ବାସିନ୍ଦା ଜଣ୍ଡିସ୍ ରୋଗରେ ଆକ୍ରାନ୍ତ ହେଲେଣି। ତେଣୁ ତୁରନ୍ତ ପଦକ୍ଷେପ ନେବାକୁ ସାହିବାସିନ୍ଦା ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଯଦି ସମସ୍ୟାର ସମାଧାନ ନ ହୁଏ ତେବେ ମୁକୁନ୍ଦନଗର ଅଧିବାସୀ ଆସନ୍ତା ବିଧାନସଭା ଓ ଲୋକ ସଭା ନିର୍ବାଚନ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ନଗରର ସଭାପତି ଜଗଦାନନ୍ଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପାଢୀ, ସତ୍ୟବ୍ରତ ପଣ୍ଡା, ତପନ ସାହୁ, ପ୍ରଦୀପ କୁମାର ଦାସ, ଯତିନ୍ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଶାସନ ଶୁଣୁନି ଦଳିତ ପରିବାରଙ୍କ ଗୁହାରି

ଅସ୍ତରଙ୍ଗ, ୨୨।୪
(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଅସ୍ତରଙ୍ଗ ବଜାରର ତହସିଲ ଛକଠାରେ ସୋମବାର ଅନେକ ଦଳିତ ପରିବାର ନ୍ୟାୟ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଶାସନ ସେମାନଙ୍କ ଦୁଃଖ ବୁଝୁନାହିଁ କି ଗୁହାରି ଶୁଣୁନାହିଁ ବୋଲି ସେମାନେ ଅଭିଯୋଗ ଆଣିବା ସହ ଅସ୍ତରଙ୍ଗ ପୋଲିସର ତଦନ୍ତ ଉପରେ ପ୍ରଶ୍ନ ଉଠାଇଛନ୍ତି। ସୂଚନା ମୁତାବକ, ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଆଳସାହି ପଞ୍ଚାୟତ ଅଧୀନ ବରାଙ୍ଗ ଗ୍ରାମର ୨୩ ପରିବାର ଏବେ ଦୁଃଖରେ ଦିନ କାଟୁଛନ୍ତି। ଗତ ୫ବର୍ଷ ହେଲା ନିଜ ଜମିରେ ଫସଲ କରୁଛନ୍ତି, କିନ୍ତୁ ଅମଳ କରିପାରୁନାହାନ୍ତି। ସେମାନଙ୍କ ଜମିରୁ କେତେଜଣ ବ୍ୟକ୍ତି ବଳପୂର୍ବକ ଫସଲ କାଟି ନେବା ସହ ମାଟି ଖୋଳି ବିକ୍ରି କରିଦେଉଛନ୍ତି। ଏ ନେଇ ଅସ୍ତରଙ୍ଗ ଥାନାରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ରାଜନୈତିକ ଚାପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଜାତୀୟ ଦଳିତ, ଆଦିବାସୀ ଓ ମାଇନରିଟି ମହାସଂଘର ରାଜ୍ୟ ସଭାପତି ବିଜୟ କୁମାର ସେଠୀ କହିଛନ୍ତି। ତହସିଲ ଛକଠାରେ ବିକ୍ଷୋଭ ଅବସରରେ ଆୟୋଜିତ ସଭାରେ ସେଠୀ ଏହା ପ୍ରକାଶ କରିଛନ୍ତି।



ତହସିଲ ଛକଠାରେ ଜାତୀୟ ଦଳିତ, ଆଦିବାସୀ ଓ ମାଇନରିଟି ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

ଗୋଟିଏ ନମ୍ବରରେ ୪ଟି ଟ୍ରାକ୍ଟର ବ୍ୟବହାର କରି ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମାଟିଚୋରି କରିନେଉଥିବାବେଳେ ୧୨ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ଦଳିତ ପରିବାର ଦାବି କରିଛନ୍ତି। ସେହିପରି ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୋଟ ଗ୍ରାମର ଶଶୀ କାଣ୍ଡି ଓ ତାଙ୍କ ବୋହୂ ଖିଲ୍ଲୀଲତା ରାଉତଙ୍କୁ ଘରେ ପଶି ସମ୍ପୃକ୍ତ ବ୍ୟକ୍ତିମାନେ ନିଘୁଞ୍ଚ ମାଡ଼ ମାରିଥିଲେ। ୧୦ ତାରିଖରେ ଖିଲ୍ଲୀଲତା ଥାନାରେ ଅଭିଯୋଗ କରିଥିବାବେଳେ ଏସ୍‌ଡିପିଓ ପ୍ରଭାତ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ବିଫଳ ହେଉଛି ବୋଲି ରାଜ୍ୟ ସମ୍ପାଦିକା ସୋନିଲତା ସେଠୀ କହିଛନ୍ତି। ତୁରନ୍ତ ୪୦ ଭୂମିହୀନ ଦଳିତ ପରିବାରଙ୍କୁ ପଟା ଯୋଗାଇ ଦିଆଯାଉ। ବଳଭଦ୍ରପୁର ଗ୍ରାମର ଦଳିତ ଲୋକଙ୍କ ଘରେ ଜବରଦସ୍ତ ରହୁଥିବା ମୁଷ୍ଟିମେୟ ଲୋକଙ୍କୁ ବାହାର କରାଯାଉ। ଅସ୍ତରଙ୍ଗ ଓ

## ଅସ୍ତରଙ୍ଗ ପୋଲିସର ତଦନ୍ତ ଉପରେ ଉଠିଲା ପ୍ରଶ୍ନ

କାକଟପୁର ବ୍ଲକର ସମସ୍ତ ଭୂମିହୀନ ଲୋକଙ୍କୁ ଚିହ୍ନଟ କରାଯାଇ ଭୂମିପଟା ଯୋଗାଇ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଏହି ବିକ୍ଷୋଭସ୍ଥଳରେ ଏକ ପ୍ଲାଟୁନ ଫୋର୍ସ ସହ ଚନ୍ଦ୍ରଭାଗା ଥାନାଧିକାରୀ ପ୍ରତିମା ସାହୁ, ରାମଚଣ୍ଡୀ ଥାନାଧିକାରୀ ସୁରେଶ ପୃଷ୍ଟି, କାକଟପୁର ଥାନାଧିକାରୀ ବିଜୟକେତନ ବେହେରା, ନୂଆଗଡ଼ ସାମୁଦ୍ରିକ ଥାନାଧିକାରୀ ଅଚ୍ୟୁତାନନ୍ଦ ବେହେରା, ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ, କାକଟପୁର ଥାନା ଏସ୍‌ଆଇ ଅତସୀ ଜେନା ପ୍ରମୁଖ ବିକ୍ଷୋଭସ୍ଥଳରେ ଉପସ୍ଥିତ ଥିଲେ। ଆନ୍ଦୋଳନସ୍ଥଳରେ ନିମାପଡ଼ା ଉପଖଣ୍ଡ ଅଧିକାରୀ ପ୍ରଭାତ କୁମାର ମଲ୍ଲିକ ପହଞ୍ଚି ଦଳିତ ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ପରେ ଆନ୍ଦୋଳନ ହଟିଥିଲା। ମହାସଂଘ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଏସ୍‌ଡିପିଓଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଉପରୋକ୍ତ ୪ଟି ଘଟଣା ସମ୍ପର୍କରେ ଜିଲାପାଳ ଏବଂ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହିତ ଆଲୋଚନା କରି ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड
(झारखण्ड सरकार का उपक्रम)
का0:अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0, 455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in / mdjsfdc@gmail.com TOLL FREE No. 18008891131

ई–निविदा सूचना संख्या ल0 व0 प0 प0 [के0 प0(पूराना)]–05/2023
वर्ष 2022 एवं पूर्व के मौसमों के राजसात/जप्त एवं अबतक अबिक्रीत "जैसा है जहाँ है" केन्दू पत्ती की बिक्री हेतु ई–निविदा

अतिअल्पकालीन ई–निविदा सूचना

वर्ष 2022 एवं पूर्व के मौसमों के राजसात/जप्त एवं अबतक अबिक्रीत एवं भण्डारित केन्दू पत्ती की प्रचयवार "शुद्ध एक मुश्त राशि" पर "जैसा है जहाँ है" के आधार पर बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्नवत प्राप्त की जायेगी :–

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| उनतीसवाँ चक्र (KL(OLD)/29/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 27.04.2024 / 30.04.2024 | 03.05.2024 |
| तीसवाँ चक्र (KL(OLD)/30/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 04.05.2024 / 08.05.2024 | 10.05.2024 |
| इकतीसवाँ चक्र (KL(OLD)/31/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 13.05.2024 / 17.05.2024 | 20.05.2024 |
| बत्तीसवाँ चक्र (KL(OLD)/32/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 22.05.2024 / 28.05.2024 | 30.05.2024 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन्) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

(1) उप निदेशक (मुख्यालय), राँची, 8789362839 (3) श्री ब्रायन माईल्स, राँची, 9153989368
(2) श्री प्रसून कुमार, FPI, राँची, 9153989366

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0, राँची

PR 323997 Jharkhand State Forest Development Corp Ltd(24-25)#D

## ସଂକ୍ଷେପରେ

### ଦିନକରେ ୨.୫୧ ଲକ୍ଷ ଟଙ୍କା ଗଣିଲେ ଅମାନିଆ
#### କଳାକାଚ ଗାଡ଼ି ଧରପଗଡ

ଭୁବନେଶ୍ୱର,୨୨।୪ (ସୂର୍ଯ୍ୟକାନ୍ତ ବେହେରା)

ନିୟମ ଉଲ୍ଲଂଘନ କରି ଗାଡିରେ କଳାକାଚ ଲଗାଇ ବୁଲୁଥିବା ଅମାନିଆଙ୍କ ବିରୋଧରେ କମିଶନରେଟ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭିନ୍ନ ସ୍ଥାନରେ ଚଢାଉ ଓ ଯାଞ୍ଚ କରାଯାଇ ଜରିମାନା ଆଦାୟ ହୋଇଛି। ଏହାପରେ ବି ଗାଡିର ମାଲିକମାନେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନକୁ ଖୋଲାଖୋଲି ଉଲ୍ଲଂଘନ କରିବା ସହ ପୋଲିସକୁ ଭୟ ନ କରି ଗାଡିରେ କଳାକାଚ ବ୍ୟବହାର କରୁଛନ୍ତି। ଏହି ଧରପଗଡ ସ୍ୱତନ୍ତ୍ର ଡ୍ରାଇଭ ଅଭିଯାନରେ ସୋମବାର ସତ୍ୟନଗର ଓ ନାଲ୍‌କୋ ଛକରେ କମିଶନରେଟ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ବେଳେ କଳାକାଚ ଥିବା ୪୬ଟି ଯାନ ଚିହ୍ନଟ କରାଯାଇ ୧୮୨ (କ) ୪ ଆକ୍ଟ ଅଧୀନରେ ମୋଟ ୨ ଲକ୍ଷ ୫୧ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରାଫିକ ଥାନା-୧ ଦ୍ୱାରା ୨୯ ଏବଂ ଟ୍ରାଫିକ ଥାନା-୨ ଦ୍ୱାରା ୧୭ଟି ଚାରି ଚକିଆ ଯାନ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ସହ ସେସବୁ ଗାଡିରୁ କଳାକାଚ ବାହାର କରାଯାଇଥିଲା। ସେଫ ସିଟି ଡ୍ରାଇଭ ଅଧୀନରେ ଅପରାଧ ତଥା ସାମାଜିକ ବିରୋଧୀ କାର୍ଯ୍ୟକଳାପ ଯାଞ୍ଚ କରିବା ପାଇଁ କମିଶନରେଟ ପୋଲିସ ଓ ଆର୍‌ଟିଓର ମିଳିତ ଉଦ୍ୟମରେ ଏହି ଯାଞ୍ଚ କଡାକଡି କରାଯାଉଥିବା ସୂଚନା ଦିଆଯାଇଛି।

### ଯୁବତୀଙ୍କୁ ପ୍ରତାରଣା, ଟେକ୍ନିସିଆନ ଗିରଫ

ଭୁବନେଶ୍ୱର,୨୨।୪ (ସୂର୍ଯ୍ୟକାନ୍ତ ବେହେରା):

ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଅଭିଯୁକ୍ତ ଟେକ୍ନିସିଆନଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅଞ୍ଚଳର ବିକ୍ରମ ଜୟ ସିଂ (୩୨)। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରିଣୀ ଏୟାରପୋର୍ଟ ଥାନା ଅଞ୍ଚଳରେ ଭଡାରେ ରୁହନ୍ତି। ଗତ ୯ ବର୍ଷ ତଳେ ସେ ଏକ ବେସରକାରୀ ସଂସ୍ଥାରେ କୋ-ଅର୍ଡିନେଟର ଭାବେ ଚାକିରି କରୁଥିବାବେଳେ ଅଭିଯୁକ୍ତ ଜଣକ ଉକ୍ତ ସଂସ୍ଥାରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଯୁବତୀ ଜଣକ ତାଙ୍କ ସମ୍ପର୍କରେ ଆସିଥିଲେ। ଉଭୟଙ୍କ ମଧ୍ୟରେ ବନ୍ଧୁତା ସୃଷ୍ଟି ହେବାର କିଛିଦିନ ପରେ ଅଭିଯୁକ୍ତ ଜଣକ ତାଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ଗତ ୧୭ ମାସ ହେବ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲେ। ଅଭିଯୋଗକାରିଣୀ ତାଙ୍କୁ ବିବାହ କରିବା ଲାଗି ପ୍ରସ୍ତାବ ଦେବାରୁ ଅଭିଯୁକ୍ତ ମନା କରିଦେଇଥିଲେ। ଏପରିକି ଅଭିଯୋଗକାରିଣୀଙ୍କୁ ନାନା ପ୍ରକାର ଧମକଚମକ ଦେଇଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିବା ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

# ଆଜି ବିଏମ୍‌ସି ଘେରିବ ସଫେଇ ସଂଘ

ଭୁବନେଶ୍ୱର, ୨୨।୪ (ବନ୍ଦନା ସେଠୀ)

**ଅଂଶୁଘାତରେ ସଫେଇ କର୍ମଚାରୀଙ୍କ ମୃତ୍ୟୁ ଘଟଣା**

ବିଏମ୍‌ସି ୱାର୍ଡ ନଂ. ୬୪ର ସଫେଇ କର୍ମଚାରୀ ଗୋଲାପ ମାହାରା(୪୦)ଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ସଫେଇ ମଜଦୁର ସଂଘ ଅଭିଯୋଗ କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରି ଆସୁଛି। ଟାଣଖରାରେ କାମ କରିବା ପରେ ଗୋଲାପ ଅସୁସ୍ଥ ହୋଇ ପଡିବା ସହ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପ୍ରତିବାଦରେ ଶନିବାରଠାରୁ ସମ୍ପୃକ୍ତ ୱାର୍ଡରେ ସଫେଇ କାର୍ଯ୍ୟ ବନ୍ଦ ରହିଥିବାବେଳେ ବିଏମ୍‌ସି ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଦାବି କରି ମଙ୍ଗଳବାର ବିଏମ୍‌ସି ଘେରାଉ କରିବ ସଂଘ। ସେହିପରି ଆବଶ୍ୟକ ପଡିଲେ ବୁଧବାରଠାରୁ ବିଏମ୍‌ସିର ସମସ୍ତ ୱାର୍ଡରେ ସାମୂହିକ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ଟାଣ ଖରାରେ କାମ କରିବା କାରଣରୁ କର୍ମଚାରୀମାନେ ଅସୁସ୍ଥ ହୋଇ ପଡୁଛନ୍ତି। ତେଣୁ ସକାଳ ୮ଟା ସୁଦ୍ଧା ସମସ୍ତ କର୍ମଚାରୀ କାମ ସାରି ନିଜ ଘରକୁ ଫେରିବାକୁ ସଂଘ ନିଷ୍ପତ୍ତି ନେଇଛି। ଏଥିସହ ବିଭିନ୍ନ ୱାର୍ଡରେ ହେଉଥିବା ଗଣସଫେଇକୁ ମଧ୍ୟ ବନ୍ଦ ରଖିବାକୁ ଦାବି କରାଯାଇଛି। ଘଟଣା ନେଇ ସଂଘର ସମ୍ପାଦକ ସହଦେବ ନାୟକ କହିଛନ୍ତି, ସଫେଇ କର୍ମଚାରୀଙ୍କୁ ଗଣସଫେଇ ପାଇଁ ଅତି ଟାଣ ଖରାରେ କାମ କରିବା ପାଇଁ ୱାର୍ଡର ସୁପରଭାଇଜର, ସାନିଟାରୀ ଇନ୍ସପେକ୍ଟରମାନେ ବାଧ୍ୟ କରୁଛନ୍ତି। ଏହି କାରଣରୁ ଜଣେ କର୍ମଚାରୀଙ୍କର ମୃତ୍ୟୁ ହୋଇଛି। ତେଣୁ ବିଏମ୍‌ସି ତାଙ୍କ ପରିବାରକୁ କ୍ଷତିପୂରଣ ଦେଉ ବୋଲି ସହଦେବ ଦାବି କରିଛନ୍ତି। ଅପରପକ୍ଷେ ମୃତକଙ୍କ ପରିବାର ଆବଶ୍ୟକ ମେଡିକାଲ ରିପୋର୍ଟ ଦାଖଲ କରିବା ପରେ ଏହାକୁ ଅଂଶୁଘାତଜନିତ ମୃତ୍ୟୁ ଭାବେ ଗ୍ରହଣ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ସଂଘ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ସକାଳ ୯ଟା ପର୍ଯ୍ୟନ୍ତ ଗୋଲାପ ସଫେଇ କାର୍ଯ୍ୟ କରିଥିଲେ। ଏହାପରେ ସେ ଅସୁସ୍ଥ ଅନୁଭବ କରିବାରୁ ଘରକୁ ଯିବାକୁ ସମ୍ପୃକ୍ତ ସୁପରଭାଇଜରଙ୍କୁ କହିଥିଲେ। ମାତ୍ର ତାଙ୍କ ସମେତ ୨୨ ଜଣ ସଫେଇ କର୍ମଚାରୀଙ୍କୁ ୧୦ରୁ ୧୧ଟା ୩୦ ପର୍ଯ୍ୟନ୍ତ ଖଣ୍ଡଗିରିରୁ ଯଦୁପୁର ବାଇପାସ ରାସ୍ତାରେ ସାମୂହିକ ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସଫେଇ ବେଳେ ସେମାନଙ୍କୁ ପାଣି ମଧ୍ୟ ଦିଆଯାଇ ନ ଥିଲା। ଘରକୁ ଫେରିବା ପରେ ଗୋଲାପ ଅସୁସ୍ଥ ଅନୁଭବ କରିଥିଲେ।

## ଯୁବପିଢ଼ିଙ୍କୁ ସଶକ୍ତ କରୁଛି ଟିପିସିଓଡିଏଲ୍‌ର 'ଦକ୍ଷ'




ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଟାଟା ପାୱାର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍) 'ଦକ୍ଷ' କାର୍ଯ୍ୟକ୍ରମ ମାଧ୍ୟମରେ ଓଡିଶାର ଯୁବକଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ପଦକ୍ଷେପ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ କୌଶଳ ତାଲିମ ମାଧ୍ୟମରେ ଗ୍ରାମୀଣ ଯୁବକଙ୍କ ଦକ୍ଷତା ବିକାଶ କରାଯାଉଛି। ୧୨୦ଜଣ ଶିକ୍ଷାର୍ଥୀଙ୍କୁ ନେଇ ପ୍ରଥମ ବ୍ୟାଚ୍ ତାଲିମ କାର୍ଯ୍ୟ ଆରମ୍ଭ ହୋଇଛି। ଏହାର ଉଦ୍‌ଘାଟନୀ ସମାରୋହ ତାଳଚେରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଟ୍ରେନିଂ ଅଫ୍ ଟ୍ରେନରର ଦକ୍ଷ ସ୍କିଲ୍ ଡେଭଲପମେଣ୍ଟ ଆଣ୍ଡ ଏଣ୍ଟରପ୍ରାଇଜରଶିପ୍ ସେଣ୍ଟରରେ ଅନୁଷ୍ଠିତ ହୋଇଯାଇଛି। ଏହା ମାଧ୍ୟମରେ ବିଭିନ୍ନ ଅନୁଷ୍ଠାନରୁ ଯୋଗଦେଇଥିବା କୃତି ପ୍ରଶିକ୍ଷାର୍ଥୀଙ୍କୁ କାର୍ଯ୍ୟକ୍ରମର କାର୍ଯ୍ୟକାରୀ ତଥା ସଂଶ୍ଳିଷ୍ଟ ଏଜେନ୍ସି ମାଧ୍ୟମରେ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଇଛି। ଏହି ଅବସରରେ 'ଦକ୍ଷ' ପ୍ରଶିକ୍ଷାର୍ଥୀଙ୍କର ଏକ ଶିକ୍ଷଣୀୟ ଅନୁଭୂତି ଏବଂ ସଫଳତାର କାହାଣୀକୁ ନେଇ ଏକ ଫଟୋବୁକ୍ ରିଲିଜ୍ କରାଯାଇଛି। ପ୍ରଶିକ୍ଷାର୍ଥୀମାନେ ଫ୍ୟାସିଲିଟି ମ୍ୟାନେଜମେଣ୍ଟ ଓ ପ୍ଲମ୍ବିଂ ଆସିଷ୍ଟାଣ୍ଟ ଭଳି ବିଷୟରେ ତାଲିମ ନେଉଛନ୍ତି। ଏହି ଅବସରରେ ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି, ଆଜିର ପ୍ରତିଯୋଗିତାମୂଳକ ଦୃଶ୍ୟପଟ୍ଟରେ ସଫଳ ହେବା ପାଇଁ ଯୁବପିଢ଼ିଙ୍କୁ ଦକ୍ଷତା ଏବଂ କୌଶଳ ସହିତ ସଶକ୍ତ କରିବାକୁ ଆମେ ଟିପିସିଓଡିଏଲ୍ ମାଧ୍ୟମରେ ଗୁରୁତ୍ୱ ପ୍ରଦାନ କରୁଛୁ।

## ସଫଳତା ମନ୍ତ୍ର ଦେଲେ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ର

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

**ଆପ୍ଟିପ୍ଲସ୍ ପକ୍ଷରୁ କର୍ମଶାଳା**



ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ ସର୍ବଭାରତୀୟ ର୍‍ୟାଙ୍କ-୪୦୯ ହାସଲ କରିଥିବା ଆପ୍ଟି ପ୍ଲସ୍‌ର ଛାତ୍ର ସନ୍ତୋଷ କୁମାର ପାତ୍ରଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ ନିଜର ପ୍ରସ୍ତୁତି ସମୟର ଅଭିଜ୍ଞତା ବାଣ୍ଟିବା ସହ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପ୍ରସ୍ତୁତି ପାଇଁ ସମର୍ପଣ ଭାବ ଓ ଦୃଢ଼ ମନୋବଳ ନେଇ ଉଭୟ ପ୍ରିଲିମିନାରୀ ଓ ମେନ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ସାକ୍ଷାତ୍କାର ପରୀକ୍ଷାରେ ନିଜକୁ ଶାନ୍ତରଖି ବ୍ୟକ୍ତିତ୍ୱର ପରିପ୍ରକାଶ କରିବାକୁ ମତ ଦେଇଥିଲେ। କେଉଁସବୁ ପାଠ୍ୟପୁସ୍ତକ ବ୍ୟବହାର କରି ସେ ସଫଳତା ହାସଲ କରିଥିଲେ ଏବଂ କେଉଁ ତ୍ରୁଟିସବୁ ସୁଧାରିବାର ଅଛି ସେନେଇ ଆଲୋଚନା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁସିଜିତ୍ ସାହୁ ଦିଲ୍ଲୀର ଅଧ୍ୟାପକ ବିବେକ ଟିଭି ଓ ସନ୍ତୋଷ କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସୂଚନା ଥାଉ କି, ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ୨୦୨୩ରେ ସର୍ବଭାରତୀୟସ୍ତରରେ ୧୦୦ ଜଣଙ୍କ ମଧ୍ୟରେ ଆପ୍ଟି ପ୍ଲସର ଛାତ୍ରୀଛାତ୍ର ର୍‍ୟାଙ୍କ-୧, ୧୩, ୧୬, ୨୪, ୩୬, ୬୪, ୭୫, ୮୪ ଓ ୮୬ ହାସଲ କରିଥିବାବେଳେ ଓଡ଼ିଶାରୁ ପ୍ରଜ୍ଞାନନ୍ଦନ ଗିରି ର୍‍ୟାଙ୍କ-୨୪, ଆୟୁଷି ପ୍ରଧାନ ର୍‍ୟାଙ୍କ-୩୬, ଅମିତାଂଶୁ ନାୟକ ର୍‍ୟାଙ୍କ-୧୧୦, ପ୍ରିୟଙ୍କା ପ୍ରିୟଦର୍ଶିନୀ ର୍‍ୟାଙ୍କ-୩୮୭, ସନ୍ତୋଷ କୁମାର ପାତ୍ର ର୍‍ୟାଙ୍କ ୪୦୯, ସାଇରାଜ ମିଶ୍ର ର୍‍ୟାଙ୍କ-୫୯୧, ପ୍ରଜ୍ୱଳ ଚୌରାଶିଆ ର୍‍ୟାଙ୍କ ୬୯୪ ହାସଲ କରିଛନ୍ତି। ଭାରତୀୟ ତଥା ଓଡିଶା ପ୍ରଶାସନିକ ସେବା ପରୀକ୍ଷା ୨୦୨୪-୨୫ ପାଇଁ ପ୍ରସ୍ତୁତି କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆପ୍ଟି ପ୍ଲସରେ ୨ମାସର ଅତିରିକ୍ତ ଏନ୍‌ସିଇଆରଟି ଫାଉଣ୍ଡେଶନ କୋର୍ସ ସହ ଆଡ୍‌ଭାନ୍ସ ଲେଭଲର ପାଠ୍ୟକ୍ରମ ଦିଆଯାଉଛି। ଆବଶ୍ୟକ ପାଠ୍ୟ ପୁସ୍ତକ, ଲାଇବ୍ରେରି, ହଷ୍ଟେଲ ସୁବିଧା ମଧ୍ୟ ପ୍ରଦାନ କରାଯାଉଛି। ଏଠାରେ ଅଭିଜ୍ଞ ଅଧ୍ୟାପିକା ଅଧ୍ୟାପକଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥାଏ। ପିଲାଙ୍କୁ ଗୁଣାତ୍ମକ ଶିକ୍ଷାଦାନ ସହ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଲାଗି ଆପ୍ଟି ପ୍ଲସ୍ ସଂକଳ୍ପବଦ୍ଧ ବୋଲି ନିର୍ଦ୍ଦେଶକ ଡ. ସାହୁ କହିଛନ୍ତି।

### ଓୟୁଏଟିରେ ଷଷ୍ଠ କିସେନ କାନୁନ୍‌ଗୋ ମେମୋରିଆଲ ଲେକ୍‌ଚର

ଭୁବନେଶ୍ୱର,୨୨।୪(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟସ୍ଥିତ ଡ. ଏମ୍. ଏସ୍. ସ୍ୱାମୀନାଥନ ହଲରେ ଷଷ୍ଠ କିସେନ କାନୁନ୍‌ଗୋ ମେମୋରିଆଲ ଲେକ୍‌ଚର ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ବକ୍ତା ଭାବେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ (ଆଇସିଏଆର୍) ନୂଆଦିଲ୍ଲୀର ଉପ ମହାନିର୍ଦ୍ଦେଶକ (ଶିକ୍ଷା) ଡ. ଆର.ସି. ଅଗ୍ରୱାଲ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ରେ କୃଷିଭିତ୍ତିକ ଶିକ୍ଷା ଉପରେ ମତ ରଖିଥିଲେ। କୃଷି କ୍ଷେତ୍ରରେ ପ୍ରଗତି ପାଇଁ କୃଷି ଶିକ୍ଷାରେ ଛାତ୍ରୀଛାତ୍ରଙ୍କ ମନଯୋଗ, ନୂତନ ଗବେଷଣା, ଭୋକେଶନଲ ପାଠ୍ୟକ୍ରମର ପ୍ରୟୋଗ, କ୍ୟାରିୟର ସୁଯୋଗ ସୃଷ୍ଟି ଆଦି ଉପରେ ଧ୍ୟାନ ଦେବାକୁ ହେବ। କୃଷି କ୍ଷେତ୍ରରେ ଛାତ୍ରୀଛାତ୍ର ନାନାଦି ଦିଗରେ ଆଗକୁ ବଢିବାକୁ ହେଲେ ଦକ୍ଷତାର ବିକାଶର ଆବଶ୍ୟକତା ରହିଛି ବୋଲି ଡ. ଅଗ୍ରୱାଲ ମତ ରଖିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଡ଼. କିସେନ କାନୁନଗୋଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କର ଅଷ୍ଟଗୁଣ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହୃଷୀକେଶ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷି ଅର୍ଥନୀତି ବିଭାଗର ମୁଖ୍ୟ ପ୍ରଫେସର ସର୍ବନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଆଲୋଚନାରେ ବନ୍ଦନା କାନୁନଗୋ ଉପସ୍ଥିତ ଥିଲେ।

### ଭୁବନେଶ୍ୱର ବାର୍ ଆସୋସିଏଶନ୍ ନବନିର୍ବାଚିତ ସଭାପତି, ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୨।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ସେଣ୍ଟ୍ରାଲ ଲୟର୍ସ ଆସୋସିଏଶନ୍ ପକ୍ଷରୁ ଭୁବନେଶ୍ୱର ବାର୍ ଆସୋସିଏଶନ୍‌ର ନବନିର୍ବାଚିତ ସଭାପତି କୁନ୍ଦନ ରଥ ଓ ସମ୍ପାଦକ ଦୀପକ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର ସନ୍ଧ୍ୟାରେ ଝାରପଡ଼ା ଦୁର୍ଗା ମଣ୍ଡପରେ ଭୁବନେଶ୍ୱର ସେଣ୍ଟ୍ରାଲ ଲୟର୍ସ ଆସୋସିଏଶନ୍ ସଭାପତି ଅଜୟ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଂଘ ଉପଦେଷ୍ଟା ଶିବ ପ୍ରସାଦ ପତି, ଅଜୟ କୁମାର ଦାସଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସଂଯୁକ୍ତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

ଟାଙ୍ଗୀ,୨୨।୪(ରଘୁନାଥ ସାହୁ)

ଟାଙ୍ଗୀ ସ୍ଥିତ ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ସୁରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର, ମୁଖ୍ୟ ବକ୍ତା ଓଡ଼ଗାଁ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥିଭାବେ ଏବିଇଓ ସାବିତ୍ରୀ ସାହୁ, ସୁଧାଂଶୁ ମଞ୍ଜରୀ ଦେବୀ, ଶିକ୍ଷକ ନେତା ପ୍ରସନ୍ନ କୁମାର ଶ୍ରୀଚନ୍ଦନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉତ୍ତମ ଚରିତ୍ର ଗଠନ ସମ୍ପର୍କରେ ବିଭିନ୍ନ ଉପାଦେୟ ମନ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ମୋନାଲି ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଳମ୍ବିତ ରାତିରେ ଘରେ ପଶି ହାଣିଲେ

ଭୁବନେଶ୍ୱର,୨୨।୪(ସତ୍ୟଜିତ୍ ରାଉତ)

**ଦୁଇ ଭାଇ ଆହତ, ମଞ୍ଚେଶ୍ୱର ଥାନାରେ ଏତଲା**



ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଝରଣା ସାହି 'କ'ରେ ରବିବାର ବିଳମ୍ବିତ ରାତିରେ ୧୨ଜଣ ଦୁର୍ବୃତ୍ତ ଆତଙ୍କ ଖେଳାଇଛନ୍ତି। ସେମାନେ ଘରେ ପଶି ଜଣେ ଯୁବକଙ୍କୁ କାଠଫାଳିଆ ଓ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଏହାକୁ ବିରୋଧ କରିବାରୁ ସାନ ଭାଇଙ୍କୁ ମଧ୍ୟ ପଥର ଛେଚି ହତ୍ୟା ଉଦ୍ୟମ କରିଛନ୍ତି। ଆହତମାନେ ହେଲେ ସୋମନାଥ ନାୟକ ଓରଫ ବିନୋଦ ଓ ତାଙ୍କ ସାନଭାଇ ରାଜେଶ ନାୟକ। ଏହି ଆକ୍ରମଣରେ ସୋମନାଥଙ୍କ ମୁଣ୍ଡ ଓ କାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେହିପରି ରାଜେଶଙ୍କ କାନରେ ମଧ୍ୟ କ୍ଷତ ସୃଷ୍ଟି ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ରାଜେଶ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ପୂର୍ବ ଶତ୍ରୁତା କାରଣରୁ ରବିବାର ରାତିରେ ବିନୋଦଙ୍କର ଜଣେ ସାଙ୍ଗଙ୍କୁ ମାରିବାକୁ ଅଭିଯୁକ୍ତମାନେ ଚକେଇସିଆଣିରେ ଜଗି ରହିଥିଲେ। ସେଠାରେ ବିନୋଦ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଘଟଣାସ୍ଥଳରୁ ନେଇ ଆସିଥିଲେ। ଫଳରେ ବିନୋଦଙ୍କ ଉପରେ ଅଭିଯୁକ୍ତମାନଙ୍କର ରାଗ ରହିଥିଲା। ସେମାନେ ବିନୋଦଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବାକୁ ଯୋଜନା କରିଥିଲେ। ବିଳମ୍ବିତ ରାତି ପ୍ରାୟ ୧ଟାରେ ଅଭିଯୁକ୍ତମାନେ ଖଣ୍ଡା ଓ କାଠଫାଳିଆ ଧରି ଝରଣା ସାହି (କ)ସ୍ଥିତ ବିନୋଦଙ୍କ ଘରେ ଆସି ଗଣ୍ଡଗୋଳ କରିଥିଲେ। ସେମାନେ ବିନୋଦଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ତେବେ ଅଭିଯୁକ୍ତମାନେ ଆତଙ୍କ ଘଟାଇ ଫେରିବା ସମୟରେ ଅଭିଯୋଗକାରୀଙ୍କ ଘରୁ ଗୋଟିଏ ମୋବାଇଲ ଓ ୩ ହଜାର ଟଙ୍କା ବଳପୂର୍ବକ ନେଇଯାଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ୨୦ ଗ୍ରାମ୍ ବ୍ରାଉନସୁଗାର ଜବତ, ଅଭିଯୁକ୍ତ ଗିରଫ

ବାରଙ୍ଗ,୨୨।୪(ଲିଙ୍ଗରାଜ ରାଉତ)

ବେଆଇନ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ନନ୍ଦନକାନନ ଥାନା ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ଖୋର୍ଦ୍ଧା ଦଳେଇପୁଟ ଗାଁର ପ୍ରଭାତ ସାମନ୍ତସିଂହାର। ପ୍ରଭାତଙ୍କଠାରୁ ପୋଲିସ ୨୦ ଗ୍ରାମ୍ ଓଜନର ବ୍ରାଉନ ସୁଗାର, ଏକ ମୋବାଇଲ, ଏକ ବାଇକ୍ ଏବଂ ୩୮୦ ଟଙ୍କା ଜବତ କରିଛି। ପୋଲିସ ଏନେଇ ୧୦୭/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନନ୍ଦନକାନନ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ବଟାନିକାଲ ଗାର୍ଡେନ ଛକ ନିକଟରେ ଅତର୍କିତ ଚଢ଼ାଉ କରି ପ୍ରଭାତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ପଚରାଉଚରା ସମୟରେ ପ୍ରଭାତ ବ୍ରାଉନସୁଗାର ବ୍ୟବସାୟ କରୁଥିବା ନେଇ ସ୍ୱୀକାର କରିଥିଲେ।

## କାନପୁରରେ ମାଇପି ମେଳା

**ଗୁହାରିଆ ପଡ଼ିଲେ ମନସ୍କାମନା ପୂରଣ ହେବାର ରହିଛି ବିଶ୍ୱାସ**

ଚାରିଛକ,୨୨।୪(ଶିଶିର ସ୍ୱାଇଁ)



ନିମାପଡ଼ା ବ୍ଲକ ଛଣିଜଙ୍ଗ ପଞ୍ଚାୟତ କାନପୁରସ୍ଥ ବଟ ଗୋସାଇଁ ମାଇପି ମେଳା ଚୈତ୍ର ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ସୋମବାର ଅନୁଷ୍ଠିତ ହୋଇଯାଇଛି। କମିଟି ଚେୟାରମ୍ୟାନ ଆଇନଜୀବୀ ସୁଧୀର ମହାନ୍ତି ଏଥିରେ ତତ୍ତ୍ୱାବଧାନ କରିଥିଲେ। ଏହି ମେଳାର ନାମ କାହିଁ କେଉଁ କାଳରୁ ମାଇପି ମେଳା ନାମରେ ପରିଚିତ। ବିଭିନ୍ନ ସ୍ଥାନରୁ ମାନସିକଧାରୀ ରାତିରୁ ଆସି ବଟ ଗୋସେଇଁ ପୀଠରେ ଗୁହାରିଆ ପଡ଼ିଥାନ୍ତି। ବଟ ଗୋସାଇଁଙ୍କ ପାଖରେ ମାନସିକ କରି ଗୁହାରିଆ ପଡ଼ିଲେ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ମାନସିକଧାରୀଙ୍କ ମନସ୍କାମନା ପୂରଣ ହେଉଥିବାରୁ ମହିଳା ଶ୍ରଦ୍ଧାଳୁ ମାନସିକ ରଖି ପୀଠରେ ଗୁହାରିଆ ପଡ଼ିଥାଆନ୍ତି ବୋଲି ପୂଜକ ବାଉରିବନ୍ଧୁ ପଣ୍ଡା, ଦୀପକ ଦାଶ ଏବଂ ଦାମୋଦର ପଣ୍ଡା ପ୍ରମୁଖ ପ୍ରକାଶ କରିଛନ୍ତି। ଏଠାରେ ବନବିହାରୀ ବୃକ୍ଷ ସହିତ, ହୁଙ୍କା, କଠଉ ଏବଂ ନିରାକାର ବିଷ୍ଣୁଙ୍କୁ ପୂଜା କରାଯାଇଥାଏ। ଶିଶୁର କଲ୍ୟାଣ ପାଇଁ ପୀଠରେ ମୁଣ୍ଡନ ମଧ୍ୟ କରାଯାଇଥାଏ ବୋଲି ଶ୍ରଦ୍ଧାଳୁ ମନୋରମା ସାହୁ, ସ୍ନେହମୟୀ ପାତ୍ର, ମନସ୍ୱିନୀ ସ୍ୱାଇଁ ଏବଂ ମୀନଲତା ପ୍ରଧାନ ପ୍ରମୁଖ କହିଛନ୍ତି। ମେଳାର ପୂର୍ବଦିନ ରାତିରୁ ମାନସିକ ଧାରୀମାନେ ଏକତ୍ରିତ ହୋଇଥିଲେ। ସୋମବାର ସୂର୍ଯ୍ୟୋଦୟ ପୂର୍ବରୁ ମାନସିକଧାରୀ ନିକଟ ପୁଷ୍କରିଣୀରେ ସ୍ନାନ କରି ନୂତନ ବସ୍ତ୍ର ପରିଧାନ କରି ଗୁହାରିଆ ପଡ଼ିଥିଲେ। ମଧ୍ୟାହ୍ନରେ ପୂଜକମାନେ ଜଳ ତୁଳସୀ ଏବଂ ପଣା ଦେଇ ମାନସିକ ଭାଙ୍ଗିଥିଲେ। ଏହି ମେଳାରେ ବିଭିନ୍ନ ଅଞ୍ଚଳରୁ ୧୨୦ ମାନସିକଧାରୀ ଆସି ଅଧିଆ ପଡ଼ିଥିଲେ। ଏଠାରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମାନସିକ ଶ୍ରଦ୍ଧାଳୁ ଭୋଗ କରିବା ସହ, ଧୂପ ଦୀପ ଜାଳି ବାନା ବାନ୍ଧିଥିଲେ। ଜନ ଗହଳିକୁ ଲକ୍ଷ୍ୟ ରଖି କମିଟି ପକ୍ଷରୁ ଓ ଚାରିଛକ ଥାନା ପକ୍ଷରୁ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରୁ ସ୍ୱତନ୍ତ୍ର ଟିମ୍ ଆସିଥିଲେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେଲ୍ଫ ଏମ୍‌ପାୱାରମେଣ୍ଟ' ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ରହି ସେବା ଯୋଗାଇ ଦିଆଯାଇଥିଲା। ଶ୍ରୀଶ୍ରୀ ବଟଗୋସେଇଁ ଫାଉଣ୍ଡେସନ ଟ୍ରଷ୍ଟ ଅଧ୍ୟକ୍ଷ ଗୋପବନ୍ଧୁ ଲେଙ୍କା, ସମ୍ପାଦକ ରଞ୍ଜିତ ସାହୁ, କୋଷାଧ୍ୟକ୍ଷ ଭାସ୍କର ସ୍ୱାଇଁ, ସଭ୍ୟ ଆଇନଜୀବୀ ରଞ୍ଜିତ କେଶରୀ ସାହୁ, ସଭ୍ୟ ଭରତ ପ୍ରଧାନ, ଛବିଳ ପ୍ରଧାନ, ଯୁଧିଷ୍ଠିର ବାରିକ୍, ସମନା ଭୋଇ, ଗଙ୍ଗାଧର ଲେଙ୍କା, ବାମଦେବ ବେହେରା, ବଦ୍ରି ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ। ମେଳାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଟ୍ରଷ୍ଟ ପକ୍ଷରୁ ଶ୍ରଦ୍ଧାଳୁଙ୍କ ନିମନ୍ତେ ଖେଚୁଡ଼ି ଏବଂ ଦହିପଣାର ବ୍ୟବସ୍ଥା କରାଯାଇଥିଲା।


**झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड**
**(झारखण्ड सरकार का उपक्रम)**
का0:अपर प्रधान मुख्य वन संरक्षक–सह–प्रबन्ध निदेशक, झारखण्ड राज्य वन विकास निगम लि0,
455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in / mdjsfdc@gmail.com TOLL FREE No. 18008891131

ई–निविदा सूचना संख्या ल0 व0 प0 प0 [के0 प0(पुराना)]–05/2023
वर्ष 2022 एवं पूर्व के मौसमों के राजसात/जप्त एवं अबतक अबिक्रीत "जैसा है जहाँ है" केन्दू पत्ती की बिक्री हेतु ई–निविदा

**अतिअल्पकालीन ई–निविदा सूचना**

वर्ष 2022 एवं पूर्व के मौसमों के राजसात/जप्त एवं अबतक अबिक्रीत एवं भण्डारित केन्दू पत्ती की प्रचयवार "शुद्ध एक मुश्त राशि" पर "जैसा है जहाँ है" के आधार पर बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्नवत प्राप्त की जायेगी :–

| निविदा चक्र (निविदा रेफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| उनतीसवाँ चक्र (KL(OLD)/29/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 27.04.2024/30.04.2024 | 03.05.2024 |
| तीसवाँ चक्र (KL(OLD)/30/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 04.05.2024/08.05.2024 | 10.05.2024 |
| इकतीसवाँ चक्र (KL(OLD)/31/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 13.05.2024/17.05.2024 | 20.05.2024 |
| बत्तीसवाँ चक्र (KL(OLD)/32/2023) | प्रारम्भ 11.00 बजे पूर्वा0/अन्त 5.00 बजे अप0 | 22.05.2024/28.05.2024 | 30.05.2024 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेजों की एक–एक प्रति निविदादाता निविदा खुलने की तिथि के एक दिन पूर्व (11.00 बजे पूर्वाहन) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–

(1) उप निदेशक (मुख्यालय), राँची, 8789362839 (3) श्री ब्रायन माईल्स, राँची, 9153989368
(2) श्री प्रसून कुमार, FPI, राँची, 9153989366

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0, राँची

PR 323997 Jharkhand State Forest Development Corp Ltd(24-25)#D



ନବରଙ୍ଗପୁର ଲୋକ ସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ପ୍ରଦୀପ ମାଝି ସୋମବାର ଜିଲାପାଳ ତଥା ରିଟର୍ନିଂ ଅଧିକାରୀ କମଳଲୋଚନ ମିଶ୍ରଙ୍କ ନିକଟରେ ନାମାଙ୍କନ ଦାଖଲ କରୁଛନ୍ତି।



କୋରାପୁଟ ଉପଜିଲାପାଳ ବେଣୁଧର ଶବରଙ୍କ ନିକଟରେ ଜୟପୁର ବିଧାନସଭାର କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ସୋମବାର ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

# ସ୍ୱାମୀଙ୍କୁ ଲୋକ ସଭା, ସ୍ତ୍ରୀଙ୍କୁ ବିଧାନସଭା ଟିକେଟ

## ବାଙ୍ଗିରିପୋଷିରେ ବିଜେଡି ପରିବାର ରାଜନୀତିକୁ ନେଇ ବଢ଼ିଲା ଚର୍ଚ୍ଚା



ସୁଦାମ ମାର୍ଣ୍ଡି



ରଞ୍ଜିତା ମାର୍ଣ୍ଡି

**ବାରିପଦା, ୨୨।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ରାଜନୀତିରେ ରୋଚକ ଘଟଣା ନଜରକୁ ଆସିଛି। ବିଜେଡି ପକ୍ଷରୁ ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ଲୋକ ସଭା ପାଇଁ ଟିକେଟ ମିଳିଥିବା ବେଳେ ବାଙ୍ଗିରିପୋଷି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ତାଙ୍କ ସ୍ତ୍ରୀ ରଞ୍ଜିତା ମାର୍ଣ୍ଡିଙ୍କୁ ପ୍ରାର୍ଥୀ କରାଯାଇଛି। ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ବିଜେଡି ଗୋଟିଏ ପରିବାରରୁ ୨ ଜଣଙ୍କୁ ଟିକେଟ ଦେଇ ନ ଥିବା ବେଳେ ବାଙ୍ଗିରିପୋଷିରେ ପରିବାର ରାଜନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅନେକ ବରିଷ୍ଠ ନେତାଙ୍କୁ ଟିକେଟ ମିଳୁ ନ ଥିବା ବେଳେ ମୟୂରଭଞ୍ଜ ଜିଲାରେ ଏହାର ପ୍ରଭାବ ଭିନ୍ନ ଧରଣର ହୋଇଛି।

ମୟୂରଭଞ୍ଜ ଜିଲାରେ ସୁଦାମଙ୍କ ପ୍ରଭାବ ରହିଛି। ଗୋଷ୍ଠୀ ବିବାଦକୁ ସମାଧାନ କରି ସଙ୍ଗଠନକୁ ମଜବୁତ କରିବାରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବାଙ୍ଗିରିପୋଷି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ସ୍ତ୍ରୀ ରଞ୍ଜିତାଙ୍କୁ ପ୍ରାର୍ଥୀ କରାଇବାରେ ସେ ନିଜ ହକ୍ ଜାହିର କରିବାରେ ସକ୍ଷମ ହୋଇଛନ୍ତି। ୧୯୯୦ରୁ ଅଦ୍ୟାବଧି ୫ଥର ବିଧାୟକ ଓ ଥରେ ଏମ୍‌ପି ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କୁ ଲୋକସଭା ପ୍ରାର୍ଥୀ କରାଯିବା ପରେ ବାଙ୍ଗିରିପୋଷି ଆସନକୁ ନେଇ ବିଚାର ବିମର୍ଷ ଜାରି ରହିଥିଲା। ତେବେ ସୁଦାମଙ୍କ ସାଙ୍ଗଠନିକ ଦକ୍ଷତାକୁ ଦେଖି ସ୍ତ୍ରୀ ରଞ୍ଜିତାଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଥିବା ଦଳୀୟ କର୍ମୀମାନେ କହୁଛନ୍ତି। ତେବେ ଗୋଟିଏ ପରିବାରରୁ ସ୍ତ୍ରୀ,ସ୍ୱାମୀଙ୍କୁ ଟିକଟ ମିଳିବାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧୁଛି। ଦୀର୍ଘ ଦିନ ଧରି ଦଳରେ ରହି କାର୍ଯ୍ୟ କରିବା ପରେ ମଧ୍ୟ ଦଳ ପ୍ରାଧାନ୍ୟ ଦେଉ ନ ଥିବାରୁ କେତେକଙ୍କଠାରେ ନିରାଶାଭାବ ଦେଖାଦେଇଛି। ତେବେ ଜିଲାର ମୋଟ ୯ ବିଧାନସଭା ଆସନ ମଧ୍ୟରୁ ୪ଟିରେ ମହିଳା ପ୍ରାର୍ଥୀ ଦେଇ ବିଜେଡି ମହିଳାଙ୍କ ପ୍ରତି ଗୁରୁତ୍ୱ ଦେଇଥିବା ସ୍ପଷ୍ଟ ହୋଇଛି।

### ଶିକ୍ଷୟିତ୍ରୀରୁ ରାଜନୀତି

ଶିକ୍ଷକତାରୁ ଅବସର ଗ୍ରହଣ କରି ରାଜନୀତିରେ ପାଦ ଥାପିଛନ୍ତି ରଞ୍ଜିତା ମାର୍ଣ୍ଡି। ଦୀର୍ଘ ୩୦ବର୍ଷ ହେଲା ସ୍ୱାମୀଙ୍କୁ ରାଜନୀତି କ୍ଷେତ୍ରରେ ସେ ସହଯୋଗ କରି ଆସିଛନ୍ତି। ତାଙ୍କ ବାପ ଘରଠାରୁ ଆରମ୍ଭ କରି ଶାଶୁ ଘର ପର୍ଯ୍ୟନ୍ତ ସମସ୍ତେ ରାଜନୈତିକ ପରିବାରର। ରଞ୍ଜିତାଙ୍କ ବାପା ସରପଞ୍ଚ ଥିବା ବେଳେ ସ୍ୱାମୀ ସୁଦାମ ମନ୍ତ୍ରୀ, ନଣନ୍ଦ ସମିତି ସଭ୍ୟା ଓ ଦିଅର ବାଙ୍ଗିରିପୋଷି ବ୍ଲକ ଅଧ୍ୟକ୍ଷ ଭାବେ ରହି ଆସିଛନ୍ତି। ପରିବାର ଲୋକେ ରାଜନୀତିକୁ ଆପଣାଇ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ରାଜନୀତିକୁ ଆସିବାକୁ ଇଚ୍ଛା ପ୍ରକାଶ କରି ୨ ମାସ ପୂର୍ବେ ରଞ୍ଜିତା ଚାକିରିରୁ ଅବସର ଗ୍ରହଣ କରିଥିଲେ। ପୂର୍ବରୁ ଦଳୀୟ ଟିକେଟ ଚୂଡ଼ାନ୍ତ ହେବା ଜାଣି ବିଧାନସଭା କ୍ଷେତ୍ରରେ ଭୋଟରଙ୍କ ନିକଟତର ମଧ୍ୟ ହେଉଥିଲେ। ପ୍ରାର୍ଥୀ ଘୋଷଣା ପରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମହିଳାଙ୍କୁ ସମ୍ମାନ ଦେଇଚାଲିଛନ୍ତି। ତାଙ୍କୁ ଟିକଟ ଦେଇ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି ତାହାକୁ ସୂଚାରୁ ରୂପେ ତୁଲାଇବାକୁ ଚେଷ୍ଟା କରିବେ ବୋଲି ରଞ୍ଜିତା କହିଛନ୍ତି।

# ୭ମ ପର୍ଯ୍ୟାୟରେ ଛିଡ଼ିଲା ବିଜେଡିର ହିନ୍ଦୋଳ ଅଙ୍କ
# ଏମ୍‌ପି ମହେଶ ବିଧାୟକ ପ୍ରାର୍ଥୀ

**ଢେଙ୍କାନାଳ,୨୨।୪(ରତନ ନାୟାର)**

ଢେଙ୍କାନାଳ ଜିଲା ହିନ୍ଦୋଳ(ସଂରକ୍ଷିତ) ବିଧାନସଭା ଆସନ ପାଇଁ ସୋମବାର ୭ମ ପର୍ଯ୍ୟାୟରେ ବିଜେଡି ପ୍ରାର୍ଥୀ ଘୋଷଣା କରିଛି। ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କୁ ଦଳ ହିନ୍ଦୋଳରୁ ବିଧାୟକ ପ୍ରାର୍ଥୀ କରିଛି। ସୋମବାର ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିବା ପରେ ଏହି ଆସନକୁ ନେଇ ଦୀର୍ଘଦିନ ଧରି ଚାଲିଥିବା ବିଜେଡିର ଅଙ୍କକଷା ଶେଷରେ ଛିଣ୍ଡିଥିବା କୁହାଯାଉଛି। ତେବେ ଦଳର ଏପରି ନିଷ୍ପତ୍ତି ହିନ୍ଦୋଳ ବିଧାୟିକା ତଥା ଟିକେଟ୍ ଆଶାୟୀ ସୀମାରାଣୀ ନାୟକଙ୍କୁ ନିରାଶ କରିଥିବା ବେଳେ ମହେଶଙ୍କ ସମର୍ଥକମାନଙ୍କୁ ଆନନ୍ଦିତ କରିଛି।

ପ୍ରକାଶ ଯେ, ମହେଶ ୧୯୯୫ରୁ ୨୦୦୯ ଯାଏ ତାଳଚେର ବିଧାନସଭା ଆସନରୁ ଭାଜପା ବିଧାୟକ ରହିଥିଲେ। ୨୦୦୯ରେ ବିଧାନସଭା ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ସେ ବିଜେଡିରେ ଯୋଗଦେଇ ତାଳଚେରରୁ ପ୍ରାର୍ଥୀ ହୋଇଥିଲେ ହେଁ ବିଜୟୀ ହୋଇପାରି ନ ଥିଲେ। ୨୦୧୪ରେ ବିଜେଡି ଟିକେଟ୍‌ରେ ସେ ପାଲଲହଡା ବିଧାୟକ ଓ ୨୦୧୯ରେ ଢେଙ୍କାନାଳ ଏମ୍‌ପି ହୋଇଥିଲେ। ହେଲେ ଚଳିତ ନିର୍ବାଚନରେ ଦଳ ତାଙ୍କୁ ଢେଙ୍କାନାଳରୁ ଆଉ ଏମ୍‌ପି ପ୍ରାର୍ଥୀ କରି ନ ଥିବା ବେଳେ ହିନ୍ଦୋଳ ଆସନରେ ପ୍ରାର୍ଥୀ ଘୋଷଣାକୁ ଏଯାଏ ଝୁଲାଇ ରଖିଥିଲା। ଫଳରେ ମହେଶଙ୍କୁ ହିନ୍ଦୋଳରେ ଦଳ ଥଇଥାନ କରିପାରେ ବୋଲି ଚର୍ଚ୍ଚା ଚାଲିଥିଲା। ବିଧାୟକ ପ୍ରାର୍ଥୀ ଘୋଷଣା ପରେ ମହେଶ କହିଛନ୍ତି, ତାଙ୍କ ଉପରେ ବିଶ୍ୱାସ ରଖିଥିବାରୁ ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କୁ କୃତଜ୍ଞତା ଜଣାଉଛି। ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସ ଓ ହିନ୍ଦୋଳବାସୀଙ୍କ ଅନାବିଳ ସ୍ନେହକୁ ଆଧାର କରି ଆଗକୁ ଚାଲିବି।



ମହେଶ ସାହୁ

## ବିଜେଡି ଛାଡ଼ିଲେ ସୀମାରାଣୀ

### ଭାଜପାରେ ଯୋଗଦେବା ସମ୍ଭାବନା

**ଢେଙ୍କାନାଳ,୨୨।୪(ରତନ ନାୟାର)**

ହିନ୍ଦୋଳ ବିଧାନସଭା ଆସନ ପାଇଁ ବିଜେଡି ପକ୍ଷରୁ ମହେଶ ସାହୁଙ୍କ ନାମ ଘୋଷଣା କରାଯିବା ପରେ ଟିକେଟ୍ ଆଶାୟୀ ଥିବା ୨ ଥରର ବିଧାୟିକା ସୀମାରାଣୀ ନାଏକ ନିରାଶ ହୋଇ ଦଳରୁ ଇସ୍ତଫା ଦେଇଛନ୍ତି। ଉକ୍ତ ଇସ୍ତଫାପତ୍ରରେ ସେ ବ୍ୟକ୍ତିଗତ କାରଣ ଯୋଗୁ ଏଭଳି ନିଷ୍ପତ୍ତି ନେଇଥିବା ଉଲ୍ଲେଖ କରିଛନ୍ତି। ତେବେ ସୀମାରାଣୀ କହିଛନ୍ତି, ଦଳ ତାଙ୍କ ଉପରେ ଭରସା କଲାନାହିଁ। ତେଣୁ ବିଜେଡିରେ ରହି ଆଉ ଲାଭ କ'ଣ। ଭାଜପା ନେତାମାନଙ୍କ ସହ ଆଲୋଚନା କରୁଛି, ଯାହା ନିଷ୍ପତ୍ତି ହେବ ଭବିଷ୍ୟତ କହିବ। ସୂଚନାଯୋଗ୍ୟ, କଂଗ୍ରେସରୁ ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିବା ସୀମାରାଣୀ ବିଜେଡିରେ ମିଶି ୨୦୧୪ ଓ ୨୦୧୯ରେ ହିନ୍ଦୋଳରୁ ବିଧାୟିକା ନିର୍ବାଚିତ ହୋଇଥିଲେ।



ସୀମାରାଣୀ ନାଏକ

# ଟିକେଟକୁ ନେଇ କଂଗ୍ରେସ ଭବନରେ ଅସନ୍ତୁଷ୍ଟଙ୍କ ହୋହଲ୍ଲା



ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟଠାରେ ଟିକେଟ ବଣ୍ଟନକୁ ନେଇ ଅସନ୍ତୁଷ୍ଟ କର୍ମୀମାନେ ହୋହଲ୍ଲା କରୁଛନ୍ତି।

**ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)**

ସବୁ ରାଜନୈତିକ ଦଳରେ ବର୍ତ୍ତମାନ ଟିକେଟ ବଣ୍ଟାକୁ ନେଇ ଗଣ୍ଡଗୋଳିଆ ପରିସ୍ଥିତି ଲାଗି ରହିଛି। କଂଗ୍ରେସରେ ଟିକେଟ ବଣ୍ଟନ ନେଇ ସୋମବାର ଦଳୀୟ କାର୍ଯ୍ୟାଳୟ ଭିତରେ ପ୍ରବଳ ହୋହଲ୍ଲା ପରିସ୍ଥିତି ଦେଖିବାକୁ ମିଳିଛି। ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ଯାହାକୁ ପ୍ରାର୍ଥୀ କରାଯାଇଛି, ତାଙ୍କୁ ବଦଳାଇବା ପାଇଁ ଅନ୍ୟ ଗୋଷ୍ଠୀର ଶତାଧିକ କର୍ମୀ ଆସି କଂଗ୍ରେସଭବନ ଭିତରେ ଧସେଇ ପଶିଥିଲେ। ସେହିପରି ବୀରମହାରାଜପୁର, ମଧ୍ୟ ଭୁବନେଶ୍ୱର ଏବଂ କନ୍ଧମାଳ ଜିଲାର କିଛି ଆସନରୁ ବିଦ୍ରୋହୀମାନେ ଆସି ଦଳରେ ଟିକେଟ ବିକ୍ରି କରାଯାଇଥିବା ଅଭିଯୋଗ କରିଥିଲେ। ଏହି ସମୟରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ଗେଟ୍ ବାହାରେ ତାଲା ପକାଇ ରଖାଯାଇଥିଲା। ଏହି ସମୟରେ ବିଦ୍ରୋହୀମାନେ ପ୍ରବଳ ପାତିତୁଣ୍ଡ କରୁଥିବାର ଦେଖିବାର ମିଳିଥିଲା।

# ଭାଜପାରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା

**ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)**

କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ବିଜେଡି ପରିତ୍ୟାଗ କରି ସୋମବାର ଆନୁଷ୍ଠାନିକ ଭାବେ ନିଜ ଶତାଧିକ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଛନ୍ତି। ଗୀତାଞ୍ଜଳିଙ୍କ ସହ କେନ୍ଦ୍ରାପଡା ଜିଲା ବିଜେଡି ନେତା ନାରାୟଣ ନାୟକ, ପ୍ରଦୀପ କୁମାର ସେଠୀ, ପ୍ରମୋଦ କୁମାର ସେଠୀ, ନିରୁପମା ଦାସ, କବିର ସିଂହ, ପୁଷ୍ପଲତା ମହାନ୍ତି, ଶିବାନୀ ମହାପାତ୍ର, ବିଶ୍ୱଜିତ ରାଉତ, କେନ୍ଦ୍ରାପଡା ବ୍ଲକ ସାଧାରଣ ସମ୍ପାଦକ ମାନସ ରଞ୍ଜନ ପରିଡା, ରାଜେନ୍ଦ୍ର ନାୟକ ଆନୁଷ୍ଠାନିକଭାବେ ଭାଜପାରେ ଯୋଗଦେଇଛନ୍ତି। ସେହିପରି କଳାହାଣ୍ଡି ଜୁନାଗଡ ନିର୍ବାଚନମଣ୍ଡଳୀର ବରିଷ୍ଠ ଓକିଲ ସୁଶୀଲ କୁମାର ପଣ୍ଡା ମଧ୍ୟ ଆନୁଷ୍ଠାନିକଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂହ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ସାଂସଦ ଜୁଏଲ ଓରାମ ପ୍ରମୁଖ ନୂତନ ସଦସ୍ୟଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଛନ୍ତି।



ଗୀତାଞ୍ଜଳି ସେଠୀ

# ଭାଜପା ସଂକଳ୍ପ ପତ୍ରର ଓଡ଼ିଆ ସଂସ୍କରଣ ଉନ୍ମୋଚିତ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର 'ଭାଜପାର ସଂକଳ୍ପ ପତ୍ର-୨୦୨୪ 'ମୋଦିଙ୍କ ଗ୍ୟାରେଣ୍ଟି'ର ଓଡ଼ିଆ ସଂସ୍କରଣକୁ ଦଳୀୟ ବରିଷ୍ଠ ନେତୃବୃନ୍ଦ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)**

'ରିଫର୍ମ-ପରଫର୍ମ-ଟ୍ରାନ୍ସଫର୍ମ'କୁ ମୂଳମନ୍ତ୍ର ଏବଂ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସକୁ ଆଧାର କରି ମୋଦି ସରକାର 'ସୁରକ୍ଷିତ ଭାରତ ସମୃଦ୍ଧ ଭାରତ' ଗଠନ ପାଇଁ ସଂକଳ୍ପବଦ୍ଧ। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ଦେଶବାସୀଙ୍କୁ ଦିଆଯାଇଥିବା ୨୩୫ଟି ପ୍ରତିଶ୍ରୁତି ମଧ୍ୟରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୨୨ଟି ପ୍ରତିଶ୍ରୁତି ପାଳନ କରିଛନ୍ତି। ମୋଦି ସରକାରଙ୍କ ଗତ ୧୦ ବର୍ଷର ବିଶ୍ୱସନୀୟତା ଏବଂ ଆଗାମୀ ୫ ବର୍ଷରେ ଦେଶର ବିକାଶ ଯାତ୍ରାକୁ ତ୍ୱରାନ୍ୱିତ କରି ବିକଶିତ ରାଷ୍ଟ୍ର ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ଭାଜପା ତରଫରୁ 'ଭାଜପାର ସଂକଳ୍ପ ପତ୍ର-୨୦୨୪ 'ମୋଦିଙ୍କ ଗ୍ୟାରେଣ୍ଟି' ପ୍ରକାଶ ପାଇଛି। ଏହି ସଂକଳ୍ପ ପତ୍ରର ଓଡ଼ିଆ ସଂସ୍କରଣକୁ ସୋମବାର ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ କରାଯାଇଛି। ଏହି ଅବସରରେ ମନମୋହନ ସାମଲ କହିଛନ୍ତି, ସୋସିଆଲ, ଫିଜିକାଲ୍ ଓ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରାଯିବା ଲକ୍ଷ୍ୟରେ ଏହି ସଂକଳ୍ପ ପତ୍ର 'ବିକଶିତ ଭାରତ ଏବଂ ବିକଶିତ ଓଡ଼ିଶା ଗଠନ'ରେ 'ବୁଷ୍ଟର' ସଦୃଶ ହେବ। ଏହି ସଂକଳ୍ପପତ୍ର ଓଡ଼ିଆ ଭାଷାରେ ପ୍ରକାଶ ପାଇଥିବାରୁ ରାଜ୍ୟବାସୀ ମୋଦି ଗ୍ୟାରେଣ୍ଟି ସମ୍ପର୍କରେ ଆହୁରି ଅଧିକ ଜାଣିବାରେ ସକ୍ଷମ ହେବେ। ବର୍ତ୍ତମାନ ଦେଶର ୮୦ କୋଟିରୁ ଅଧିକ ନାଗରିକ ମାଗଣା ରାଶନ ପାଉଛନ୍ତି, ୫୦ କୋଟିରୁ ଅଧିକ ନାଗରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଯୋଗଦେଇଛନ୍ତି। ଏହିଭଳି ଅନେକ କାର୍ଯ୍ୟ ହୋଇଛି, ଯାହା ଗତ ୧୦ ବର୍ଷରେ ମୋଦିଙ୍କ ସଫଳତା ବୋଲି ମନମୋହନ କହିଛନ୍ତି। ଏହି ସଂକଳ୍ପପତ୍ରକୁ ଓଡ଼ିଶାରେ ବହୁମାତ୍ରାରେ ପ୍ରଚାର ପ୍ରସାର କରାଯିବ। ଯାହାର କେହି ନାହିଁ, ତା' ପାଖରେ ମୋଦି ଗ୍ୟାରେଣ୍ଟି ରହିଛି। ସମଗ୍ର ଦେଶରୁ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ମତାମତ ସଂଗ୍ରହ କରାଯାଇ ପ୍ରସ୍ତୁତ ହୋଇଥିବା ଏହି ସଂକଳ୍ପ ପତ୍ରରୁ ସର୍ବାଧିକ ଲାଭ ଓଡ଼ିଶା ପାଇବ ବୋଲି ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର କହିଛନ୍ତି।

# କେ. ସୂର୍ଯ୍ୟରାଓ ପାରଳାଖେମୁଣ୍ଡି ପ୍ରଚାର କମିଟି ଅଧ୍ୟକ୍ଷ

**ଭୁବନେଶ୍ୱର, ୨୨।୪(ଅନିଲ ଦାସ)**

## ବିଜେଡି କର୍ମକର୍ତ୍ତା ନିଯୁକ୍ତ

କଂଗ୍ରେସରୁ ଆସି ବିଜେଡିରେ ଯୋଗଦେଇଥିବା ପୂର୍ବତନ ବିଧାୟକ କେ. ସୂର୍ଯ୍ୟରାଓଙ୍କୁ ବିଜେଡି ନୂଆ ଦାୟିତ୍ୱ ଦେଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୂର୍ଯ୍ୟରାଓଙ୍କୁ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ କ୍ୟାମ୍ପେନ କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ସଞ୍ଜୟ ଅଗ୍ରୱାଲଙ୍କୁ ଛେଣ୍ଡିପଦା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ରୋଶନା ସାହୁ ଏବଂ ଦୀପକ ମହାପାତ୍ରଙ୍କୁ ସହ ପର୍ଯ୍ୟବେକ୍ଷକ (କୋ-ଅବର୍ଜରଭର) ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଅରୂପ ଶ୍ରୀଚନ୍ଦନଙ୍କୁ ଅନୁଗୋଳ ବିଧାନସଭା, ଗୋପବନ୍ଧୁ ସାହୁଙ୍କୁ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କୋ-ଅବର୍ଜରଭର ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ମଣ୍ଟୁ ନାୟକଙ୍କୁ କଣ୍ଟାବାଞ୍ଜି ଓ ଟିଟିଲାଗଡ ମ୍ୟୁନିସିପାଲିଟି ନିର୍ବାଚନ ସଂଯୋଜକ ଏବଂ ସରୋଜ ପ୍ରଧାନ କଣିହାଁ ବ୍ଲକ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି। ସେହିପରି ବଲାଙ୍ଗୀରର ଭାଗିରଥି ପ୍ରଧାନଙ୍କୁ ବିଜେଡି ସାଧାରଣ ସମ୍ପାଦକ ଏବଂ ପ୍ରଭାସ କୁମାର ପାଣିଗ୍ରାହୀଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଜିତେନ୍ଦ୍ରକୁମାର ସିଂଙ୍କୁ ବିଜୁ ଜନତା ଦଳ ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସୁବୋଧ କୁମାର ପଟ୍ଟନାୟକଙ୍କୁ ସାଧାରଣ ସମ୍ପାଦକ, ସ୍ୱପ୍ନେଶ୍ୱର ସାମଲଙ୍କୁ ସାଧାରଣ ସମ୍ପାଦକ, ଆଲୋକ କୁମାର ଦାଶଙ୍କୁ ବିଜେଡି ସୋସିଆଲ ମିଡିଆ ଇନଚାର୍ଜ, ବାପୁନ ଦେହୁରୀଙ୍କୁ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ଉପସଭାପତି ଏବଂ ରାକେଶ ସାହୁଙ୍କୁ ବିଜୁ ଯୁବ ଜନତା ଦଳ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସୋମବାର ଏ ନେଇ ବିଜେଡି ପକ୍ଷରୁ ଜାରି ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# ବିଶ୍ୱରଞ୍ଜନଙ୍କୁ ଟିକେଟ, ପଦ୍ମ ଧରିପାରନ୍ତି ସୁନନ୍ଦା

ଯାଜପୁର/ବରୀ(ହର୍ଷବର୍ଦ୍ଧନ ବେହେରା/ମହେନ୍ଦ୍ର ସ୍ୱାଇଁ),୨୨।୪



ଯାଜପୁର ଜିଲାର ବରୀ ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ବିଧାୟିକା ସୁନନ୍ଦା ଦାସଙ୍କୁ ବିଜେଡି ବାଦ୍ ଦେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ପ୍ରାର୍ଥୀ କରିଛି। ଏନେଇ ସୁନନ୍ଦା ଗଭୀର ଅସନ୍ତୋଷ ପ୍ରକାଶ କରିଥିବାବେଳେ ତାଙ୍କ ଆଗାମୀ ପଦକ୍ଷେପ କ'ଣ ରହିବ ତାହାକୁ ନେଇ ସମସ୍ତଙ୍କ ଅପେକ୍ଷା। ତେବେ ଏଠାରେ ମୁଖ୍ୟ ବିରୋଧୀ ଦଳ ଭାଜପା ଏଯାଏ ପ୍ରାର୍ଥୀ ଘୋଷଣା କରିନାହିଁ। ତେଣୁ ସୁନନ୍ଦା ଭାଜପାକୁ ଫେରିପାରନ୍ତି ବୋଲି ଆଲୋଚନା ହେଉଛି।

୨୦୨୨ ଜିଲା ପରିଷଦ ନିର୍ବାଚନରେ ୨୧ ଓ ୨୪ ନମ୍ବର ଜୋନ୍‌ର ନେତୃତ୍ୱ ନେଇ ବିଜେଡିର ଭୋଟହାରକୁ ବୃଦ୍ଧି କରିଥିବା ସୁନନ୍ଦାଙ୍କୁ ବାଦ୍ ଦିଆଯାଇ ବିଶ୍ୱରଞ୍ଜନଙ୍କୁ ପ୍ରାର୍ଥୀ କରିବା ବଡ଼ଧରଣର ଦଳୀୟ ବିଦ୍ରୋହ ସୃଷ୍ଟି କରିଛି। ସୁନନ୍ଦାଙ୍କ ସମର୍ଥକମାନେ ବିରୋଧ କରୁଛନ୍ତି। ଅନ୍ୟପକ୍ଷରେ ବିଶ୍ୱରଞ୍ଜନଙ୍କ ସମର୍ଥିତ ପ୍ରାର୍ଥୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇଥିବାରୁ ତାଙ୍କୁ ଏଥର ବିଜେଡି ସୁଯୋଗ ଦେଇଛି ବୋଲି ତାଙ୍କ ସମର୍ଥକମାନେ କହି ବୁଲୁଛନ୍ତି। ତେବେ ବିଶ୍ୱରଞ୍ଜନ ୨୦୧୪ ଏବଂ ୨୦୧୯ ବିଧାନସଭା ନିର୍ବାଚନରେ ପରାଜିତ ହୋଇଥିଲେ ହେଁ ବିଜେଡି ତାଙ୍କ ଉପରେ ଭରସା କରି ବଡ଼ ରିସ୍କ ନେଇଛି ବୋଲି ଅନେକେ ମତ ଦେଉଛନ୍ତି। ୨୦୧୯ ନିର୍ବାଚନରେ ଭାଜପାରୁ ବିଶ୍ୱରଞ୍ଜନ ମଲ୍ଲିକ ପ୍ରାର୍ଥୀ ହୋଇ ୪,୦୬୨ ଭୋଟରେ ସୁନନ୍ଦାଙ୍କଠାରୁ ହାରିଥିଲେ। ପରବର୍ତ୍ତୀ ସମୟରେ ସେ ବିଜେଡିରେ ଯୋଗଦେଇଥିଲେ। ସେବେଠାରୁ ବିଜେଡିର ପ୍ରାୟ ସବୁ କାର୍ଯ୍ୟକ୍ରମ ସୁନନ୍ଦା ଏବଂ ବିଶ୍ୱରଞ୍ଜନଙ୍କ ଦ୍ୱାରା ସମାନ୍ତରାଳ ଭାବେ ହୋଇ ଆସୁଥିଲା। ଗତ ଜିଲା ପରିଷଦ ନିର୍ବାଚନରେ ମଧ୍ୟ ଏହି ଦୁଇ ନେତାଙ୍କୁ ୨ଟି ଲେଖାଏ ଆସନର ଦାୟିତ୍ୱ ଦିଆଯାଇଥିଲା। ବିଶ୍ୱରଞ୍ଜନ ଭାଗରେ ପଡ଼ିଥିବା ୨୨ ନମ୍ବର ଜିଲା ପରିଷଦ ଜୋନ୍‌ରେ ୩୯% ଓ ୨୩ ନମ୍ବର ଜୋନ୍‌ରେ ୫୧% ଭୋଟ ପାଇ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିଲେ। ୨୨ ନମ୍ବରର ଆସନରେ ଭାଜପା ୩୫% ଭୋଟ ପାଇଥିବାରୁ ବିଜେଡି ପ୍ରାର୍ଥୀଙ୍କୁ କଡା ଟକ୍କରର ସମ୍ମୁଖୀନ ହେବାକୁ ପଡିଥିଲା। ସେହିପରି ସୁନନ୍ଦା ଭାଗରେ ପଡିଥିବା ୨୧ ନମ୍ବର ଜୋନ୍‌ରେ ୫୧% ଓ ୨୪ ନମ୍ବର ଜୋନ୍‌ରେ ୫୦% ଭୋଟ ପାଇ ବିଜେଡି ପ୍ରାର୍ଥୀ ସହଜରେ ବିଜୟୀ ହୋଇଥିଲେ। କିନ୍ତୁ ବିଶ୍ୱରଞ୍ଜନ ବିଜେଡିରେ ଯୋଗଦେବାବେଳକୁ ତାଙ୍କୁ ପ୍ରାର୍ଥୀ କରାଯିବ ବୋଲି ଯେଉଁ ପ୍ରତିଶ୍ରୁତି ମିଳିଥିଲା ତାହା ପୂରଣ କରାଯାଇଛି ବୋଲି ଚର୍ଚ୍ଚା ହେଉଛି।

**ବରୀ ବିଧାନସଭା ନିର୍ବାଚନମଣ୍ଡଳୀ**

୨୦୦୦ ମସିହାରୁ ବରୀ ଆସନ ବିଜେଡି ହାତରେ ରହିଆସିଛି। ୨୦୧୯ ନିର୍ବାଚନ ପୂର୍ବରୁ ସୁନନ୍ଦା ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ। ତାଙ୍କୁ ବିଜେଡି ୨୦୧୯ରେ ପ୍ରାର୍ଥୀ କରି ୪ଥରର ବିଧାୟକ ଥିବା ଦେବାଶିଷ ନାୟକଙ୍କୁ ବାଦ୍ ଦେଇଥିଲା। ଅନ୍ୟପକ୍ଷରେ ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଦେବାଶିଷ ନାୟକଙ୍କୁ କଡ଼ା ଟକ୍କର ଦେଇ ୭,୧୭୩ ଭୋଟରେ ହାରିଥିବା ସ୍ୱାଧୀନ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ୨୦୧୯ରେ ଭାଜପା ପ୍ରାର୍ଥୀ ହୋଇଥିଲେ। ଏହି ନିର୍ବାଚନଠାରୁ ଭାଜପା ଶାସକ ଦଳର ବିକଳ୍ପ ଭାବେ ଭୋଟରଙ୍କ ସାମ୍ନାରେ ଉଭା ହୋଇଛି। ଗତ ସାଧାରଣ ନିର୍ବାଚନରେ ବିଜେଡି ୪୮.୨୮% ଓ ଭାଜପା ୪୫.୫୮% ଭୋଟ ପାଇଥିଲା। ବିଜେଡି ୨୦୧୯ ଭଳି ଚଳିତ ନିର୍ବାଚନ ପାଇଁ ପ୍ରାର୍ଥୀ ବଦଳାଇଥିବାବେଳେ ଏହାର ମୁକାବିଲା କରିବାକୁ ଭାଜପା କେଉଁଭଳି ରଣନୀତି ଆପଣାଉଛି ତାହା ଖୁବ୍‌ଶୀଘ୍ର ସ୍ପଷ୍ଟ ହୋଇଯିବ। ହେଲେ ଭାଜପା ପାଇଁ ପ୍ରାର୍ଥୀ ଚୟନ କଷ୍ଟକର ହୋଇପଡ଼ିଛି। କିଛିମାସ ପୂର୍ବେ ପୂର୍ବତନ ବିଧାୟକ ଦେବାଶିଷ ନାୟକ ଏବଂ ଏହାର ବହୁ ପୂର୍ବରୁ ଗତ ନିର୍ବାଚନର କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ଭାଜପାରେ ସାମିଲ ହୋଇ ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ତେବେ ବିଧାୟିକା ସୁନନ୍ଦା ଯଦି ଭାଜପାକୁ ଫେରନ୍ତି ଏବଂ ଟିକେଟ ପାଆନ୍ତି, ତେବେ ବିଜେଡିକୁ ପୁଣି କଡ଼ା ଟକ୍କରର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଚର୍ଚ୍ଚା ହେଉଛି। ଭାଜପା ମଧ୍ୟ ବିଜେଡିର ବିଦ୍ରୋହର ଫାଇଦା ଉଠାଇବା ପାଇଁ ବରୀରେ ପ୍ରାର୍ଥୀ ଘୋଷଣା ନ କରି ଅପେକ୍ଷାରେ ରହିଥିବା ମନେହେଉଛି। କିନ୍ତୁ ସୁନନ୍ଦା ଯଦି ଭାଜପା ପ୍ରାର୍ଥୀ ହୁଅନ୍ତି, ତା'ହେଲେ ଦେବାଶିଷ ଏବଂ ଉମେଶ ତାହାକୁ ଗ୍ରହଣ କରିବେ ନା ବିଦ୍ରୋହୀ ହେବେ ତାହା ଏବେ ବଡ଼ ପ୍ରଶ୍ନ। ଅନ୍ୟପକ୍ଷରେ ବିଜେଡି ଟିକେଟ ଆଶାୟୀ ଥିବା ଯୁବନେତା ସଞ୍ଜୀବ ଜେନା ମଧ୍ୟ ଏବେ ନିରାଶ ହୋଇଥିବାରୁ ସେ ତାଙ୍କ ସମର୍ଥକମାନଙ୍କୁ ନେଇ ଦେବାଶିଷଙ୍କୁ ସହଯୋଗ କରିପାରନ୍ତି ବୋଲି କୁହାଯାଉଛି। ପ୍ରାର୍ଥୀ ଚୟନକୁ ନେଇ ଯଦି ଭାଜପାରେ ବିଦ୍ରୋହ ନ ହୁଏ, ତେବେ ଦଳ ପାଇଁ ବିଜୟ ସୁଯୋଗ ରହିଛି ବୋଲି ଚର୍ଚ୍ଚା ହେଉଛି।

ବିଜେଡି ପ୍ରାର୍ଥୀ ବିଶ୍ୱରଞ୍ଜନ କହିଛନ୍ତି, ଆଗାମୀ ଦିନରେ ବରୀର ବିକାଶ ଦ୍ୱିଗୁଣିତ ହେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ମନ୍ତ୍ରକୁ ଲୋକାଭିମୁଖୀ କରାଇବା ପାଇଁ ସେ ସମସ୍ତ କର୍ମୀମାନଙ୍କୁ ନେଇ ଉଦ୍ୟମ ଜାରି ରଖିବେ।

ଅନ୍ୟପକ୍ଷରେ କଂଗ୍ରେସରୁ ଜିଲା ସଭାନେତ୍ରୀ ଆରତି ଦେଓ ଚଳିତ ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଛନ୍ତି। ତେବେ ବରୀରେ କଂଗ୍ରେସ ଶେଷଥର ପାଇଁ ୧୯୯୫ରେ ବିଜୟୀ ହୋଇଥିଲା। ଏହାପରଠାରୁ ପ୍ରତି ନିର୍ବାଚନରେ ଦଳର ଭୋଟହାର ଆଖିଦୃଶିଆ ହ୍ରାସ ପାଇଆସିଛି। ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ମାତ୍ର ୭,୦୮୨(୪.୭%) ଭୋଟ ପାଇଥିଲେ। ଏଥର ବିଜେଡି ଓ ଭାଜପା ପ୍ରାର୍ଥୀ ମଧ୍ୟରେ ହିଁ ଲଢ଼େଇ ହେବ ବୋଲି କୁହାଯାଉଥିବାବେଳେ ଆରତି ସେମାନଙ୍କୁ କେତେ ଟକ୍କର ଦେଇପାରୁଛନ୍ତି ତାହା ନିର୍ବାଚନ ଫଳାଫଳରେ ସ୍ପଷ୍ଟ ହେବ।

# ନବୀନ, ଶାହା, ରାହୁଲଙ୍କ ପ୍ରଚାରକୁ ନଜର







ଭୁବନେଶ୍ୱର, ୨୨।୪(ସୁନିତ୍ ମିଶ୍ର)

ଦେଶରେ ୭ଟି ପର୍ଯ୍ୟାୟ ମଧ୍ୟରୁ ଆସନ୍ତା ମେ ୧୩ରୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ଭୋଟ୍ ହେବ। ଯଦିଓ ରାଜ୍ୟର ୩ ପ୍ରମୁଖ ଦଳ ନିଜର ଶତପ୍ରତିଶତ ବିଧାନସଭା ପ୍ରାର୍ଥୀ ତାଲିକା ପ୍ରକାଶ କରିନାହାନ୍ତି, ତଥାପି ତାହାର ପାଖାପାଖି ପହଞ୍ଚିଲେଣି। ସେହିକ୍ରମରେ ଆସନ୍ତା ୧୩ରୁ ଓଡ଼ିଶାରେ ହେବାକୁ ଥିବା ପ୍ରଥମ ପର୍ଯ୍ୟାୟ ଭୋଟ୍ ଲାଗି ନାମାଙ୍କନପତ୍ର ଦାଖଲ କାର୍ଯ୍ୟ ଆରମ୍ଭ ହୋଇସାରିଲାଣି। ତେଣୁ ଖୁବଶୀଘ୍ର ସବୁ ଦଳର ତାରକା ପ୍ରଚାରକମାନେ ମଇଦାନକୁ ଓହ୍ଲାଇବାକୁ ଏକ ପ୍ରକାର ଯୋଜନା କରିସାରିଲେଣି। ବିଜେଡି ପାଇଁ ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ପ୍ରଚାରର ମଙ୍ଗ ଧରିବେ। ସେହିଭଳି ଭାଜପା ପାଇଁ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଏବଂ କଂଗ୍ରେସ ପାଇଁ ପୂର୍ବତନ ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ସଭାପତି ରାହୁଲ ଗାନ୍ଧୀ ପ୍ରଚାର କରିବେ। ଏନେଇ ଏକ ପ୍ରକାର ତାରିଖ ମଧ୍ୟ ସ୍ଥିର ହୋଇସାରିଛି। ତେବେ ସବୁ ଦଳ ନିଜର ପ୍ରଚାର କାର୍ଯ୍ୟକ୍ରମ କିପରି କରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ଆସନ୍ତା ୨୪ ତାରିଖରେ ନବୀନ ହିଞ୍ଜିଳିରୁ ନିଜର ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏହାପରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୪ ଲୋକ ସଭା ଏବଂ ଏହା ଅନ୍ତର୍ଗତ ୨୮ ବିଧାନସଭା ଆସନର ପ୍ରଚାର ମଇଦାନକୁ ନବୀନ ଓହ୍ଲାଇବେ। ସେହିକ୍ରମରେ ଆସନ୍ତା ୨୫ ତାରିଖରେ ରାୟଗଡାରେ ନବୀନଙ୍କ ପ୍ରଚାର କାର୍ଯ୍ୟକ୍ରମ ରହିଥିବା ଦଳ ଯୋଜନା କରିଛି। ସେହିପରି ନିର୍ବାଚନ ସମୟରେ ପ୍ରଥମ ଥର ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତା ୨୫ ତାରିଖରେ ଓଡ଼ିଶା ଗସ୍ତରେ ଆସିବାକୁ ଯୋଜନା କରିଛନ୍ତି। ସୋନପୁରଠାରେ ଶାହାଙ୍କ ପ୍ରଚାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତସୂଚୀ ଆସିବାର ଦିନକ ପୂର୍ବରୁ ଶାହା ଏକ ଜାତୀୟ ଗଣମାଧ୍ୟମରେ ନବୀନଙ୍କ ସହ ସାମ୍ନାସାମ୍ନି ଲଢ଼େଇ ହେବ ବୋଲି ସେ ମତ ରଖିଥିଲେ। ତାଙ୍କ ରାଜ୍ୟ ନେତାମାନେ ବିଜେଡି ସହିତ ମେଣ୍ଟ କରିବାକୁ ସିଧାସଳଖ ମନା କରିଥିବା ଶାହା ଗଣମାଧ୍ୟମ ଆଗରେ କହିଥିଲେ। ଏଭଳି ସ୍ଥିତିରେ ଶାହା ଓଡ଼ିଶା ଗସ୍ତରେ ଆସି ନିଜ ଆଭିମୁଖ୍ୟରେ ବିଜେଡି ପାଇଁ କ'ଣ ରଖୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। କାରଣ ପୂର୍ବରୁ ମେଣ୍ଟ ଚର୍ଚ୍ଚା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଗସ୍ତରେ ଆସି ନବୀନଙ୍କୁ ପ୍ରଶଂସା କରିବା, ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଏକ ଜାତୀୟ ଗଣମାଧ୍ୟମରେ ପୁଣିଥରେ ନରେନ୍ଦ୍ର ମୋଦି ଦେଶରେ ପ୍ରଧାନମନ୍ତ୍ରୀ ହେବେ ବୋଲି କହିବା କଥା ଏପର୍ଯ୍ୟନ୍ତ ଲୋକଙ୍କ ମନରୁ ଯାଇନାହିଁ। ତେଣୁ ଶାହା ଓଡ଼ିଶା ଆସି ରାଜ୍ୟବାସୀଙ୍କ ଆଗରେ ନିଜର ଆଭିମୁଖ୍ୟ କ'ଣ ରଖୁଛନ୍ତି ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ଆସନ୍ତା ୨୮ ତାରିଖରେ ରାହୁଲ ଗାନ୍ଧୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ରାହୁଲ କଟକ ଜିଲାର ଏକ କାର୍ଯ୍ୟକ୍ରମରେ ଯୋଗଦେବେ। ତେଣୁ ସେ ଓଡ଼ିଶା ଗସ୍ତରେ ଆସି କଂଗ୍ରେସ କର୍ମୀଙ୍କ ମନରେ କିଭଳି ବଳ ଦେଉଛନ୍ତି ତାହା ମଧ୍ୟ ଦେଖିବାର ବିଷୟ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ଚକ୍ରାନ୍ତ ଯୋଗୁ ଟିକେଟ୍ କଟିଲା: ସୁନନ୍ଦା



ସୁନନ୍ଦା ଦାସ

ଯାଜପୁର.୨୨।୪ (ହର୍ଷବର୍ଦ୍ଧନ ବେହେରା)

ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ବିଜେଡି ପ୍ରାର୍ଥୀ କରିନାହିଁ। ଏନେଇ ସେ କହିଛନ୍ତି କେତେଜଣ କୁଚକ୍ରୀଙ୍କ ଚକ୍ରାନ୍ତ ଯୋଗୁ ତାଙ୍କ ଟିକେଟ କଟିଛି। ବିଜେଡି ଏଠାରେ ଜଣେ ଗୁଣ୍ଡାରାଜ କରୁଥିବା ବ୍ୟକ୍ତିଙ୍କୁ ଟିକେଟ ଦେଇଛି। ଟିକେଟ କାଟିବା ସଂକ୍ରାନ୍ତରେ ତାଙ୍କ ସହ ଦଳ କୌଣସି ଆଲୋଚନା କରିନାହିଁ। ତାଙ୍କର ରିପୋର୍ଟ କାର୍ଡ ବହୁତ ଭଲ ଥିଲା। ବରୀ ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଥିବା ଅଶୋକ ପଣ୍ଡା ରିପୋର୍ଟ ଭଲ ଅଛି ଏବଂ ହାଇକମାଣ୍ଡକୁ ପଠାଯାଇଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ରିପୋର୍ଟକୁ ଦେଖିନାହାନ୍ତି। ଗତ ନିର୍ବାଚନରେ ତାଙ୍କୁ ଡାକି ବିଜେଡି ଟିକେଟ ଦେଇଥିଲା। ସେ ଟିକେଟ ପାଇଁ କୌଣସି ଲବି କରି ନ ଥିଲେ। ୪ ହଜାର ଭୋଟରେ ଜିତିଥିଲେ ହେଁ ଏଯାଏ ସେ ୪୦ ହଜାର ଭୋଟକୁ ବୃଦ୍ଧି କରି ପାରିଛନ୍ତି। ତଥାପି କେଉଁ କାରଣରୁ ତାଙ୍କୁ ଟିକେଟ ମିଳିଲା ନାହିଁ, ସେ କିଛି ଜାଣି ପାରିନାହାନ୍ତି। ହୁଏତ ପ୍ରାର୍ଥୀ କିଛି ଦେଇଥିବେ ତେଣୁ ତାଙ୍କୁ ଟିକେଟ ମିଳିଲା। ଏବେ ସେ କିଛି କହିପାରିବେ ନାହିଁ, ସମୟ ଆସିବ ତାଙ୍କ ପଦକ୍ଷେପ ସଂକ୍ରାନ୍ତରେ ସମସ୍ତେ ଜାଣିପାରିବେ ବୋଲି ସେ କହିଛନ୍ତି।

# ପ୍ରଚାର ବେଳେ ଅସୁସ୍ଥ ହୋଇପଡ଼ିଲେ ଅରୂପ



ଅରୂପ ପଟ୍ଟନାୟକ ଓ ରୁଦ୍ରପ୍ରତାପ ମହାରଥୀ ପ୍ରଚାର ଶୋଭାଯାତ୍ରାରେ ଯାଉଛନ୍ତି।

ପିପିଲି,୨୨।୪(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲିରେ ସୋମବାର ବିଜେଡିର ପ୍ରଚାର ଶୋଭାଯାତ୍ରାଚାଲିଥିବାବେଳେ ପୁରୀ ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ହଠାତ୍ ଅସୁସ୍ଥ ହୋଇ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଅରୂପଙ୍କ ରକ୍ତଚାପ କମ୍ ଥିବା (ଲୋ ବ୍ଲଡ୍‌ପ୍ରେସର) ଡାକ୍ତର ଦର୍ଶାଇବା ସହ ସାଲାଇନ ନେବା ପାଇଁ ପରାମର୍ଶ ଦେଇଥିଲେ। ତେବେ ସେ ସେଠାରୁ ଗାଡ଼ି ଯୋଗେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଚାଲିଯାଇଥିଲେ। ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଏକ ଭିଡିଓ ମାଧ୍ୟମରେ ଜଣାଇଥିଲେ।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଅରୂପଙ୍କ ସହିତ ପିପିଲି ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ ବାଇକ୍ ଶୋଭାଯାତ୍ରା କରି ନିଜ ସପକ୍ଷରେ ଭୋଟ ଭିକ୍ଷା କରିଛନ୍ତି। ରୁଦ୍ରପ୍ରତାପଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା କଣ୍ଟି, ଦାଣ୍ଡମୁକୁନ୍ଦପୁର, ମଙ୍ଗଳପୁର, ତେଇଶିପୁର ଦେଇ ସାତଶଙ୍ଖ ବଜାର ଓ ସେଠାରୁ ରୂପଦେଇପୁର ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଦଳର ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଉଭୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ପ୍ରାୟ ୧୧ଟା ସମୟରେ ପିପିଲି ବଜାର ଦେଇ ଶୋଭାଯାତ୍ରା ଯିବାବେଳେ ହାଟଛକଠାରେ ଅରୂପ ପ୍ରବଳ ଗୁଳୁଗୁଳି ଓ ଗ୍ରୀଷ୍ମତାତି ସହ୍ୟ କରି ନ ପାରି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। କର୍ମୀମାନେ ତାଙ୍କ ମୁହଁରେ ପାଣି ଛିଞ୍ଚିବା ସହ ତାଙ୍କୁ ସଙ୍ଗେସଙ୍ଗେ ସ୍ଥାନୀୟ ଡାକ୍ତରଖାନାକୁ ନେଇଯାଇଥିଲେ।

# 'ଟିକେଟ ନ ମିଳିଲେ ସ୍ୱାଧୀନ ଭାବେ ଲଢ଼ିବେ ଅନୁଭବ'

ଖଣ୍ଡପଡ଼ା,୨୨।୪ (ଅଜୟ କୁମାର ମହାରଣା)

**ଖଣ୍ଡପଡ଼ା ବିଧାନସଭା ଆସନ**

ନୟାଗଡ଼ ଜିଲାର ବିଭିନ୍ନ ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ଚୟନ କରିସାରିଥିବାବେଳେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଘୋଷଣା ବାକି ରହିଛି। ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲୁ ରଖିଥିବା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଟିକେଟ ପାଇବାର ଆଶା ନେଇ କାର୍ଯ୍ୟକ୍ରମ ଚାଲୁ ରଖିଛନ୍ତି। ମାତ୍ର ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇ ନ ଥିବାରୁ ସେ ଓ ଅନ୍ୟ ଆଶାୟୀମାନେ ଆଶଙ୍କାରେ ରହିଛନ୍ତି। ନିର୍ବାଚନକୁ ଦୃଷ୍ଟିରେ ରଖି ଅନୁଭବଙ୍କ ଆବାହକତ୍ୱରେ ଖଣ୍ଡପଡ଼ା ଅରୁଣ ନିବାସରେ ରବିବାର ସନ୍ଧ୍ୟାରେ ଏକ ବୈଠକ ବସିଥିଲା। ଏଥିରେ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ବିଜେଡିର ଛାମୁଆ ନେତା, ପଞ୍ଚାୟତସ୍ତରୀୟ ଜନପ୍ରତିନିଧି, ସଙ୍ଗଠକ ଓ କର୍ମୀମାନେ ଯୋଗଦେଇଛନ୍ତି। ପ୍ରାର୍ଥୀ ଘୋଷଣା ନ ହେବା ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ବିଜେଡି ଟିକେଟ ପାଇଁ ପ୍ରମୁଖ ଦାବିଦାର ଥିବା ଅନୁଭବଙ୍କୁ ଯଦି ଦଳ ପକ୍ଷରୁ ଅଣଦେଖା କରାଯାଏ, ତାହାହେଲେ ବିଦ୍ରୋହର ସ୍ୱର ଉଠିବା ସହ ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏପରିକି ଦଳୀୟ ଟିକେଟରୁ ବଞ୍ଚିତ ହେଲେ ଅନୁଭବ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବେ ବୋଲି ବହୁ ପୁରୁଖା ନେତା ମତ ଦେଇଛନ୍ତି। ଏହାକୁ ବୈଠକରେ ଉପସ୍ଥିତ ଶତାଧିକ କର୍ମୀ ଓ ସଙ୍ଗଠକ କରତାଳି ମାଧ୍ୟମରେ ସ୍ୱାଗତ କରିଛନ୍ତି। ବୈଠକରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାରସିଂ, ପୂର୍ବତନ ସରପଞ୍ଚ ଶରତ ଚନ୍ଦ୍ର ସାହୁ, ସର୍ବେଶ୍ୱର ସ୍ୱାଇଁ, ଶିକ୍ଷାବିତ୍ ଜନ୍ମେଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ବିରୋଧରେ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର,୨୨।୪(ଅନିଲଦାସ)

ଗତ ୨୦ ତାରିଖରେ ଭାଜପା କେନ୍ଦୁଝର ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ କେନ୍ଦୁଝର ସଦର ପଦମପୁର ଗ୍ରାମପଞ୍ଚାୟତର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ନିର୍ବାଚନ ବୈଠକ କରିଥିଲେ। ଶିକ୍ଷାନୁଷ୍ଠାନକୁ ନିର୍ବାଚନ କାର୍ଯ୍ୟରେ ବ୍ୟବହାର କରିବା ଆଦର୍ଶ ଆଚରଣବିଧିର ଖୋଲା ଉଲ୍ଲଂଘନ । ଏହା ବିରୋଧରେ ପଦକ୍ଷେପ ନେବାକୁ ବିଜେଡିର ଏକ ପ୍ରତିନିଧି ମଣ୍ଡଳ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଫେରାଦ ହୋଇଛନ୍ତି। ଭାଜପା ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।



# ଲୋକ ସଭା, ୧୧ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଦେଲା ସିପିଆଇ

ଭୁବନେଶ୍ୱର,୨୨।୪(ଅନିଲଦାସ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ଚଳିତ ନିର୍ବାଚନରେ ଗୋଟିଏ ଲୋକ ସଭା ଓ ୧୧ଟି ବିଧାନସଭା ଆସନରେ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ସୋମବାର ସିପିଆଇ ରାଜ୍ୟ ସାଧାରଣ ସମ୍ପାଦକ ଅଭୟ ସାହୁ ଏ ନେଇ ସୂଚନା ଦେଇଛନ୍ତି । ଦଳ ପକ୍ଷରୁ ଜଗତ୍‌ସିଂହପୁର ଲୋକ ସଭା ଆସନରେ ରମେଶ ଚନ୍ଦ୍ର ସେଠୀଙ୍କୁ ପ୍ରାର୍ଥୀ କରାଯାଇଛି । ସେହିପରି ଛତ୍ରପୁରରେ ଗୁରୁନାଥ ପ୍ରଧାନ, ସୁନ୍ଦରଗଡ଼ ରାଜେନ୍ଦ୍ର ନାୟକ, ବାଲିକୁଦା ଏରସମା ଅଭିଜିତ୍ ସାହୁ, ବ୍ରଜରାଜନଗର ରମେଶଚନ୍ଦ୍ର ତ୍ରିପାଠୀ, ପାରାଦୀପ ଚିନ୍ମୟୀ ସାହାଣୀ, କବି ସୂର୍ଯ୍ୟନଗର ପ୍ରବୀଣ ଦାସ, ନୀଳଗିରି ଅଜୟ ପଟ୍ଟନାୟକ, ଭୁବନେଶ୍ୱର ଉତ୍ତର ଶଙ୍କର୍ଷଣ ବାରିକ, ନିମାପଡ଼ା ମନୋଜ ପରିଡ଼ା, ଲକ୍ଷ୍ମୀପୁର କୁମାର ଜାନି ଓ ପାଣ୍ଡବ ଭୋଇ କଣ୍ଟାବାଞ୍ଜି ବିଧାନସଭା ଆସନରେ ପ୍ରାର୍ଥୀ ହେବେ। ପୂର୍ବରୁ ସିପିଆଇଏମ୍ ରାଜ୍ୟର ଗୋଟିଏ ଲୋକ ସଭା ଓ ୭ ବିଧାନସଭା ଆସନରେ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି ।

# ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁରଙ୍କ ଘରବାହୁଡ଼ା

ବରଗଡ଼,୨୨।୪(ପ୍ରେମାନନ୍ଦ ଖମାରୀ): ସାଧାରଣ ନିର୍ବାଚନକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି। ଦଳବଦଳ ଏବେ ସାଧାରଣରେ ପରିଣତ ହୋଇଛି। ସୋମବାର ପୂର୍ବତନ ମନ୍ତ୍ରୀ ବିମ୍ବାଧର କୁଅଁର ବିଜେଡି ଛାଡ଼ି ପୁଣି ଭାଜପାକୁ ଫେରିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ମେଲ୍ ଯୋଗେ ଇସ୍ତଫାପତ୍ର ପଠାଇ ଦେଇଥିବା ସେ କହିଛନ୍ତି। ଅନ୍ୟପଟେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳର ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ସେ ପଦ୍ମଧରିଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ବିଜେଡି ଛାଡ଼ି ଭାଜପାରେ ଯୋଗଦାନ କରିଥିବା କୁଅଁର କହିଛନ୍ତି। ତେବେ ସାଧାରଣ ନିର୍ବାଚନ ସମୟରେ ତାଙ୍କ ଘରବାହୁଡ଼ା ବରଗଡ଼ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଉଲ୍ଲେଖଯୋଗ୍ୟ, କୁଅଁର ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୩ଥର ବିଧାୟକ ନିର୍ବାଚିତ ହୋଇଛନ୍ତି। ୧୯୭୭ ନିର୍ବାଚନରେ ଜନତା ଦଳରୁ ନିର୍ବାଚିତ ହୋଇଥିବାବେଳେ ୨୦୦୦ ନିର୍ବାଚନରେ ଏହି ଆସନରେ ଭାଜପାରୁ ପ୍ରତିଦ୍ୱନ୍ଦ୍ୱିତା କରି ଜିତିଥିଲେ। ସେହିପରି ରାଜ୍ୟରେ ବିଜେଡି-ଭାଜପା ମେଣ୍ଟ ସରକାର ଚାଲିଥିବାବେଳେ ସେ ୨୦୦୪ ନିର୍ବାଚନରେ ପୁଣି ବିଧାୟକ ନିର୍ବାଚିତ ହୋଇ ରାଜ୍ୟ ମନ୍ତ୍ରୀମଣ୍ଡଳରେ ଶ୍ରମ ଓ ନିଯୁକ୍ତି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଥିଲେ। ୨୦୧୪ରେ କୁଅଁର ଭାଜପା ଛାଡ଼ି ବିଜେଡିରେ ମିଶିଥିଲେ।

# ରଘୁନନ୍ଦନଙ୍କୁ ଭେଟି ଆଶୀର୍ବାଦ ନେଲେ ସାରଦା

**ବାଲିକୁଦା-ଏରସମା ବିଧାନସଭା ଆସନ**

■ ରଘୁନନ୍ଦନ କହିଲେ କୁଚକ୍ରୀଙ୍କ ଯୋଗୁ ଟିକେଟ କଟିଲା

ଜଗତ୍‌ସିଂହପୁର, ୨୨।୪ (ପ୍ରମୋଦ କୁମାର ନାୟକ)



ସାରଦା ପ୍ରସନ୍ନ ଜେନା



ରଘୁନନ୍ଦନ ଦାସ

ଜଗତ୍‌ସିଂହପୁର ଜିଲାର ବାଲିକୁଦା-ଏରସମା ବିଧାନସଭା ଆସନ ନିମନ୍ତେ ଯୁବନେତା ସାରଦା ପ୍ରସନ୍ନ ଜେନାଙ୍କ ଉପରେ ବିଜେଡି ଆସ୍ଥା ପ୍ରକଟ କରି ପ୍ରାର୍ଥୀ ଘୋଷଣା କରିଛି। ଫଳରେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଘୁନନ୍ଦନ ଦାସ ନିରାଶ ହୋଇଛନ୍ତି। ଜିଲାସ୍ତରୀୟ ନେତାଙ୍କ ଚକ୍ରାନ୍ତ ଯୋଗୁ ତାଙ୍କ ଟିକେଟ କଟିଥିବା ରଘୁନନ୍ଦନ କ୍ଷୋଭର ସହ କହିଛନ୍ତି। ସେ ଯେତେବେଳେ ଅସୁସ୍ଥ ଥିଲେ, ସେତେବେଳେ ଏହି ନେତା ତାଙ୍କ ନାଁରେ ଦଳରେ ଚକ୍ରାନ୍ତ କରିଥିଲେ। ସୁସ୍ଥ ହେଲା ପରେ ସବୁକିଛି ଠିକଠାକ୍ ହୋଇଥିଲା। ରାଜ୍ୟର ଅନେକ ନେତା ଯେଉଁମାନେ ତାଙ୍କଠାରୁ ଅଧିକ ଅସୁସ୍ଥ ଥିଲେ, ସେମାନଙ୍କୁ ଦଳ ଟିକେଟ ଦେଇଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପ୍ରାର୍ଥୀ ଘୋଷଣା ପରେ ରଘୁନନ୍ଦନଙ୍କୁ ସାକ୍ଷାତ୍ କରି ଆଶୀର୍ବାଦ ଭିକ୍ଷା କରିଥିବା ସାରଦା ଧରିତ୍ରୀକୁ କହିଛନ୍ତି। ରଘୁନନ୍ଦନଙ୍କ ସହ ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଜଗତ୍‌ସିଂହପୁର ଏମ୍‌ପି ପ୍ରାର୍ଥିନୀ ରାଜଶ୍ରୀ ମଲ୍ଲିକ, ଦଳର ଜିଲା ସଭାପତି ରବି ଜେନା, ଅନ୍ୟ ନେତୃମଣ୍ଡଳୀଙ୍କ ପରାମର୍ଶ, ସହଯୋଗ ଓ ଆଶୀର୍ବାଦରେ ସେ ବିଜୟୀ ହେବେ ବୋଲି ସେ ଆଶା ରଖିଛନ୍ତି।

ବାଲିକୁଦା-ଏରସମା ଆସନରେ ରଘୁନନ୍ଦନ ବାଦ୍ ପଡ଼ିବା ଏବଂ ସାରଦା ପ୍ରାର୍ଥୀ ହେବେ ବୋଲି ବାରି ହୋଇପଡୁଥିଲା। ୨୦୧୯ ନିର୍ବାଚନରେ ରଘୁନନ୍ଦନ ପ୍ରଥମ ଥର ପାଇଁ ବିଧାୟକ ହୋଇ ମନ୍ତ୍ରୀ ପଦ ପାଇଥିଲେ। ତାହା ସେତେବେଳେ ଆଲୋଚନାର ବିଷୟ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କଠାରୁ ମନ୍ତ୍ରୀପଦ କାଢ଼ି ନିଆଯାଇଥିଲା। ରଘୁନନ୍ଦନ ଅସୁସ୍ଥ ଥିବାରୁ ଦଳ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଇଥିଲା। ପରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇ ଏକପ୍ରକାର ସନ୍ତୁଷ୍ଟ ପାଇଁ ଉଦ୍ୟମ ହୋଇଥିଲା। ବାସ୍ତବରେ କିନ୍ତୁ ଦଳ ତାଙ୍କ ଉପରୁ ସେତେବେଳୁ ଆସ୍ଥା ତୁଟାଇବା ଆରମ୍ଭ କରିଥିବା ସ୍ପଷ୍ଟ ବାରି ହୋଇ ପଡୁଥିଲା। କିନ୍ତୁ ରଘୁନନ୍ଦନ ସୁସ୍ଥ ହୋଇଯାଇଥିବା କହି ଚଳିତ ନିର୍ବାଚନରେ ସେ ପୁଣିଥରେ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ଦଳ ନେତୃତ୍ୱଙ୍କୁ ସୁସ୍ଥ ଥିବା ବୁଝାଇବାକୁ ଚେଷ୍ଟା କରିଥିଲେ। ମାତ୍ର ତାଙ୍କ ପାଇଁ ଏକାଧିକ ଆଶାୟୀ ପ୍ରତିବନ୍ଧକ ସାଜିଥିଲେ। ବିଶେଷକରି ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ଗୋଟିଚାଳନା ତାଙ୍କ ପାଇଁ ଅଡୁଆ ବଢାଇଥିଲା। ପ୍ରଶାନ୍ତ ୨୦୦୯, ୨୦୧୪ ନିର୍ବାଚନରେ ବାଲିକୁଦା-ଏରସମା ବିଧାନସଭା ଆସନରୁ ବିଧାୟକ ହୋଇଥିଲେ। କିନ୍ତୁ ଦଳ ୨୦୧୯ରେ ତାଙ୍କୁ ଜଗତ୍‌ସିଂହପୁର ବିଧାନସଭା ଆସନରେ ବିଜେଡି ପ୍ରାର୍ଥୀ କରିଥିଲା। ବାଲିକୁଦା-ଏରସମା ଆସନରେ ରଘୁନନ୍ଦନ ପ୍ରାର୍ଥୀ ହୋଇଥିଲେ। ଉଭୟ ବିଜୟୀ ହେବାର ସୌଭାଗ୍ୟ ହାସଲ କରିଥିଲେ। କିନ୍ତୁ ସେମାନଙ୍କ ଭିତରେ ଦୀର୍ଘ ବର୍ଷ ଧରି ଲାଗି ରହିଥିବା ବିବାଦର ଅନ୍ତ ଘଟି ନ ଥିଲା, ଯାହାର ପ୍ରତିଫଳନ ୨୦୨୪ ନିର୍ବାଚନ ପୂର୍ବରୁ ଦେଖିବାକୁ ମିଳିଥିଲା। ପ୍ରଶାନ୍ତଙ୍କ ବିରୋଧରେ ରଘୁନନ୍ଦନ ସଙ୍ଗିନ ଅଭିଯୋଗ ଆଣିଥିଲେ। ପ୍ରଶାନ୍ତ ଏକାଧିକ ଆଶାୟୀ ସୃଷ୍ଟି କରିଥିବା କହିଥିଲେ। ପ୍ରଶାନ୍ତଙ୍କୁ ଜଗତ୍‌ସିଂହପୁର ବିଧାନସଭା ଆସନରୁ ଦଳୀୟ ପ୍ରାର୍ଥୀ ଘୋଷଣା ପରେ ମଧ୍ୟ ଏହି ଚର୍ଚ୍ଚା ଉପରେ ଯବନିକା ପଡ଼ି ନ ଥିଲା। ରଘୁନନ୍ଦନଙ୍କ ସହ ପ୍ରଶାନ୍ତ ଓ ଏକାଧିକ ଆଶାୟୀଙ୍କ ଦୂରତ୍ୱ ବଢ଼ିଥିଲା। କେବଳ ସାରଦା ନିରପେକ୍ଷ ରହିବା ସହ ଟିକେଟ ପାଇବା ପାଇଁ ପ୍ରମୁଖ ଦାବିଦାର ଥିଲେ। ଅର୍ଥାତ୍ ଉଭୟ ଗୋଷ୍ଠୀଙ୍କ ସହ ସମନ୍ୱୟ ବଜାୟ ରଖିଥିବାରୁ ଦଳ ତାଙ୍କ ପ୍ରାର୍ଥିତ୍ୱକୁ ଗମ୍ଭୀରତାର ସହ ବିଚାର କରୁଥିଲା, ଯାହା ସୋମବାର ପ୍ରତିଫଳିତ ହୋଇଛି। ସାରଦା ଛାତ୍ର ଜୀବନରୁ ରାଜନୀତିରେ ରହି ଆସିଛନ୍ତି। ସେ ୧୯୯୨-୯୩ରେ ବାଙ୍କୀ ଛାତ୍ର ସଂସଦ ସଭାପତି ଥିଲେ। ତା'ପରେ ଅର୍ଥାତ୍ ୧୯୯୭ରେ କଂଗ୍ରେସରୁ ଏରସମା ୩ ନମ୍ବର ଜୋନରୁ ଜିଲା ପରିଷଦ ସଭ୍ୟ ଓ ସମିତି ସଭ୍ୟ ହେବାର ଗୌରବ ହାସଲ କରିଥିଲେ। ସେତେବେଳେ ସେ ଏରସମା ପଞ୍ଚାୟତ ସମିତି ଅଧ୍ୟକ୍ଷ ପାଇଁ ଆଶାୟୀ ଥିଲେ। କିନ୍ତୁ ସୁଯୋଗ ନ ମିଳିବାରୁ ପଞ୍ଚାୟତ ସମିତି ସଭ୍ୟ ପଦରୁ ଇସ୍ତଫା ଦେଇ କେବଳ ଜିଲା ପରିଷଦ ସଭ୍ୟ ରହିଥିଲେ। କେବଳ ଏତିକି ନୁହେଁ, ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ଏରସମା-୧, ୨୦୦୭ରୁ ୨୦୧୨ ଏରସମା-୩ ଓ ୨୦୧୨ରୁ ୧୭ ପର୍ଯ୍ୟନ୍ତ ଏରସମା-୪ ଜିଲା ପରିଷଦ ଜୋନରେ ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୧୪ରେ ସାରଦା ସ୍ୱାଧୀନ ବିଧାୟକ ପ୍ରାର୍ଥୀ ହୋଇ ପାଖାପାଖି ୨୪ ହଜାର ଭୋଟ ପାଇଥିଲେ। ସେତେବେଳେ ଚିହ୍ନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ତାଙ୍କର ପ୍ରାୟ ୫ରୁ ୬ ହଜାର ଭୋଟ କଟିଯାଇଥିବା ସେତେବେଳେ ସାରଦା ଅଭିଯୋଗ କରିଥିଲେ। ୨୦୧୯ରେ ସାରଦା ବିଜେଡିରେ ମିଶିଥିଲେ। ତାଙ୍କ ଯୋଗଦାନ ସେତେବେଳେ ବିଜେଡି ପ୍ରାର୍ଥୀ ରଘୁନନ୍ଦନଙ୍କୁ ବେଶ୍ ସହାୟକ ହୋଇପାରିଥିଲା। ରଘୁନନ୍ଦନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଲଲାଟେନ୍ଦୁ ମହାପାତ୍ରଙ୍କଠାରୁ ୫୫ ହଜାର ଭୋଟରେ ବିଜୟୀ ହୋଇଥିଲେ।

# ବାଗାନ ମୁକାବିଲା ପାଇଁ ଓଡ଼ିଶା ଏଫ୍‌ସି ପ୍ରସ୍ତୁତ



ଖବରଦାତା ସମ୍ମିଳନୀରେ ସର୍ଗିଓ ଲୋବେରା ଓ ଅମରିନ୍ଦର ସିଂ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

## କଳିଙ୍ଗରେ ଆଇଏସ୍ଏଲ୍ ସେମିଫାଇନାଲ-୧ ଆଜି

ଇତିହାସ ସୃଷ୍ଟି ହୋଇସାରିଛି। ଓଡ଼ିଶା ଏଫ୍‌ସି ପ୍ରଥମ ଥର ପାଇଁ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ସେମିଫାଇନାଲରେ ପ୍ରବେଶ କରିଛି। ଏବେ ଏହି ସଫଳତାକୁ ଆହୁରି ଆଗକୁ ନେବା ସମୟ। ଦୁଇ ଚରଣ ବିଶିଷ୍ଟ ସେମିଫାଇନାଲର ପ୍ରଥମ ମ୍ୟାଚ ମଙ୍ଗଳବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ଭାରତର ଅନ୍ୟତମ ଶକ୍ତିଶାଳୀ କ୍ଲବ ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ ଓଡ଼ିଶା ଏଫ୍‌ସି। ଲିଗ୍ ପର୍ଯ୍ୟାୟରେ ମୋହନ ବାଗାନ ୨୨ ମ୍ୟାଚରୁ ୪୮ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷସ୍ଥାନ ହାସଲ ସହ ସିଧାସଳଖ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଅନ୍ୟପକ୍ଷରେ ୪ର୍ଥ ସ୍ଥାନରେ ରହିଥିବା ଓଡ଼ିଶା ଏଫ୍‌ସି ପ୍ଲେ-ଅଫ୍‌ରେ କେରଳ ବ୍ଲାଷ୍ଟର୍ସକୁ ୨-୧ ଗୋଲରେ ହରାଇ ଆଗାମୀ ବଡ଼ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି। ଚଳିତ ସିଜନର ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ଏଫ୍‌ସି ଓ ମୋହନ ବାଗାନ ସୁପର ଜାଏଣ୍ଟ ମଧ୍ୟରେ ଅନୁଷ୍ଠିତ ୨ଟି ଯାକ ମୁକାବିଲା ବେଶ୍ ରୋଚକ ରହିଥିଲା। ଉଭୟ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚକୁ ୨-୨ ଗୋଲରେ ଡ୍ର ରଖି କଳିଙ୍ଗ ୱାରିୟର୍ସ ଦଳ ନିଜ ଦକ୍ଷତା ଦେଖାଇଥିଲା। ଘରୋଇ ପରିବେଶରେ ଅନୁଷ୍ଠିତ ଦ୍ୱିତୀୟ ମୁକାବିଲା ମଧ୍ୟ ଗୋଲଶୂନ୍ୟ ଡ୍ର ରହିଥିଲା। ତେଣୁ ଆଗାମୀ ମୁକାବିଲା ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଟେବୁଲର ଶୀର୍ଷରେ ରହି ମୋହନ ବାଗାନ ଚଳିତବର୍ଷର ଶିଲ୍ଡ ବିଜେତା ହୋଇଛି। ଅନ୍ୟପକ୍ଷରେ ଓଡ଼ିଶା ଏଫ୍‌ସି ଚଳିତ ସିଜନରେ କଳିଙ୍ଗ ଷ୍ଟାଡିୟମରେ ୧୨ ମ୍ୟାଚରେ ଅପରାଜେୟ ରହିଛି। କେବଳ ବେଙ୍ଗାଲୁରୁ ଏଫ୍‌ସି ଜାନୁୟାରୀ ୨୦୧୮ରୁ ନଭେମ୍ବର ୨୦୧୯ ମଧ୍ୟରେ ସର୍ବାଧିକ ୧୯ଟି ମ୍ୟାଚରେ ଘରୋଇ ପରିବେଶରେ ଅପରାଜେୟ ରହି ଓଡ଼ିଶା ଏଫ୍‌ସିଠାରୁ ଆଗରେ ରହିଛି। ମୋହନ ବାଗାନ ସୁପର ଜାଏଣ୍ଟ ୨୨ ଲିଗ୍ ମ୍ୟାଚରେ ୪୭ଟି ଗୋଲ ସ୍କୋର କରିଛି। ଏହା ଅନ୍ୟ ଦଳଗୁଡ଼ିକ ପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। ତେଣୁ ଓଡ଼ିଶା ଏଫ୍‌ସିକୁ ଆଗାମୀ ମ୍ୟାଚ ସତର୍କତାର ସହ ଖେଳିବାକୁ ପଡ଼ିବ। କାରଣ ଇତିହାସ ଦେଖିଲେ ମୋହନ ବାଗାନ ବିପକ୍ଷରେ ଓଡ଼ିଶା ଏଫ୍‌ସିର ଓଭରଅଲ୍ ରେକର୍ଡ ଭଲ ନାହିଁ। ଦୁଇ ଦଳ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୯ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରୁ ମୋହନ ବାଗାନ ସୁପର ଜାଏଣ୍ଟ ୪ ମ୍ୟାଚ ଜିତିଥିବାବେଳେ ୫ ଗେମ୍ ଡ୍ର ରହିଛି। ଅର୍ଥାତ୍ ଏହି ଦଳ ବିପକ୍ଷରେ ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ବିଜୟ ସ୍ୱାଦ ଚାଖିନାହିଁ।

ସୋମବାର ଅନୁଷ୍ଠିତ ପ୍ରି- ମ୍ୟାଚ ଖବରଦାତା ସମ୍ମିଳନୀରେ ଆଗାମୀ ମୁକାବିଲା ଏବଂ ଓଡ଼ିଶା ଏଫ୍‌ସିର ସମ୍ଭାବନା ସମ୍ପର୍କରେ ନିଜ ମତ ରଖିଥିଲେ ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ତାରକା ଗୋଲକିପର ଅମରିନ୍ଦର ସିଂ। ‘‘ଆଗାମୀ ମ୍ୟାଚ କଷ୍ଟସାଧ ହେବ। ଆମେ ବର୍ତ୍ତମାନର ଶିଲ୍ଡ ବିଜେତାଙ୍କୁ ଭେଟିବାକୁ ଯାଉଛୁ। ମୋହନ ବାଗାନ ଏକ ଭଲ ଦଳ। ଆମେ ମଧ୍ୟ ଉତ୍ତମ ଦଳ ଏବଂ କଳିଙ୍ଗରେ ଅପରାଜେୟ ଅଛୁ। ଘରୋଇ ପରିବେଶରେ ଥିବା ଫଳାଫଳକୁ ନେଇ ମୋମେଣ୍ଟମକୁ ଆମେ ବଜାୟ ରଖିବାକୁ ଚେଷ୍ଟା କରିବୁ। ସିଜନରେ ଅପରାଜେୟ ରହିବା ଆମର ମୁଖ୍ୟ ଟାର୍ଗେଟ। ସେମିଫାଇନାଲରେ ପ୍ରବେଶ କରିବା ଆମପାଇଁ ବହୁତ ସ୍ୱତନ୍ତ୍ର ଥିଲା। ଆମେ କ୍ଲବ ପାଇଁ ଆହୁରି ସଫଳତା ଆଣିବାକୁ ଚାହୁଁଛୁ। ଆମେ ଆଉ ଏକପାଦ ଆଗକୁ ଯିବାକୁ ଲକ୍ଷ୍ୟ ରଖିଛୁ। ଯଦି ଫାଇନାଲରେ ପ୍ରବେଶ କରୁ ତେବେ ବହୁତ ବଡ଼ କଥା ହେବ। ଟ୍ରଫି ଜିତିବାକୁ ହେଲେ ଉତ୍ତମ ଦଳ ଗଠନ ଆବଶ୍ୟକ। ଆମ ଦଳର ଖେଳାଳିମାନେ ସଫଳତା ପାଇଁ ବ୍ୟଗ୍ର। ପ୍ଲେ-ଅଫ୍ ମ୍ୟାଚରେ ସେମାନେ ତାହା କାମରେ କରି ଦେଖାଇଛନ୍ତି’’ ବୋଲି ଲୋବେରା ପ୍ରକାଶ କରିଛନ୍ତି।

‘‘ଆଇଏସ୍ଏଲ୍‌ର ପାଖାପାଖି ପ୍ରତି ସଂସ୍କରଣରେ ଖେଳିବା ସୁଯୋଗ ପାଇଥିବାରୁ ମୁଁ ବହୁତ ଖୁସି। କେବଳ ଗୋଲ୍ଡେନ ଗ୍ଲୋଭ୍ସ ନୁହେଁ ବରଂ ଆଇଏସ୍ଏଲ୍ ଟ୍ରଫି ଚାମ୍ପିୟନ ହେବା ମୋର ମୁଖ୍ୟ ଲକ୍ଷ୍ୟ। ସିଜନସାରା ଦର୍ଶକମାନେ ଆମକୁ ସମର୍ଥନ କରି ଆସିଛନ୍ତି। ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ। ଅଧିକରୁ ଅଧିକ ସଂଖ୍ୟାରେ ଦର୍ଶକମାନେ ଷ୍ଟାଡିୟମକୁ ଆସନ୍ତୁ ଏବଂ ଆଗାମୀ ମ୍ୟାଚ ପାଇଁ ଆମକୁ ଉତ୍ସାହିତ କରନ୍ତୁ’’ ବୋଲି ଅମରିନ୍ଦର କହିଛନ୍ତି।



ମୋହନ ବାଗାନ ସୁପର ଜାଏଣ୍ଟ ଓ ଓଡ଼ିଶା ଏଫ୍‌ସି ଦଳର ଖେଳାଳିଙ୍କ ଅଭ୍ୟାସ।

# ଖୋର୍ଦ୍ଧା ଜିଲା ପ୍ରତିଯୋଗୀଙ୍କୁ ସର୍ବାଧିକ ପଦକ

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

## ଓଡ଼ିଶା ରୋଲର ସ୍କେଟିଂ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଭୁବନେଶ୍ୱର ରୋଲର ସେକଟିଂ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ୧୪ଶ ଓଡ଼ିଶା ରାଜ୍ୟ ରୋଲର ସ୍କେଟିଂ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଖୋର୍ଦ୍ଧା ଜିଲା ସର୍ବାଧିକ ୫୪ଟି ପଦକ ହାସଲ କରି ଓଭରଅଲ୍ ଚାମ୍ପିୟନ ହୋଇଛି। ଭୁବନେଶ୍ୱର ୩୬, କଟକ ୨୦, ଯାଜପୁର ୧୧ ଓ ଭଦ୍ରକ ୫ ପଦକ ହାସଲ କରି ଏହି ତାଲିକାରେ ପଛକୁପଛ ରହିଛନ୍ତି। ପ୍ରତିଯୋଗିତାର ବିଭିନ୍ନ ବିଭାଗ ଓ ବୟସ ବର୍ଗରେ ପଦକ ହାସଲକାରୀ ସ୍କେଟରଙ୍କ ନାମ ନିମ୍ନରେ ପ୍ରଦତ୍ତ କରାଗଲା। କ୍ୱାଡ୍ ବାଳକ (୬ ବର୍ଷରୁ କମ୍): ଅଭନେଶ ନାୟକ, ୬ରୁ ୮ ବର୍ଷ: ସୀତାଂଶୁ ସାହୁ, ରୋଶନ ସଚଦେବ, ଲାଭ୍ୟାସ୍ମିଶ ସାହୁ, ୮ରୁ ୧୦: ସନ୍ଦିପ କୁମାର ସାହୁ, ରୋନକ ମଲିକ, ରୁଦ୍ରାଂଶ ଖୁଣ୍ଟିଆ, ୧୦ରୁ ୧୨ ବର୍ଷ: ବ୍ରିଜେଶ ସାହୁ, ରୂପମ ରୁହାନ ପଟେଲ, ଆୟୁଷ୍ମାନ ପଣ୍ଡା, ୧୨ରୁ ୧୪ ବର୍ଷ: ଆଦିତ୍ୟ କୁମାର ପଟେଲ, ଅଙ୍କିତ ନାୟକ, ସୌର୍ଯ୍ୟ ଦାସ, ୧୪ରୁ ୧୬ ବର୍ଷ: ଆୟୁଷ ଜେନା, ସୂର୍ଯ୍ୟ ପ୍ରତ୍ୟୁଷ ନାୟକ ଓ ପ୍ରୀତ ପ୍ରୀତମ ଜେନା। ସେହିପରି କ୍ୱାଡ୍ ବାଳିକା ୬ ବର୍ଷରୁ କମ୍ ବର୍ଗରେ ଦ୍ରିଶନା ବରାଳ, ହିୟାନା ଗର୍ଗ, ସାୟେଶା ମହାନ୍ତି, ୬ରୁ ୮ ବର୍ଷରେ ରୋହାଂଶି ଆଚାର୍ଯ୍ୟ, ଲଗ୍ନିକା ମହାପାତ୍ର, ୮ରୁ ୧୦ ବର୍ଷରେ ଭନ୍ୟା, ଆରୁଷି ଦାସ, ଶାତକ୍ଷୀ ଦାଶ, ୧୦ରୁ ୧୨ ବର୍ଷରେ ଏଲ. ଦୀକ୍ଷତା, ସାନ୍‌ଭି ନାୟକ, ଆରୁଷି ପ୍ରୀମା କାନୁନ୍‌ଗୋ, ୧୨ରୁ ୧୪ ବର୍ଷରେ ଅନୁସ୍କା ରାୟ ଓ ଜସ୍ମିନ ସାମନ୍ତରାୟ। ଇନ୍‌ଲାଇନ୍ ବାଳକ ୬ ବର୍ଷରୁ କମ୍‌ରେ ସମ୍ଭବ ସ୍ୱାଭିମାନ ନନ୍ଦ, ୬ରୁ ୮ ବର୍ଷରେ ଶିଭଙ୍କ ନାୟକ, ନୈତିକ ଗର୍ଗ, ଅଭିଷେକ ସାହୁ, ୮ରୁ ୧୦ ବର୍ଷରେ ଅର୍ନବ ମିଶ୍ର, ଅଶ୍ଳେଷ ନାୟକ, ଆୟାନ ବର୍ଦ୍ଧନ, ୧୦ରୁ ୧୨ ବର୍ଷରେ ଅମିତ ବିକ୍ରମ ରାଉତରାୟ, ୧୨ରୁ ୧୪ ବର୍ଷରେ ଆରୁଷ ଦାସ, ୧୪ରୁ ୧୬ ବର୍ଷରେ ରୋହିତ କୁମାର ଭୋଇ, ସ୍ୱସ୍ତିକ ପ୍ରହରାଜ ଓ ସାଇ ଶ୍ରେୟାଂଶୁ ରାଉତ। ଇନ୍‌ଲାଇନ୍ ବାଳିକା ୬ ବର୍ଷରୁ କମ୍‌ରେ ସାନ୍‌ଭି ଶିବାନୀ ନାୟକ, ୮ରୁ ୧୦ ବର୍ଷରେ ଅଦ୍ୱିତା ନାଥ, ସୁଦୀକ୍ଷା ସ୍ୱାଇଁ, କୃତିକା ସାହୁ ଓ ୧୦ରୁ ୧୨ ବର୍ଷରେ ରକ୍ଷିତା ଭରିତା ପଦକ ହାସଲ କରିଛନ୍ତି। ଅର୍ଥନରି ପେରୁମଲ ଓ ବିଜୟ କାନ୍ତ ଅତିଥିଭାବେ ଯୋଗଦେଇଥିଲେ। ଓଡ଼ିଶା ରୋଲର ସ୍କେଟିଂ ଆସୋସିଏଶନ ସମ୍ପାଦକ ପାର୍ଥ ସାରଥି ଜେନା ଓ ଭୁବନେଶ୍ୱର ରୋଲର ସ୍କେଟିଂ ଆସୋସିଏଶନ ଉପସଭାପତି ସୌଦାମିନୀ ପାତ୍ର ଓ କାର୍ଯ୍ୟକାରିଣୀ ସଦସ୍ୟମାନେ ଉପସ୍ଥିତ ଥିଲେ।



ଓଡ଼ିଶା ରୋଲର ସ୍କେଟିଂ ଚାମ୍ପିୟନଶିପ୍ ଅବସରରେ ପ୍ରତିଯୋଗୀମାନେ।

# ବ୍ରହ୍ମେଶ୍ୱର ଏକାଦଶ ଚାମ୍ପିୟନ



ରସୁଲଗଡ଼ ପ୍ରିମିୟର ଲିଗ୍ ଚାମ୍ପିୟନ ବ୍ରହ୍ମେଶ୍ୱର ଏକାଦଶ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୨।୪ (ତପନ ସ୍ୱାଇଁ)**

## ରସୁଲଗଡ଼ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ରସୁଲଗଡ଼ ପ୍ରିମିୟର ଲିଗ୍‌ର ୯ମ ସଂସ୍କରଣ ଉଦ୍‌ଯାପିତ ହୋଇଛି। ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ବ୍ରହ୍ମେଶ୍ୱର ଏକାଦଶ ଚାମ୍ପିୟନ ହୋଇଛି। ଫାଇନାଲରେ ବ୍ରହ୍ମେଶ୍ୱର ୮ ଉଇକେଟରେ ଜୟ ମା’ ଦୁର୍ଗା ଏକାଦଶକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜୟ ମା’ ଦୁର୍ଗା ଦଳ ୧୨ ଓଭରରେ ୧୪୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଉମାକାନ୍ତ ଜଗଦ୍ଦେବ ୨୫ ବଲ୍‌ରୁ ସର୍ବାଧିକ ୫୩ ରନ କରିଥିଲେ। ବିପକ୍ଷ ଦଳର ଦେବପ୍ରିୟ ମହାନ୍ତି ମାତ୍ର ୭ ରନ ଦେଇ ୨ଟି ଉଇକେଟ ନେଇଥିଲେ। ୧୪୨ ରନର ବିଜୟ ଲକ୍ଷ୍ୟନେଇ ବ୍ରହ୍ମେଶ୍ୱର ଏକାଦଶ ୧୦.୨ ଓଭରରେ ୨ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ସତ୍ୟନାରାୟଣ ରାଉତ ୨୧ ବଲ୍‌ରୁ ୫୦ ରନକରି ଦଳକୁ ଜିତାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ପରାଜିତ ଦଳର ରାକେଶ ବଳିୟାରସିଂ ଗୋଟିଏ ଉଇକେଟ ନେଇଥିଲେ। ସତ୍ୟନାରାୟଣ ରାଉତ ଶ୍ରେଷ୍ଠ ବ୍ୟାଟର, ପ୍ଲେୟର ଅଫ୍ ଦି ଫାଇନାଲ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପାଇଥିଲେ। ସେ ୪ ମ୍ୟାଚରୁ ମୋଟ ୨୦୬ ରନ ସ୍କୋର କରିଥିଲେ। ରଶ୍ମି ରଞ୍ଜନ ଚାନ୍ଦ ଶ୍ରେଷ୍ଠ ବୋଲର ବିବେଚିତ ହୋଇଥିଲେ। ଶିବରାଜ ଚମ୍ପତି ଓ କାଳନ୍ଦି ରାଉତ ମ୍ୟାଚ ପରିଚାଳନା କରିଥିଲେ। ପ୍ରକାଶ ରାଉତରାୟ, ଅନିଲ ବଳିୟାରସିଂ, ସ୍ନେହାଶିଷ ଜେନା, ଟୁଟୁ ବଳିୟାରସିଂ ଓ ଦେବାଶିଷ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଶେଷ ଥର ଲାଭର କପ୍ ଖେଳିବେ ନାଡାଲ

**ବର୍ଲିନ, ୨୨।୪ (ଏପି):** ସେପ୍ଟେମ୍ବରରେ ବର୍ଲିନଠାରେ ଲାଭର କପ୍ ଖେଳିବେ ରାଫାଲ ନାଡାଲ ସୋମବାର ପ୍ରକାଶ କରିଛନ୍ତି। ୨୨ଥର ଗ୍ରାଣ୍ଡସ୍ଲାମ ବିଜେତାଙ୍କର ଏହା ଅନ୍ୟତମ ଶେଷ ଟୁର୍ନାମେଣ୍ଟ ହେବ। ନାଡାଲ ପୂର୍ବରୁ ସୂଚନା ଦେଇ ସାରିଛନ୍ତି ଯେ, ୨୦୨୪ ଟୁର୍‌ରେ ତାଙ୍କର ଶେଷ ବର୍ଷ ହେବ। ଗତ ସପ୍ତାହରେ ବାର୍ସିଲୋନାରେ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ଆଲେକ୍ସ ଡି’ ମିନାଉରଙ୍କଠାରୁ ହାରିଯାଇଥିଲେ, ଯେଉଁଠାରେ କି ସେ ୧୨ଥର ଟାଇଟଲ ବିଜୟୀ ହୋଇଥିଲେ। ସେତେବେଳେ ସେ ସେଠାରେ କହିଥିଲେ ସମ୍ଭବତଃ ଏଠାରେ ଏହା ହେଉଛି ତାଙ୍କର ଶେଷ ମ୍ୟାଚ। ୩୭ ବର୍ଷୀୟ ସ୍ପାନିଶ ଷ୍ଟାର ବହୁଦିନ ହେଲା ଆଘାତଜନିତ ସମସ୍ୟା ସହ ସଂଘର୍ଷ କରିଆସୁଛନ୍ତି।

# ରୁଡ୍‌ଙ୍କୁ କ୍ୟାରିୟରର ବଡ଼ ଟାଇଟଲ



ଟ୍ରଫି ସହ କାସ୍ପର ରୁଡ୍।

## ବାର୍ସିଲୋନା ଓପନ ଟେନିସ

**ବାର୍ସିଲୋନା, ୨୨।୪ (ଏପି)**

କାସ୍ପର ରୁଡ୍ ବାର୍ସିଲୋନା ଓପନ ଟେନିସ ଚାମ୍ପିୟନ ହୋଇଛନ୍ତି। ଟୁର୍ନାମେଣ୍ଟର ଫାଇନାଲରେ ସେ ଷ୍ଟିଫାନସ ସିତ୍‌ସିପାସଙ୍କୁ ୭-୫, ୬-୩ରେ ହରାଇ ଦେଇଛନ୍ତି। ଏଥିସହିତ ସେ ମଣ୍ଟେ କାର୍ଲୋ ମାଷ୍ଟର୍ସ ଫାଇନାଲ ପରାଜୟର ପ୍ରତିଶୋଧ ମାତ୍ର ଏକ ସପ୍ତାହ ପରେ ନେଇ ପାରିଛନ୍ତି। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଟାଇଟଲ। ଏହି ବର୍ଷ ସେ ଖେଳିଥିବା ଅନ୍ୟ ୩ଟି ଫାଇନାଲରେ ସେ ହାରିଯାଇଥିଲେ। ମଣ୍ଟେ କାର୍ଲୋଠାରେ ୭ମ ସିଡ୍ ସିତ୍‌ସିପାସ ସିଧାସଳଖ ସେଟ୍‌ରେ ସହଜସାଧ ବିଜୟ ହାସଲ କରିଥଲେ। କିନ୍ତୁ ଏଥର ରୁଡ୍‌ଙ୍କୁ ମିଳିଥିବା ୬ଟି ବ୍ରେକ୍ ପଏଣ୍ଟ ମଧ୍ୟରୁ ତିନୋଟିରେ ବିଜୟ ହାସଲ କରିଥିଲେ।

# ‘ଗୁକେଶ ଭବିଷ୍ୟତର ବିଶ୍ୱ ଚାମ୍ପିୟନ’

**ନୂଆଦିଲ୍ଲୀ, ୨୨।୪(ପି.ଟି.)**

ମର୍ଯ୍ୟାଦାପୂର୍ଣ୍ଣ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଜିତି ଭାରତର ଡି. ଗୁକେଶ ଏକ ଐତିହାସିକ ସଫଳତା ହାସଲ କରିଛନ୍ତି। କେବଳ ଚେସ୍ ନୁହେଁ ସବୁ ମହଲରେ ତାଙ୍କର ଉଚ୍ଚ ପ୍ରଶଂସା କରିଛନ୍ତି। ଏପରି କି ତାଙ୍କୁ ଭବିଷ୍ୟତର ବିଶ୍ୱ ଚାମ୍ପିୟନ ବୋଲି ଲୋକେ କହୁଛନ୍ତି। ଫାଇନାଲ ରାଉଣ୍ଡରେ ଆମେରିକାର ହିକାରୁ ନାକାମୁରାଙ୍କ ସହ ଡ୍ର ରଖିବା ଦ୍ୱାରା ସେ କେବଳ ସମ୍ମାନଜନକ ଟୁର୍ନାମେଣ୍ଟ ଜିତି ନାହାନ୍ତି, ମାତ୍ର ୧୭ବର୍ଷ ବୟସରେ ସେ ସର୍ବକନିଷ୍ଠ ବିଶ୍ୱ ଟାଇଟଲ ଚ୍ୟାଲେଞ୍ଜର ହୋଇପାରିଛନ୍ତି। ୫ଥର ବିଶ୍ୱ ଚାମ୍ପିୟନ ତଥା ଅନ୍ୟତମ ଭାରତୀୟ ଭାବେ କ୍ୟାଣ୍ଡିଡେଟ୍ସ ଜିତିଥିବା କିମ୍ବଦନ୍ତୀ ବିଶ୍ୱନାଥନ ଆନନ୍ଦ ପ୍ରଥମ ବ୍ୟକ୍ତି ଭାବେ ଏହି ସ୍ୱଳ୍ପ ବୟସ୍କଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସଫଳତା ପାଇଁ ଚେସ୍ ପରିବାର ଗର୍ବିତ। ବିଭିନ୍ନ କଠିନ ପରିସ୍ଥିତିରେ ମ୍ୟାଚ୍‌କୁ ଯେପରି ହାତେଇଛ ଏବଂ ଖେଳିଛ ସେଥିପାଇଁ ସେ ନିଜେ ବ୍ୟକ୍ତିଗତ ଗର୍ବିତ ବୋଲି ଆନନ୍ଦ ସୋସିଆଲ ମିଡିଆ ‘ଏକ୍ସ’ରେ ଉଲ୍ଲେଖ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଗୁକେଶଙ୍କ ଏହି ପ୍ରେରଣାଦାୟକ ବିଜୟର ଉଚ୍ଚ ପ୍ରଶଂସା କରିଛନ୍ତି। ଗୁକେଶ ସର୍ବକନିଷ୍ଠ ଖେଳାଳି ହିସାବରେ ଫିଡେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ଜିତିଥିବାରୁ ଭାରତ ଗର୍ବିତ। ଅନେକ ଚେସ୍ ଖେଳାଳିଙ୍କ ପାଇଁ ସେ ପ୍ରେରଣାର ଉତ୍ସ ପାଲଟିଥିବା କହିଛନ୍ତି। କ୍ରିକେଟ ଆଇକନ ସଚିନ ତେନ୍ଦୁଲକର ଗୁକେଶଙ୍କୁ ସାବାସୀ ଜଣାଇଛନ୍ତି। ମାତ୍ର ୧୭ ବର୍ଷ ବୟସରେ ଫିଡେ କ୍ୟାଣ୍ଡିଡେଟ୍ସ ଜିତିବା ବହୁତ ବଡ଼ ସଫଳତା ବୋଲି ସେ କହିଛନ୍ତି। ଆଗକୁ ବଢ଼ ଆମେ ତୁମ ସାଥିରେ ଅଛୁ ବୋଲି ସେ କହିଛନ୍ତି। ମାତ୍ର ୧୨ ବର୍ଷ ବୟସରେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବାରେ ଗୁକେଶ ଚେସ୍ ଇତିହାସରେ ତୃତୀୟ ସର୍ବ କନିଷ୍ଠ ଖେଳାଳି। ଇଂଲିଶ ଗ୍ରାଣ୍ଡମାଷ୍ଟର ଡେଭିଡ୍ ହାୱେଲ କହିଛନ୍ତି ଏହି ଗୁକେଶଙ୍କ ବିପକ୍ଷରେ ସେ ପ୍ରଥମ ମ୍ୟାଚ ସମୟରେ ତାଙ୍କ ପ୍ରତିଭା ସମ୍ପର୍କରେ ସୁରାକ ପାଇଥିଲେ। ଭାରତର ଏହି ସ୍ୱଳ୍ପ ବୟସ୍କ ଖେଳାଳି ଭବିଷ୍ୟତର ବିଶ୍ୱ ଚାମ୍ପିୟନ ବୋଲି ହାୱେଲ ଟୁଇଟ କରିଛନ୍ତି। ଗୁକେଶଙ୍କ ଚମକପ୍ରଦ ପ୍ରଦର୍ଶନକୁ ନେଇ ପୂର୍ବତନ ବିଶ୍ୱ ଚାମ୍ପିୟନ ଓ ଗ୍ରାଣ୍ଡମାଷ୍ଟର ରୁଷିଆର ଭ୍ଲାଡିମିର କ୍ରାମ୍‌ନିକ୍ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ କ୍ୟାରିଅରରେ ସେ ଯେତୋଟି ଗେମ୍ ଦେଖିଛନ୍ତି ଗୁକେଶଙ୍କ ସୋମବାର ଗେମ୍ ସର୍ବଶ୍ରେଷ୍ଠ ବୋଲି ସେ କହିଛନ୍ତି। ଏହି ବିଜୟ ଦ୍ୱାରା ଗୁକେଶ କିମ୍ବଦନ୍ତୀ ଗ୍ୟାରି କାସ୍ପାରୋଭଙ୍କ ଦୀର୍ଘ ୪୦ ବର୍ଷର ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ରୁଷିଆର ଏହି ୨୨ ବର୍ଷୀୟ ଖେଳାଳିଙ୍କୁ ଯେତେବେଳ ମାତ୍ର ୨୨ ବର୍ଷ ବୟସ ହୋଇଥିଲା, ସେ ୧୯୮୪ରେ ନିଜ ଦେଶର ଆନାଟୋଲି କାର୍ପୋଭଙ୍କ ସହ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। ଗୁକେଶ ବିଶ୍ୱ ଚାମ୍ପିୟନ ହେବା ଲାଗି ଚଳିତବର୍ଷ ପରବର୍ତ୍ତୀ ଭାଗରେ ବର୍ତ୍ତମାନ ବିଶ୍ୱ ଚାମ୍ପିୟନ ଥିବା ଚାଇନାର ଡିଙ୍ଗ୍ ଲିରେନଙ୍କ ସହ ମୁକାବିଲା କରିବେ। ଗୁକେଶ ସର୍ବକନିଷ୍ଠ ଚ୍ୟାଲେଞ୍ଜର ହୋଇ ଉଭା ହୋଇଥିବାରୁ ମହିଳା ବିଭାଗରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା କୋନେରୁ ହମ୍ପି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଭିନ୍ନ ମହଲରୁ ପ୍ରଶଂସାର ସୁଅ



ଆମେରିକାର ହିକାରୁ ନାକାମୁରାଙ୍କ ବିପକ୍ଷରେ ଅନ୍ତିମ ରାଉଣ୍ଡ ମ୍ୟାଚ ଖେଳିବା ଅବସରରେ ଭାରତର ଡି. ଗୁକେଶ (ଡାହାଣ)।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଅୟାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶେୟାର ବଜାର କାରବାରରେ ଉତ୍ସାହ

**ନୂଆଦିଲ୍ଲୀ,୨୨।୪:** କ୍ରମାଗତ ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନସେକ୍ସ ୫୬୦(୫୬୦.୨୯) ପଏଣ୍ଟ ବଢି ୭୩,୬୪୯(୭୩,୬୪୮.୬୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୮୯(୧୮୯.୪୦) ପଏଣ୍ଟ ବୃଦ୍ଧି ଘଟି ୨୨,୩୩୬(୨୨,୩୩୬.୪୦) ଅଙ୍କରେ କାରବାର ବନ୍ଦ କରିଥିଲା।

# ରିଲାଏନ୍ସ ଜିଓର ନେଟ ଲାଭ ୨୦,୪୬୬ କୋଟି

## ରିଲାଏନ୍ସ ଜିଓର ୪ର୍ଥ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୨।୪

ଦେଶର ସର୍ବବୃହତ୍ ଦୂରସଞ୍ଚାର ସେବା ପ୍ରଦାନକାରୀ କମ୍ପାନୀ ତଥା ରିଲାଏନ୍ସ ଜିଓ ଇନ୍‌ଫୋକମ ଲିମିଟେଡ୍‌ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକବର୍ଷର ୪ର୍ଥ ତ୍ରୈମାସର ସହ ସମ୍ପୂର୍ଣ୍ଣ ଆର୍ଥିକବର୍ଷର ଆର୍ଥିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ତ୍ରୈ ମାସିକ (ଜାନୁଆରୀରୁ ମାର୍ଚ୍ଚ)ରେ ରିଲାଏନ୍ସ ଜିଓ ଇନ୍‌ଫୋକମ ଲିମିଟେଡ୍ ମୋଟ ୫,୩୩୭ କୋଟି ଟଙ୍କାର ନେଟ ଲାଭ ହାସଲ କରିଥିବାବେଳେ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ କମ୍ପାନୀ (ରିଲାଏନ୍ସ ଜିଓ)ର ମୋଟ ନେଟ ଲାଭ ୨୦,୪୬୬କୋଟି ଟଙ୍କା




ହୋଇଥିବା ରିଲାଏନ୍ସ ଜିଓ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ବିଶେଷ କରି ୨୦୨୪ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡ୍‌ର ନେଟ ଲାଭ ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ତୁଳନାରେ ୧୩.୧୬% ଅଭିବୃଦ୍ଧି ହୋଇଛି। ଏହି ତ୍ରୈମାସରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୨୫,୯୫୯କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ସେହିଭଳି ୨୦୨୩-୨୪ ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ରିଲାଏନ୍ସ ଜିଓର ମୋଟ ନେଟ ଲାଭ ପୂର୍ବ ଆର୍ଥିକ ବର୍ଷ ସମାନ ଅବଧି ତୁଳନାରେ ୧୨.୪% ଅଭିବୃଦ୍ଧି ସହିତ ୨୦,୪୬୬ କୋଟି ଟଙ୍କାରେ ପହଞ୍ଚିଛି। ଏପରି କି ଏହି ଆର୍ଥିକ ବର୍ଷ ମଧ୍ୟରେ କମ୍ପାନୀର ମୋଟ ପରିଚାଳନାଗତ ରାଜସ୍ୱ ୧୦.୨% ବୃଦ୍ଧି ଘଟି ୧,୦୦,୧୧୯କୋଟି ଟଙ୍କା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ଦେଶରେ ଜିଓର ଟ୍ରୁ ୫ଜି ନେଟ୍‌ୱର୍କରେ ୧୦.୮କୋଟିରୁ ଊର୍ଦ୍ଧ୍ୱ ଉପଭୋକ୍ତା ରହିଥିବା ବେଳେ ଜିଓର ମୋଟ ଗ୍ରାହକ ସଂଖ୍ୟା ୪୮.୧୮କୋଟିକୁ ବୃଦ୍ଧି ପାଇଛି, କମ୍ପାନୀର ପ୍ରତ୍ୟେକ ଗ୍ରାହକଙ୍କ ରାଜସ୍ୱ ପ୍ରତିମାସ ପିଛା ୧୮୧.୭ ଟଙ୍କା ରହିଛି।

## ଜନ୍ମଦିନ ଶୁଭେଚ୍ଛା



ପ୍ରଥମ ଜନ୍ମ ଦିବସରେ ଅୟାଂଶଙ୍କୁ ଆଶୀର୍ବାଦ କଲେ
ମା' ଇତିଶ୍ରୀ ବେହେରା, ବାପା ଗୋକୁଳାନନ୍ଦ ବେହେରା, ଜେଜେମା' ଲକ୍ଷ୍ମୀ ବେହେରା, ଅଜା ଭାସ୍କର ଚନ୍ଦ୍ର ବେହେରା, ଆଈ ପୁଷ୍ପଲତା ବେହେରା, ମାମୁ ସଞ୍ଜୟ ବେହେରା ଏବଂ ଅଶୋକ ଗନ୍ତାୟତ, ଉମାକାନ୍ତ ମଲ୍ଲିକ, ସୂର୍ଯ୍ୟକାନ୍ତ ସାହୁ, ସୁବ୍ରତ ଜାନି, ପ୍ରକାଶ ଖୁଣ୍ଟିଆ ଏବଂ ପରିବାରବର୍ଗ
ଧ-୧୪୩

## Birthday Wishes



**Aarsh Duggal**
23, Tagar Park, Jalandar
May God bless you with skills in three 'h's: heart, head and hand for a glorious long life and bright career.
Nana, Nani and all others
ଧ-୧୩୬

## Birthday Wishes



**Archisha Das**
May God empower you to integnare body, mind and spirit in forming ideal character, strengthening mind and expanding intellect.
Bou, Daddy and all others
ଧ-୧୩୭

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## CLASSIFIED DISPLAY

**MORE SPACE • SAME PRICE** — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ELECTION 2024**
For POSTERS, LEAFLETS PUSHING CARDS, FLEX PRINTING, AUTO BRANDING, FLAGS, T-SHIRT, CAP, BADGE, WRIST BAND, SAREE, CHAIN, BIKE STAND, PEN, MASK, HEAD BAND, MUSIC RECORDING, SLOGANS & ALL CAMPAIGN MATERIALS AVAILABLE HERE
ALL IN ONE ROOF
SPACE SETTER PRESS SINCE 1992
For Best Price
Contact 7008993500 7008994500

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସାଇବର ଅପରାଧରୁ ବର୍ତ୍ତିବା ପାଇଁ 'ମାସ୍କ ଆଧାରକାର୍ଡ'

ଭୁବନେଶ୍ୱର,୨୨।୪(ଅନୁରାଧା ମହାରଣା)

ଆଧାରକାର୍ଡ ବର୍ତ୍ତମାନ ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଭାବେ ବ୍ୟବହାର କରାଯାଉଛି। ତେବେ ସାଇବର ଅପରାଧୀମାନେ ଅନ୍ୟମାନଙ୍କର ଆଧାରକାର୍ଡ ବ୍ୟବହାର କରି ଅପରାଧ ଘଟାଉଥିବା ଦେଖିବାକୁ ମିଳୁଛି। ଏହି ଆଧାର କାର୍ଡ ଦାଖଲ କରି ସିମ୍ କାର୍ଡ କିଣନ୍ତି ଓ ଉକ୍ତ ସିମ୍ କାର୍ଡ ବ୍ୟବହାର କରି ଠକେଇ କରିଥାନ୍ତି। ଆପରାଧିକ କାର୍ଯ୍ୟକଳାପ ଯାଞ୍ଚ ସମୟରେ ପ୍ରକୃତ ଆଧାରକାର୍ଡଧାରୀ ଅନେକ ସମୟରେ ଅସୁବିଧାରେ ପଡ଼ିଥାନ୍ତି। ଏପରି ସମସ୍ୟାକୁ ଏଡ଼ାଇବା ପାଇଁ ଉପଭୋକ୍ତା ମାସ୍କ ଆଧାରକାର୍ଡ ବ୍ୟବହାର କରିପାରିବେ। ଏଥିପାଇଁ ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ୱେବ୍‌ସାଇଟରେ ଆଧାରକାର୍ଡ ପରିବର୍ତ୍ତେ ମାସ୍କ ଆଧାରକାର୍ଡ ଅପସନ୍ ଚୟନ କରିବାକୁ ପଡ଼ିଥାଏ। ଆଧାରକାର୍ଡରେ ୧୨ଟିକିଆ ନମ୍ବର ଦେଖାଯାଉଥିବାବେଳେ ମାସ୍କ ଆଧାରକାର୍ଡରେ କେବଳ ୪ଟି ନମ୍ବର ଦେଖାଯାଇଥାଏ। ଆପଣ ଚାହିଁଲେ ଏଥିରେ ଜନ୍ମ ତାରିଖ ମଧ୍ୟ ଲୁଚାଇପାରିବେ। ଏହାଦ୍ୱାରା ଅପରାଧୀ ଆପଣଙ୍କ ଆଧାରକାର୍ଡ ବ୍ୟବହାର କରିବା ସହଜ ହୋଇ ନ ଥାଏ।

# ପିଏନ୍‌ବି ବାଲେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ

ଭୁବନେଶ୍ୱର,୨୨।୪



ବିଶ୍ୱଜିତ ବିଶ୍ୱାଳ

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ବା ପିଏନ୍‌ବି ବାଲେଶ୍ୱର ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ବିଶ୍ୱଜିତ ବିଶ୍ୱାଳ ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଔରଙ୍ଗାବାଦ ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୯ରେ ବିଶ୍ୱାଳ ପିଏନ୍‌ବିର କୃଷି ଅଧିକାରୀ ଭାବେ ଯୋଗଦେଇଥିବା ବ୍ୟାଙ୍କର ଅନ୍ୟତମ ସର୍ବକନିଷ୍ଠ ମଣ୍ଡଳ ମୁଖ୍ୟ ଭାବେ ସେ ଏହି ସଫଳତା ଲାଭ କରିଛନ୍ତି। ଏପରି କି ସେ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଓ ବିହାର ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପଦପଦବୀରେ କାର୍ଯ୍ୟ କରିବା ସହ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ସେହିଭଳି ଓଡ଼ିଶାରେ ବିଶ୍ୱାଳଙ୍କର ଏହା ପ୍ରଥମ କାର୍ଯ୍ୟକାଳ ହୋଇଥିବାବେଳେ ବାଲେଶ୍ୱର ମଣ୍ଡଳରେ ସେ ତାଙ୍କର ଜ୍ଞାନ ଓ ରଣନୀତିକ ଦୃଷ୍ଟିକୋଣର ପାରଦର୍ଶିତା ଦର୍ଶାଇ ପାରିବେ ବୋଲି ବ୍ୟାଙ୍କ ପକ୍ଷରୁ ମତବ୍ୟକ୍ତ କରାଯାଇଛି।

ଅପରପକ୍ଷରେ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଓ କେନ୍ଦୁଝର ଭଳି ଜିଲାର ୬୭ଗୋଟି ଶାଖାକୁ ନେଇ ଏହି ମଣ୍ଡଳ ଗଠିତ ହୋଇଥିବାବେଳେ ଏହି ମଣ୍ଡଳ ଅଧୀନରେ ମୋଟ ବ୍ୟବସାୟ ୫,୪୦୦ କୋଟି ଟଙ୍କା ରହିଛି।

ଏ ନେଇ ବିଶ୍ୱାଳ କହିଛନ୍ତି, ବାଲେଶ୍ୱର ମଣ୍ଡଳରେ ଏମଏସଏମଇ, ରିଟେଲ୍, କୃଷି ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ ସହ ଗ୍ରାହକ ସନ୍ତୁଷ୍ଟି ବ୍ୟବସାୟ ଅଭିବୃଦ୍ଧିରେ ସାହାଯ୍ୟ କରିଥାଏ। ତେଣୁ ସେ ବ୍ୟାଙ୍କର ସମସ୍ତ ଶାଖାଗୁଡିକରେ ଉଚ୍ଚମାନର ଗ୍ରାହକସେବାକୁ ସର୍ବାଧିକ ଗୁରୁତ୍ୱ ସହିତ ଗ୍ରାହକଙ୍କୁ କିପରି ଠିକ ଭାବେ ସେବା ଯୋଗାଇ ଦିଆଯିବ ସେ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରିବେ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

## Classified Everyday
0674-2580101, 2549949



**REAL ESTATE**
**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16** ଏବଂ **Sum-2 Hospital**ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **6371200121.** D-75949

Homestead plot sale. Nakhara East College,30 ft. Road, Electricity, Boundary @21,00,000/-. 9938603188. D-75948

ଭୁବନେଶ୍ୱର Gita/Gandhi College ପାଖ BDA satellite cityକୁ ଲାଗି 30ft. ରାସ୍ତା ଥାଇ ପ୍ଲଟ୍ ବିକ୍ରିହେବ। 8093712828. D-75944

ଭୁବନେଶ୍ୱର ପିତାପଲ୍ଲୀ **NH-16** କଡ଼ରେ **30' road,** ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। **(Owner). 9090963952.** D-75946

ଭୁବନେଶ୍ୱର ଗ୍ୟାରେଜ ଛକରେ ୟେଲୋଜୋନ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରି ହେବ। **Mob- 9827119799.** D-102

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your Body, Mind at Saikrupa Spa with best therapies. 8984068077.** D-094

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75729

Relax, refresh your body, mind by expert therapist. Contact- 9938843929. D-76114

Newly opened central SPA full-body massage. Trend Therapist. 8456885600. D-75730

**AFFIDAVIT**

I, Madhulika Panda, D/o- Sushil Jha, W/o- Manoj Kumar Panda resident of Plot No.- 130, Co-Operative Colony, Bokaro Steel City, Bokaro, Jharkand, PIN- 827001, presently residing at Flat No.- 720, Tower 5, Royal Lagoon, Nandankanan Road, Dist.- Khorda, Bhubaneswar, Odisha, PIN- 751024 declare by this affidavit No.- CF- 46 dtd 08.04.2024 that now onwards I shall be known as MADHULIKA JHA for all future purposes. D-141

I, Deepti Nayak, W/o- Nishikanta Nayak, resident of HIG-78, Sailashree Vihar, Khurda, PIN 751021, Odisha hereby declare by this affidavit No.220/2024, dated 23.03.2024 that now onwards I shall be known as Diptirani Pattnaik for all future purposes. D-138

By virtue of an affidavit No.- 2940, I Anita Bal, W/o- Sanatan Bal, Vill: Kamalapur, P.S.- Chandbali, Dist.- Bhadrak changed my name in my LIC Policy bearing No.- 588865015 Anita Bal to Sasmita Bal. D-139

By virtue of affidavit before Executive Magistrate Malkangiri, Parupali, Sai Siba Shankar Rao aged 38 years S/o Late Parupali Raja Rao Residence's Malkangiri. Elongated surname P to Parupali. P Sai Siba Shankar and Parupali Sai Siba Shankar Rao is same person. D-142

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭଗବାନ ଖୋଦେଇ**
ମାର୍ଥାପୁର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ- ୦୧।୦୧।୧୯୩୪
ତିରୋଧାନ- ୧୩।୦୪।୨୦୨୪
ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଦିଗହୀନ। ଆପଣଙ୍କ ନିଷ୍ଠାପର କର୍ମ, ସ୍ୱଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୭୩୭

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ତୃପ୍ତିରାଣୀ ମହାନ୍ତି**
ଆବିର୍ଭାବ: ୧୦।୦୧।୧୯୬୫
ତିରୋଧାନ: ୨୭।୦୪।୨୦୨୧
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ: ସ୍ୱାମୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୪

# ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ନୂତନ ସିଏଚ୍‌ଡି ଉଦ୍‌ଘାଟିତ

ଭୁବନେଶ୍ୱର,୨୨।୪



ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ ବା ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଲିମିଟେଡର ନୂତନ କମ୍ୟୁନିଟି ହେଲ୍‌ଥ ଡିସ୍‌ପେନ୍‌ସାରି (ସିଏଚ୍‌ଡି) ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି କମ୍ପାନୀର ଓଡ଼ିଶା ୟୁନିଟ୍ କାର୍ଯ୍ୟ ପରିସର କେନ୍ଦୁଝର ଜିଲା ଅଧୀନ ଶଙ୍କରୀ ଗ୍ରାମଠାରେ ଉକ୍ତ ସିଏଚ୍‌ଡିର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶଙ୍କରୀ ଗ୍ରାମର ୱାର୍ଡମେମ୍ବର ସୁଲୋଚନା ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ଭାରପ୍ରାପ୍ତ ଟିଏସ୍‌ଏଫ୍ ପ୍ରଭାରୀ ଧର୍ମେନ୍ଦ୍ର ହିରୱା, ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ମୁଖ୍ୟ-ସିଏସ୍‌ଆର୍ ମଦନ ଦାଶଙ୍କ ସହ ସ୍ଥାନୀୟ ସମ୍ପ୍ରଦାୟର ବହୁ ସଦସ୍ୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅନୁଯାୟୀ ଏହି ପ୍ରକଳ୍ପର କାର୍ଯ୍ୟକ୍ଷମ ହୋଇଛି, ଏପରିକି ପ୍ରକଳ୍ପ ଆରୋଗ୍ୟ ଅଧୀନରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ଡିସ୍‌ପେନସାରି)ର ଶୁଭାରମ୍ଭ ହୋଇଯାଇଛି।

ସେହିଭଳି ଶଙ୍କରୀ ଗ୍ରାମ ଏବଂ ଆଖପାଖ ଅଞ୍ଚଳର ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଏପରିକି ଆଖପାଖ ଅଞ୍ଚଳରେ ପ୍ରଚଳିତ ସ୍ୱାସ୍ଥ୍ୟ ଓ ପୋଷଣ ସମସ୍ୟାର ସମାଧାନ, ସାମଗ୍ରିକ ସୁସ୍ଥତା ବୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ ବିକାଶ ପାଇଁ ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ସ୍ଥାପିତ ଏହି ଡିସ୍‌ପେନସାରି ଜରିଆରେ ୫୦୦ରୁ ଅଧିକ ଲୋକ ଉପକୃତ ହେବେ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ସେହିପରି ପ୍ରତି ସପ୍ତାହରେ ଜଣେ ଡାକ୍ତର ୨ଥର ଉପସ୍ଥିତ ରହିବା ସହ ଆବଶ୍ୟକ ରୋଗୀ ସେବା ଯୋଗାଇ ଦେବେ। ଏପରିକି ଜଣେ ଫାର୍ମାସିଷ୍ଟ ଏବଂ ଜଣେ ନର୍ସଙ୍କ ସମେତ ଜଣେ ଉତ୍ସର୍ଗୀକୃତ ପାରାମେଡିକାଲ କର୍ମଚାରୀ ଏଠାରେ ଉପଲବ୍ଧ ଥିବାବେଳେ ଡିସ୍‌ପେନସାରିରେ ମାଗଣା ପରାମର୍ଶ ଓ ଔଷଧ ମଧ୍ୟ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପର କାର୍ଯ୍ୟକାରୀ ସହଯୋଗୀ ଉତ୍କଳ ନିତ୍ୱ ଉକ୍ତ ଡିସ୍‌ପେନସାରିର ପରିଚାଳନା ସହ ତଦାରଖ କରିବ। ଏହି ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଉପଲବ୍ଧତା ସହ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଡିସ୍‌ପେନସାରି ପ୍ରତିଷ୍ଠା ପାଇଁ ଏଏମ୍‌ଏନ୍‌ଏସ୍ ଇଣ୍ଡିଆ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଗ୍ରାମବାସୀ ସ୍ୱାଗତ ଏବଂ ପ୍ରଶଂସା କରିଛନ୍ତି।

# ବେଦାନ୍ତ ଆଲୁମିନିୟମରେ ୱାର୍ଲଡ ଆର୍ଥ ଡେ

ନୂଆଦିଲ୍ଲୀ,୨୨।୪



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପରିସରରେ ୱାର୍ଲଡ ଆର୍ଥ ଡେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସେହିଭଳି କମ୍ପାନୀ ଶକ୍ତି ଉତ୍ପାଦନ ପାଇଁ ବାୟୋମାସ୍ ବ୍ରିକ୍ୱେଟ୍ ନିୟୋଜନ ସହିତ ତା'ର ଇନ୍ଧନ ମିଶ୍ରଣକୁ ଅଧିକ ସ୍ଥାୟୀ କରିବା ଉପରେ କାର୍ଯ୍ୟ କରୁଛି। ସେହିଭଳି କମ୍ପାନୀ ବର୍ତ୍ତମାନ ନିଜ ଦୁନିଆରେ ପ୍ରତିଦିନ ୨୦ଟନ୍ ବାୟୋମାସ୍ ବ୍ରିକ୍ୱେଟ ବ୍ୟବହାର କରୁଛି, ଓଡ଼ିଶାର ଲାଞ୍ଜିଗଡ଼ଠାରେ କମ୍ପାନୀର ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀରେ ଏହାର ବ୍ୟବହାର ସହିତ ୟୁନିଟ ପରିସରରେ ଗ୍ରୀନ୍ ହାଉସ୍ ଗ୍ୟାସ୍ ହ୍ରାସ କରିବାରେ ସାହାଯ୍ୟ କରିବ। ଏପରିକି ଜୀବାଶ୍ମ ଇନ୍ଧନ ଉପରେ ମଧ୍ୟ ଏହାର ନିର୍ଭରଶୀଳତା ହ୍ରାସ କରିବା ସହିତ ୨୦୫୦ସୁଦ୍ଧା ନେଟ୍ ଜିରୋ କାର୍ବନ ହାସଲ କରିବାକୁ କମ୍ପାନୀର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ କାର୍ଯ୍ୟକାରୀ ହୋଇଛି। ସେହିପରି ବାୟୋମାସ୍ ବ୍ରିକ୍ୱେଟ ସ୍ଥାନୀୟ କୃଷକମାନଙ୍କଠାରୁ ମିଳିଥିବା କୃଷି ଅବଶିଷ୍ଟାଂଶରୁ ତିଆରି ହୋଇଥିବା ବେଳେ କୃଷକଙ୍କ ଆୟ ବୃଦ୍ଧି କରୁଛି।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡର ସିଇଓ (ଆଲୁମିନା ବ୍ୟବସାୟ) ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଯେହେତୁ ଭାରତ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ ଶକ୍ତି ଏକୀକରଣ ବ୍ୟବସ୍ଥା ଉପରେ କାର୍ଯ୍ୟ କରୁଛି। ଏପରିକି ଆମର ଅପରେଶନ୍ ମଧ୍ୟରେ ବାୟୋମାସ୍ କୋ-ଫାୟାରିଙ୍ଗ ରଣନୈତିକ ନିୟୋଜନ ସହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ସେହିଭଳି ନିର୍ଗମନ ହ୍ରାସ ଲକ୍ଷ୍ୟ ହାସଲ କରିବା ଏବଂ ଗ୍ରାମୀଣ ଅର୍ଥନୀତିକୁ ସମର୍ଥନ କରିବାରେ ଏହା ଏକ ଗୁରୁତର ଭୂମିକା ଗ୍ରହଣ କରିବ। ଏପରିକି ଆମର କାର୍ଯ୍ୟକଳାପକୁ ଡିକାର୍ବୋନାଇଜିଂ ଦିଗରେ ଉଦୀୟମାନ ବୈଷୟିକଜ୍ଞାନର ମୂଲ୍ୟାଙ୍କନ କରିବାକୁ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

ଫ୍ୟାଶନ

# ଖରାଦିନେ ପିନ୍ଧନ୍ତୁ



**ଖରାଦିନେ ଢିଲା ଓ ହାଲ୍କା ପୋଷାକ ପିନ୍ଧିବାକୁ ଭଲ ଲାଗେ। ତେବେ ଆରାମଦାୟକ ହେବା ସହ ଷ୍ଟାଇଲିଶ୍ ଦେଖାଯିବା ବି ଜରୁରୀ। ଏସବୁ ଦୃଷ୍ଟିରୁ ବିଚାରକଲେ ଏହି ଋତୁରେ କିଭଳି ପୋଷାକ ଚୟନ କରିବେ ଜାଣିରଖନ୍ତୁ..**

- ଖରାଦିନ ପାଇଁ ଆପଣ ଚାହିଁଲେ ଟ୍ୟାଙ୍କ ଟପ୍ ପିନ୍ଧିପାରିବେ। ଏଥର ସମର ଆଉଟ୍‌ଫିଟ୍‌ରେ ଏହି ଡ୍ରେସ୍‌ର ଖୁବ୍ ଚାହିଦା ରହିଛି। ଢିଲା ଜିନ୍‌ସ କିମ୍ବା କାର୍ଗୋ ପ୍ୟାଣ୍ଟ ସହ ଏହା ଖୁବ୍ ସୁନ୍ଦର ଦେଖାଯିବ । ଏହା ସହ ଖରାଦିନେ ପିନ୍ଧିବା ପାଇଁ ବେଶ୍ ଆରାମଦାୟକ ବି ହୋଇପାରିବ।
- ସର୍ଟସ ପିନ୍ଧିବାକୁ ପସନ୍ଦ କରୁଥିଲେ ଏହି ଋତୁରେ ହିଁ ପିନ୍ଧନ୍ତୁ। ଏହା ଆରାମଦାୟକ ଓ ଷ୍ଟାଇଲିଶ୍ ଲାଗିବ। ତେବେ ଡେନିମ୍ ସର୍ଟସ ବ୍ୟତୀତ କର୍ଟନ କିମ୍ବା ଲେନନ୍‌ର ସର୍ଟ ମଧ୍ୟ ପିନ୍ଧିପାରିବେ।
- ଯଦି ଆପଣ ସର୍ଟସ ପିନ୍ଧିବାକୁ ଭଲପାଆନ୍ତି ନାହିଁ ଅବା ସେଥିରେ କମ୍ଫର୍ଟେବୁଲ ନୁହନ୍ତି ତେବେ ସ୍କର୍ଟ ପିନ୍ଧନ୍ତୁ। ଖରାଦିନ ପାଇଁ ଏହା ଏକ ସୁନ୍ଦର ବିକଳ୍ପ। ଏହାର ଲୁକ୍ ମଧ୍ୟ ବେଶ୍ ଆକର୍ଷଣୀୟ। ବିଭିନ୍ନ ଡିଜାଇନ ଏବଂ ବିଭିନ୍ନ ଫାବ୍ରିକ୍‌ର ସ୍କର୍ଟ ରହିଛି। ଡେନିମ୍ ଷ୍ଟାଇଲ, ଏମ୍ବ୍ରୋଡେରି ଷ୍ଟାଇଲ ଆଦି ବିଭିନ୍ନ ପ୍ରକାର ସ୍କର୍ଟ ବାଛିପାରିବେ।
- ଏହା ବ୍ୟତୀତ ଖରାଦିନେ ଆପଣ ବିଭିନ୍ନ ପ୍ରକାର ଡ୍ରେସ୍ ମଧ୍ୟ ପିନ୍ଧିପାରିବେ। ତେବେ ଲାଇଟ୍ କଲର କର୍ଟନ୍ ଡ୍ରେସ୍ ପିନ୍ଧନ୍ତୁ ସୁନ୍ଦର ଦିଶିବା ସହ ଆରାମ ଲାଗିବ।

# ସୁସ୍ଥ ରଖିବ ଜୁସ୍



**ଖରାଦିନେ ଗର୍ଭବତୀ ମହିଳାଙ୍କୁ ଅଧିକ ସତର୍କ ରହିବାକୁ ହେବ। ଏହି ଦିନେ ଗ୍ରୀଷ୍ମତାପରୁ ରକ୍ଷାପାଇବା ପାଇଁ ଜାଣିରଖନ୍ତୁ କିଛି ଉପାୟ।**

– ଖରାଦିନେ ପ୍ରଚୁର ପାଣି ତ ପିଇବା ଜରୁରୀ, ତା' ସହ ପଇଡ଼ପାଣି ପିଅନ୍ତୁ। ଏହା ଜଳୀୟ ଅଂଶ ବୃଦ୍ଧି କରେ ଓ ଶରୀରକୁ ପୋଷକ ତତ୍ତ୍ୱ ଦେଇଥାଏ।

– ନିଜକୁ ହାଇଡ୍ରେଟ୍ ରଖିବା ପାଇଁ ଏହି ଦିନେ ଗର୍ଭବତୀମାନେ ବିଭିନ୍ନ ପ୍ରକାର ଫଳ ଜୁସ୍ ପିଅନ୍ତୁ। ଫଳରେ ଶରୀରକୁ ପୋଷକ ତତ୍ତ୍ୱ ମିଳିବା ସହ ଗରମରୁ ଅନେକାଂଶରେ ରକ୍ଷା ମିଳିଥାଏ।

– ଦିନକୁ ଅତିକମ୍‌ରେ ଥରେ ପାନୀୟରେ କ୍ଷୀର ସାମିଲ କରନ୍ତୁ। ଯେକୌଣସି ଜୁସ୍‌ରେ ହେଉ ଅବା ସିଧାସଳଖ କ୍ଷୀର ପିଅନ୍ତୁ।

– ଗର୍ଭବତୀ ମହିଳା ଏହି ଋତୁରେ ପ୍ରଚୁର ମାତ୍ରାରେ ଲେମ୍ବୁପାଣି ପିଅନ୍ତୁ। ଖାଲି ପାଣି ବଦଳରେ ଏହା ବହୁ ଲାଭଦାୟକ ହୋଇଥାଏ।

– ଏହି ଋତୁରେ ବିଭିନ୍ନ ପ୍ରକାର ପରିବା ଜୁସ୍ ମଧ୍ୟ ପିଇପାରିବେ। କାକୁଡ଼ି, ଟମାଟୋ ଆଦି ବିଭିନ୍ନ ପରିବା ଜୁସ୍ ତିଆରି କରି ପିଅନ୍ତୁ।

– ଏବେ ସବୁଠୁ ଭଲ ପାନୀୟ ଦହି କହିଲେ ଭୁଲ୍ ହେବ ନାହିଁ। ଦହି ବା ଲସି ପିଇବା ଫଳରେ ଶରୀର ହାଇଡ୍ରେଟ୍ ରହିବା ସହ ବିଭିନ୍ନ ସମସ୍ୟା ଦୂର ହୋଇଥାଏ।

# ସିଙ୍ଗଲ ଚାଇଲ୍ଡ

**ଆଜିକାଲି ଅନେକଙ୍କର ପସନ୍ଦ ସିଙ୍ଗଲ ଚାଇଲ୍ଡ। କ୍ୟାରିୟର ପାଇଁ ହେଉ ବା ଆର୍ଥିକ ଚାପ ଅବା ଲାଳନପାଳନର ଅସୁବିଧା ଯୋଗୁଁ ସେମାନେ ଏମିତି ପସନ୍ଦ ବାଛି ନେଉଛନ୍ତି। ଯାହାଦ୍ୱାରା ଆଗାମୀ ଦିନରେ ଅନେକ ପ୍ରକାରର ଅସୁବିଧାକୁ ସାମ୍ନା କରିବାକୁ ପଡିଥାଏ। ତେଣୁ ସିଙ୍ଗଲ ଚାଇଲ୍ଡ ହୋଇଥିଲେ ପିତାମାତାଙ୍କୁ ସ୍ୱତନ୍ତ୍ରଭାବେ ଯତ୍ନ ନେବାକୁ ହେବ।**



ଘରେ ଅଧିକ ପିଲା ଏକାଠି ରହିଲେ ସେମାନେ ପରସ୍ପର ସହିତ ମିଶିବା, ଖେଳିବା, ଶେୟାର କରିବା, ଦାୟିତ୍ୱବୋଧ ଓ ଅନ୍ୟାନ୍ୟ ସୋସିଆଲ ସ୍କିଲ ବିଷୟରେ ବିଭିନ୍ନ କଥା ସହଜରେ ଶିଖି ପାରନ୍ତି। କିନ୍ତୁ ଗୋଟିଏ ସନ୍ତାନ ଥିଲେ ଲାଳନପାଳନ ପ୍ରାୟତଃ କଷ୍ଟସାଧ୍ୟ ହୋଇଥାଏ। ଅନେକ ସମୟରେ ଏଭଳି କ୍ଷେତ୍ରରେ ପିଲାମାନେ ଏକୁଟିଆପଣର ଶିକାର ହୋଇଥାନ୍ତି। ବେଳେବେଳେ ସେମାନେ ଜିଦିଆ ହୋଇଯାନ୍ତି କିମ୍ବା ବୟସ ପୂର୍ବରୁ ଅଧିକ ମ୍ୟାଚୋର ହୋଇଥାନ୍ତି। ତେଣୁ ସିଙ୍ଗଲ ଚାଇଲ୍ଡଙ୍କ କ୍ଷେତ୍ରରେ ଅଭିଭାବକଙ୍କୁ ଅଧିକ ସତର୍କ ହେବାକୁ ପଡିବ।

**ଓଭର ପ୍ରୋଟେକ୍ଟିଭ୍:** ପିଲାଙ୍କ ପାଇଁ ପ୍ରୋଟେକ୍ଟିଭ୍ ହେବା ଭଲ କିନ୍ତୁ ଓଭର ପ୍ରୋଟେକ୍ଟିଭ୍ ହେବା ଠିକ୍ ନୁହେଁ। ସିଙ୍ଗଲ ଚାଇଲ୍ଡଙ୍କ କ୍ଷେତ୍ରରେ ପ୍ରାୟତଃ ଅଭିଭାବକମାନେ ଅଧିକ ଯତ୍ନ କିରବାକୁ ଚେଷ୍ଟା କରନ୍ତି। ସେମାନଙ୍କୁ କୌଣସି କାମ କରିବାକୁ ଦିଅନ୍ତି ନାହିଁ। ବରଂ ସେମାନଙ୍କର ପ୍ରତିଟି କାମରେ ହସ୍ତକ୍ଷେପ କରିଥାନ୍ତି ଯେପରି ପିଲାକୁ କୌଣସି ପ୍ରକାରର ଆଘାତ ଅବା କଷ୍ଟ ନ ହେବ। ସିଙ୍ଗଲ ଚାଇଲ୍ଡ ହୋଇଥିବାରୁ ଅଭିଭାବକ ସମସ୍ତ ସୁଖ ସୁବିଧା ଦେବାପାଇଁ ଚେଷ୍ଟା କରନ୍ତି ଏବଂ ସେମାନଙ୍କ ଭୁଲ୍‌କୁ ପ୍ରାୟତଃ ଅଣଦେଖା କରିଥାନ୍ତି। ଫଳରେ ସେମାନଙ୍କ ଭିତରେ ଏକ ଖରାପ ଗୁଣର ବିକାଶ ହୋଇଥାଏ। ପିଲାର ସମ୍ପୂର୍ଣ୍ଣ ବିକାଶରେ ବି ବାଧା ସୃଷ୍ଟି ହୋଇଥାଏ। ତେଣୁ ସେମାନଙ୍କୁ ଏକୁଟିଆ କିଛି କରିବା ପାଇଁ ଛାଡନ୍ତୁ। କିଛି ଭୁଲ୍ କାମ କରିଲେ ସେମାନଙ୍କୁ ଶିଖିବା ପାଇଁ କୁହନ୍ତୁ। ନଚେତ୍ ଭବିଷ୍ୟତରେ କୌଣସି ନିଷ୍ପତ୍ତି ନେବାପାଇଁ ସେମାନେ ସକ୍ଷମ ହେବେ ନାହିଁ।





**ସୋସିଆଲ ସ୍କିଲ୍ ବଢ଼ାନ୍ତୁ:** ସାଧାରଣତଃ ଦେଖାଯାଏ କି ସିଙ୍ଗଲ ଚାଇଲ୍ଡ ନିଜ କମ୍ଫର୍ଟ ଜୋନ୍‌ରୁ ବାହାରି ଅନ୍ୟମାନଙ୍କ ସହ ମିଶିବାକୁ ବେଶି ପସନ୍ଦ କରନ୍ତି ନାହିଁ। ସେମାନେ ଚାହାନ୍ତି କି ସେମାନଙ୍କ ସାଙ୍ଗମାନେ ବି ତାଙ୍କ ଭଳି ସବୁକିଛି କରନ୍ତୁ। ଏଭଳି ପ୍ରକୃତି ପାଇଁ ସେମାନେ ଭବିଷ୍ୟତରେ କାହା ସହ ମିଶି ନ ପାରି ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଏଭଳି କ୍ଷେତ୍ରରେ ଅଭିଭାବକଙ୍କୁ ହିଁ ପିଲାଙ୍କୁ ବୁଝାଇବାକୁ ପଡ଼ିବ ଯେ ବନ୍ଧୁମାନଙ୍କ ସହ କିପରି ଚଳିବାକୁ ହେବ। ଏହା ସହ ଅନ୍ୟର ଇମୋସନକୁ ବି ବୁଝିବାକୁ ହେବ। ତେଣୁ ସାଙ୍ଗମାନଙ୍କ ଘର କିମ୍ବା ସମ୍ପର୍କୀୟଙ୍କ ଘରକୁ ବୁଲାଇବାକୁ ନିଅନ୍ତୁ। ଫଳରେ ପିଲାଟି ଅନ୍ୟମାନଙ୍କ ଘରେ ଅବା ଏକ ଭିନ୍ନ ପରିବେଶରେ ଆଡଜଷ୍ଟ କରିବା ଶିଖିପାରିବ।



**ବ୍ୟବହାର ଶିଖାନ୍ତୁ:** ସିଙ୍ଗଲ ଚାଇଲ୍ଡଙ୍କ କ୍ଷେତ୍ରରେ ପ୍ରାୟତଃ ଅଭିଭାବକମାନେ ହିଁ ସେମାନଙ୍କର ସବୁ କାମ କରି ଦେଇଥାନ୍ତି। ଯଦି ଉଭୟେ କର୍ମଜୀବୀ, ତେବେ ଘରେ କାମ ପାଇଁ ସହାୟିକା ନିଯୁକ୍ତ କରି ଦେଇଥାନ୍ତି। ତେଣୁ ପିଲାଟି ନିଜର କୌଣସି କାମ କରିବା ଶିଖିପାରେ ନାହିଁ। ସବୁବେଳେ ଅନ୍ୟ ଉପରେ ନିର୍ଭର କରିଥାଏ। ଏହା ବ୍ୟତୀତ ନିଜ ପୋଷାକପତ୍ର, ବହି ଓ ଖେଳନା ଆଦି ସବୁ କିଛି ସଜାଡ଼ି ରଖିପାରନ୍ତି ନାହିଁ। ତେଣୁ ଏସବୁ ଦିଗକୁ ଦୃଷ୍ଟିଦେବା ସହ ପିଲାଙ୍କୁ ଭଲ ବ୍ୟବହାର ମଧ୍ୟ ଶିଖାଇବାକୁ ପ୍ରୟାସ କରିବା ଜରୁରୀ।

**ସମୟ ବିତାନ୍ତୁ:** ପିତାମାତା ଉଭୟ କର୍ମଜୀବୀ ହୋଇଥିଲେ ସିଙ୍ଗଲ ଚାଇଲ୍ଡ ଅନେକ ସମୟରେ ଏକୁଟିଆପଣର ଶିକାର ହୋଇଥାନ୍ତି। ତେଣୁ ଅଭିଭାବକଙ୍କୁ ସମୟ ବାହାରକରି ପିଲାଙ୍କ ସହ କଟାଇବା ଜରୁରୀ। ଅଫିସ୍ କାମ ସାରିବା ପରେ ଟିଭି କିମ୍ବା ଫୋନ୍‌ରେ ବେଶି ସମୟ ନଷ୍ଟ ନ କରି ପିଲାଙ୍କୁ ସମୟ ଦିଅନ୍ତୁ। ପିଲାଙ୍କ ସହ କଥାବାର୍ତ୍ତା ହୁଅନ୍ତୁ ସେମାନଙ୍କର ଦିନ ସାରାର କାମ ବିଷୟରେ ବୁଝନ୍ତୁ। ନିଜ କଥା ବି କୁହନ୍ତୁ ଏବଂ ସେମାନଙ୍କୁ ପରିସ୍ଥିତି ଅନୁଭବ କରିବାକୁ ଦିଅନ୍ତୁ। ଫଳରେ ପିଲାଙ୍କ ସହ ସମ୍ପର୍କ ମଜଭୁତ ହୋଇପାରିବ।

**ସ୍ୱାଧୀନତା ଦିଅନ୍ତୁ:** ଅନେକ ସମୟରେ ଅଭିଭାବକମାନେ ନିଜ ଇଚ୍ଛା ଅନୁସାରେ ପିଲାଙ୍କୁ କ୍ୟାରିୟର କରିବା ପାଇଁ ବାଧ କରନ୍ତି। ସିଙ୍ଗଲ ଚାଇଲ୍ଡ ହୋଇଥିଲେ ଏମିତି ଇଚ୍ଛା ଆହୁରି ଅଧିକ ହୋଇଥାଏ। ନିଜ ସ୍ୱପ୍ନକୁ ପୂରା କରିବା ପାଇଁ ସେମାନେ ପିଲାକୁ ପ୍ରସ୍ତୁତ କରାନ୍ତି। ମାତ୍ର ଏହା ଭବିଷ୍ୟତରେ ସେମାନଙ୍କ ପାଇଁ ବହୁ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଏ କ୍ଷେତ୍ରରେ ପିଲାର ଇଚ୍ଛାକୁ ଗୁରୁତ୍ୱ ଦିଅନ୍ତୁ।

**ଏକୁଟିଆ ଛାଡ଼ନ୍ତୁ:** ପ୍ରାୟତଃ ସିଙ୍ଗଲ ଚାଇଲ୍ଡଙ୍କ ମାଆମାନେ ସେମାନଙ୍କୁ ସବୁବେଳେ ଜଗିଥାନ୍ତି। ବାହାରକୁ ବୁଲିବା ପାଇଁ ଯିବା କିମ୍ବା ସାଙ୍ଗସାଥୀମାନଙ୍କ ଘରକୁ ଯିବା, ପାର୍ଟି କରିବା ପାଇଁ ବାରଣ କରିଥାନ୍ତି। ଏପରି ହେଲେ ପିଲା ଭଲମନ୍ଦ ବିଚାର କରିବା ସାମର୍ଥ୍ୟ ହରାଇ ବସେ। କିଛି ବି କରିବା ପାଇଁ ସେ ମାତାପିତାଙ୍କର ସହଯୋଗ ଆବଶ୍ୟକ କରେ। ତେଣୁ ପିଲାକୁ ଏକୁଟିଆ ଘରୁ ବାହାରକୁ ଯିବାକୁ ଦିଅନ୍ତୁ। କିଛି କାମ ଦିଅନ୍ତୁ। ବାହାରୁ ଜିନିଷ କିଣିବା କିମ୍ବା ଅନ୍ୟ ଛୋଟ କାମ ଏକା କରିବାକୁ କୁହନ୍ତୁ। ଏଭଳି କରିବା ଦ୍ୱାରା ପିଲାର ଆତ୍ମବିଶ୍ୱାସ ଦୃଢ଼ ହେବ।

## ଏମାନେ କ'ଣ କରନ୍ତି

### ସବୁ ସୁଯୋଗ ଦେଉଛୁ



ଗୋଟିଏ ପୁଅ ବୋଲି ଆମେ ତାକୁ ସବୁ ସୁଯୋଗ ଦେଇଛୁ। ପାଠ ପଢ଼ିବା ସହ ସେ କରାଟେ, ଡ୍ୟାନ୍ସ, ଡ୍ରଇଁ ସବୁ ଶିଖୁଛି। ଏବେ ତ ସବୁ ଥିଲେ ଭଲ କରୁଛି। ବଡ଼ ହେଲେ ତା'ର ଯାହା ଇଚ୍ଛା ସେୟା କରିବ ଆମେ ଆଦୌ ମନା କରିବୁ ନାହିଁ। ତେବେ ସବୁ ସହିତ ସେ ଯେମିତି ଭଲ ବ୍ୟବହାର ଶିଖିପାରିବ ସେନେଇ ସବୁବେଳେ ଯତ୍ନଶୀଳ ରହିଥାଏ। ଭଲ ସଂସ୍କାର ଦେବା ପାଇଁ ଚେଷ୍ଟା କରୁଛି। ସବୁଠୁ ବଡ଼ କଥା ହେଉଛି ସେ ଜଏଣ୍ଟ ଫ୍ୟାମିଲିରେ ରହୁଛି। ତେଣୁ ଗୋଟିଏ ସନ୍ତାନ ହେଲେ ବି ଭିନ୍ନ ପରିବେଶ ପାଇପାରୁଛି।

**–ସୀମା ପାଣି,** *ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର*

### କିଛି ଅବହେଳା କରିନୁ



ମୋ ଝିଅକୁ ସବୁ ପ୍ରକାର ସୁବିଧାସୁଯୋଗ ଦେବା ସହ ଭଲ ମଣିଷ କରିବାକୁ ସ୍ୱପ୍ନ ରଖିଛି। ଏହି ଦୃଷ୍ଟିରୁ ଆମେ ସିଙ୍ଗଲ ଚାଇଲ୍ଡ ପାଇଁ ନିଷ୍ପତ୍ତି ନେଇଥିଲୁ। ତା'ର କୌଣସି ଜିନିଷରେ ଆମେ ଅବହେଳା କରିନୁ। ପାଠପଢ଼ା ପାଇଁ ସବୁ ସୁବିଧା କରିଛୁ। ତେବେ ଏସବୁ ସହ ଆମେ ଓଡ଼ିଆ ଘରର ସଂସ୍କାରକୁ ଭୁଲିନୁ। ମୋ ଝିଅକୁ ମୁଁ ସବୁଶିକ୍ଷା ଦେଇଛି। ତା'ପରେ ଭଗବାନଙ୍କ ଇଚ୍ଛା ଯାହା ଥିବ ସେୟା ହେବ।

**–ମମତା ଜେନା,** *ଗୃହିଣୀ, ବଡ଼ଗଡ଼, ଭୁବନେଶ୍ୱର*

ସୌନ୍ଦର୍ଯ୍ୟ

# ଗ୍ଲୋଇଂ ସ୍କିନ୍ ପାଇଁ...





ତ୍ୱଚାକୁ ସୁନ୍ଦର କରିବା ପାଇଁ ବିଭିନ୍ନ ପ୍ରକାର ଘରୋଇ ଉପଚାର ରହିଛି। ଆସନ୍ତୁ ଜାଣିବା ଗୁଜୁରାତି ବ୍ୟବହାର କରି କିପରି ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରାଯାଇପାରିବ।

- ଗୁଜୁରାତିରେ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଛି। ତେଣୁ ଏହା ତ୍ୱଚା ପାଇଁ ଅତ୍ୟନ୍ତ ଉପକାରୀ। ନିୟମିତ ଏହାର ବ୍ୟବହାର କଲେ ତ୍ୱଚାକୁ ପୋଷଣ ମିଳିବା ସହ ବ୍ରଣ ଓ ଟାନିଂ ସମସ୍ୟା ଦୂର ହୋଇଥାଏ।
- ଗୋଲାପ ଜଳ ସହ ଗୁଜୁରାତିର ଫେସ୍‌ପ୍ୟାକ୍ ତିଆରିକରି ମୁହଁରେ ଲଗାନ୍ତୁ। ଏଥିପାଇଁ ପ୍ରଥମେ ଗୁଜୁରାତି ମଞ୍ଜି ଗୁଣ୍ଡ କରି ନିଅନ୍ତୁ। ଏହାକୁ ଗୋଲାପ ଜଳରେ ମିଶାଇ ମୁହଁରେ ଲଗାନ୍ତୁ। ଏହି ପେଷ୍ଟକୁ ଆଦୌ ମସାଜ୍ କରନ୍ତୁ ନାହିଁ ଏବଂ ୧୦ ମିନିଟ୍ ପରେ ମୁହଁକୁ ଧୋଇଦିଅନ୍ତୁ କିମ୍ବା ଓଦା କପଡ଼ାରେ ପୋଛିଦିଅନ୍ତୁ।
- ତ୍ୱଚାରେ ବ୍ରଣ ସମସ୍ୟା କିମ୍ବା ଦାଗ ଥିଲେ ମହୁ ସହ ଗୁଜୁରାତି ଗୁଣ୍ଡକୁ ଭଲଭାବେ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ମୁହଁକୁ ଧୋଇଦିଅନ୍ତୁ। ନିୟମିତ ଏହି ଉପାୟ ଆପଣାଇଲେ ତ୍ୱଚାର ଅନେକ ସମସ୍ୟା ଦୂର ହୋଇଥାଏ।
- ଗୁଜୁରାତି ଗୁଣ୍ଡକୁ କ୍ଷୀର ସହ ମିଶାଇ ମୁହଁରେ ଲଗାନ୍ତୁ। ୧୦–୧୫ ମିନିଟ୍ ରଖିବା ପରେ ଧୀରେ ମାଲିସ୍ କରି ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ। ପ୍ରଥମେ ସପ୍ତାହକୁ ଥରେ ଓ କିଛି ଦିନ ପରେ ୨ କିମ୍ବା ୩ ଥର ଏହି ପ୍ୟାକ୍ ଲଗାଇ ପାରିବେ।



ଖାଦ୍ୟରୁଚି

# ସୁଜି କେକ୍



**ଆବଶ୍ୟକ ସାମଗ୍ରୀ–**
ସୁଜି– ଦେଢ଼କପ୍, ଚିନି– ଅଧାକପ୍, ତେଲ କିମ୍ବା ଘିଅ– ଅଧା କପ୍, କ୍ଷୀର– ଦେଢ଼ କପ୍, ବେକିଂ ପାଉଡର– ୧ ଚାମଚ, କାଜୁ– ୨ ଚାମଚ, ଆବଶ୍ୟକ ଅନୁସାରେ ପାଣି , ଲୁଣ ଓ ଗୁଜୁରାତି।

**ପ୍ରସ୍ତୁତି ପ୍ରଣାଳୀ–**
ପ୍ରଥମେ ସୁଜିକୁ ଗ୍ରାଇଣ୍ଡିଂକରି ରଖନ୍ତୁ। ଚିନିକୁ ମଧ୍ୟ ଗ୍ରାଇଣ୍ଡିଂକରି ଏଥିରେ ମିଶାନ୍ତୁ। ଏବେ ଘିଅ ପକାଇ କିଛି ସମୟ ଘଷନ୍ତୁ। ପରେ ଏଥିରେ ବେକିଂ ସୋଡ଼ା, ଲୁଣ, କ୍ଷୀର ମିଶାଇ ଭଲଭାବେ ଗୋଳାନ୍ତୁ। ମିଶ୍ରଣକୁ ଅଧିକ ପାଣିଆ କରନ୍ତୁ ନାହିଁ। ଏବେ ଏହାକୁ ଅଧଘଣ୍ଟା ପାଇଁ ଘୋଡ଼ାଇ ରଖି ଦିଅନ୍ତୁ। ଏହାପରେ ମିଶ୍ରଣକୁ କେକ୍ ପାତ୍ରରେ ଢାଳି ସେଥିରେ କାଜୁବାଦାମ ପକାଇ ସଜାନ୍ତୁ। ଓଭାନ୍ ବଦଳରେ ଏହି କେକ୍‌କୁ ପ୍ରେସର କୁକରରେ କରିବାକୁ ଚାହୁଁଥିଲେ ପ୍ରଥମେ ପ୍ରେସର କୁକର ଗରମକରି ସେଥିରେ ଏକ ଷ୍ଟାଣ୍ଡ ରଖନ୍ତୁ। ୧୦ ମିନିଟ୍ ପରେ ପ୍ରେସର କୁକର ଗରମ ହୋଇଗଲେ କେକ୍ ପାତ୍ରକୁ ଷ୍ଟାଣ୍ଡ ଉପରେ ରଖି ବନ୍ଦ କରିଦିଅନ୍ତୁ। ତେବେ ବନ୍ଦ କରିବା ପୂର୍ବରୁ କୁକରର ହୁଇସିଲ୍ ବାହାର କରି ରଖନ୍ତୁ। ଅଧଘଣ୍ଟା ପରେ କୁକରର ଢାଙ୍କୁଣି ବାହାର କରି ଦେଖନ୍ତୁ, ଯଦି କେକ୍ ହୋଇ ଯାଇଥାଏ ତେବେ ତାହାକୁ ଥଣ୍ଡା କରିବା ପରେ ବାହାର କରନ୍ତୁ।

ଧରିତ୍ରୀ DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୨୪ Bhubaneswar, Tuesday, April 23/ 2024

# ଜୟସ୍ୱାଲଙ୍କ ଶତକ: ରାଜସ୍ଥାନ ବିଜୟୀ

**ଜୟପୁର, ୨୨।୪**

ସନ୍ଦିପ ଶର୍ମାଙ୍କ ୫ ଉଇକେଟ ସଫଳତା ପରେ ଯଶସ୍ୱୀ ଜୟସ୍ୱାଲଙ୍କ ଅପରାଜିତ ଶତକ ବଳରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ସୋମବାର ଅନୁଷ୍ଠିତ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ ୯ ଉଇକେଟରେ ପରାସ୍ତ କରିଛି। ମୁମ୍ବାଇ ୨୦ ଓଭରରେ ୯ ଉଇକେଟ ହରାଇ ୧୭୯ ରନ କରିଥିଲା। ଜବାବରେ ରାଜସ୍ଥାନ ୧୮.୪ ଓଭରରେ ମାତ୍ର ୧ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରି ନେଇଥିଲା। ଓପନିଂ ଯୋଡ଼ିରେ ୭୪ ରନ ସଂଗ୍ରହ ପରେ ଜୋଶ ବଟଲର ୩୫ ରନକରି ଆଉଟ ହୋଇଥିବାବେଳେ ଜୟସ୍ୱାଲ ୧୦୪ (୬୦ ବଲ, ୯ ଚୌକା, ୭ ଛକା) ଓ ଅଧିନାୟକ ସଞ୍ଜୁ ସାମସନ ୩୮ (୨୮ ବଲ, ୨ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଅସମାପ୍ତ ଦ୍ୱିତୀୟ ଉଇକେଟରେ ଏ ଦୁହେଁ ୧୦୯ ରନ ଯୋଗ କରିଥିଲେ। ମୁମ୍ବାଇ ପକ୍ଷରୁ ପୀୟୁଷ ଚାୱଲା ଏକମାତ୍ର ଉଇକେଟଟି ପାଇଥିଲେ। ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ମୁମ୍ବାଇ ଇଣ୍ଡିଆନ୍ସ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଓଭରର ୫ମ ବଲ୍‌ରେ ହିଟ୍‌ମ୍ୟାନ ରୋହିତ ଶର୍ମାଙ୍କୁ ଆଉଟ କରି ମୁମ୍ବାଇକୁ ଶକ୍ତ ଝଟ୍‌କା ଦେଇଥିଲେ ଟ୍ରେଣ୍ଟ ବୋଲ୍ଟ। ସନ୍ଦିପ ଶର୍ମା ନିଜ ପ୍ରଥମ ଓଭରର ୩ୟ ବଲ୍‌ରେ ଇଶାନ କିଶନଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ସୂର୍ଯ୍ୟକୁମାର ଯାଦବ ମାତ୍ର ୧୦ ରନ କରିଥିବାବେଳେ ସନ୍ଦିପଙ୍କ ଦ୍ୱିତୀୟ ଶିକାର ହେବାରୁ ମୁମ୍ବାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ତିଳକ ବର୍ମା ଓ ମହମ୍ମଦ ନବି ତୃତୀୟ ଉଇକେଟରେ ୩୨ ରନ ଯୋଡ଼ି ଇନିଂସ ଆଗେଇ ନେଇଥିଲେ। ମାତ୍ର ନବି ବ୍ୟକ୍ତିଗତ ୨୩ ରନ କରିଥିବାବେଳେ ୟୁଜବେନ୍ଦ୍ର ଚହଲଙ୍କଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଆଇପିଏଲ୍‌ରେ ଚହଲଙ୍କର ଏହାଥିଲା ୨୦୦ତମ ଉଇକେଟ। ତିଳକଙ୍କ ସହ ନେହାଲ ୱାଧେରା ଯୋଗ ଦେବାପରେ ମୁମ୍ବାଇ ସମ୍ମାନଜନକ ସ୍କୋର ଆଡ଼କୁ ଅଗ୍ରସର ହୋଇଥିଲା। ଦୁଇ ବ୍ୟାଟର ଦ୍ରୁତ ହାରରେ ରନ ସଂଗ୍ରହ କରି ୫ମ ଉଇକେଟରେ ୯୯ ରନର ଭାଗୀଦାରି ଗଢ଼ିଥିଲେ। ୱାଧେରା ୨୪ ବଲ୍‌ରୁ ୩ ଚୌକା ଓ ୪ ଛକା ସହାୟତାରେ ୪୯ ରନ କରିଥିବାବେଳେ ସନ୍ଦିପଙ୍କ ହାତରେ କ୍ୟାଚ କରାଇ ଯୋଡ଼ି ଭାଙ୍ଗିଥିଲେ ଟ୍ରେଣ୍ଟ ବୋଲ୍ଟ। ତିଳକ ୪୫ଟି ବଲ୍‌ର ସମ୍ମୁଖୀନ ହୋଇ ୫ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୬୫ ରନ କରିଥିଲେ। ଶେଷଭାଗ ବ୍ୟାଟରଙ୍କ ବିଫଳତା ଯୋଗୁ ମୁମ୍ବାଇ ଅନ୍ତିମ ୪ ଓଭରରେ ମାତ୍ର ୨୮ ରନ ଯୋଡ଼ି ୫ ଉଇକେଟ ହରାଇଥିଲା। ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୧୦ ଓ ଟିମ୍ ଡାଭିଡ ୩ ରନକରି ଆଉଟ ହୋଇ ମୁମ୍ବାଇ ଦର୍ଶକଙ୍କୁ ନିରାଶ କରିଥିଲେ। କ୍ୟାରିୟର ଶ୍ରେଷ୍ଠ ବୋଲିଂ ସଫଳତା ପାଇଥିବା ସନ୍ଦିପ ଶର୍ମା ଏଠାରେ ୫ ଉଇକେଟ ହାସଲ କରିଥିଲେ। ତାଙ୍କ ସ୍ପେଲ୍ ଥିଲା ୪-୦-୧୮-୫। ଟ୍ରେଣ୍ଟ ବୋଲ୍ଟ ୨ଟି ଉଇକେଟ ନେଇଥିବାବେଳେ ଆଭେସ ଖାଁ ଓ ୟୁଜବେନ୍ଦ୍ର ଚହଲଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।



ଉଇକେଟ ନେବା ପରେ ସନ୍ଦୀପ ଶର୍ମାଙ୍କୁ ସାଥୀ ଖେଳାଳି ଅଭିନନ୍ଦନ ଜଣାଉଛନ୍ତି।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ଲକ୍ଷ୍ନୌ**

ସ୍ଥାନ: ଚେନ୍ନାଇ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୯/୯ (ତିଳକ ବର୍ମା-୬୫, ନେହାଲ ୱାଧେରା-୪୯, ସନ୍ଦିପ ଶର୍ମା-୫/୧୮, ଟ୍ରେଣ୍ଟ ବୋଲ୍ଟ-୨/୩୨, ଆଭେସ ଖାଁ-୧/୪୯, ୟୁଜବେନ୍ଦ୍ର ଚହଲ-୧/୪୮)। ରାଜସ୍ଥାନ ରୟାଲ୍ସ ୧୮.୪ ଓଭରରେ ୧୮୩/୧ (ଯଶସ୍ୱୀ ଜୟସ୍ୱାଲ-୧୦୪*, ସଞ୍ଜୁ ସାମସନ-୩୮*, ଜୋଶ ବଟଲର-୩୫, ପୀୟୁଷ ଚାୱଲା-୧/୩୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୭ | ୧ | ୧୪ | +୦.୬୯୮ |
| କୋଲକାତା ନାଇଟ ରାଇଡର୍ସ | ୭ | ୫ | ୨ | ୧୦ | +୧.୨୦୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୫ | ୨ | ୧୦ | +୦.୯୧୪ |
| ଚେନ୍ନାଇ ସୁପର କିଙ୍ଗ୍ସ | ୭ | ୪ | ୩ | ୮ | +୦.୫୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୭ | ୪ | ୩ | ୮ | +୦.୧୨୩ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୮ | -୧.୦୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୮ | ୩ | ୫ | ୬ | -୦.୨୨୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୬ | -୦.୪୭୭ |
| ପଞ୍ଜାବ କିଙ୍ଗ୍ସ | ୮ | ୨ | ୬ | ୪ | -୦.୨୯୨ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୮ | ୧ | ୭ | ୨ | -୧.୦୪୬ |

## କୋହଲି, ଡୁପ୍ଲେସି, କୁରାନଙ୍କୁ ଜରିମାନା

**ନୂଆଦିଲ୍ଲୀ, ୨୨।୪ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆଚରଣବିଧି ଉଲ୍ଲଂଘନ କରିଥିବା ଅଭିଯୋଗରେ ଷ୍ଟାର ବ୍ୟାଟର ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)ର ବିରାଟ କୋହଲି ଓ ଅଧିନାୟକ ଫାଫ୍ ଡୁପ୍ଲେସି ଏବଂ ପଞ୍ଜାବ କିଙ୍ଗ୍ସ ଅଧିନାୟକଙ୍କୁ ସୋମବାର ଜରିମାନା କରାଯାଇଛି। ରବିବାର ଇଡେନ ଗାର୍ଡେନ୍ସରେ କୋଲକାତା ନାଇଟ ରାଇଡର୍ସ (କେକେଆର) ବିପକ୍ଷ ୧ରନ ପରାଜୟ ମ୍ୟାଚରେ ହର୍ଷିତ ରାଣାଙ୍କର ଅଣ୍ଟା ଉପରକୁ ଏକ ଫୁଲ୍‌ଟସ୍ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ କୋହଲି। ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିବାରୁ ତାଙ୍କୁ ମ୍ୟାଚ ଫିଁର ୫୦ ପ୍ରତିଶତ ଜରିମାନା ହୋଇଛି। ହକ୍-ଆଇ ସିଷ୍ଟମରେ କୋହଲି ବଲ୍ ସହିତ କଣ୍ଟାକ୍ଟରେ ଆସିବା ବେଳେ ଏହା ଅଣ୍ଟା ଉପରକୁ ଥିଲା ବୋଲି ଦେଖିବାକୁ ମିଳିଥିଲା, ଯାହା କି ନିୟମାନୁସାରେ ଏକ ନୋ ବଲ୍। ଷ୍ଟାର ବ୍ୟାଟର ସେତେବେଳେ ୭ଟି ବଲ୍‌ରୁ ୧୮ରନ କରି କ୍ରିଜ୍ ବାହାରେ ଛିଡ଼ା ହୋଇଥିଲେ, ଟିଭି ଅମ୍ପାୟର ମାଇକେଲ ଗଫ୍ ହକ୍-ଆଇ ଟ୍ରାକିଂ ଅନୁସାରେ ଉଚ୍ଚତାକୁ ଯାଞ୍ଚ କରିଥିଲେ। କୋହଲି ଯଦି କ୍ରିଜ୍‌ରେ ସିଧା ଛିଡ଼ା ହୋଇଥାନ୍ତେ ତେବେ ବଲ୍ ଅଣ୍ଟାଠାରୁ ୦.୯୨ ମିଟର ଉଚ୍ଚତାରେ ଯାଇଥାନ୍ତା। କୋହଲି ଅନ୍-ଫିଲ୍ଡ ଅମ୍ପାୟରଙ୍କ ସହ ଆଲୋଚନା କରିବା ପରେ ଅସନ୍ତୋଷ ପ୍ରକାଶ କରି ପଡ଼ିଆ ଛାଡ଼ିଥିଲେ। ଅନ୍ୟପକ୍ଷରେ ସ୍ଲୋ ଓଭର ରେଟ୍ ପାଇଁ ଡୁପ୍ଲେସିଙ୍କୁ ମ୍ୟାଚ ଫିଁର ୧୨ ପ୍ରତିଶତ ଏବଂ ଅମ୍ପାୟରଙ୍କ ନିଷ୍ପତ୍ତିରେ ଅସହମତି ପ୍ରକାଶ କରିଥିବାରୁ କୁରାନଙ୍କୁ ତାଙ୍କ ମ୍ୟାଚ ଫିଁର ୫୦ ପ୍ରତିଶତ ଜରିମାନା ହୋଇଛି।



ସୋମବାର ଆଇପିଏଲ୍ ମ୍ୟାଚ୍ ଅବସରରେ ଦର୍ଶକରେ ଭରା ଜୟପୁରର ସୱାଇ ମାନସିଂ ଷ୍ଟାଡିୟମ।

# ଓଡ଼ିଶା କ୍ରିକେଟ କୋଚ୍ ଦାୟିତ୍ୱ ନେଲେ ସୁରେନ୍ଦ୍ର



ଖବରଦାତା ସମ୍ମିଳନୀରେ ଓସିଏ ସିଇଓ ସୁବ୍ରତ କୁମାର ବେହେରା ଓ କୋଚ୍ ସୁରେନ୍ଦ୍ର ଭାବେ।

**ଭୁବନେଶ୍ୱର, ୨୨।୪**
**(ବିଜୟ ରଣା)**

ଓଡ଼ିଶା ସିନିୟର ପୁରୁଷ କ୍ରିକେଟ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ସୁରେନ୍ଦ୍ର ଭାବେ। ଏହି ଅବସରରେ କଟକସ୍ଥିତ ଓସିଏ କନଫରେନ୍ସ ହଲ୍-୨ରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସିଇଓ ସୁବ୍ରତ କୁମାର ବେହେରା ମଧ୍ୟ ଉପସ୍ଥିତ ଥିଲେ। ସୁରେନ୍ଦ୍ର ଭାବେ ମହାରାଷ୍ଟ୍ର ତରଫରୁ ୯୭ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। ଖେଳରୁ ଅବସର ନେବାପରେ ସେ ମହାରାଷ୍ଟ୍ର, ପଞ୍ଜାବ ଓ ହରିୟାଣା ଆଦି ଦଳଗୁଡ଼ିକର କୋଚ୍ ଦାୟିତ୍ୱ ତୁଲାଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମଧ୍ୟ ସେ ଜଣେ ଚୟନକର୍ତ୍ତା ଥିଲେ। ଓଡ଼ିଶା ସିନିୟର କ୍ରିକେଟ ଦଳର ମୁଖ୍ୟ କୋଚ ଭାବେ ଦାୟିତ୍ୱ ପ୍ରଦାନ କରିଥିବାରୁ ଭାଷଣ ଆରମ୍ଭରେ ସୁରେନ୍ଦ୍ର ପ୍ରଥମେ କ୍ରିକେଟ ଉପଦେଷ୍ଟା କମିଟି (ସିଏସି), ଓସିଏ ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ଟିମ୍ ପାଇଁ ତାଙ୍କର ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେବାକୁ ଯାଇ ସେ କହିଥିଲେ ସେ ମୁଖ୍ୟତଃ ଖେଳାଳିମାନଙ୍କ ଫିଟ୍‌ନେସ, ଫିଲ୍ଡିଂ ଓ ହର୍ନିଂ ସ୍କିଲ ଉପରେ ଧ୍ୟାନ ଦେବେ। ଓଡ଼ିଶା କ୍ରିକେଟରମାନଙ୍କ ନିକଟରେ ଅନେକ ସମ୍ଭାବନା ରହିଛି। ଗୁରୁତ୍ୱପୂର୍ଣ୍ଣ ମ୍ୟାଚଗୁଡ଼ିକରେ ଭଲ ପ୍ରଦର୍ଶନ କରିବା ସହ ସମସ୍ତ ୩ଟି ଫର୍ମାଟରେ ଶକ୍ତିଶାଳୀ ଦଳ ବିପକ୍ଷରେ ବିଜୟ ହାସଲ କରିବା ଜରୁରି। ଏହା ଦ୍ୱାରା ଦଳ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିବ।

## ଲିଗ୍ ପର୍ଯ୍ୟାୟ ଶେଷ, ଆଜି ସେମିଫାଇନାଲ

**ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ**

**ଭୁବନେଶ୍ୱର, ୨୨।୪**
**(ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ମାସେରୁ ଊର୍ଦ୍ଧ୍ୱ ସମୟଧରି ଚାଲିଥିବା ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟ ସୋମବାର ଶେଷ ହୋଇଛି। ୨୪ଟି ସ୍କୁଲ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ଲିଗ୍ ମ୍ୟାଚ ଗୁଡ଼ିକ ଲୋୟଲା ସ୍କୁଲ, ଟାଉନ୍ କ୍ଲବ ଓ ପାରାମାଉଣ୍ଟ କ୍ଲବ ପଡ଼ିଆରେ ଅନୁଷ୍ଠିତ ହେଉଥିଲା। ଲିଗ୍ ମ୍ୟାଚ ଶେଷ ହେବାପରେ ଗ୍ରୁପ୍ 'ଏ'ରୁ ଭୁବନେଶ୍ୱର ମିଳିତ ସ୍କୁଲ (ରେଡ୍), ଗ୍ରୁପ୍ 'ବି'ରୁ ଭୁବନେଶ୍ୱର ମିଳିତ ସ୍କୁଲ (ୟେଲୋ), ଗ୍ରୁପ୍ 'ସି'ରୁ ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ ସ୍କୁଲ ଓ ଗ୍ରୁପ୍ 'ଡି'ରୁ ଭୁବନେଶ୍ୱର ମିଳିତ ସ୍କୁଲ (ବ୍ଲୁ) ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ସକାଳ ୬ଟା ୩୦ରେ ଦୁଇଟି ଯାକ ସେମିଫାଇନାଲ ଅନୁଷ୍ଠିତ ହେବ। ଟାଉନ୍ କ୍ଲବ ପଡ଼ିଆରେ ଭୁବନେଶ୍ୱର ମିଳିତ ସ୍କୁଲ ରେଡ୍ ଓ ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ ସ୍କୁଲ ଏବଂ ପାରାମାଉଣ୍ଟ କ୍ଲବ ପଡ଼ିଆରେ ଭୁବନେଶ୍ୱର ମିଳିତ ସ୍କୁଲ ୟେଲୋ ଓ ବ୍ଲୁ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ। ୨୪ ତାରିଖ ସକାଳ ୬ଟା ୩୦ରେ ଟାଉନ୍ କ୍ଲବ ପଡ଼ିଆରେ ଫାଇନାଲ ଖେଳାଯିବ।

## ଅଲିମ୍ପିକ୍ସ ଫାଇନାଲିଷ୍ଟ ଜର୍ଫଙ୍କୁ ୫ବର୍ଷ ବାସନ୍ଦ

**ମୋନାକୋ, ୨୨।୪ (ଏପି)**

ଦୁଇଟି ନିଷିଦ୍ଧ ପଦାର୍ଥ ପାଇଁ ଡୋପ୍ ଟେଷ୍ଟରେ ପଜିଟିଭ ଲାଗି ଇଥିଓପିଆର ଜଣେ ଧାବିକା ଜର୍ଫ ଓଣ୍ଡେମେଗ୍‌ଜିନ୍‌ଙ୍କୁ ୫ବର୍ଷ ବାସନ୍ଦ ଦଣ୍ଡ ହୋଇଛି। ସେ ଥିଲେ ଟୋକିଓ ଅଲିମ୍ପିକ୍ସ ୩,୦୦୦ ମିଟର ଷ୍ଟିପଲଚେଜ୍ ଫାଇନାଲିଷ୍ଟ। ଗତବର୍ଷ ସେ ଅଳ୍ପକେ ବିଶ୍ୱ ଚାମ୍ପିୟନଶିପ୍ ପୋଡିୟମ ଫିନିଶରୁ ବଞ୍ଚିତ ହୋଇଥିଲେ। ଆଣ୍ଟି-ଡୋପିଙ୍ଗ ନିୟମ ଉଲ୍ଲଂଘନ କରିଥିବା ଜର୍ଫ ନିଜେ ସ୍ୱୀକାର କରିଛନ୍ତି। ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ପକ୍ଷରୁ ସୋମବାର ପ୍ରକାଶିତ ଏକ ରୁଲିଂ ଅନୁସାରେ ଜର୍ଫଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ଟେଷ୍ଟୋଷ୍ଟେରନ ଏବଂ ଅନ୍ୟ ଏକ ପଦାର୍ଥ ଇପିଓ ଠାବ କରାଯାଇଥିଲା, ଯାହାକି ରକ୍ତ ପ୍ରବାହରେ ଅଧିକ ଅମ୍ଳଜାନ ଯୋଗାଇ ଦେଇଥାଏ। ଜର୍ଫ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ୮ମ ସ୍ଥାନ ପାଇଥିବା ବେଳେ ବୁଦାପେଷ୍ଟରେ ୨୦୨୩ ବିଶ୍ୱଚାମ୍ପିୟନଶିପ୍‌ରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଇଭେଣ୍ଟ ଲାଗି ସେ ହଙ୍ଗେରୀରେ ଥିବା ବେଳେ ତାଙ୍କଠାରୁ ଦୁଇଟି ସାମ୍ପଲ ସଂଗ୍ରହ କରାଯାଇଥିଲା ଏବଂ ପ୍ରତିଯୋଗିତା ପାଇଁ ତାଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଜଣେ ଡାକ୍ତରଙ୍କ କହିବା ଅନୁସାରେ ଆନେମିଆ ଓ କିଡ୍‌ନୀ ସଂକ୍ରମିତ ରୋଗୀଙ୍କ କ୍ଷେତ୍ରରେ ଇପିଓକୁ ଏକ ଔଷଧ ଭାବେ ବ୍ୟବହାର କରାଯାଇଥାଏ।



ଜର୍ଫ ଓଣ୍ଡେମେଗ୍‌ଜିନ୍

## ଅବଶିଷ୍ଟ ଆଇପିଏଲ୍‌ରୁ ମିଚେଲ ମାର୍ଶ ଆଉଟ

**ନୂଆଦିଲ୍ଲୀ, ୨୨।୪ (ପି.ଟି.):** ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ଯୋଗୁ ଅଷ୍ଟ୍ରେଲୀୟ ଅଲରାଉଣ୍ଡର ମିଚେଲ ମାର୍ଶ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଅବଶିଷ୍ଟାଂଶରୁ ବାଦ୍ ପଡ଼ିଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ମୁଖ୍ୟ କୋଚ୍ ରିକି ପଣ୍ଟିଂ ସୋମବାର ଏହା ସ୍ପଷ୍ଟ କରିଛନ୍ତି। ଚଳିତ ସିଜନରେ ମାର୍ଶ ଦିଲ୍ଲୀ କ୍ୟାପିଟାଲ୍ସ ଏପର୍ଯ୍ୟନ୍ତ ସୁଦ୍ଧା ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ ସେ ମାତ୍ର ୪ଟିରେ ଖେଳିଥିଲେ। ସେ ୧୬୦.୫୨ ଷ୍ଟ୍ରାଇକ୍ ରେଟ୍‌ରେ ୬୧ରନ ସ୍କୋର କରିଥିବା ବେଳେ ୩ଟି ଇନିଂସରେ ମାତ୍ର ଗୋଟିଏ ଉଇକେଟ ନେଇଛନ୍ତି। କ୍ରିକେଟ ଅଷ୍ଟ୍ରେଲିଆର ମେଡିକାଲ ଟିମ୍‌ର ପରାମର୍ଶ ନେବା ଲାଗି ସେ ଇତିମଧ୍ୟରେ ଏପ୍ରିଲ ୧୨ରେ ସ୍ୱଦେଶ ଫେରିଛନ୍ତି। ୩୨ ବର୍ଷୀୟ ଏହି ଖେଳାଳି ଜୁନ୍‌ରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଖେଳାଯିବାକୁଥିବା ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେବେ। ୧୦ଟି ଦଳକୁ ନେଇ ପଏଣ୍ଟ ଟେବୁଲରେ ଦିଲ୍ଲୀ କ୍ୟାପିଟାଲ୍ସ ବର୍ତ୍ତମାନ ୮ମ ସ୍ଥାନରେ ରହିଛି। ଏହି ଦଳ ବର୍ତ୍ତମାନ ବୁଧବାର ଗୁଜରାଟ ଟାଇଟନ୍ସ ବିପକ୍ଷରେ ଖେଳିବ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ